# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ମାର୍ଚ୍ଚ 2012 ରେ ସମାପ୍ତ ବର୍ଷ ପାଇଁ
# ପ୍ରତିବେଦନ

## ସାଧାରଣ ଏବଂ ସାମାଜିକ କ୍ଷେତ୍ର

## ଭାଗ 3

ଓଡ଼ିଶା ସରକାର

***ପ୍ରତିବେଦନ ସଂଖ୍ୟା 5 ବର୍ଷ 2013***

# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ମାର୍ଚ୍ଚ 2012 ରେ ସମାପ୍ତ ବର୍ଷ ପାଇଁ
# ପ୍ରତିବେଦନ
# ସାଧାରଣ ଏବଂ ସାମାଜିକ କ୍ଷେତ୍ର
# ଭାଗ 3

ଓଡ଼ିଶା ସରକାର

***ପ୍ରତିବେଦନ ସଂଖ୍ୟା 5 ବର୍ଷ 2013***

# ସୂଚୀପତ୍ର


| ପ୍ରସଙ୍ଗ ସୂଚନା | ବିଷୟ | ପୃଷ୍ଠା |
|---|---|---|
| | ମୁଖବନ୍ଧ | v |
| 1 | ଉପକ୍ରମ | 1 |
| 2 | ସଂପାଦନ ସମୀକ୍ଷା | 3-75 |
| | *ଶିଳ୍ପ ବିଭାଗ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ* | |
| 2.1 | ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ (ଇଡ୍କୋ) ଦ୍ୱାରା ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଏବଂ ଆବଣ୍ଟନ | |
| | କାର୍ଯ୍ୟନିର୍ବାହୀ ସାରାଂଶ | 3-4 |
| 2.1.1 | ଉପକ୍ରମ | 4-5 |
| 2.1.2 | ସାଂଗଠନିକ ବ୍ୟବସ୍ଥା | 6 |
| 2.1.3 | ଅଡିଟର ଲକ୍ଷ୍ୟ ସମୂହ | 6 |
| 2.1.4 | ଅଡିଟ୍‌ର ମାନଦଣ୍ଡ | 6 |
| 2.1.5 | ଅଡିଟ୍‌ର ପରିସର | 7 |
| 2.1.6 | ଅଡିଟ୍‌ର ପଦ୍ଧତି | 7 |
| | *ଅଡିଟ୍ ଉପଲବ୍ଧି* | |
| 2.1.7 | ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ | 7-19 |
| 2.1.8 | ଜମି ଆବଣ୍ଟନ | 19-29 |
| 2.1.9 | ଜମିର ମୂଲ୍ୟ ନିର୍ଦ୍ଧାରଣ | 29-32 |
| 2.1.10 | ଜମିର ଉପଯୋଗ | 32-42 |
| 2.1.11 | ଉପସଂହାର | 43 |
| 2.1.12 | ସୁପାରିଶ | 43 |
| | *ଗୃହ ଓ ନଗର ଉନ୍ନୟନ ବିଭାଗ* | |
| 2.2 | ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସୋପଯୋଗୀ ଜମି / ଗୃହ ଆବଣ୍ଟନ ସହିତ ଭବନର ଯୋଜନା ଏବଂ ନିୟନ୍ତ୍ରଣ | |
| | କାର୍ଯ୍ୟ ନିର୍ବାହୀ ସାରାଂଶ | 44 |
| 2.2.1 | ଉପକ୍ରମ | 45 |
| 2.2.2 | ସାଂଗଠନିକ ବ୍ୟବସ୍ଥା | 45-46 |

| | | |
|---|---|---|
| **2.2.3** | ଅଡିଟ୍‌ର ଲକ୍ଷ୍ୟ ସମୂହ | 46 |
| **2.2.4** | ଅଡିଟ୍‌ର ମାନଦଣ୍ଡ | 46-47 |
| **2.2.5** | ଅଡିଟ୍‌ର ପରିସର ଓ ପଦ୍ଧତି | 47 |
| | *ଅଡିଟ୍ ଉପଲବ୍ଧି* | |
| **2.2.6** | ଯୋଜନା | 47-49 |
| **2.2.7** | ଭବନ ନିୟନ୍ତ୍ରଣ ପଦ୍ଧତି | 49-56 |
| **2.2.8** | ପ୍ରବର୍ତ୍ତନ ପ୍ରକ୍ରିୟା | 56-57 |
| **2.2.9** | ବିକଶିତ ଜମି ଓ ଗୃହର ଆବଣ୍ଟନ | 57-69 |
| **2.2.10** | ମୂଲ୍ୟାୟନ ପଦ୍ଧତି | 69-75 |
| **2.2.11** | ଉପସଂହାର | 75 |
| **2.2.12** | ସୁପାରିଶ | 75 |

# ପରିଶିଷ୍ଟ


| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 2.1.1 | ଜରୁରୀ କ୍ଷମତା ପ୍ରୟୋଗ କରି ଅଧିଗ୍ରହଣ ହୋଇଥିବା ଶିଳ୍ପ ଉଦ୍ୟୋଗୀଓ୍ୱାରୀ ଜମିର ବିବରଣୀ | 2.1.7.2 | 77-78 |
| 2.1.2 | ଶିଳ୍ପ ଉଦ୍ୟୋଗୀ ଓ୍ୱାରୀ କମ୍ ନିର୍ଦ୍ଧାରଣ ହୋଇଥିବା କ୍ଷତିପୂରଣର ବିସ୍ତୃତ ବିବରଣୀ | 2.1.7.12 | 79 |
| 2.1.3 | ଜମି ଉପଲବ୍ଧ ନଥିବା କାରଣରୁ ରଦ୍ଦ କରାଯାଇଥିବା ଦରଖାସ୍ତ ଗୁଡ଼ିକର ବିବରଣୀ | 2.1.8.6 | 80-90 |
| 2.1.4 | ଡିଏଲ୍ଏସ୍ଡବ୍ଲ୍ୟୁସିଏ ଙ୍କ ବିନା ସୁପିରିଶରେ ଅତିରିକ୍ତ ଜମି ଆବଣ୍ଟନର ବିବରଣୀ | 2.1.8.6 | 91 |
| 2.1.5 | **2001-12** ମଧ୍ୟରେ ପାରସ୍ପରିକ ବଦଳି ଭିତ୍ତିରେ ଆବଣ୍ଟନ ହୋଇଥିବା ଜମିର ବିବରଣୀ | 2.1.8.8 | 92 |
| 2.1.6 | ପାରସ୍ପରିକ ବଦଳି କ୍ଷେତ୍ରରେ ବଦଳକାରୀ ଏବଂ ବଦଳଗ୍ରାହୀ ଶିଳ୍ପସଂସ୍ଥା ଗୁଡ଼ିକର ପ୍ରକାରର ବିବରଣୀ | 2.1.8.8 | 93-95 |
| 2.1.7 | କିଟ୍‌କୁ ଜମି ହସ୍ତାନ୍ତର ବେଳେ କମ୍ ଆଦାୟ ହୋଇଥିବା ପାର୍ଥକ୍ୟ ମୂଲ୍ୟର ବିବରଣୀ | 2.1.8.9 | 96 |
| 2.1.8 | ଆନୁଷଙ୍ଗିକ ଦେୟ, ଜମି ଖଜଣା ଏବଂ ଉପକର କମ୍ ଆକଳନର ବିବରଣୀ | 2.1.9.4 | 97 |
| 2.1.9 | ଶିଳ୍ପ ଅନୁଷ୍ଠାନ ଗୁଡ଼ିକ ଉପରେ ଥିବା ବକେୟା ଦେୟ ବିଳମ୍ବର ଅବଧି | 2.1.9.4 | 98-99 |
| 2.1.10 | ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟରୁ ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ନ କରି ଅଣ-ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ/ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିବା ପ୍ରକଳ୍ପ/ଶିଳ୍ପ ସଂସ୍ଥା ଗୁଡ଼ିକର ନାମ | 2.1.10.8 | 100 |
| 2.1.11 | ପୂର୍ଣ୍ଣ ଉତ୍ପାଦନ / ଆଂଶିକ ଉତ୍ପାଦନ ଆରମ୍ଭ କରିଥିବା ଶିଳ୍ପ ଉଦ୍ୟୋଗକାରୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ସବୁଜ ବଳୟ ସ୍ଥିତିର ବିବରଣୀ | 2.1.10.9 | 101-102 |
| 2.2.1 | ଇଚ୍ଛାଧୀନ କୋଟାରେ ଆବଣ୍ଟିତ ଖାଲି ପଡିଥିବା ପ୍ଲଟ୍‌ର ବିବରଣୀ | 2.2.7.6 | 103 |
| 2.2.2 | କମ୍ ଆଦାୟ ହୋଇଥିବା ସିକ୍ୟୁରିଟି ଜମାର ବିବରଣୀ | 2.2.9.11 | 104-108 |
| | ସଂକ୍ଷେପଣର ବିବରଣୀ | | 109-111 |

# ମୁଖବନ୍ଧ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ରିପୋର୍ଟ ସମ୍ବିଧାନର ଅନୁଚ୍ଛେଦ 151 ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ପ୍ରତିବେଦନରେ ନିମ୍ନଲିଖିତ ସଂପାଦନ ସମୀକ୍ଷାର ତାତ୍ପର୍ଯ୍ୟ ପୂର୍ଣ୍ଣ ଫଳାଫଳ ଦର୍ଶାଯାଇଛି ।

(i) ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ, ଓଡିଶା (ଆଇ.ଡି.ସି.ଓ) ଦ୍ୱାରା ଜମି ଅଧିଗ୍ରହଣ ଓ ଆବଣ୍ଟନ,

(ii) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସୋପଯୋଗୀ ଜମି/ ଗୃହ ଆବଣ୍ଟନ ସହିତ ଭବନର ଯୋଜନା ଏବଂ ନିୟନ୍ତ୍ରଣ ।

ପୂର୍ବରୁ, 2000-2012 ମଧ୍ୟରେ ଭୁବନେଶ୍ୱର ନଗରୀରେ ବିଭିନ୍ନ ଉଦ୍ଦେଶ୍ୟରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜମି ଆବଣ୍ଟନର ସଂପାଦନା ସମୀକ୍ଷା, ମାର୍ଚ୍ଚ 2012 ବର୍ଷର ପରିସମାପ୍ତି ସୁଦ୍ଧା ହୋଇଥିବା ଏକ ପୃଥକ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଥିଲା ।

ଏହି ପ୍ରତିବେଦନରେ, 2001-12 ମଧ୍ୟରେ ଓଡିଶା ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ (ଇଡ୍‌କୋ) ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଓ ଆବଣ୍ଟନର ସଂପାଦନ / ସମୀକ୍ଷା ଓ 2002-12 ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସୋପଯୋଗୀ ଜମି / ଗୃହ ଆବଣ୍ଟନ ସହିତ ଭବନର ଯୋଜନା ଓ ନିୟନ୍ତ୍ରଣ ପଦ୍ଧତିର ସଂପାଦନା ସମୀକ୍ଷା ବେଳେ ଯାହା ଦୃଷ୍ଟିଗୋଚର ହେଲା ତାହା ବର୍ଣ୍ଣନା କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ଅଡିଟ୍ ମାନଦଣ୍ଡ ଅନୁସାରେ ଏହି ଅଡିଟ୍ ସଂପାଦନ କରାଯାଇଥିଲା ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

## 1. ଉପକ୍ରମ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଏହି ରିପୋର୍ଟ ଓଡିଶା ସରକାରଙ୍କ ସରକାରୀ ବିଭାଗର ବଛାବଛା କାର୍ଯ୍ୟକ୍ରମ ଏବଂ କ୍ରିୟାକଳାପର ସମ୍ପାଦନ ସମୀକ୍ଷାରୁ ଉଦ୍‌ଭୂତ ବିଷୟ ସମ୍ପର୍କିତ ଅଟେ ।

ସମ୍ପାଦନ ସମୀକ୍ଷା ପରୀକ୍ଷା କରେ ଯେ ଅର୍ଥନୀତି କ୍ଷେତ୍ରରେ, କାର୍ଯ୍ୟକୁଶଳ ଏବଂ କ୍ରୀୟାଶୀଳ କ୍ଷେତ୍ରରେ, ଗୋଟିଏ ସଂଗଠନ, କାର୍ଯ୍ୟକ୍ରମ କିମ୍ବା ସ୍କିମର ଉଦ୍ଦେଶ୍ୟକୁ, ନୀତି ଓ ନ୍ୟାୟକୁ ସମ୍ମାନ ଜଣାଇ କେତେ ମାତ୍ରାରେ ହାସଲ କରାଯାଇଛି ।

ଓଡିଶାର ସାଧାରଣ ପ୍ରଶାସନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଦାୟିତ୍ୱରେ ଜମିର ପରିଚାଳନା ରହିଅଛି । ସାଧାରଣ ପ୍ରଶାସନ ବିଭାଗ (ଭୁବନେଶ୍ୱର ମହାନଗର ନିଗମରେ ଥିବା ଜମି ପାଇଁ ସୀମିତ) ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ (ଓଡିଶାର ଅନ୍ୟାନ୍ୟ ଅଞ୍ଚଳରେ ଥିବା ଜମି) ଜମିକୁ ଆବଣ୍ଟନ କରନ୍ତି ।

(i) ବାସୋପଯୋଗୀ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ (ବିଡିଏ ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କୁ ;

(ii) ଶିଳ୍ପ ଉଦ୍ଦେଶ୍ୟରେ ଓଡିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟ୍ରକ୍‌ଚ୍ର ଡେଭ୍ଲପ୍‌ମେଣ୍ଟ କର୍ପୋରେସନ (ଇଡ୍‌କୋ)କୁ ;

(iii) ବ୍ୟକ୍ତି ବିଶେଷଙ୍କୁ, ଅନୁଷ୍ଠାନକୁ, ହୋଟେଲ, ହସପିଟାଲ, ଶିକ୍ଷାନୁଷ୍ଠାନ ଇତ୍ୟାଦି ଉଦ୍ଦେଶ୍ୟେରେ ସଂଗଠନଙ୍କୁ

ବିଡିଏ ଓ ସିଡିଏ ଜମି ପାଇଲା ପରେ ପ୍ଲଟ ଆବଣ୍ଟନ କରନ୍ତି କିମ୍ବା ସେଠାରେ ଗୃହ ନିର୍ମାଣ କରନ୍ତି ଏବଂ ଏହାକୁ ଜନସାଧାରଣଙ୍କୁ ଆବଣ୍ଟନ କରନ୍ତି । ସେହିପରି ଇଡକୋ ଜମି ପାଇଲା ପରେ ଏହାକୁ ବିକାଶ କରି ଶିଳ୍ପମାନଙ୍କୁ ଆବଣ୍ଟନ କରିଥାଏ । ଜମି ଆବଣ୍ଟନର ପଦ୍ଧତି ନିମ୍ନ ଚାର୍ଟରେ ବର୍ଣ୍ଣନା କରାଗଲା ।



2000 ରୁ 2012 ମଧ୍ୟରେ ବିଭିନ୍ନ ଉଦ୍ଦେଶ୍ୟରେ ଭୁବନେଶ୍ୱର ସହରରେ ସାଧାରଣ ପ୍ରଶାସନ (ଜିଏ) ବିଭାଗ ଦ୍ୱାରା ଜମି ଆବଣ୍ଟନ ସମ୍ପର୍କିତ ଗୋଟିଏ ସମ୍ପାଦନ ସମୀକ୍ଷା(ପିଏ) 2011-12 ର ସମୀକ୍ଷା ରିପୋର୍ଟରେ ସ୍ଥାନ ପାଇଥିଲା ।

ନିମ୍ନୋକ୍ତ ଦୁଇଟି ସଂପାଦନ ସମୀକ୍ଷା ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଅଛି ।

(i ) ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭେଲପମେଣ୍ଟ କର୍ପୋରେସନ(ଇଡ୍‌କୋ) ଦ୍ୱାରା 2001-12 ଅବଧି ପାଇଁ ଶିଳ୍ପ ଉଦ୍ଦେଶ୍ୟରେ ଜମିର ଅଧିଗ୍ରହଣ ଏବଂ ଆବଣ୍ଟନ,

(ii) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା 2002-12 ଅବଧି ପାଇଁ ଭବନର ଯୋଜନା ଓ ନିୟନ୍ତ୍ରଣ ସହିତ ବସବାସ ଉଦ୍ଦେଶ୍ୟରେ ଜମି / ଗୃହର ଆବଣ୍ଟନ ।

ସଂପାଦନ ସମୀକ୍ଷା ପରବର୍ତ୍ତୀ ଅନୁଚ୍ଛେଦଗୁଡିକର ଆଲୋଚନା କରାଯାଇଛି ।

## ଶିଳ୍ପ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ବିଭାଗ

## 2.1 ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ୍ କର୍ପୋରେସନ (ଇଡ୍କୋ) ଦ୍ୱାରା ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଏବଂ ଆବଣ୍ଟନ

### *କାର୍ଯ୍ୟନିର୍ବାହୀ ସଂକ୍ଷିପ୍ତ ସାର*

*ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଏବଂ କ୍ରମବଦ୍ଧ ଶିଳ୍ପପ୍ରତିଷ୍ଠାକୁ ସୁନିଶ୍ଚିତ କରିବା ଦିଗରେ ସରକାର 1981 ମସିହାରେ ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ୍ କର୍ପୋରେସନ(ଇଡ୍କୋ) ସ୍ଥାପନ କରିଥିଲେ । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରମୋଦକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରିହାତି ଦରରେ ସରକାରୀ ଜମି ଆବଣ୍ଟନ ସହ ବିଭିନ୍ନ ରିହାତି ପ୍ରଦାନ କରି ସରକାର ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲ୍ୟୁସନ(ଆଇପିଆର) ପ୍ରଣୟନ କରିଥିଲେ । ସିଙ୍ଗଲ ଉଇଣ୍ଡୋ ନିକାଶ ପ୍ରକ୍ରିୟା ମାଧ୍ୟମରେ ଶିଳ୍ପ ପ୍ରକଳ୍ପ ପାଇଁ ଅନୁମୋଦନ ପଦ୍ଧତିକୁ ସରଳ ଓ ଗତିଶୀଳ କରିବାକୁ ମଧ୍ୟ ଓଡିଶା ଇଣ୍ଡଷ୍ଟ୍ରିଜ୍ (ଫେସିଲିଟେସନ) ଆକ୍ଟ 2004 ର ପ୍ରଚଳନ କରିଥିଲେ ।*

*ଦ୍ରୁତ ଶିଳ୍ପାୟନ ଏବଂ କ୍ରମବଦ୍ଧ ଶିଳ୍ପ ସ୍ଥାପନାର ଉଦ୍ଦେଶ୍ୟ ପୂରଣ ପାଇଁ ଇଡ୍କୋ ବିଭିନ୍ନ ଅଞ୍ଚଳରେ ଶିଳ୍ପାଞ୍ଚଳ ସ୍ଥାପନା କରି ସେଥିରେ ଭିତ୍ତିଭୂମି ରଚନା କରିଛନ୍ତି । ପୁନଶ୍ଚ, ଶିଳ୍ପାଞ୍ଚଳ ମଧ୍ୟରେ ଆସୁନଥିବା ବୃହତ ପ୍ରକଳ୍ପଗୁଡିକ ପାଇଁ ଜମି ପ୍ରଦାନ କରିବାକୁ ଇଡ୍କୋ ହେଉଛି ସରକାରଙ୍କର ମୁଖ୍ୟ ମାଧ୍ୟମ ।*

*2001 ରୁ 2012 ମଧ୍ୟରେ 89 ଟି ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ମଧ୍ୟରୁ 52ଟି ଉଦ୍ୟୋଗକୁ ଏବଂ 113 ଟି ଅଣ ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ମଧ୍ୟରୁ 54 ଟି ଉଦ୍ୟୋଗକୁ 29769.482 ଏକର ଘରୋଇ ଜମି ଏବଂ 16963.412 ଏକର ସରକାରୀ ଜମି, ଇଡ୍କୋ ଆବଣ୍ଟନ କରିଥିଲା । ମାର୍ଚ୍ଚ 2012 ପର୍ଯ୍ୟନ୍ତ 86 ଟି ଶିଳ୍ପାଞ୍ଚଳରେ, କ୍ଷୁଦ୍ର ଶିଳ୍ପକୁ 4426.380 ଏକର ଜମି ଆବଣ୍ଟନ କରାଯାଇଥିଲା । ଉପରୋକ୍ତ ଜମିରୁ 1914.921 ଏକର ଜମି ସାଧାରଣ ଉପଯୋଗ ପାଇଁ ଶିଳ୍ପାଞ୍ଚଳରେ ଗଚ୍ଛିତ ରଖାଯାଇଥିଲା ଏବଂ ମାର୍ଚ୍ଚ 2012 ପର୍ଯ୍ୟନ୍ତ 1894.571 ଏକର ଜମି ଆବଣ୍ଟନ ନ ହୋଇ ପଡିରହିଥିଲା ।*

*2001 ରୁ 2012 ମଧ୍ୟରେ ଓଡିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେସନ(ଇଡ୍କୋ) ଦ୍ୱାରା "ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଏବଂ ଆବଣ୍ଟନ"ର ସମ୍ପାଦନ ସମୀକ୍ଷା, ସର୍ବସାଧାରଣ ଉଦ୍ଦେଶ୍ୟ ଖଣ୍ଡର ଭୁଲ ଦରଖାସ୍ତ, ଜମି ଅଧିଗ୍ରହଣ ପାଇଁ ଜରୁରୀକାଳୀନ ବ୍ୟବସ୍ଥା, କ୍ଷତିପୂରଣ ନିର୍ଦ୍ଧାରଣ ଇତ୍ୟାଦି ପ୍ରକ୍ରିୟାରେ ବିଭିନ୍ନ ପଦ୍ଧତିଗତ ଅଭାବ ଥିବା ପରିଲକ୍ଷିତ କଲା । ଏହା ମଧ୍ୟ ଅବଲୋକନ କରାଗଲା ଯେ କୃଷି, ଜଳ ସେଚନ ଏବଂ ପରିବେଶକୁ ବିଚାରକୁ ନ ନେଇ ଉଦ୍ୟୋଗ ପ୍ରମୋଦକମାନେ ଚିହ୍ନଟ କରିଥିବା ଜାଗାକୁ ଅଧିକୃତ କରାଯାଇଥିଲା ।*

*ଉଦ୍ୟୋଗ ପାଇଁ ଜାଗାର ଚିହ୍ନଟ ଏବଂ ବଦଳ ପାଇଁ ଜମି ବ୍ୟାଙ୍କ୍ ପରିକଳ୍ପନା କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟ ମୁଖ୍ୟତଃ ଅସମ୍ପୂର୍ଣ୍ଣ ହୋଇ ରହିଗଲା । ଜମି ଆବଣ୍ଟନରେ ନିୟମାବଳୀ ଏବଂ ମାନଦଣ୍ଡର ଅଭାବ ଫଳରେ ଶିଳ୍ପାଞ୍ଚଳରେ ଜମି / ସେଡ୍ ଆବଣ୍ଟନରେ ସ୍ୱଚ୍ଛତା ନଥିଲା । ଓଡିଶା ଇଣ୍ଡଷ୍ଟ୍ରିଜ୍(ଫେସିଲିଟେସନ) ନିୟମ 2005 ଅନୁଯାୟୀ ଦରଖାସ୍ତର 30 ଦିନ ମଧ୍ୟରେ ଜମି ଆବଣ୍ଟନର ଆଶ୍ୱାସନା ଅନୁବନ୍ଧିତ ସତ୍ତ୍ୱେ ଜମି ଆବଣ୍ଟନ 430 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ଗୋଟିଏ ଉଦ୍ୟୋଗ ଏବଂ ଅନ୍ୟ ଉଦ୍ୟୋଗ ମଧ୍ୟରେ ଜମିର ପାରସ୍ପରିକ ଅଦଳ ବଦଳରେ ମଧ୍ୟ ଅନିୟମିତତା ଥିବା ପରିଲକ୍ଷିତ କରାଯାଇଥିଲା ।*

*ପ୍ରଦତ୍ତ ମୂଲ୍ୟର ଭୁଲ୍ ପ୍ରୟୋଗ ଯୋଗୁଁ କମ୍ ନିର୍ଦ୍ଧାରଣ ଏବଂ ଆନୁସଙ୍ଗିକ ଚାର୍ଜର ଆଦାୟ, ଭୂମି ଖଜଣା ଏବଂ ଜମିର ବଜାର ଦର ଛାଡି ରିହାତି ଦର ଉପରେ ସେସ୍ ଭଳି ଅନେକ ମାମଲା ମଧ୍ୟ ଅବଲୋକନ କରାଗଲା ।*

*ଜମିର ଶେଷ ବ୍ୟବହାରର ପର୍ଯ୍ୟାଲୋଚନା ଭଲ ନଥିଲା ଯେହେତୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୱାରା ଜମିର ଅଭିଳଷିତ ଉଦ୍ଦେଶ୍ୟଠାରୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜମିର ଅଣ-ବ୍ୟବହାର ତଥା ଅଦଳବଦଳ କରାଯାଇଥିବା ପରିଲକ୍ଷିତ କରାଯାଇଥିଲା । ଓ.ଆଇ.ଆଇ.ଡି.ସି ଅଧିନିୟମରେ ଅନୁବନ୍ଧିତ ସତ୍ତ୍ୱେ, ତିନି ବର୍ଷ ବିତିଯାଇଥିଲେ ସୁଦ୍ଧା ଅଣବ୍ୟବହାର*

*ଜମିର ପୁନଃଦଖଲ ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ନିଲାମ ଦଲିଲ୍ ସର୍ତ୍ତର ଖିଲାପ ସ୍ଥଳେ ଜମିକୁ ପୁନଃଦଖଲ କରିବାକୁ ପ୍ରବର୍ତ୍ତନ ସଂକ୍ରୀୟା ଆଦୌ ପ୍ରଭାବୀ ନଥିଲା ।*

### 2.1.1 ଉପକ୍ରମ

ଶିଳ୍ପ ଢାଞ୍ଚାର ବିକାଶ ପାଇଁ ରାଜ୍ୟର ଶିଳ୍ପାଞ୍ଚଳରେ ସୁରକ୍ଷିତ କ୍ରମବଦ୍ଧ ଶିଳ୍ପସ୍ଥାପନ କରିବା ପାଇଁ ଏବଂ ଏ କ୍ଷେତ୍ରରେ ସଂଗଠନକୁ ସହାୟତା ଯୋଗାଇ ଦେବା ପାଇଁ ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନଫ୍ରାଷ୍ଟ୍ରକଚର ଡେଭଲେପମେଣ୍ଟ୍ କର୍ପୋରେସନ(ଓ.ଆଇ.ଆଇ.ଡି.ସି) ଅଧିନିୟମ 1980 ଆଧାରରେ ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଡେଭଲପମେଣ୍ଟ୍ କର୍ପୋରେସନ(ଇଡ୍‌କୋ) ସ୍ଥାପନ (ମାର୍ଚ୍ଚ 1981) କରାଯାଇଥିଲା । ଇଡ୍‌କୋ ସୃଷ୍ଟି ହେବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ସମସ୍ତ ପ୍ରଚଳିତ ଶିଳ୍ପାଞ୍ଚଳ ଇଡ୍‌କୋର ପରିଚାଳନା ଓ ନିୟନ୍ତ୍ରଣକୁ ଆସିଥିଲା । ଇଡ୍‌କୋ ବିଭିନ୍ନ ଅଞ୍ଚଳରେ ଶିଳ୍ପାଞ୍ଚଳ ସ୍ଥାପନା କରି ସେଥିରେ ଭିତ୍ତିଭୂମି ସଂରଞ୍ଚନା କରିଛନ୍ତି । ପୁନଶ୍ଚ, ଶିଳ୍ପାଞ୍ଚଳ ମଧ୍ୟରେ ଆସୁନଥିବା ବୃହତ ପ୍ରକଳ୍ପ ଗୁଡିକ ପାଇଁ ଜମି ପ୍ରଦାନ କରିବାକୁ ଇଡ୍‌କୋ ହେଉଛି ସରକାରଙ୍କର ମୁଖ୍ୟ ମାଧ୍ୟମ । ମାର୍ଚ୍ଚ 2012 ସୁଦ୍ଧା, 8235.872 ଏକର ପରିମିତ ଜମି ସହିତ 86ଟି ଶିଳ୍ପାଞ୍ଚଳ ଇଡ୍‌କୋର ପରିଚାଳନା ଏବଂ ନିୟନ୍ତ୍ରଣ ଅଧିନକୁ ଆସିଥିଲା । ପ୍ରମୋଦକମାନଙ୍କୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆକର୍ଷଣ କରିବାକୁ ସରକାରଙ୍କ ଶିଳ୍ପ ବିଭାଗ 1992, 1996, 2001 ଏବଂ 2007 ରେ ବିଭିନ୍ନ ପ୍ରକାର ରିହାତି[1] ପ୍ରଦାନ କରି ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲ୍ୟୁସନ (ଆଇ.ପି.ଆର) ପ୍ରଣୟନ କରିଥିଲେ ।

ଶିଳ୍ପ ପ୍ରତିଷ୍ଠା ପାଇଁ ଶୀଘ୍ର ମଞ୍ଜୁରୀର ସୁବିଧା ପାଇଁ ଓଡିଶା ଶିଳ୍ପ(ଫେସିଲିଟେସନ) ଅଧିନିୟମ 2004 ଅଧିନିମିତ କରିଥିଲେ(ଡିସେମ୍ବର 2004) ଏବଂ ପ୍ରମୋଦକମାନଙ୍କୁ ଅନୁମୋଦିତ / ନାକଚ ପ୍ରକଳ୍ପ ପ୍ରସ୍ତାବକୁ ପରୀକ୍ଷା କରିବାକୁ ରାଜ୍ୟ ଓ ଜିଲ୍ଲାସ୍ତରରେ ସିଙ୍ଗଲ ଉଇଣ୍ଡୋ କ୍ଲିୟରାନସ ଅଥରିଟି ସ୍ଥାପନ କରିଥିଲେ । ଶିଳ୍ପର ପ୍ରକାର ଭେଦ ଏବଂ ଏହି ଉଦ୍ୟୋଗଗୁଡିକୁ ଆବଣ୍ଟନ ନିମ୍ନରେ ବର୍ଣ୍ଣନା କରାଗଲା ।

- କ୍ଷୁଦ୍ର ଶିଳ୍ପ (ଏସ୍.ଏସ୍.ଆଇ) ପ୍ରସ୍ତାବିତ ପୁଞ୍ଜିଲଗାଣ 50 କୋଟି ଟଙ୍କାରୁ କମ୍ ହୋଇଥିବ, ଜମି ଆବଣ୍ଟନ ପାଇଁ ଜିଲ୍ଲା ଉଦ୍ୟୋଗ କେନ୍ଦ୍ର(ଡି.ଆଇ.ସି)କୁ ଦରଖାସ୍ତ କରେ ଯିଏ କି ଜିଲ୍ଲା ସ୍ତରୀୟ ସିଙ୍ଗଲ ଉଇଣ୍ଡୋ ନିକାସ କର୍ତ୍ତୃପକ୍ଷଙ୍କ ପାଇଁ ସଚିବାଳୟର କାମ କରେ ଓ ଏଥିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିଥାନ୍ତି । ଡି.ଏଲ.ଏସ.ଡବ୍ଲ୍ୟୁ,ସି.ଏ ର ସୁପାରିଶ କ୍ରମେ ଇଡ୍‌କୋ ତାର ଶିଳ୍ପାଞ୍ଚଳରେ ଏସ୍.ଏସ୍.ଆଇ ମାନଙ୍କୁ ଜମି ଆବଣ୍ଟନ କରେ ।

- ବୃହତ୍ / ମେଗା / ଭାରି ଶିଳ୍ପ, ଯାହାକୁକି ବୁଝାମଣା ପତ୍ର[2] ଆଧାରିତ ଏବଂ ଅଣ ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ କୁହାଯାଏ, ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ସହିତ ଜମି ଆବଣ୍ଟନ ପାଇଁ ଇଣ୍ଡଷ୍ଟ୍ରିଆଲ ପ୍ରୋମୋସନ ଏବଂ ଇନଭେଷ୍ଟମେଣ୍ଟ୍ କର୍ପୋରେସନ ଅଫ୍ ଓଡିଶା ଲିମିଟେଡ୍(ଇପିକଲ)କୁ ଦରଖାସ୍ତ କରନ୍ତି, ଯିଏକି ଉଭୟ ରାଜ୍ୟ ସ୍ତରୀୟ ସିଙ୍ଗଲ ଉଇଣ୍ଡୋ ନିକାସ ଅଧିକାରୀ(ଏସ୍.ଏଲ.ଏସ.ଡବ୍ଲୁ.ସି.ଏ)[3](ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ) ଏବଂ ଉଚ୍ଚ ସ୍ତରୀୟ ନିକାସ ଅଧିକାରୀ(ଏଚ୍.ଏଲ.ସି.ଏ)[4] (ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ) ପାଇଁ ସଚିବାଳୟର କାମ

---

1 ରିହାତି ଯଥା- ରିହାତି ଦରରେ ସରକାରୀ ଜମି ଆବଣ୍ଟନ, ଷ୍ଟାମ୍ପ ଶୁଳ୍କ ଛାଡ, କମ ସୁଧ, ମୂଲ୍ୟଯୁକ୍ତ କର, କେନ୍ଦ୍ରୀୟ ବିକ୍ରି କର, ଏବଂ ପ୍ରବେଶ ଛାଡ ଇତ୍ୟାଦି ।

2 ଉଦ୍ୟୋଗ ଯିଏକି ସରକାରଙ୍କ ସହ ବୁଝାମଣା ପତ୍ର(ଏମ୍.ଓ.ୟୁ) ସ୍ୱାକ୍ଷର କରିଥିବ ।

3 କୃଷି, ବାଣିଜ୍ୟ ଓ ପରିବହନ, ଶକ୍ତି, ଅର୍ଥ, ଜଙ୍ଗଲ ଓ ପରିବେଶ, ଶିଳ୍ପ, ଆଇନ୍, ଶ୍ରମ ଓ ନିୟୋଜନ, ଖଣି ଓ ଇସ୍ପାତ୍, ରାଜସ୍ୱ, ଜଳ ସଂପଦ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବମାନେ ଏବଂ ଇଡକୋ, ଗ୍ରୀଡକୋ, ଇପିକଲର ସି.ଏମ୍.ଡିମାନେ ଅବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସଚିବମାନେ ସଭ୍ୟ ରହିବେ ।

4 ଶିଳ୍ପ, ଅର୍ଥ, ଷ୍ଟିଲ୍ ଓ ଖଣି, ଶକ୍ତି ଓ ଲେବର ବିଭାଗ / ମନ୍ତ୍ରାଳୟର ମନ୍ତ୍ରୀମାନେ ଏବଂ ମୁଖ୍ୟ ସଚିବ, ଉନ୍ନୟନ କମିଶନର, ଅର୍ଥ, ଷ୍ଟିଲ ଓ ଖଣି, ଜଙ୍ଗଲ ଏବଂ ପରିବେଶ, ଶିଳ୍ପ, ଶକ୍ତି ଏବଂ ଆଇନ୍ ଇତ୍ୟାଦି ବିଭାଗର ସଚିବମାନେ ସଦସ୍ୟ ରହିବେ ।

କରେ । 50 କୋଟିରୁ 1000 କୋଟି ଟଙ୍କା ମଧ୍ୟରେ ପୁଞ୍ଜିନିବେଶ ଉଦ୍ୟୋଗ ପ୍ରସ୍ତାବ ଏସ୍.ଏଲ.ଏସ.ଡବ୍ଲୁ.ସି.ଏ ଦ୍ୱାରା ବିଚାର କରାଯାଏ ଏବଂ 1000 କୋଟିରୁ ବେଶୀ ହେଲେ ଏଚ୍.ଏଲ୍.ସି.ଏ ଦ୍ୱାରା କରାଯାଏ । ଉପରୋକ୍ତ ଅଧିକାରୀମାନଙ୍କ ଦ୍ୱାରା ପ୍ରସ୍ତାବ ଅନୁମୋଦନ ପରେ ଇପିକଲ ଉଦ୍ୟୋଗ ପାଇଁ ଦରକାର ଜମି ନିର୍ଦ୍ଧାରଣ କରେ ଏବଂ ଇଡ୍‌କୋକୁ ଦରକାର ଜମିର ମାତ୍ରା ସୁପାରିଶ କରେ, ଯାହାକି ବରାଦ ଦାଖଲ କର୍ତ୍ତୃପକ୍ଷ ହିସାବରେ କାମ କରେ ।

- ଇଡ୍‌କୋ, ସରକାରୀ ଜମି ହସ୍ତାନ୍ତରଣ ଏବଂ ଘରୋଇ ଜମି ଅଧିଗ୍ରହଣ ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା(ଆରଡିଏମ୍) ବିଭାଗ (ତହସିଲଦାର ଓ ଜମି ଅଧିଗ୍ରହଣ ଅଧିକାରୀ / ଜିଲ୍ଲାପାଳ) ନିକଟରେ ବରାଦ ଦାଖଲ କରେ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କ୍ଷେତ୍ରରେ ସାଧାରଣ ପ୍ରଶାସନ(ଜିଏ)ବିଭାଗକୁ ବରାଦ ଦାଖଲ କରେ ।

- ଇଡ୍‌କୋ ଉଦ୍ୟୋଗ ପ୍ରମୋଦକଙ୍କଠାରୁ ଅଧିଗ୍ରହଣ ମୂଲ୍ୟ / ରିହାତି ଆଇ.ପି.ଆର ଦରରେ ଜମିର ଅଧିମୂଲ୍ୟ ଗ୍ରହଣ କରେ, ଏଲ୍.ଏ.ଓଙ୍କ / ତହସିଲଦାରମାନଙ୍କ ପାଖରେ ଜମା କରେ, ଜିଲ୍ଲାପାଳଙ୍କ ସହିତ ପଟ୍ଟା ଦଲିଲ କାର୍ଯ୍ୟନିର୍ବାହ କରି ଜମି ଦଖଲ କରେ ଏବଂ ଓ.ଆଇ.ଆଇ.ଡି.ସି ଅଧିନିୟମ ଅନୁଯାୟୀ ସେହି ଜମିକୁ ସଂପୃକ୍ତ ପ୍ରମୋଦକଙ୍କୁ 90 ବର୍ଷ ପାଇଁ ପଟ୍ଟା ଦଲିଲ ଭିତ୍ତିରେ ହସ୍ତାନ୍ତର କରେ । ତେଣୁ ଉଦ୍ୟୋଗ ପ୍ରମୋଦକ ଉପ-ପଟ୍ଟାଧାରୀ ଓ ଆର.ଡି.ଏମ୍ / ସାଧାରଣ ପ୍ରଶାସନ ବିଭାଗ (ଜିଏ) ମୁଖ୍ୟ ପଟ୍ଟାଧାରୀ ।

ମାର୍ଚ୍ଚ 2012 ସୁଦ୍ଧା ଉଦ୍ୟୋଗକୁ ଆବଣ୍ଟନ ହୋଇଥିବା ଜମିର ସ୍ଥିତି ନିମ୍ନରେ ଦିଆଗଲା ।

ସାରଣୀ **2.1.1** ମାର୍ଚ୍ଚ 2012 ପର୍ଯ୍ୟନ୍ତ ଶିଳ୍ପ ଉଦ୍ୟୋଗରେ ଇଡ୍‌କୋ ଦ୍ୱାରା ଆବଣ୍ଟିତ ଜମିର ସ୍ଥିତି

(ପରିମାଣ ଏକରରେ)

| | ସରକାରୀ ଜମି | ଘରୋଇ ଜମି | ମୋଟ |
|---|---|---|---|
| ଶିଳ୍ପାଞ୍ଚଳ ପାଇଁ ସରକାରଙ୍କ ଦ୍ୱାରା ଇଡ୍‌କୋକୁ ହସ୍ତାନ୍ତରିତ ଜମି | 8235.872 | 0.000 | 8235.872 |
| ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ପାଇଁ ଜମି ହସ୍ତାନ୍ତରଣ / ଅଧିଗ୍ରହଣ | 10104.363 | 20795.814 | 30900.177 |
| ଅଣ ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ପାଇଁ ଜମି ହସ୍ତାନ୍ତରଣ / ଅଧିଗ୍ରହଣ | 6859.049 | 8973.668 | 15832.717 |
| **ମୋଟ** | **25199.284** | **29769.482** | **54968.766** |
| ହସ୍ତାନ୍ତରିତ ହୋଇଥିବା | | | |
| ବୁଝାମଣା ପତ୍ର ଆଧାରିତ | 10104.363 | 20795.814 | 30900.177 |
| ଅଣ ବୁଝାମଣା ପତ୍ର ଆଧାରିତ | 6859.049 | 8973.668 | 15832.717 |
| କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଶିଳ୍ପାଞ୍ଚଳରେ | 4426.380 | 0.000 | 4426.380 |
| ମୋଟ ହସ୍ତାନ୍ତରିତ | **21389.792** | **29769.482** | **51159.274** |
| ଶିଳ୍ପାଞ୍ଚଳରେ ଭବିଷ୍ୟତ ପାଇଁ ସଂରକ୍ଷିତ | 1914.921 | 0.000 | 1914.921 |
| ଶିଳ୍ପାଞ୍ଚଳରେ ଆବଣ୍ଟିତ ହୋଇ ନଥିବା ଜମି | 1894.571 | 0.000 | 1894.571 |

*(ଉତ୍ସ: ଇଡ୍‌କୋର ନଥିପତ୍ର)*

ଉପରୋକ୍ତ ତଥ୍ୟରୁ ଦେଖାଗଲା ଯେ 89 ଟି ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ମଧ୍ୟରୁ 52 ଟି ଉଦ୍ୟୋଗକୁ 30900.177 ଏକର ଜମି ଏବଂ 113 ଟି ଅଣ-ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ମଧ୍ୟରୁ 54 ଟି ଉଦ୍ୟୋଗକୁ 15832.717 ଏକର ଜମି ଇଡ୍‌କୋ ଆବଣ୍ଟନ କରିଥିଲା ଏବଂ ଶିଳ୍ପାଞ୍ଚଳରେ 4426.380 ଏକର ଜମି 3653 ଟି କ୍ଷୁଦ୍ର ଶିଳ୍ପକୁ ଆବଣ୍ଟନ କରିଥିଲା ।

### 2.1.2 ସାଂଗଠନିକ ଢାଞ୍ଚା

ଜିଲ୍ଲାପାଳଙ୍କ ଜରିଆରେ ଘରୋଇ ଜମିର ଅଧିଗ୍ରହଣ ଏବଂ ସରକାରୀ ଜମିର ହସ୍ତାନ୍ତରଣ ପାଇଁ ଜମି ଅଧିଗ୍ରହଣ (ଏଲ.ଏ) ଅଧିନିୟମ 1894 ର ବିଭିନ୍ନ ବ୍ୟବସ୍ଥା ଅନୁଯାୟୀ ଅଧିସୂଚନା ପ୍ରକାଶ କରିବାକୁ ପ୍ରମୁଖ ସଚିବଙ୍କ ଅଧକ୍ଷତାରେ ଆର୍.ଡି.ଏମ୍ ବିଭାଗକୁ କ୍ଷମତା ପ୍ରଦାନ କରାଯାଇଥିଲା ।

ଇଡ୍କୋ, ଯିଏକି ଉଦ୍ୟୋଗ ଉଦ୍ଦେଶ୍ୟରେ ଜମି ବରାଦ ଦାଖଲ କରେ, ସଭାଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ(ସି.ଏମ୍.ଡି) ଅଧକ୍ଷତା କରନ୍ତି ଓ ସେ ମୁଖ୍ୟ ମହାପରିଚାଳକ (ସି.ଜି.ଏସ), ଉପ-ମହାପରିଚାଳକ (ଡି.ଜି.ଏମ୍)ଏବଂ ନିଗମ କାର୍ଯ୍ୟାଳୟରେ ପରିଚାଳକଙ୍କ ଦ୍ଵାରା ସାହାଯ୍ୟ ପ୍ରାପ୍ତ ହୁଅନ୍ତି । ଏହା ବ୍ୟତୀତ ୪6 ଟି ଶିଳ୍ପାଞ୍ଚଳକୁ ପରିଚାଳନା କରିବା ପାଇଁ କ୍ଷେତ୍ର ସ୍ତରରେ ବିଭାଗୀୟ ମୁଖ୍ୟ(20ଟି) କାର୍ଯ୍ୟ କରନ୍ତି ଯାହାକି 30 ଟି ଜିଲ୍ଲାରେ ବ୍ୟାପିକରି ରହିଅଛି । ବ୍ୟାପାର ଗୁଡିକର ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶ, ପରିଚାଳନା ଏବଂ ନିଗମର ବାଣିଜ୍ୟ ଗୋଟିଏ ନିର୍ଦ୍ଦେଶକ ମଣ୍ଡଳୀ(ବିଓଡି) ଉପରେ ନ୍ୟସ୍ତ ଥାଏ ଯାହାକି ନିଗମର ସି.ଏମ୍.ଡି ଙ୍କ ଅଧକ୍ଷତାରେ 15ଟି ନିର୍ଦ୍ଦେଶକଙ୍କୁ ନେଇ ଗଠନ କରାଯାଇଥାଏ ।

### 2.1.3 ଅଡିଟ୍‌ର ଲକ୍ଷ୍ୟ ସମୂହ

ସମ୍ପାଦନ ସମୀକ୍ଷା ପରିଚାଳନା କରାଯାଇଥିଲା ଆକଳନ କରିବାକୁ ଯେ :

- ଜମିର ଅଧିଗ୍ରହଣ, ଅଧିନିୟମ / ନିୟମରେ ଉପସ୍ଥାପିତ ବ୍ୟବସ୍ଥା ଏବଂ ପ୍ରକ୍ରିୟା ଅନୁସାରେ ହୋଇଥିଲା ।
- ଉଦ୍ୟୋଗମାନଙ୍କୁ ଜମି ଆବଣ୍ଟନ ପ୍ରକ୍ରିୟା ସ୍ଵଚ୍ଛ ଓ ନିରପେକ୍ଷ ଥିଲା ।
- ଉଦ୍ୟୋଗମାନଙ୍କ ପାଇଁ ଜମିର ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁସାରେ ଥିଲା, ଜମିର ନିର୍ଦ୍ଧାରିତ ମୂଲ୍ୟ ସେହିପରି ନିୟମର ଅନୁରୂପତା ଥିଲା ଏବଂ ଉଦ୍ୟୋଗମାନଙ୍କଠାରୁ ସେହି ଅନୁସାରେ ଚାର୍ଜ କରାଯାଇଥିଲା ।
- ଅଭିଳକ୍ଷିତ ଉଦ୍ଦେଶ୍ୟରେ ଜମିର ବ୍ୟବହାରକୁ ନିଶ୍ଚିତ ଓ ପ୍ରବର୍ତ୍ତାଇବା ପାଇଁ ଉପଯୁକ୍ତ ସଂକ୍ରିୟା ପ୍ରଚଳିତ ଥିଲା ଓ ତାହା ପ୍ରଭାବୀ ଥିଲା ।

### 2.1.4 ଅଡିଟ୍‌ର ମାନଦଣ୍ଡ

ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ଓ ଆବଣ୍ଟନ ପଦ୍ଧତିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଅବଲମ୍ବନ କରାଯାଇଥିବା ମାନଦଣ୍ଡ ନିମ୍ନଲିଖିତ ଦସ୍ତାବିଜରୁ ସଂଗ୍ରହ କରାଯାଇଥିଲା ।:

- ଓଡିଶା ଇଣ୍ଡଷ୍ଟ୍ରିଆଲ୍ ଇନଫ୍ରାଷ୍ଟ୍ରକଚର୍ ଡେଭଲପମେଣ୍ଟ୍ କର୍ପୋରେସନ ଅଧିନିୟମ, 1980 ଏବଂ ନିୟମ 1981
- ଓଡିଶା ଇଣ୍ଡଷ୍ଟ୍ରିଜ୍ (ଫେସିଲିଟେସନ୍) ଅଧିନିୟମ 2004 ଏବଂ ନିୟମ 2005
- ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲ୍ୟୁସନ 2001 ଏବଂ 2007
- ଲ୍ୟାଣ୍ଡ୍ ଏକ୍ୟୁଜେସନ (ଏଲଏ) ଅଧିନିୟମ 1894 ଏବଂ ଲ୍ୟାଣ୍ଡ ଏକ୍ୟୁଜିସନ(ଏମେଣ୍ଡମେଣ୍ଟ)ଅଧିନିୟମ 1984
- ଲ୍ୟାଣ୍ଡ୍ ଏକ୍ୟୁଜିସନ(କମ୍ପାନୀ) ନିୟମ 1963
- ରାଜ୍ୟ ସରକାରଙ୍କ ଦ୍ଵାରା ପ୍ରଣୀତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶାବଳୀ ଓ ସର୍କୁଲାର ଏବଂ ଜମି ଅଧିଗ୍ରହଣରେ ନ୍ୟାୟିକ ଅଧିପୋଷଣ
- ଓଡିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ୍ ସେଟଲମେଣ୍ଟ(ଓଜିଏଲଏସ) ଅଧିନିୟମ 1962 ଏବଂ ଓଡିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ୍ ସେଟଲମେଣ୍ଟ ନିୟମ 1983, ଓଡିଶା ଲ୍ୟାଣ୍ଡ ରିଫର୍ମ ଅଧିନିୟମ 1960
- ଓଡିଶା ପ୍ରିଭେନସନ ଅଫ୍ ଲ୍ୟାଣ୍ଡ୍ ଏନକ୍ରୋଚମେଣ୍ଟ(ଓପିଏଲଇ)ଅଧିନିୟମ1972ଏବଂଓପିଏଲଇ ନିୟମ 1985
- ଜଙ୍ଗଲ (ସୁରକ୍ଷା) ଅଧିନିୟମ 1980, ପରିବେଶ(ସୁରକ୍ଷା) ନିୟମାବଳୀ 1986
- ଓଡିଶା ପବ୍ଲିକ୍ ପ୍ରିମାଇଜେସ(ଏଭିକସନ) ଅଧିନିୟମ 1972

### 2.1.5 ଅଡିଟ୍‌ର ପରିସର

167 ଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ[5] (9 ପ୍ରତିଶତ) ସ୍ତର ବିନ୍ୟାସ କରି, ଅନିୟତ ନମୁନା ସଂଗ୍ରହ ପଦ୍ଧତିରେ ବଛାଯାଇଥିବା 28 ଟି ଅଣ ବୁଝାମଣା ପତ୍ର ଶିଳ୍ପ(50 ପ୍ରତିଶତ) ଏବଂ ସମସ୍ତ ୪9 ଟି ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ(100 ପ୍ରତିଶତ) ପାଇଁ 2002 ରୁ 2012[6] ସମୟ ସୀମା ମଧ୍ୟରେ ଜମି ଅଧିଗ୍ରହଣ ଓ ଆବଣ୍ଟନକୁ ଆଖି ଆଗରେ ରଖି ମାର୍ଚ୍ଚ 2012 ଠାରୁ ଅକ୍ଟୋବର 2012 ମଧ୍ୟରେ ସମ୍ପାଦନ ସମୀକ୍ଷା ସମ୍ପନ୍ନ କରାଯାଇଥିଲା । ଯେହେତୁ ଜମି ଦିଆଯାଇଥିବା ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗଗୁଡିକ 13 ଟି ଜିଲ୍ଲାରେ ବ୍ୟାପିକରି ଥିଲା, ଯେଉଁଥିରୁ ଗତ 2 ବର୍ଷ ମଧ୍ୟରେ 9 ଟି ଜିଲ୍ଲା ସମୀକ୍ଷା ଅନ୍ତର୍ଭୁକ୍ତ ଥିଲା, ଘରୋଇ ଜମି କ୍ଷେତ୍ରରେ ପ୍ରିମିୟମ(ଅଧିମୂଲ୍ୟ) ପରୀକ୍ଷା କରିବା ପାଇଁ ବାକି 4 ଟି ଜିଲ୍ଲା[7](ମୋଟ 9ଟି ବୁଝାମଣା ପତ୍ର)କୁ ବଛା ଯାଇଥିଲା । ଆର.ଡି.ଏମ୍. ଷ୍ଟିଲ୍ ଓ ଖଣି, ଶକ୍ତି, ଶିଳ୍ପ, ଜଙ୍ଗଲ ଓ ପରିବେଶ ଏବଂ ଇପିକଲ, ଇଡ୍‌କୋ ତଥା 12 ଟି ଭିତ୍ତିଭୂମି ବିକାଶ (ଆଇଡି) ମଧ୍ୟରୁ ୪ଟି ବିଭାଜନରେ ନଥିପତ୍ରକୁ ମଧ୍ୟ ସମୀକ୍ଷା ଯାଞ୍ଚ କରିଥିଲା ।

### 2.1.6 ଅଡିଟ୍‌ର ପଦ୍ଧତି

12 ମାର୍ଚ୍ଚ 2012 ରେ ଇଡ୍‌କୋର ମହାପରିଚାଳକ (ଅର୍ଥ) ଏବଂ ମହାପରିଚାଳକ(ଭିତ୍ତିଭୂମି ବିକାଶ) ଏବଂ 25 ଏପ୍ରିଲ୍ 2012 ରେ ଆର.ଡି.ଏମ୍ ବିଭାଗର ଅତିରିକ୍ତ ସଚିବଙ୍କ ସହ ଏକ **"ପ୍ରବେଶ ସମ୍ମିଳନୀ"**ରେ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଓ କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା ହୋଇଥିଲା । ଯେହେତୁ ଇଡ୍‌କୋ ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମିର ଶେଷ ବ୍ୟବହାର ସ୍ଥିତିକୁ ଯଥୋଚିତ ନୀରିକ୍ଷଣ କରା ନଯିବା ଉଦ୍‌ବେଗର ବିଷୟ । ଇଡ୍‌କୋ ଏବଂ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହିତ ମିଳିତ ବସ୍ତୁଗତ ନିରୀକ୍ଷଣ କରାଯାଇଥିଲା ।

ସମୀକ୍ଷା ଲବ୍ଧ ନିର୍ଣ୍ଣାୟଗୁଡିକ ଶିଳ୍ପ ବିଭାଗର ପ୍ରମୁଖ ସଚିବଙ୍କ ସହିତ 4 ମାର୍ଚ୍ଚ 2013 ରେ ଏବଂ ଇଡ୍‌କୋ, ଇପିକଲର ସଭାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ଷ୍ଟିଲ୍ ଓ ଖଣି, ଶକ୍ତି, ଶିଳ୍ପ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ଏକ **"ପ୍ରସ୍ଥାନ ସମ୍ମୀଳନୀ"**ରେ 20 ଏପ୍ରିଲ୍ 2013 ରେ ଆଲୋଚନା କରାଯାଇଥିଲା । ଯେଉଁ ସ୍ଥାନରେ ସରକାରଙ୍କର ମତ ମିଳିଥିଲା, ସମୁଚିତ ସ୍ଥାନରେ ଅନ୍ତର୍ଭୁକ୍ତ କରାଗଲା ।

## ଅଡିଟ୍ ଉପଲବ୍ଧି

### 2.1.7 ଉଦ୍ୟୋଗ ଉଦ୍ଦେଶ୍ୟରେ ଜମିର ଆବଣ୍ଟନ

ଜମି ଅଧିଗ୍ରହଣ (ଏଲ.ଏ) ଅଧିନିୟମ, 1894 ଅନୁଯାୟୀ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଦୁଇଟି ଭାଗରେ ବିଭକ୍ତ ଯଥା- ସାର୍ବଜନିକ ଉଦ୍ଦେଶ୍ୟରେ ଅଧିଗ୍ରହଣ ଏବଂ ଅନ୍ୟ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ । 2002 ରୁ 2012 ମଧ୍ୟରେ, ସରକାର 29769.482 ଏକର ଘରୋଇ ଜମି ଅଧିଗ୍ରହଣ କରିଥିଲେ ଏବଂ 52 ଟି ବୁଝାମଣା ପତ୍ର ଆଧାରିତ ଶିଳ୍ପଙ୍କୁ (20795.814 ଏକର) ଏବଂ 54 ଟି ଅଣବୁଝାମଣା ଶିଳ୍ପଙ୍କୁ (8973.668 ଏକର) ଜମି ପ୍ରଦାନ କରିଥିଲେ । ସମୀକ୍ଷା, ଜମି ଅଧିଗ୍ରହଣ ପ୍ରକ୍ରିୟା, କ୍ଷତିପୂରଣ ନିର୍ଦ୍ଧାରଣ ଓ ପ୍ରଦାନ, ଇତ୍ୟାଦିକୁ ଅଧିନିୟମ, ନୀତି ଏବଂ ନିର୍ଦ୍ଦେଶ ଅନୁଯାୟୀ ଯାଞ୍ଚ କରି ନିମ୍ନଲିଖିତ ଅଭାବ ପରିଲକ୍ଷିତ କରିଥିଲା ।

---

5 ଇଡକୋର ଶିଳ୍ପାଞ୍ଚଳ ପରିସରରେ ଥିବା ମୋଟ 1890 ଟି ୟୁନିଟ୍ ମଧ୍ୟରୁ

6 ଆଇପିଆର 2001ର ପ୍ରଚଳନ ପରେ ଉଦ୍ୟୋଗ ପାଇଁ ବୃହତ୍ ଆବଣ୍ଟନ ହେବା ପରଠାରୁ ସମୀକ୍ଷା ସମୟକୁ ବିଚାରକୁ ନିଆଯାଇଛି ଏବଂ 2002 ମସିହାରେ ସମସ୍ତ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ପରେ

7 ମାର୍ଚ୍ଚ 2010ର ସମୀକ୍ଷା ରିପୋର୍ଟ(ସିଭିଲ) ର ଅନୁଚ୍ଛେଦ 2.2.3, ମାର୍ଚ୍ଚ ଶେଷ 2011ର ସମୀକ୍ଷା ରିପୋର୍ଟ(ସିଭିଲ)ର ଅନୁଚ୍ଛେଦ 2.1.1.5 ଅନୁସାରେ ବଲାଙ୍ଗୀର, କଟକ, କୋରାପୁଟ ଏବଂ ରାୟଗଡା ଜିଲ୍ଲା, 9ଟି ଜିଲ୍ଲା ଅନ୍ତର୍ଭୁକ୍ତ ହେବା ପରଠାରୁ ।

### 2.1.7.1 "ସାର୍ବଜନିକ ଉଦ୍ଦେଶ୍ୟ" ବ୍ୟବସ୍ଥାରେ ଘରୋଇ ଉଦ୍ୟୋଗ ପାଇଁ ଜମି ଅଧିଗ୍ରହଣ

ଅନ୍ୟାନ୍ୟ ବିଷୟ ମଧ୍ୟରେ ସରକାରଙ୍କ ନୀତି କିମ୍ବା ପରିକଳ୍ପନା ଅନୁସାରେ ଯୋଜନାବଦ୍ଧ ଉନ୍ନୟନ ପାଇଁ ପ୍ରଚଳିତ ଗ୍ରାମୀଣ ଭୂମିର ଅଭିବୃଦ୍ଧି, ସହରୀ କିମ୍ବା ଗ୍ରାମୀଣ ଯୋଜନା, ଗରିବ କିମ୍ବା ଭୂମିହୀନ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ଶିକ୍ଷା, ବାସଗୃହ, ସ୍ୱାସ୍ଥ୍ୟ କିମ୍ବା ବସ୍ତି ସଫେଇ ପରିକଳ୍ପନାରେ ସଂପୃକ୍ତ ସଂସ୍ଥାକୁ ରାଜ୍ୟ ମାଲିକାନାରେ କିମ୍ବା ନିୟନ୍ତ୍ରଣରେ ଥିବା ନିଗମ ପାଇଁ ଜମି ପ୍ରଦାନ ଇତ୍ୟାଦି ପାଇଁ ସାର୍ବଜନିକ ଉଦ୍ଦେଶ୍ୟକୁ ଏଲ.ଏ ଅଧିନିୟମ ଧାରା 3(ଏଫ୍) ଅନୁସାରେ ପରିଭାଷିତ କରାଯାଇଛି । ମାତ୍ର ଉଦ୍ୟୋଗ ପାଇଁ ଜମି ଅଧିଗ୍ରହଣକୁ ବାଦ୍ ଦିଆଯାଇଅଛି । ଜମି ଅଧିଗ୍ରହଣ(ଉଦ୍ୟୋଗ) ନିୟମ 1963 ଅଧିନସ୍ଥ ଏଲ୍.ଏ. ଅଧିନିୟମ 1894 ର ଧାରା 40 ଏବଂ 44 ବି(ଭାଗ-VII) ଅନୁଯାୟୀ ଘରୋଇ ଜମି ପାଇଁ ଜମି ଅଧିଗ୍ରହଣ ଅନୁମତି ଦିଆଯିବ ।

ଜମି ଅଧିଗ୍ରହଣ(ନିୟମ 3), ଯଥୋଚିତ ଦେୟ ପ୍ରଦାନ କରି ଉଦ୍ୟୋଗର ସିଧାସଳଖ ଜମି ମାଲିକଙ୍କ ଠାରୁ ଜମି କିଣିବା ପ୍ରୟାସ ପରେ ଅଧିଗ୍ରହଣ (ନିୟମ 4), ଉପଯୁକ୍ତ ବିକଳ୍ପ ଜାଗାର ଅଭାବ ହେଲେ ବରିଷ୍ଠ କୃଷି ଅଧିକାରୀଙ୍କୁ ପରାମର୍ଶ କରି କୃଷି ଜମି ଅଧିଗ୍ରହଣ (ନିୟମ 4(2)(i), ଉଦ୍ୟୋଗମାନେ ସରକାରଙ୍କ ଅନୁମୋଦନ ବିନା ଅନ୍ୟ ଉଦ୍ଦେଶ୍ୟରେ ଜମିର ବ୍ୟବହାର କରି ପାରିବେ ନାହିଁ ବୋଲି ସରକାରଙ୍କ ସହିତ ରାଜିନାମା (ନିୟମ -5-ii)ଏବଂ ଜମି ଅପବ୍ୟବହାର ଓ ଆଂଶିକ ବ୍ୟବହାର କ୍ଷେତ୍ରରେ ଜମି ପୁନର୍ଦଖଲ ଇତ୍ୟାଦି (ନିୟମ 5-iv)କ୍ଷେତ୍ରରେ ସରକାରଙ୍କୁ ଉପଦେଶ ଦେବା ପାଇଁ ଗୋଟିଏ ଜମି ଅଧିଗ୍ରହଣ କମିଟି ପ୍ରତିଷ୍ଠା ପାଇଁ, ଜମି ଅଧିଗ୍ରହଣ(ଉଦ୍ୟୋଗ)ନିୟମରେ ବ୍ୟବସ୍ଥା ଅଛି ।

ଏହା ବ୍ୟତୀତ ଏଲ.ଏ ଅଧିନିୟମର ଧାରା -6(1)(ii) (ସାର୍ବଜନିକ ଉଦ୍ଦେଶ୍ୟରେ ଜମି ଘୋଷଣା କରାଯିବା)ରେ ବ୍ୟବସ୍ଥା ଅଛି ଯେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରିତ କିମ୍ବା ପରିଚାଳିତ କିଛି ପାଣ୍ଠି କିମ୍ବା ସାର୍ବଜନିକ ରାଜସ୍ୱ ପାଣ୍ଠିରୁ ସେହି ସମ୍ପତ୍ତିର କ୍ଷତି ପୂରଣର ପୂର୍ଣ୍ଣ କିମ୍ବା କିଛି ଭାଗ ଭରଣା ନ କରିବା ପର୍ଯ୍ୟନ୍ତ ଘୋଷଣା କରାଯାଇ ପାରିବ ନାହିଁ ।

ସମୀକ୍ଷା 190 ଟି ଏଲ.ଏ (ବୁଝାମଣାପତ୍ର ଆଧାରିତ ଉଦ୍ୟୋଗ) ମାମଲା ଯାଞ୍ଚ କରି ପରିଲକ୍ଷିତ କଲା ଯେ **"ସାର୍ବଜନିକ ଉଦ୍ଦେଶ୍ୟ"**ରେ 2002 ରୁ 2012 ମଧ୍ୟରେ 33 ଟି ଉଦ୍ୟୋଗ (ଘରୋଇ ଉଦ୍ୟୋଗ) ପାଇଁ ବିଭାଗ 912.45 କୋଟି ଟଙ୍କାର 14296.56 ଏକର ଘରୋଇ ଜମି ଅଧିଗ୍ରହଣକୁ ଅନୁମୋଦନ କରିଥିଲା ଯଦିଓ ପରିସ୍ଥିତି ଏହି ଜମିକୁ ସାର୍ବଜନିକ ଉଦ୍ଦେଶ୍ୟରେ ଅଧିଗ୍ରହଣକୁ ଅନୁମତି ଦେଉନଥିଲା ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

- ଏହି ସବୁ କ୍ଷେତ୍ରରେ ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ଅନୁମୋଦନ ଘରୋଇ ଉଦ୍ୟୋଗ ନାମରେ ଦିଆ ଯାଇଥିଲା ।
- ଉଦ୍ୟୋଗ ପାଇଁ ଜମି ଅଧିଗ୍ରହଣ କରାଯାଉଥିବା ସୂଚାଇ, 190 ଟି ଏଲ.ଏ ମାମଲା ମଧ୍ୟରୁ 110 ଟି ମାମଲାରେ 23 ଟି ଉଦ୍ୟୋଗର ନାମ ପ୍ରାରମ୍ଭିକ ଅଧିସୂଚନାରେ ଉଲ୍ଲେଖ ଥିଲା ।
- ଏହି ସମସ୍ତ ମାମଲାରେ କ୍ଷତି ପୂରଣର ସମସ୍ତ ଖର୍ଚ୍ଚ ସେହି ଉଦ୍ୟୋଗମାନଙ୍କ ଦ୍ୱାରା ବହନ କରାଯାଇଥିଲା, ଇଡ୍‌କୋ ଦ୍ୱାରା ନୁହେଁ ଏବଂ ଏହା ଇଡ୍‌କୋର ସିଏମଡି ସ୍ୱୀକାର ମଧ କରିଥିଲେ(ଜାନୁଆରୀ 2012) । ଏହା ସୂଚାଇଲା ଯେ ଏହି ଅଧିଗ୍ରହଣ ଉଦ୍ୟୋଗମାନଙ୍କ ପାଇଁ ଥିଲା ଏବଂ ଏହା ଏଲ.ଏ ଅଧିନିୟମର ଭାଗ-V-II ଅନୁଯାୟୀ ଅଧିଗ୍ରହଣ କରାଯିବା କଥା ।

ତେଣୁ ଏଲ.ଏ ଅଧିନିୟମର ନିୟମକୁ ପୂର୍ଣ୍ଣ ମାତ୍ରାରେ ଉଲ୍ଲଂଘନ କରାଗଲା ଯାହାଫଳରେ ଏଲ.ଏ ଅଧିନିୟମର 1894 ଏବଂ ଏଲ.ଏ (ଉଦ୍ୟୋଗ) ନିୟମ 1963 ଅନୁଯାୟୀ ବ୍ୟବସ୍ଥା ଥିବା ଜମି ମାଲିକମାନଙ୍କ ସ୍ୱାର୍ଥର ରକ୍ଷା ଉପାୟକୁ ଆଡେଇ ଦିଆଯାଇଥିଲା ।

ଆର୍.ଡି.ଏମ୍ ବିଭାଗ ଦର୍ଶାଇଲେ (ଏପ୍ରିଲ୍ 2013) ଯେ ଶିଳ୍ପ ଉଦ୍ଦେଶ୍ୟରେ ଇଡ୍‌କୋ ଘରୋଇ ଜମି ଅଧିଗ୍ରହଣ କରୁଛି ଯାହାକି ଓ.ଆଇ.ଆଇ.ଡି.ସି ଅଧିନିୟମ 1980 ର ଧାରା 31(1) ଅନୁଯାୟୀ ଏହା ସାର୍ବଜନିକ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ । ଏହା ମଧ୍ୟ ଦର୍ଶାଇଲା ଯେ ଉପରୋକ୍ତ ଅଧିଗ୍ରହଣ ଦ୍ୱାରା ଏଲ୍.ଏ ଅଧିନିୟମର ପରିଭାଷିତ ସାର୍ବଜନିକ ଉଦ୍ଦେଶ୍ୟ ପୂରଣ

ହୋଇଛି କାରଣ ଜମିର ମୂଲ୍ୟ ସଂପୂର୍ଣ୍ଣ ଭାବରେ ଇଡ୍‌କୋ ବହନ କରୁଛି ଯିଏକି ରାଜ୍ୟ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ଏକ ନିଗମ ।

ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଇଡ୍‌କୋ ଘରୋଇ ପ୍ରମୋଦକଙ୍କ ପାଇଁ ଜମି ଅଧିଗ୍ରହଣ କରୁଥିଲା ଏବଂ ଅଧିଗ୍ରହଣର ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ପ୍ରମୋଦଙ୍କ ଦ୍ୱାରା ପ୍ରଦାନ କରାଯାଉଥିଲା । ତେଣୁ ଏହି ଉଦ୍ୟୋଗ ମାନଙ୍କ ପାଇଁ ଜମି ଅଧିଗ୍ରହଣ ଏଲ୍.ଏ ଅଧିନିୟମର ଭାଗ V-II ଅନୁସାରେ କରାଯିବା ଉଚିତ୍ କିନ୍ତୁ ଏଲ.ଏ ଅଧିନିୟମର ଭାଗ V-II ଏବଂ ଏଲ୍.ଏ(ଉଦ୍ୟୋଗ) ନିୟମ 1963 ରେ ବର୍ଣ୍ଣିତ ନ୍ୟାୟିକ ବ୍ୟବସ୍ଥା ଏବଂ ପ୍ରକ୍ରିୟାକୁ ଏଡାଇ ଦେବା ପାଇଁ ସାର୍ବଜନିକ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା ।

### *2.1.7.2 ଜରୁରୀ କାଳୀନ ବ୍ୟବସ୍ଥା ଅଧୀନରେ ଅଧିଗ୍ରହଣ*

ଜମି ଅଧିଗ୍ରହଣ ଅଧିନିୟମର ଧାରା 17(4) ଏବଂ ଜରୁରୀ କାଳୀନ ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟନିର୍ବାହୀ ଅନୁଦେଶ (ସେପ୍ଟେମ୍ବର 1985) ଏଲ୍.ଏ.ଆକ୍ଟର ଧାରା 5 ର ବ୍ୟବସ୍ଥା ଅନୁଯାୟୀ ଜମି ମାଲିକମାନଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କୁ ପ୍ରାଧିକୃତ କରାଯାଇଛି । ଜରୁରୀ ପରିସ୍ଥିତିରେ ଯଥା **"ସାର୍ବଜନିକ ଉଦ୍ଦେଶ୍ୟ"** ଯାହା ପାଇଁ କି ଜମି ଅଧିଗ୍ରହଣ କରାଯିବ, ତାହା ଧାରା 4(1) ଅନୁଯାୟୀ ବିଜ୍ଞପ୍ତି ଜାରି ହେବା ତାରିଖ ଠାରୁ ଛଅ ମାସ ମଧ୍ୟରେ ପ୍ରାପ୍ତ ହେବା କଥା, ବିହିତ ସମୟ ସୀମା ମଧରେ ପାଣ୍ଠି ବିନିଯୋଗ ନ ହେଲେ ତାହା ଅତିକ୍ରାନ୍ତ ହୋଇଯିବ ।

ସମୀକ୍ଷା ପରିଲକ୍ଷିତ କଲା ଯେ 20 ଟି ଉଦ୍ୟୋଗ ସଂପର୍କିତ 225 ଟି ଏଲ.ଏ ମାମଲା (190 ଟି ବୁଝାମଣା ପତ୍ର ଆଧାରିତ ଏବଂ 35 ଟି ଅଣ ବୁଝାମଣା ପତ୍ର ଆଧାରିତ) ମଧରୁ 92 ଟି ଯାଞ୍ଚ ମାମଲାରେ ଉପରୋକ୍ତ କୌଣସି ତଥ୍ୟକୁ ପୂର୍ଣ୍ଣ ନ କରି ଜରୁରୀ କାଳିନ ବ୍ୟବସ୍ଥାକୁ ଆବାହନ କରି 1995 ରୁ 2008 ***(ପରିଶିଷ୍ଟ 2.1.1)*** ମଧରେ 205.65 କୋଟି ଟଙ୍କାର 7025.535 ଏକର ଘରୋଇ ଜମି ଅଧିଗ୍ରହଣ କରାଗଲା । ଏହି ମାମଲା ଗୁଡିକର ପୁନଃ ପରୀକ୍ଷଣ ପ୍ରକଟ କଲା ଯେ:

- ଗୋଟିଏ ସାଧାରଣ କାରଣ ପ୍ରକଳ୍ପ ଗୁଡିକ ଅଗ୍ରାଧିକାର ଅନୁସାରେ ନିଷ୍ପାଦିତ ହେବାକୁ ହାଜିର କରି ସମସ୍ତ 92 ଟି ମାମଲାରେ ଇଡ୍‌କୋ ଜରୁରୀ କାଳିନ ବ୍ୟବସ୍ଥାରେ ଦରଖାସ୍ତ ସୁପାରିଶ କରିଥିଲା ।
- 58 ଟି ଏଲ.ଏ ମାମଲାରେ 4370.330 ଏକର ଜମି ଅଧିଗ୍ରହଣ ସଂପର୍କିତ ଏଲ୍.ଏ ଅଧିନିୟମର ଖଣ୍ଡ 7 ଅନୁସାରେ ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଆର୍.ଡି.ଏମ୍ ବିଭାଗ 6 ମାସରୁ 34 ମାସ ସମୟ ନେଲା ଯାହାକି ଜରୁରୀ କାଳିନ ବ୍ୟବସ୍ଥାର ଆବାହନ ପାଇଁ ପ୍ରକୃତରେ ଦରକାର ନଥିବା ସୂଚାଇଲା ଏବଂ ସାର୍ବଜନିକ ଉଦ୍ଦେଶ୍ୟ ଛଅ ମାସ ମଧରେ ହାସଲ କରିବାରେ ସଫଳ ହୋଇ ନଥିଲା ।
- 36 ଟି ଏଲ.ଏ ମାମଲା ସହିତ 10 ଟି ପ୍ରକଳ୍ପ ପାଇଁ 2845.38 ଏକର ଜମି ଅଧିଗ୍ରହଣ କ୍ଷେତ୍ରରେ ଜରୁରୀ କାଳିନ ବ୍ୟବସ୍ଥାର ଅନୁମୋଦନ କରିବାର କ୍ଷମତା ଉପସଚିବ ଏବଂ ତାଙ୍କ ଠାରୁ ଉପର ପାହ୍ୟା ଅଧିକାରୀଙ୍କ ଉପରେ ନ୍ୟସ୍ତ ଥିଲେ ମଧ ଏହାକୁ ଅନୁସଚିବ ଅନୁମୋଦନ କରିଥିଲେ । ତେଣୁ ଏହି ସବୁ କ୍ଷେତ୍ରରେ କ୍ଷମତା ପନ୍ନ ପ୍ରାଧିକାରୀଙ୍କ ଅନୁମୋଦନ ହାସଲ କରାଯାଇ ନଥିଲା । ଯଦିଓ ଏହା ଜମି ମାଲିକମାନଙ୍କ ଉପରେ ବହୁତ ପ୍ରଭାବ ପକାଇବାର ଥିଲା ।
- ଦୁଇଟି ଉଦ୍ୟୋଗ କ୍ଷେତ୍ରରେ ଅଧିଗ୍ରହଣ କରାଯାଇଥିବା 1241.070 ଏକର ଜମିକୁ ହସ୍ତାନ୍ତର (ଜୁଲାଇ 2008 ରୁ ମାର୍ଚ୍ଚ 2009 ମଧରେ) କରାଯିବାର 4 ବର୍ଷରୁ 5 ବର୍ଷ ବିତିଯାଇଥିଲେ ମଧ ତାହା ଖାଲି/ ବ୍ୟବହାର ନହୋଇ ପଡି ରହିଥିଲା (ମାର୍ଚ୍ଚ 2013 ସୁଦ୍ଧା)। ଯାହାକି ଜରୁରୀକାଳିନ ବ୍ୟବସ୍ଥାର ଆବାହନର ଆବଶ୍ୟକତାକୁ ଲଘୁ କରିଥିଲା ।



ମାର୍ଚ୍ଚ 2013 ସୁଦ୍ଧାଆଦିତ୍ୟ ଆଲୁମିନିୟମ, ରାୟଗଡାକୁ ଯୋଗାଇ ଦିଆଯାଇଥିବା ଜମି ବ୍ୟବହାର ନ ହୋଇ ପଡିରହିଥିଲା ।

ତେଣୁ, ଏଲ.ଏ ଅଧିନିୟମ ବ୍ୟବସ୍ଥାକୁ ବାଦ୍ ଦେଇ ଜରୁରୀକାଳୀନ ବ୍ୟବସ୍ଥାକୁ ମନମୁଖୀ ପ୍ରୟୋଗ କରାଯାଇଥିଲା ଏବଂ ଏହା ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ଜମି ଅଧିଗ୍ରହଣର ଔଚିତ୍ୟ ଉପରେ ଆପତ୍ତି ଏବଂ ଜରୁରୀକାଳୀନ ବ୍ୟବସ୍ଥାର ଅନୁପଯୁକ୍ତ ଉପ ଯୋଗ ଯୋଗୁଁ ସଂପତ୍ତିରକ୍ଷା କରିବା ଅଧିକାରରୁ ବଞ୍ଚିତ କଲା ।

ଆର.ଡି.ଏମ ବିଭାଗ ଦର୍ଶାଇଲେ (ଏପ୍ରିଲ 2013 ) ଯେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସୁପାରିଶ ଆଧାରରେ ସମସ୍ତ ମାମଲାରେ ଜରୁରୀକାଳୀନ ବ୍ୟବସ୍ଥାର ପ୍ରୟୋଗ କରାଯାଇଛି । ଉତ୍ତରଟି ଗ୍ରହଣୀୟ ନ ଥିଲା କାରଣ ଜିଲ୍ଲାପାଳମାନଙ୍କ ଜରୁରୀକାଳୀନ ବ୍ୟବସ୍ଥାର ଆବାହନ ପାଇଁ ସୁପାରିସ କୁ ପରିକ୍ଷା କରିବା ପାଇଁ ଆର.ଡି.ଏମ ବିଭାଗ କ୍ଷମତାପନ୍ନ ଅଧିକାରୀ ଅଟେ ।

- ଏଲ.ଏ ଅଧି ନିୟମର ଧାରା 4 ଅନୁଯାୟୀ ପ୍ରାଥମିକ ଅଧିସୂଚନା ସରକାରୀ ଗେଜେଟ ଏବଂ ଖବରକାଗଜରେ ପ୍ରକାଶନ କରିବା ବ୍ୟତୀତ ସଂପୁକ୍ତ ଅଂଚଳର ସୁବିଧାଜନକ ସ୍ଥାନମାନଙ୍କରେ ସେହି ଅଧିସୁଚନା ପ୍ରକାଶ କରାଯିବା କଥା । ସମୀକ୍ଷା ପରିଲକ୍ଷିତ କଲା ଯେ 7ଟି ଏଲ.ଏ ମାମଲାରେ 5ଟି ଉଦ୍ୟୋଗ ପାଇଁ 1041.13 ଏକର ଜମି ଅଧିଗ୍ରହଣ କ୍ଷେତ୍ରରେ, ଯଦିଓ ଆର.ଡି.ଏମ ବିଭାଗ ଜରୁରୀକାଳୀନ ବ୍ୟବସ୍ଥା ପ୍ରୟୋଗ କରି ନ ଥିଲା, ସଂପୃକ୍ତ ତିନୋଟି ଜିଲ୍ଲାପାଳ(ସୁନ୍ଦରଗଡ, ଯାଜପୁର ଓ ଝାରସୁଗୁଡା) ଧାରା 4 (1) ଅନୁଯାୟୀ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଅଧିସୂଚନା ପ୍ରକାଶ କଲାବେଳେ ଉଲ୍ଲେଖ କରିଥିଲେ ଯେ ଜରୁରୀକାଳୀନ ବ୍ୟବସ୍ଥାରେ ଜମି ଅଧିଗ୍ରହଣ କରାଯାଇଥିଲା ଏବଂ ଅଧିଗ୍ରହଣ ପାଇଁ ଏଲ.ଏ ଅଧିନିୟମର ଧାରା 5(A) ପ୍ରୟୋଗ କରାଯିବ ନାହିଁ ।

ବିଭାଗ ଦୃଢୀକରଣ କଲେ (ମେ 2013) ଯେ ଜରୁରୀକାଳୀନ ବ୍ୟବସ୍ଥାକୁ ତୃଟିପୂର୍ଣ୍ଣ ଭାବରେ ପ୍ରୟୋଗ କରାଯାଇଥିଲା । କିନ୍ତୁ ଦର୍ଶାଇଲେ ଯେ ଧାରା 4(1) ଅନୁଯାୟୀ ଅନ୍ୟ 2ଟି ଅଧିସୂଚନା ଯଥା ସରକାରୀ ଗେଜେଟ ଏବଂ ଖବରକାଗଜରେ ପ୍ରକାଶ କରାଯାଇଥିଲା, ଯଦ୍ଵାରା କି ଜମିହରା ମାନଙ୍କର ଅଭିଯୋଗ ଦାଖଲ କରିବାର ଅଧିକାରକୁ ହଟାଇ ଦିଆଯାଇ ନଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ସ୍ଥାନୀୟ ଅଞ୍ଚଳରେ ପ୍ରକାଶ କରାଯାଇଥିବା ସାର୍ବଜନୀକ ଅଧିସୂଚନା ସବୁଠାରୁ ସୁବିଧାଜନକ ଅଧିସୁଚନା ଅଟେ, ତେଣୁ ସେଥିରେ ତୃଟି ରହିବା ଉଚିତ ନୁହେଁ ।

### *2.1.7.3 ଜମି ମାଲିକମାନଙ୍କୁ ଆପତ୍ତି କରିବାର ସୁଯୋଗ ନ ଦେଇ ଘରୋଇ ଜମିର ଅଧିଗ୍ରହଣ*

ଏଲ.ଏ. ଅଧିନିୟମ 1894 ର ଧାରା 5(ଏ) ଅନୁସାରେ ଜମି ମାଲିକମାନଙ୍କୁ ଅଧିକାର ପ୍ରଦାନ କରାଯାଇଛି ଯେ ଅଧିନିୟମ ଖଣ୍ଡ 4(1) ଅନୁଯାୟୀ ପ୍ରକାଶ କରାଯାଇଥିବା ଅଧିସୁଚନାର ତାରିଖ ଠାରୁ 30 ଦିନ ମଧ୍ୟରେ ସେ ତାଙ୍କ ଜମି ଅଧିଗ୍ରହଣ ସମ୍ବନ୍ଧରେ ଆପତ୍ତି / ଅଭିଯୋଗ ଦାଖଲ କରିପାରିବେ । 4(1) ଅଧିସୂଚନାର ଗୋଟିଏ ନକଲ ଆଞ୍ଚଳିକ ସ୍ତରରେ ଜାରି କରାଯିବା ଏବଂ ସଂପୃକ୍ତ ଜମିହରା / ଗ୍ରାମବାସୀଙ୍କ ସ୍ଵୀକୃତି ଗ୍ରହଣ କରି ନଥିପତ୍ର ରଖାଯିବ । ଜିଲ୍ଲାପାଳ ତାଙ୍କ ସୁପାରିଶ ଏବଂ ଉକ୍ତ ଅଭିଯୋଗ ସମ୍ବନ୍ଧୀୟ କାର୍ଯ୍ୟବିଧିର ନଥିପତ୍ର ସମ୍ବଳିତ ଏକ ରିପୋର୍ଟ ସରକାରଙ୍କୁ ବିଚାର ପାଇଁ ପ୍ରଦାନ କରିବେ । ଦରକାର ମୁତାବକ ଉକ୍ତ ଅଧିଗ୍ରହଣ ଉପରେ ଆପତ୍ତି ଆହ୍ଵାନ କରି ଓ ପ୍ରସ୍ତାବିତ ଜମି ଅଧିଗ୍ରହଣର ସୂଚନା ଦେଇ ବ୍ୟକ୍ତିଗତ ବିଜ୍ଞପ୍ତି ଜାରି କରାଯିବା କଥା । ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ଅଭିଯୋଗର ବିଚାର କରି ଫଇସାଲା କରିବାକୁ ଆର.ଡି.ଏମ ବିଭାଗ ସଚିବ କ୍ଷମତା ପ୍ରାପ୍ତ ଥିଲେ ।

ତେବେ ବି ଏହା ପରିଲକ୍ଷିତ କରାଗଲା ଯେ 190 ଟି ନମୁନା ଯାଞ୍ଚ ମାମଲା ମଧ୍ୟରୁ 132 ଟି କ୍ଷେତ୍ରରେ 30 ଟି ଉଦ୍ୟୋଗ ପାଇଁ ଅଧିଗ୍ରହଣ କରାଯାଇଥିବା 9926.23 ଏକର ଘରୋଇ ଜମି (ଏଲ.ଏ ମୁଲ୍ୟ 751.02 କୋଟି ଟଙ୍କା) ଆଞ୍ଚଳିକ ସ୍ତରରେ ପ୍ରକାଶ କରାଯାଇଥିବା ଧାରା 4(1) ଅଧିସୂଚନାର ନକଲରେ ଜମି ହରାଇଥିବା ଲୋକମାନଙ୍କ ଠାରୁ ଧାରା 5 (A) ଅନୁଯାୟୀ ଅଭିଯୋଗ ଆହ୍ଵାନ କରିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା / ଧାରା ଉଲ୍ଲେଖ କରାଯାଇ ନଥିଲା । ନଥିପତ୍ରରେ ଏସବୁକୁ ବାଦ୍ ଦେବାର କାରଣ ଉଲ୍ଲେଖ ନଥିଲା । ଏହା ବ୍ୟତୀତ ଆଗରୁ

ଥିବା ବିଭାଗର କାର୍ଯ୍ୟନିର୍ବାହୀ ଅନୁଦେଶର ଦରକାର ମୁତାବକ, ପ୍ରଭାବିତ ଜମି ହରାମାନଙ୍କୁ ବ୍ୟକ୍ତିଗତ ଅଧିସୂଚନା ଜାରି କରାଯାଇ ନ ଥିଲା ।

ସମସ୍ତ ନଅଟି ବୁଝାମଣା ପତ୍ର ସଂପର୍କିତ 55ଟି ନମୁନା ଯାଞ୍ଚରୁ ସମୀକ୍ଷା ପରିଲକ୍ଷିତ କଲା ଯେ:

- 4ଟି ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ[8] ସଂପର୍କିତ 15ଟି ଏଲ.ଏ ମାମଲାରୁ 10 ଟି ମାମଲାରେ ଉର୍ବର ଜମି ମହଜୁଦ ଥିବା, ଅସଂପୂର୍ଣ୍ଣ କ୍ଷତିପୁରଣ, ନିୟୋଜନ ବ୍ୟବସ୍ଥାର ଅଭାବ ଇତ୍ୟାଦି ଆଧାରିତ ଜିଲ୍ଲାପାଳମାନଙ୍କର ଆପତ୍ତିଗୁଡିକୁ ବିଭାଗ ପ୍ରାପ୍ୟ କରିଥିଲା । ତେବେ ବି ଏହି ରିପୋର୍ଟ ଗୁଡିକ ସଚିବଙ୍କ ଦ୍ୱାରା ବିଚାରକୁ ନିଆଗଲା ନାହିଁ ଏବଂ ଏଲ.ଏ ଅଧିନିୟମର ଧାରା 6 ଅନୁଯାୟୀ ଜମିକୁ ସାର୍ବଜନିକ ଉଦ୍ଦେଶ୍ୟରେ ଘୋଷଣା କରାଯାଇଥିଲା ।
- ସାହାରା ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ୍ ସମ୍ପର୍କିତ ସାତୋଟି ଏଲଏ ମାମଲାରେ ଜମି ମାଲିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା 718 ଟି ଅଭିଯୋଗକୁ ବଲାଙ୍ଗିର ଜିଲ୍ଲାପାଳ ଫଇସଲା କରିଛନ୍ତି, ଯଦିଓ ଜମି ମାଲିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଫଏସଲା କରିବା ପାଇଁ ଆରଡିଏମ୍ ବିଭାଗ ସଚିବ କ୍ଷମତାପନ୍ନ ପ୍ରାଧିକାରୀ ଅଟନ୍ତି ।

ତେଣୁ ଏଲ.ଏ ଅଧିନିୟମ ଧାରା 5(A) ଅନୁଯାୟୀ ଜମି ହରା ଲୋକମାନଙ୍କୁ ଅଭିଯୋଗ ଦାଖଲ କରିବାକୁ ଜିଲ୍ଲାପାଳ/ ଆର୍.ଡି.ଏମ୍ ବିଭାଗ ଦ୍ୱାରା ଯଥୋଚିତ ସୁଯୋଗ ଦିଆଯାଇ ନଥିଲା ଏବଂ ସେମାନଙ୍କର ବୈଧାନିକ ଅଧିକାରୀରୁ ବଞ୍ଚିତ ହେଲେ । ପୁନଶ୍ଚ ଅଭିଯୋଗ ଯେଉଁଠାରେ ପ୍ରାପ୍ତ ହେଲା, ତାହା ମଧ୍ୟ ବିଭାଗ ଦ୍ୱାରା ବିଚାରକୁ ନିଆଗଲା ନାହିଁ ।

ଏହା ଜଣାପଡିବା ପରେ, ସରକାର ଉତ୍ତର ଦେଲେ(ଜୁଲାଇ 2013) ଯେ ଏଲ.ଏ ଅଧିନିୟମ ଧାରା 5(A) କୁ କଡାକଡି ଭାବରେ ପାଳନ କରିବା ପାଇଁ ସବୁ ଜିଲ୍ଲାପାଳମାନଙ୍କୁ ଅନୁଦେଶ ଦିଆଯାଇଛି (ଜୁନ୍ 2013) ଏବଂ ଧାରା 4(1) ଅନୁଯାୟୀ ଆଞ୍ଚଳିକ ସ୍ତରରେ ଜାରି କରାଯାଇଥିବା ଅଧିସୂଚନାରେ 30 ଦିନ ମଧ୍ୟରେ ଆପତ୍ତି କରିବାର ବ୍ୟବସ୍ଥା ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏହି ଉତ୍ତରଟି କୌଣସି କାର୍ଯ୍ୟାନୁଷ୍ଠାନକୁ ସିଦ୍ଧ କରି ପାରିବ ନାହିଁ, ଯାହାକି ଅଡିଟ୍ ଦ୍ୱାରା ଉପରେ ଉଦ୍ଧୃତ ମାମଲାଗୁଡିକରେ ନିଆଯାଇପାରିଥାନ୍ତା ।

### *2.1.7.4 ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଜାଗାର ଚିହ୍ନଟ*

ଉଦ୍ୟୋଗ କିମ୍ବା ସମବର୍ଗୀ ଉଦ୍ଦେଶ୍ୟରେ ଜମି ଚିହ୍ନଟ ପାଇଁ ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲ୍ୟୁସନ 2007ରେ ଗୋଟିଏ ବ୍ୟାପକ ଜମି ବ୍ୟବହାର ପଲିସି ଗଠନ କରିବାର ବ୍ୟବସ୍ଥା ଅଛି । କ୍ରମବଦ୍ଧ ଶିଳ୍ପ ବିକାଶ ପାଇଁ ସରକାରୀ ଜମିକୁ ଚିହ୍ନଟ କରିବା ପାଇଁ ଜମି ବ୍ୟାଙ୍କ୍ ପ୍ରତିଷ୍ଠା କରିବାର ମଧ୍ୟ ବ୍ୟବସ୍ଥା ଅଛି । ତେବେ ବି, ଜମି ବ୍ୟାଙ୍କର ପ୍ରତିଷ୍ଠା ନ ହୋଇ, ଉଦ୍ୟୋଗ ପ୍ରମୋଦକମାନଙ୍କୁ ଜାଗା ଚିହ୍ନଟ କରିବା ପାଇଁ ସୁଯୋଗ ଦିଆଗଲା । ଏହିପରି ପ୍ରମୋଦକମାନଙ୍କ ଦ୍ୱାରା ଜାଗା ଚିହ୍ନଟ ଅଧିଗ୍ରହଣ ପ୍ରକ୍ରିୟାକୁ ବିଳମ୍ବିତ କରିଥିଲା ।

2001 ରୁ 2012 ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା 89 ଟି ବୁଝାମଣା ପତ୍ର ମଧ୍ୟରୁ 70 ଟି ବୁଝାମଣା ପତ୍ରରେ ଉଦ୍ୟୋଗ ମାନଙ୍କ ଦ୍ୱାରା ଚିହ୍ନଟ ଜାଗାକୁ ସରକାର ପ୍ରଦାନ କରିବା ପାଇଁ ରାଜି ହେଲେ । ତେବେ ବି ସରକାରୀ ଜମି ଉପଲବ୍ଧ ଥିବା ଏବଂ ଉଦ୍ୟୋଗମାନଙ୍କ ଦ୍ୱାରା ଚିହ୍ନଟ ଜମିକୁ ଦେବା ପାଇଁ ଜମି ମାଲିକ ମାନଙ୍କର ଇଚ୍ଛୁକତା ସମ୍ବନ୍ଧରେ ସରକାରଙ୍କ ଦ୍ୱାରା କରାଯାଇଥିବା କୌଣସି ସର୍ଭେ / ନିର୍ଦ୍ଧାରଣର ଦସ୍ତାବିଜ ସମୀକ୍ଷାକୁ ଦେଇ ପାରିଲେ ନାହିଁ । ଏହି ସବୁ ଜାଗା ଗୁଡିକୁ ଉଦ୍ୟୋଗ ଉଦ୍ଦେଶ୍ୟରେ ଆବଣ୍ଟନ ହେତୁ କୃଷି ଜଳସେଚନ ଏବଂ ପରିବେଶ ଉପରେ ସାମ୍ଭାବ୍ୟ ପ୍ରଭାବକୁ ମଧ୍ୟ ନିର୍ଦ୍ଧାରଣ କରାଯାଇ ନଥିଲା ।

---

[8] ଟାଟା ପାୱାର ଲିମିଟେଡ୍:4, ଆର.ଏସ୍.ବି ଟ୍ରାନସମିସନ ଲିମିଟେଡ୍:1 କେଭିକେ ନିଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍:4, ଭିସା ପାୱାର ଲିମିଟେଡ୍:1

ଯେହେତୁ ଜାଗା ବଛାବଛି ଉଦ୍ୟୋଗ ଉପରେ ଛାଡି ଦିଆଗଲା, ଛଅଟି[9] ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ କ୍ଷେତ୍ରରେ ଜାଗା ପରିବର୍ତ୍ତନ କରାଯାଇଥିଲା । ଜାଗା ପରିବର୍ତ୍ତନ ପାଇଁ ଜମିର ପୁନଃ ଅଧିଗ୍ରହଣ ପାଇଁ ଉଦ୍ୟୋଗ ପ୍ରତିଷ୍ଠାରେ ବିଳମ୍ବ ହେଲା ପରିଣାମ ସ୍ୱରୁପ ଜମି ଅଧିଗ୍ରହଣ ପ୍ରକ୍ରିୟା ଆହୁରି ବିଳମ୍ବ ହେଲା ।

ଶିଳ୍ପ ବିଭାଗ ଉତ୍ତରରେ କହିଥିଲେ(ଫେବୃଆରୀ 2013) ଯେ ପ୍ରକଳ୍ପ ଗୁଡିକ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ପୂର୍ବରୁ କଞ୍ଚାମାଲ, ଜମି, ଭିତ୍ତିଭୂମିର ଉପଲବ୍ଧତା ବିଷୟରେ ସଂପୃକ୍ତ ବିଭାଗ / ସଂସ୍ଥାର ମତ ନିଆଯାଇଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଆର.ଡି.ଏମ୍ ବିଭାଗ ଯିଏକି ଜମି ଅଧିଗ୍ରହଣର ମୁଖ୍ୟ ସଂସ୍ଥା ଅଟେ, ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଏହା ଅଧିଗ୍ରହଣ ପୂର୍ବ କାମ ହୋଇଥିବାରୁ ଜମି ଅଧିଗ୍ରହଣ ଏବଂ ଜାଗା ଚିହ୍ନଟ ସହିତ ବିଭାଗ ଜଡିତ ନୁହେଁ । ଏହା ଏହି ସତ୍ୟତାର ସୂଚନା ଦେଉଅଛି ଯେ ଉଦ୍ୟୋଗଗୁଡିକ ଦ୍ୱାରା ଚିହ୍ନିତ ଦରକାରୀ ଜମି ନିର୍ଦ୍ଦିଷ୍ଟ ଜାଗା / ଗ୍ରାମରେ ଉପଲବ୍ଧ ଅଛି କି ନାହିଁ, ଏ ସମ୍ବନ୍ଧରେ ଆର.ଡି.ଏମ୍ ବିଭାଗର ପରାମର୍ଶ ନିଆଯାଇ ନଥିଲା ।

### *2.1.7.5 ଅଧିକ ଜମି ଅଧିଗ୍ରହଣ*

ଜମି ଅଧିଗ୍ରହଣ(ଉଦ୍ୟୋଗ) ନିୟମ 1963 ର ଧାରା 4 ଅନୁଯାୟୀ କମ୍ପାନୀ ଦ୍ୱାରା ଉପଯୁକ୍ତ ଅଞ୍ଚଳରେ ପ୍ରସ୍ତାବିତ ଅଧିଗ୍ରହଣ ପାଇଁ ଜମି ପାଇବାର ପୂର୍ଣ୍ଣ ପ୍ରୟାସ ପରେ ଏବଂ ଇଚ୍ଛୁକ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରି ତାଙ୍କୁ ଉପଯୁକ୍ତ ରାଶି ଦେୟ କରି କ୍ରୟ କରିବାର ଯୁକ୍ତି ଯୁକ୍ତ ପ୍ରଚେଷ୍ଟା ଏବଂ ଏହି ପ୍ରଚେଷ୍ଟା ବିଫଳ ହେବା ପରେ ଘରୋଇ ଜମି ଅଧିଗ୍ରହଣ ପାଇଁ ଉଦ୍ୟୋଗକୁ ଅନୁମତି ପ୍ରଦାନ କରିବା କଥା । ନିୟମ 4(2) ଅନୁଯାୟୀ ଜିଲ୍ଲାପାଳ ତଦନ୍ତ କରି ଗୋଟିଏ ରିପୋର୍ଟ ସରକାରଙ୍କ ନିକଟରେ ବିଚାର ପାଇଁ ଉପସ୍ଥାପନ କରନ୍ତି ।

ସମୀକ୍ଷା ପରିଲକ୍ଷିତ କଲା ଯେ ୪୨ ଟି ଉଦ୍ୟୋଗ ମଧ୍ୟରୁ ତିନୋଟି ଉଦ୍ୟୋଗ(ଏମ୍.ଜି.ଏମ୍ ଷ୍ଟିଲ୍ ଲିମିଟେଡ, ମନେଟ୍ ପାୱାର ଲିମିଟେଡ୍ ଏବଂ ମନେଟ୍ ପାୱାର ଏନର୍ଜି ଲିମିଟେଡ) ଜମି ମାଲିକ ମାନଙ୍କଠାରୁ 327.81 ଏକର ଜମି ସିଧାସଳଖ କ୍ରୟ କରିବା ବିଷୟରେ ଇଡକୋ / ଇପିକଲ୍ ଅବଗତ ଥାଇ ମଧ୍ୟ ଏହି ଶିଳ୍ପଗୁଡିକ ପାଇଁ ଚୂଡାନ୍ତ ଆବଶ୍ୟକୀୟ ଜମିରୁ ଏହାକୁ (1295 ଏକର) ଇପିକଲ୍ ବାଦ୍ ଦେଇ ନଥିଲେ ।

ଅଧିକନ୍ତୁ, ୪୨ଟି ନମୁନା ଯାଞ୍ଚ ମାମଲା ଗୁଡିକରେ, ଏପରିକି ଉଦ୍ୟୋଗମାନଙ୍କ ଦ୍ୱାରା ସିଧା ସଳଖ ଅଧିକୃତ  ଜମିର ମାତ୍ରା ଇପିକଲ୍ ତଥା ଇଡ୍‌କୋ ପାଖରେ ନାହିଁ । ଆର୍.ଡି.ଏମ୍ ବିଭାଗ ପାଖରୁ ଅବଗତି ସଂଗ୍ରହ କରିବା ପାଇଁ ସଂକ୍ରିୟା ଇପିକଲ / ଇଡ୍‌କୋ ପାଖରେ ନଥିଲା । ଆର୍.ଡି.ଏମ୍ ବିଭାଗ ଏବଂ ଇଡ୍‌କୋର ଅଧିକାରୀମାନଙ୍କ ସହିତ ଗୋଟିଏ ମିଳିତ ନିରୀକ୍ଷଣ ବେଳେ ସାତଟି[10] ଉଦ୍ୟୋଗ 1324.343 ଏକର ଜମି ସିଧାସଳଖ ଜମି ମାଲିକଙ୍କ ଠାରୁ କ୍ରୟ କରିଥିବା ସୂଚାଇ ଥିଲେ । ଏହା ସୂଚାଉଛି ଯେ ପ୍ରଶାସନ କିମ୍ବା ଆରଡିଏମ୍ ବିଭାଗର, ଉଦ୍ୟୋଗ ଗୁଡିକର ସ୍ୱ-ଅଧିକୃତ ଜମି ଉପରେ ଯଥୋଚିତ ନଜର ନଥିଲା । ଏହା ଫଳରେ କୃଷକ ମାନଙ୍କର କୃଷି ଉପଯୁକ୍ତ ଜମିର ଅଧିକ ଅଧିଗ୍ରହଣ ହେଲା । ଆରଡିଏମ୍ ବିଭାଗ ଦର୍ଶାଇଲା (ଏପ୍ରିଲ୍ 2013) ଯେ ଏହି ବିଷୟ ସମୀକ୍ଷାରେ ଜଣାପଡିବା ପରେ, ବିଭାଗ ଏହିପରି ମାମଲାଗୁଡିକୁ ସନ୍ଧାନ କରିବା ପାଇଁ ପଦକ୍ଷେପ ନେଇଛନ୍ତି ।

---

9 ଆଧୁନିକ ପାୱାର ଏଣ୍ଡ ନେଚୁରାଲ ରିସୋର୍ସେସ୍ ଲିମିଟେଡ, କେ.ଭି.କେ ନିଳାଞ୍ଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍, ଷ୍ଟେରଲାଇଟ୍ ଆଇରନ୍ ଏବଂ ଷ୍ଟିଲ୍ କମ୍ପାନୀ ଲିମିଟେଡ, ସ୍କ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ ବିଜୟ ଫେରୋ ଏବଂ ପାୱାର ପ୍ରାଇଭେଟ୍ ଲିମିଟେଡ ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍

10 ଇଣ୍ଡବାରାଥ(ଉତ୍କଳ) ଏନର୍ଜି ଲିମିଟେଡ: 466 ଏକର, ଲାନକୋ ଗ୍ରୁପ ଲିମିଟେଡ: 589.578 ଏକର, ଶିବା ସିମେଣ୍ଟ ଏଣ୍ଡ ଏନର୍ଜି ଲିମିଟେଡ–45.16 ଏକର, ସୁରେନ୍ଦ୍ର ମାଇନିଙ୍ଗ୍ (ପ୍ରା) ଲିମିଟେଡ:88.60 ଏକର, ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ: 29.02 ଏକର, ଆର୍ଯ୍ୟାନ୍ ଇସ୍ପାତ୍ ଏଣ୍ଡ ପାୱାର ଲିମିଟେଡ:31.11 ଏକର, ଏସାର ଷ୍ଟିଲ୍ ଲିମିଟେଡ, 74.875 ଏକର(କେଉଁଝର):47.875 ଏକର, ପାରାଦୀପ:27 ଏକର

### 2.1.7.6 ପୂର୍ବ ଯୋଜନା ମୁତାବକ ଅଧିଗ୍ରହଣ ହୋଇ ନଥିବା ଜମି

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବୁଝାମଣା ପତ୍ରରେ ଦୁଇ ପକ୍ଷର ଅର୍ଥାତ୍ ଶିଳ୍ପ ପ୍ରମୋଦକ ଏବଂ ରାଜ୍ୟ ସରକାରଙ୍କର ସହମତି ଥାଏ । ଅନ୍ୟ ରିହାତି ପ୍ରତିଶ୍ରୁତି ବ୍ୟତୀତ ରାଜ୍ୟ ସରକାର ରିହାତି ମୂଲ୍ୟରେ ସରକାରୀ ଜମି ଆବଣ୍ଟନ ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଉଦ୍ୟୋଗଗୁଡିକ ଦ୍ୱାରା ଦରକାର ଥିବା ଜମି ନିର୍ଦ୍ଧାରଣ ପାଇଁ ଇପିକଲ୍ ଭାରପ୍ରାପ୍ତ ଥାଏ ଏବଂ ଜମିକୁ ଆବଣ୍ଟନ ପାଇଁ ଇଡ୍‌କୋକୁ ସୁପାରିଶ କରେ ।

ସମୀକ୍ଷା ପରିଲକ୍ଷିତ କଲା ଯେ ପ୍ରତ୍ୟେକ ଉଦ୍ୟୋଗର ବିଭିନ୍ନ ଉପାଦାନ ଯଥା- ମୁଖ୍ୟ କାରଖାନା, ରେଳ ଲାଇନ୍, ସଂଲଗ୍ନ ରାସ୍ତା, ଜଳ ପାଇପ୍ ଲାଇନ୍, ସହରାଞ୍ଚଳ ପାଇଁ ଦରକାର ଥିବା ଜମିର ଅବବୋଧ ନିର୍ଦ୍ଧାରଣ ଇପିକଲ୍ କରି ନଥିଲେ ଏବଂ ଏହା ପରିବର୍ତ୍ତେ ବିଭିନ୍ନ ଉପାଦାନ ପାଇଁ ଦରକାର ଥିବା ଜମିକୁ ପୂର୍ବ ଯୋଜନା ମୁତାବକ ନିର୍ଦ୍ଧାରଣ କରି ନଥିଲେ, ଯେପରିକି ସଂପୃକ୍ତ ଉଦ୍ୟୋଗ ଗୁଡିକ ଦରଖାସ୍ତ କଲାବେଳେ ଯୋଜନା କରାଯାଇଥିଲା । ଏହାଫଳରେ 5 ଟି ଉଦ୍ୟୋଗ କ୍ଷେତ୍ରରେ ଯଦିଓ ମୁଖ୍ୟ କାରଖାନା ପାଇଁ ଜମି ହସ୍ତାନ୍ତର ସରିଥିଲା, ଅନ୍ୟ ଉପାଦାନ ପାଇଁ ଜମି ଅଧିଗ୍ରହଣ / ହସ୍ତାନ୍ତରଣ ପ୍ରକ୍ରିୟା ଏପର୍ଯ୍ୟନ୍ତ ଆରମ୍ଭ / ମାତ୍ରାତିରିକ୍ତ ସମୟ ସହ ଆରମ୍ଭ କରାଯାଇ ନଥିଲା, ଯାହାଫଳରେ ଉଦ୍ୟୋଗ ପ୍ରତିଷ୍ଠା ସଂପୂର୍ଣ୍ଣ ମାତ୍ରାରେ ବିଳମ୍ବ ହେଲା, ଯାହାକି ସାରଣୀ ମାଧ୍ୟମରେ ବର୍ଣ୍ଣନା କରାଗଲା ।

ସାରଣୀ **2.1.2** ପୂର୍ବ ଯୋଜନା ମୁତାବକ ହୋଇ ନଥିବା ଜମି ଅଧିଗ୍ରହଣ ପ୍ରସ୍ତାବର ଉପସ୍ଥାପନ

| କ୍ରମିକ ସଂଖ୍ୟା | ଉଦ୍ୟୋଗର ନାମ | ଆବଣ୍ଟିତ ଜମି | ଆବଣ୍ଟନର ଅବଧି | ଉପାଦାନ ଯାହାପାଇଁ କି ପୂର୍ବ ଯୋଜନା ମୁତାବକ ଜମି ନିର୍ଦ୍ଧାରଣ କରାଯାଇ ନଥିଲା |
|---|---|---|---|---|
| 1 | ଏମ୍.ଜି.ଏମ୍ ଷ୍ଟିଲ୍ସ ଲିମିଟେଡ | 62.860 | ନଭେମ୍ବର 2008 ରୁ ଅଗଷ୍ଟ 2010 | ମୁଖ୍ୟ କାରଖାନା- 116 ଏକର(ମେ-2007) ପାଣି ପାଇପ୍ ଲାଇନ୍-10 ଏକର(ଜୁନ୍-2010) |
| 2 | ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ | 600.695 | ଜୁଲାଇ 2006 ରୁ ଜୁଲାଇ 2008 | ମୁଖ୍ୟ କାରଖାନା- 600.695(ଜୁଲାଇ 2006) ସଂଲଗ୍ନ ରାସ୍ତା 23.083 ଏକର, ଓ ଜଳ ପାଇପ୍ ଲାଇନ୍ 18.082 ଏକର ପ୍ରସ୍ତାବ ରହିଛି (ମାର୍ଚ୍ଚ 2013)<br>ରେଳ ସାଇଡିଙ୍ଗ୍ 78.00 ଏକର ପ୍ରଶାସନିକ ଅନୁମୋଦନ ପାଇଁ ପ୍ରସ୍ତାବ ପଡି ରହିଛି |
| 3 | ଆଦିତ୍ୟ ଏଲୁମିନିୟମ ଲିମିଟେଡ୍, ରାୟଗଡା ଓ କୋରାପୁଟ | 1750.08 | ଡିସେମ୍ବର 2007 ରୁ ମାର୍ଚ୍ଚ 2009 | ମୁଖ୍ୟ କାରଖାନା-1750.08 ଏକର (ଡିସେମ୍ବର 2007 ରୁ ମାର୍ଚ୍ଚ 2009) ନାଲି କାଦୁଅ ପୋଖରୀ ଓ ପାଉଁସ ପୋଖରୀକୁ ସଂଯୋଗ କରୁଥିବା ଜମି : ଜମି ପାଇଁ ଆବେଦନ କରାଯାଇ ନାହିଁ (ମାର୍ଚ୍ଚ-2013) |
| 4 | ଜି.ଏମ୍ ଆର୍ ଏନର୍ଜି ଲିମିଟେଡ, ଢେଙ୍କାନାଳ | 836.410 | ଜାନୁଆରୀ 2009 ରୁ ଏପ୍ରିଲ୍ 2010 | ମୁଖ୍ୟ କାରଖାନା-836.410 ଏକର ଜମି ଆବଣ୍ଟିତ ହେଲା(ଏପ୍ରିଲ୍ 2010) । ସଂଲଗ୍ନ ରାସ୍ତା ଏବଂ ପାଣି ପାଇପ୍ ଲାଇନ୍ : ଅଧିଗ୍ରହଣ ଜାରି ଅଛି(ମାର୍ଚ୍ଚ 2013) |
| 5 | ଲାନକୋ ଗ୍ରୁପ୍ ଲିମିଟେଡ, ଢେଙ୍କାନାଳ | 6.280 | ମାର୍ଚ୍ଚ 2012 | ମୁଖ୍ୟ କାରଖାନା: 829.769 ଏକର, ପାଉଁଶ ପୋଖରୀ: 381.09 ଏକର: ପ୍ରଶାସନିକ ଅନୁମୋଦନ ପ୍ରାପ୍ୟ ହୋଇ ନାହିଁ ପାଉଁଶ ପୋଖରୀ 35.03 ଏକର(ଜାନୁୟାରୀ 2013), ଏହି ଜମି ପାଇଁ ପ୍ରମୋଟରଙ୍କ ଦ୍ୱାରା ବିଳମ୍ବରେ ଆବଦେନ କରାଯାଇଥିଲା । |

*(ଉତ୍ସ: ପ୍ରକଳ୍ପ ଗୁଡିକର ମିଳିତ ସରଜମିନ ନିରୀକ୍ଷଣ ଓ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ପାଞ୍ଚଟି ଉଦ୍ୟୋଗ ମଧ୍ୟରୁ, ଏମ୍.ଜି.ଏମ୍ ଷ୍ଟିଲ୍‌ସ ଲିମିଟେଡ୍ ଆଂଶିକ ଉତ୍ପାଦନ ଆରମ୍ଭ କରିସାରିଥିଲା, ବେଳକୁ ଦୁଇଟି ଉଦ୍ୟୋଗ(ଜିଏମ୍ଆର ଏନର୍ଜି ଏବଂ ଲାନକୋ ଗ୍ରୁପ ଲିମିଟେଡ) ମୁଖ୍ୟ କାରଖାନା ପ୍ରତିଷ୍ଠା ଆରମ୍ଭ କରିସାରିଥିଲେ(ଜାନୁଆରୀ 2013) । ମାର୍ଚ୍ଚ 2013 ପର୍ଯ୍ୟନ୍ତ ପାଉଁଶ ପୋଖରୀ, ପାଣି ପାଇପ୍ ଲାଇନ୍, ଲାଲ କାଦୁଅ ପୋଖରୀ, ସଂଲଗ୍ନ ରାସ୍ତା ରେଳ ସାଇଡିଙ୍ଗ୍ ଯାହାକି ଉଦ୍ୟୋଗର ବ୍ୟବସାୟିକ କର୍ମ ସମ୍ପାଦନ ପାଇଁ ନିହାତି ଆବଶ୍ୟକ ତାର

ପ୍ରତିଷ୍ଠା ଆରମ୍ଭ ହୋଇ ନଥିଲା ଯେହେତୁ ସେମାନେ ଅତିରିକ୍ତ ଜମି ଆବଣ୍ଟିତ ହେବା ପାଇଁ ଅପେକ୍ଷା କରିଥିଲେ । ବଳକା 2 ଟି ଉଦ୍ୟୋଗ କ୍ଷେତ୍ରରେ ମୁଖ୍ୟ କାରଖାନା ପ୍ରତିଷ୍ଠା ଆରମ୍ଭ ହୋଇନଥିଲା ।

ଏହା ଆବଶ୍ୟକୀୟ ଜମି ନିର୍ଦ୍ଧାରଣରେ ଇପିକଲର ଯଥୋଚିତ ତତ୍ପରତାର ଅଭାବକୁ ସୂଚିତ କରେ । ପୂର୍ବ ଯୋଜନା ମୁତାବକ ନିର୍ଦ୍ଧାରଣ ନ କରିବାରୁ ଅଧିଗ୍ରହଣରେ ବିଳମ୍ବ ହେବା ସଙ୍ଗେ ସଙ୍ଗେ ଉଦ୍ୟୋଗ ଉଦ୍ଦେଶ୍ୟରେ ଆବଣ୍ଟିତ ହୋଇ ସାରିଥିବା ଜମିର ବ୍ୟବହାରରେ ବିଳମ୍ବ ହେଲା । ଏହି ବିଷୟ ଉପରେ ଇପିକଲ୍ କିମ୍ବା ବିଭାଗ ଠାରୁ କୌଣସି ଉତ୍ତର ପ୍ରାପ୍ତ ହୋଇ ନଥିଲା (ସେପ୍ଟେମ୍ବର 2013) ।

### *2.1.7.7 ଉଦ୍ୟୋଗ ପାଇଁ କୃଷି ଉପଯୋଗୀ ଜମିର ଅଧିଗ୍ରହଣ*

କୃଷି ବିଭାଗ (କୃଷି ଅଙ୍ଗ)ର ମାର୍ଚ୍ଚ 2011 ସୁଦ୍ଧା ରିପୋର୍ଟରେ ଉଦ୍ୟୋଗ ପାଇଁ ଚାଷ ଜମି ଅଧିଗ୍ରହଣ ସଂପର୍କରେ ଉଲ୍ଲେଖ କରାଯାଇଥିଲା । ଘରୋଇ ଉଦ୍ୟୋଗ ପାଇଁ ଚାଷଜମି ଅଧିଗ୍ରହଣ କରାଯାଇଥିବା ସମସ୍ତ ମାମଲାରେ ଜମି ଅଧିଗ୍ରହଣ (ଉଦ୍ୟୋଗ) ନିୟମ 1963 ଅନୁଯାୟୀ ଜିଲ୍ଲା କୃଷି ଅଧିକାରୀଙ୍କ ପରାମର୍ଶ ନେବା ଆବଶ୍ୟକ ।

ସମୀକ୍ଷା ଅବଲୋକନ କଲା ଯେ ଆବଶ୍ୟକ ଥିଲେ ମଧ୍ୟ 37 ଟି ବୁଝାମଣା ପତ୍ର ଆଧାରିତ ଓ 54 ଟି ଅଣ ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ ପାଇଁ ଅଧିଗ୍ରହଣ କରାଯାଇଥିବା 29769.482 ଏକର ଘରୋଇ ଜମି କ୍ଷେତ୍ରରେ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜିଲ୍ଲା କୃଷି ଅଧିକାରୀଙ୍କ ପରାମର୍ଶ ନିଆଯାଇ ନ ଥିଲା । ଚାରୋଟି ନମୁନା ଯାଞ୍ଚ ଜିଲ୍ଲାରେ 47 ଟି ଜମି ଅଧିଗ୍ରହଣ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ଅଧିକୃତ 4210.419 ଏକର ଜମିରୁ 3816.223 ଏକର (91 ପ୍ରତିଶତ) ଜମି କୃଷି ଜମି ଥିଲା ।

ଉତ୍ତରରେ ଆର.ଡି.ଏମ୍ ବିଭାଗ ଦର୍ଶାଇଲେ (ଜୁଲାଇ 2013) ଯେ ଉଦ୍ୟୋଗ ପାଇଁ ଜଳ ସେଚିତ ଚାଷ ଜମି ଅଧିଗ୍ରହଣ କରାଯିବା କ୍ଷେତ୍ରରେ କୃଷି ବିଭାଗ ଠାରୁ ମଞ୍ଜୁରୀ ହାସଲ କରିବା ପାଇଁ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ(ଜୁନ୍ 2013) ।

### *2.1.7.8 ସେଚ ପ୍ରକଳ୍ପ ଅନ୍ତର୍ଗତ ଜଳ ସେଚିତ ଜମିର ଅଧିଗ୍ରହଣ*

ଆଇ.ପି.ଆର 2007ର ଅନୁଚ୍ଛେଦ 9.11 ଅନୁଯାୟୀ ଉଦ୍ୟୋଗମାନେ ସରକାରୀ / ଇଡ୍‌କୋ ଜମି ପାଇଁ ଦରଖାସ୍ତ କରିବାକୁ ଯୋଗ୍ୟ । ଘରୋଇ ଜମି ଅଧିଗ୍ରହଣ କ୍ଷେତ୍ରରେ, ଦୋହରା ଫସଲ ଜଳସେଚିତ ଜମିର ଅଧିଗ୍ରହଣ ନ କରିବାକୁ ସମସ୍ତ ଚେଷ୍ଟା କରାଯିବା ଆବଶ୍ୟକ ।

ସମୀକ୍ଷାରେ ନମୁନା ଯାଞ୍ଚରୁ ଜଣାଗଲା ଯେ ନିମ୍ନଲିଖିତ 3ଟି ଉଦ୍ୟୋଗ ପାଇଁ ଅଧିଗ୍ରହଣ ହୋଇଥିବା 2000.695 ଏକର ଚାଷ ଉପଯୋଗୀ ଜମି ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଟେ । ଏହା ଫଳରେ 2304.84 ଏକର ଜମି ନିଜର କୃଷି ସମ୍ଭାବନା ହରାଇଥିଲା ବୋଲି ଜଳ ସଂପଦ ବିଭାଗ ନିର୍ଦ୍ଧାରଣ କରିଥିଲେ ।

ସାରଣୀ **2.1.3** ଜଳ ସେଚନ ପ୍ରକଳ୍ପର ଆୟାକଟ ଅଞ୍ଚଳର ଅଧିଗ୍ରହଣ ଯୋଗୁଁ ଜଳସେଚନ ସମ୍ଭାବନାର କ୍ଷତିର ସ୍ଥିତି

| କ୍ରମିକ ସଂଖ୍ୟା | ଉଦ୍ୟୋଗର ନାମ | ଇଡ୍‌କୋ ଦ୍ୱାରା ଆବେଦିତ ଘରୋଇ ଜମି(ଏକରରେ) | ଇଡ୍‌କୋ ଦ୍ୱାରା ଆବଣ୍ଟିତ ଘରୋଇ ଜମି(ଏକରରେ) | ଡବ୍ଲୁ ଆର ବିଭାଗ ଦ୍ୱାରା ନିର୍ଦ୍ଧାରିତ ସେଚର ସାମ୍ଭାବ୍ୟ କ୍ଷତି(ଏକକରେ) |
|---|---|---|---|---|
| 1 | ଜି.ଏମ୍.ଆର ଏନର୍ଜି ଲିମିଟେଡ | 863.21 | 831.630 | 1136.644 |
| 2 | କେ.ଭି.କେ ନିଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ | 548.021 | 388.981 | 628.196 |
| 3 | ଟାଟା ପାୱାର କମ୍ପାନୀ ଲିମିଟେଡ | 788.412 | 780.084 | 540.00 |
| ମୋଟ | | **2199.643** | **2000.695** | **2304.84** |

*(ଉତ୍ସ: ଇଡ୍‌କୋ ଏବଂ ସଂପୃକ୍ତ ତହସିଲଦାରଙ୍କ ନଥିପତ୍ର ସମୀକ୍ଷା)*

ତେଣୁ ସେଚିତ ପ୍ରକଳ୍ପ ଅନ୍ତର୍ଗତ ସେଚିତ କ୍ଷେତ୍ରରେ ସେଚିତ ଜମି ଅଧିଗ୍ରହଣ ଯୋଗୁଁ କୃଷି ସମ୍ଭାବନାର ଗୁରୁତ୍ୱପୂର୍ଣ୍ଣ କ୍ଷତି ହେଲା ।

ସମୀକ୍ଷା ଅବଲୋକନ କଲା ଯେ ଜି.ଏମ.ଆର ଏନର୍ଜି ଲିମିଟେଡ୍ ପାଇଁ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପର ସେଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ବେଳେ ଜଳ ସେଚିତ ଜମିକୁ ଶିଳ୍ପ ଉଦ୍ଦେଶ୍ୟରେ ପରିବର୍ତ୍ତନ କରିବା ଦ୍ୱାରା ରାଜ୍ୟର ହିତ ସାଧନ ହେବ ନାହିଁ ବୋଲି ସଂପୃକ୍ତ ମୁଖ୍ୟଯନ୍ତ୍ରୀ ଦେଇଥିବା ମତକୁ ଜଳସଂପଦ ବିଭାଗ ଅଣଦେଖା କରିଥିଲା । ଏହାକୁ ଜଳସଂପଦ ବିଭାଗ ଦ୍ୱାରା ଅବହେଳା କରାଯାଇଥିଲା, ଯେକି ସମ ପରିମାଣରେ ଜଳସେଚନ ସମ୍ଭାବନା ସୃଷ୍ଟି ପାଇଁ ଉଠା ଜଳସେଚନ (ଏଲ.ଆଇ) ପ୍ରକଳ୍ପ ପ୍ରତିଷ୍ଠାର ଖର୍ଚ୍ଚପ୍ରଦାନ ବଦଳରେ ଏହି ଅଧିଗ୍ରହଣ ପାଇଁ ରାଜି ହୋଇଥିଲା ।

ସମୀକ୍ଷା ଅବଲୋକନ କଲା ଯେ - ଜି.ଏମ୍.ଆର ଏନର୍ଜି ଲିମିଟେଡ୍ କ୍ଷେତ୍ରରେ, ଯଦିଓ 3.02 କୋଟି ଟଙ୍କା ଜମା କରାଯାଇଥିଲା, ସମ୍ଭାବନା ସେଚିତ କ୍ଷେତ୍ର ତିଆରି କରାଯାଇ ନଥିଲା ଏବଂ କେ.ଭି.କେ ନୀଳାଚଳ ପାୱର ପ୍ରାଇଭେଟ୍ ଲିମିଟେଡ୍ କ୍ଷେତ୍ରରେ, କୌଣସି ରାଶି ଦାବୀ କରାଯାଇ ନଥିଲା । ଟାଟା ପାଓାର କଂପାନୀ ଲିମିଟେଡ୍ କ୍ଷେତ୍ରରେ ନିର୍ଦ୍ଧାରିତ 20ଟି ଏଲ.ଆଇ.ପି.(ଅଗଷ୍ଟ 2013) ମଧ୍ୟରୁ 17 ଟି ଏଲ.ଆଇ.ପି ପ୍ରତିଷ୍ଠା କରାଯାଇଥିଲା ।

ଏହା ଜଣା ପଡିବା ପରେ ,ଉଦ୍ୟୋଗ ପାଇଁ ଅଧିଗ୍ରହଣ କରିବାକୁ ଥିବା ସେଚିତ ଚାଷ ଉପଯୋଗୀ ଜମି ଅଧିଗ୍ରହଣ କ୍ଷେତ୍ରରେ ଡବ୍ଲୁ.ଆର ବିଭାଗ ଠାରୁ ନିକାଶ ହାସଲ କରିବାକୁ ସବୁ ଜିଲ୍ଲାପାଳଙ୍କୁ ଆର,ଡି.ଏମ୍ ବିଭାଗ ନିର୍ଦ୍ଦେଶ ଦେଇଥିଲେ (ଜୁନ୍ 2013) ।

### 2.1.7.9 କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କର ଆବାସିକ ଜମିକୁ ଉଦ୍ୟୋଗ ଉଦ୍ଦେଶ୍ୟରେ ଅଧିଗ୍ରହଣ

କଟକ ଜିଲ୍ଲାର କଟକ ଉନ୍ନୟନ ଯୋଜନା କ୍ଷେତ୍ର (ସି.ଡି.ପି.ଏ )ରେ 37ଟି ଗ୍ରାମ ଅନ୍ତର୍ଭୁକ୍ତ କରିବାକୁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧିସୂଚନା ଜାରି କରିଥିଲେ(ଜୁନ୍ 2013) । ସମୀକ୍ଷା ପରିଲକ୍ଷିତ କଲା ଯେ ଟାଟା ପାଓାର କଂପାନୀ ଲିମିଟେଡ୍‌କୁ (ଟି.ପି.ସି.ଏଲ) ଯିଏକି ସେପ୍ଟେମ୍ବର 2006 ରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲା, ୪71.427 ଏକର ଜମି ଉପରୋକ୍ତ 37ଟି ଗ୍ରାମ ମଧ୍ୟରୁ 4ଟି ଗ୍ରାମରେ ଆବଣ୍ଟିତ (ମେ 2010 ରୁ ଅଗଷ୍ଟ 2011) ହୋଇଥିଲା, ଯଦିଓ ଉକ୍ତ ଜମି ସି.ଡି.ପି.ଏର ଅନ୍ତର୍ଭୁକ୍ତ ବୋଲି ବହୁ ପୂର୍ବରୁ (ଜୁନ୍ 2003) ଅଧିସୂଚିତ ହୋଇସାରିଥିଲା । ଏହା ବ୍ୟତୀତ ସି.ଡି.ପି.ଏର ଅବବୋଧ୍ୟ ଉନ୍ନୟନ ଯୋଜନା 2012ରେ ଏହି ଚାରୋଟି ଗ୍ରାମରେ କୌଣସି ଶିଳ୍ପାଞ୍ଚଳ ନ ଥିଲା ଏବଂ ଅଧିକ ଜମି ଆବାସିକ ଅଞ୍ଚଳ ଅନ୍ତର୍ଗତ ଥିଲା । ତେଣୁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରାମର୍ଶ ନ ନେଇ, କଟକ ସହରର ଉନ୍ନୟନ ଯୋଜନା ପାଇଁ ଆବାସିକ ଉଦ୍ଦେଶ୍ୟରେ ଅଧିସୂଚିତ ହୋଇଥିବା ଜମିକୁ ଅନିୟମିତ ଭାବରେ ଗୋଟିଏ ଉଦ୍ୟୋଗକୁ ଆବଣ୍ଟିତ କରାଯାଇଥିଲା ।

ଏହା ଜଣାପଡିବା ପରେ ଆର.ଡି.ଏମ୍ ବିଭାଗ ଦର୍ଶାଇଲେ (ଜୁନ୍ 2013 ) ଯେ ଭବିଷ୍ୟତରେ ସହରାଞ୍ଚଳରେ ଉଦ୍ୟୋଗ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ବେଳେ ଏଚ.ଏଣ୍ଡ. ୟୁଡି ବିଭାଗର ମଞ୍ଜୁରୀ ନିଆଯିବ । ତେବେ ବି ବିଭାଗ ଉପରୋକ୍ତ ୪71.427 ଏକର ଜମିକୁ, ଯାହାକି ଉଦ୍ୟୋଗ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ, ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା ।

### 2.1.7.10 ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ

ଏଲ.ଏ ଅଧିନିୟମ ଧାରା 6(1) ଅନୁଯାୟୀ ସାର୍ବଜନୀକ ଉଦ୍ଦେଶ୍ୟରେ ଦରକାର ଜମି ସଂପର୍କରେ ଘୋଷଣା ପ୍ରକାଶ ହେବା ତାରିଖ ଠାରୁ ଦୁଇ ବର୍ଷ ମଧୟରେ କ୍ଷତି ପୂରଣ ରାଶି ପ୍ରଦାନ କରାଯିବ । ଅନ୍ୟଥା ଏଲ.ଏ ପ୍ରକ୍ରିୟା ସ୍ୱତଃ ସମାପ୍ତ ହୋଇଯିବ ଏବଂ ନୂତନ ଭାବେ ଆରମ୍ଭ କରାଯିବ । ଏହା ନିଶ୍ଚିତ କରିବ ଯେ - ଜମିହରା ମାନେ ବେଶୀକ୍ଷତିପୂରଣ ରାଶି ପାଇବେ । କାରଣ ନୁତନ ଅଧିନିୟମ ଅନୁଯାୟୀ ବର୍ତ୍ତମାନ ବଜାର ମୂଲ୍ୟକୁ ଆଧାର କରି କ୍ଷତିପୁରଣ ହିସାବ କରାଯିବ । ଏଲ.ଏ ମାମଲାର ତୁରନ୍ତ ସମାଧାନ କରିବା ପାଇଁ ସରକାର (ଆର.ଡି.ଏମ୍ ବିଭାଗ)

ଗୋଟିଏ ବର୍ଷରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶେଷ କରିବା ପାଇଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି (ଜୁଲାଇ 1959, ଜୁଲାଇ 1989 ଏବଂ ଫେବୃୟାରୀ 2000) । ଚାରୋଟି ଜିଲ୍ଲାରେ 55ଟି ଏଲ.ଏ ମାମଲାକୁ ସମୀକ୍ଷା ଯାଞ୍ଚ କରି ଦେଖିଲା ଯେ ;

- 7ଟି ଉଦ୍ୟୋଗ ସହିତ 47ଟି ଏଲ.ଏ ମାମଲା (85 ପତିଶତ ) ରେ – ଏଲ.ଏ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ଏକ ବର୍ଷରୁ ଅଧିକ ସମୟ ଲାଗିଥିଲା ଏବଂ ସରକାରୀ ନିର୍ଦ୍ଦେଶର ଅବମାନନା କରି ଏଲ.ଏ.ଓମାନେ ଏଲ.ଏ ପ୍ରକ୍ରିୟାକୁ ଶେଷ କରିବା ପାଇଁ ଏକ ବର୍ଷରୁ ଆଠ ବର୍ଷ ସମୟ ନେଇଥିଲା । ବିଭିନ୍ନ ସ୍ତରରେ ବିଳମ୍ବ ହେତୁ ନା କେବଳ ଉଦ୍ୟୋଗ ପ୍ରତିଷ୍ଠାର ବିଳମ୍ବ କଲା, ଏହା ଜମି ମାଲିକ ଏବଂ ଜନସାଧାରଣଙ୍କୁ ଅଭିଳକ୍ଷିତ ସୁବିଧାରୁ ମଧ୍ୟ ବଂଚିତ କଲା ।
- ଆଦିତ୍ୟ ଆଲୁମିନିୟମ ପାଇଁ 16.80 ଏକର ଜମି ଅଧିଗ୍ରହଣ ସଂପର୍କିତ 8ଟି ଏଲ.ଏ ମାମଲାରେ, କ୍ଷତିପୂରଣ ଦାବୀ କରିବା ପାଇଁ ଇଚ୍ଛୁକ ପ୍ରାର୍ଥିମାନଙ୍କୁ ଏଲ,ଏ ଅଧିନିୟମର ଧାରା 9 ଅନୁଯାୟୀ ଏଲ.ଏ ଓ ଅଧିସୂଚନା ଜାରି କରିବା କଥା । ଏହି ଅଧିସୂଚନା ଜୁନ 2012ରେ ଜାରି କରାଯାଇଥିଲା । ତେବେ ବି ସରକାର ଏହା ଦାବି କଲେ ଯେ କ୍ଷତିପୂରଣ ମେ 2012 ରେ ଦିଆଯାଇଥିଲା, ଯାହା ଧାରା 9 ଅନୁଯାୟୀ ଅଧିସୁଚନାର ପରେ ଦିଆଯାଇଥିଲା ଯାହା କି ଅନୁଜ୍ଞେୟ ନୁହେଁ ।

ଜିଲ୍ଲାପାଳ ଦର୍ଶାଇଥିଲେ(ମେ 2013) ଯେ ମେ 2012 ରେ କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ଏଲ.ଏ ଅଧିନିୟମର ଧାରା 9 ଅନୁଯାୟୀ କ୍ଷତିପୂରଣ ପ୍ରଦାନର ତଦନ୍ତ ବେଳେ କୌଣସି ବ୍ୟକ୍ତି ପହଞ୍ଚି ନଥିଲେ । ଉତ୍ତରଟି ଗ୍ରହନୀୟ ନ ଥିଲା ଯେହେତୁ ଏଲ.ଏ.ଓ. ସ୍ୱୀକାର କଲେ (ଜାନୁୟାରୀ 2013) ଯେ ଏଲ.ଏ ଅଧିନିୟମର ଧାରା 9 ର ବ୍ୟବସ୍ଥାକୁ ଅନୁପାଳନ ନ କରି କ୍ଷତିପୂରଣ ପ୍ରଦାନ କରାଯାଇପାରିବ ନାହିଁ । ତେଣୁ ଏହା ପଛ ତାରିଖରେ କ୍ଷତିପୂରଣ ପ୍ରଦାନର ଗୋଟିଏ ଦୃଷ୍ଟାନ୍ତ ଅଟେ । ଯାହାକି ଏଲ.ଏ ଅଧିନିୟମର ଉଲଂଘନ ଅଟେ । ଏହା ଫଳରେ ଉଦ୍ୟୋଗ ପ୍ରମୋଦକମାନେ ଅନୁଚିତ୍ ଅନୁକମ୍ପା ପାଇଥିଲେ ।

### *2.1.7.11 ବୁଝାମଣା ପତ୍ରର ବୈଧତା ସମାପ୍ତି ପରେ ଜମି ଅଧିଗ୍ରହଣ*

ସରକାରଙ୍କ ଦ୍ୱାରା ବିଭିନ୍ନ ଉଦ୍ୟୋଗ ଗୁଡିକ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟାନ୍ୱୟନର ଅଗ୍ରଗତି ହୋଇଥିଲେ, ବୁଝାମଣା ପତ୍ରର ବିଧିମାନ୍ୟ ଅବଧିକୁ ବୃଦ୍ଧି କରାଯାଇପାରିବ । ଯାଞ୍ଚ୍ କରାଯାଇଥିବା 89 ଟି ବୁଝାମଣା ପତ୍ର ମଧ୍ୟରୁ ସମୀକ୍ଷା ପରିଲକ୍ଷିତ କଲା ଯେ- ଗୋଟିଏ ମାମଲା(ପଲ୍ଲବୀ ପାୱାର ଏବଂ ମାଇନ୍ସ ଲିମିଟେଡ) ରେ ବୈଧତା ଅବଧି ଉଲ୍ଲେଖ ନ ଥିଲା ଏବଂ ବୈଧତା ଅବଧି ଉଲ୍ଲେଖ ଥିବା 71ଟି ମାମାଲରେ[11] ମାର୍ଚ୍ଚ 2012 ସୁଦ୍ଧା ଅବଧି ସମାପ୍ତ ହୋଇସାରିଥିଲା ।

ଏହି 71 ଟି ମାମଲାର ସମୀକ୍ଷା ଯାଞ୍ଚ୍ କଲାପରେ ଜଣାପଡିଲା ଯେ-ଟାଟା ପାୱାର କମ୍ପାନୀ ଲିମିଟେଡ୍ କ୍ଷେତ୍ରରେ ଯେଉଁଠି କି ବୁଝାମଣା ପତ୍ରର ଅବଧି ସୀମା ସରିଯାଇଥିଲା, ବୁଝାମଣା ପତ୍ରର ନବୀକରଣ ନ ହେବା ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ବନ୍ଦ କରିବାକୁ ଶକ୍ତି ବିଭାଗ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ(ମାର୍ଚ୍ଚ 2010) । ତେବେ ବି 10 ଟି ଉଦ୍ୟୋଗ[12] କ୍ଷେତ୍ରରେ ଏହିପରି କୌଣସି ପଦକ୍ଷେପ ନିଆଯାଇ ନଥିଲା ଏବଂ ବୁଝାମଣା ପତ୍ରର ଅବଧି ଶେଷ ହେବା ପରେ ମଧ 2162.417 ଏକର ଜମି ଆବଣ୍ଟନ କରାଯାଇଥିଲା ।

---

11 ଷ୍ଟିଲ୍ : 47 ଶକ୍ତି:19, ଆଲୁମିନିୟମ:1 ସିମେଣ୍ଟ: 1, ଅନ୍ୟାନ୍ୟ: 3

12 ଆକସନ୍ ଇସ୍ପାତ୍ ଏବଂ ପାୱାର ପ୍ରାଇଭେଟ୍ ଲିମିଟେଡ୍, ବ୍ରାହ୍ମଣୀ ରିଭର ପେଲେଟ୍ ଲିମିଟେଡ୍, ବ୍ରାଣ୍ଡ ଏଲଏଜ ଲିମିଟେଡ, କ୍ରାକର୍ସ ଇଣ୍ଡିଆ ଏଲଏଚ ଲିମିଟେଡ, କୋଣାର୍କ ଇସ୍ପାତ୍ ଲିମିଟେଡ୍, ସାହାରା ଇଣ୍ଡିଆ ପାୱାର କର୍ପୋରେସନ୍ ଲିମିଟେଡ୍, ଷ୍ଟେରଲାଇଟ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ, ଟାଟା ପାୱାର କମ୍ପାନୀ ଲିମିଟେଡ୍, ବେଦାନ୍ତ ଆଲୁମିନିୟମ ଲିମିଟେଡ୍, ଏବଂ ଭିସା ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍

ସମୀକ୍ଷାରେ ଏହା ସୂଚିତ ହେବା ପରେ(ଡିସେମ୍ବର 2012) ଇସ୍ପାତ୍ ଏବଂ ଖଣି ବିଭାଗ ଏବଂ ଶକ୍ତି ବିଭାଗ ଜଣାଇଲେ ଯେ ବୁଝାମଣା ପତ୍ରର ସଂପ୍ରସାରଣ ନିମନ୍ତେ ଏକ ବିସ୍ତାରିତ ମାର୍ଗଦର୍ଶିକା ପ୍ରଣୟନ(ଜାନୁଆରୀ ଏବଂ ମାର୍ଚ୍ଚ 2013) କରିଥିଲେ, ଯେଉଁଥିରେ ପୁଞ୍ଜିନିବେଶକାରୀ ମାନେ ବୁଝାମଣା ପତ୍ର ଅନୁସାରେ ସର୍ତ୍ତପୂରଣ କରିଛନ୍ତି କି ନାହିଁ, ତାହା ଉଲ୍ଲେଖ ଥିଲା । ତେବେ ବି ସତ୍ୟତା ଏହା ଥିଲା ଯେ ବୁଝାମଣା ପତ୍ରର ବୈଧତା ସମୟର ନବୀକରଣ ବିଳମ୍ବ ହେବା ଫଳରେ ଅନ୍ୟ ଦରଖାସ୍ତକାରୀମାନଙ୍କୁ ଜମି ଦିଆ ନ ହୋଇ ସେହି ଉଦ୍ୟୋଗ ଗୁଡିକ ପାଇଁ ରଖାଯାଇଥିଲା ।

### *2.1.7.12 କ୍ଷତିପୂରଣ ନିର୍ଦ୍ଧାରଣ*

ଏଲ୍.ଏ. ଅଧିନିୟମର ଧାରା 23 ତଥା ସରକାରଙ୍କ ନିର୍ଦ୍ଦେଶାବଳୀ (8 ଡିସେମ୍ବର 1971 ଏବଂ 16 ଏପ୍ରିଲ୍ 1980) ଅନୁଯାୟୀ କ୍ଷତିପୂରଣ ଦେୟ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ବେଳେ ଧାରା 4(1) ଅଧିନରେ ଅଧିସୂଚନା ପ୍ରକାଶ କରିବାକୁ ଏଲ.ଏ.ଓ ସଂପୃକ୍ତ ଗ୍ରାମ କିମ୍ବା ପାଖାପାଖି ଗ୍ରାମରେ ସମାନ୍ ତାରିଖରେ କିମ୍ବା ପାଖାପାଖି ତାରିଖରେ ଏକା ପ୍ରକାର ଜମିର ସର୍ବାଧିକ ବଜାର ମୂଲ୍ୟକୁ ବିଚାର କରିବେ, ଯଦି ନିର୍ଦ୍ଧାରଣର ଅନ୍ୟ ଆଧାର ପାଇଁ ବଳିଷ୍ଠ ଯୁକ୍ତିଯୁକ୍ତ ପରିସ୍ଥିତି ନଥିବ । ଏହା ବ୍ୟତୀତ ଆର୍.ଡି.ଏମ୍ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀ 72 ଅନୁଯାୟୀ, ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିକ୍ରି, ପଟ୍ଟାଦଲିଲ୍, ପୂର୍ବବର୍ତ୍ତୀ ଅଧିଗ୍ରହଣ ଇତ୍ୟାଦିକୁ ବିଚାରକୁ ନିଆଯିବ । ପୁନଶ୍ଚ ଜାନୁଆରୀ 2008 ର ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଜମିର ବଜାର ମୂଲ୍ୟ ଧାର୍ଯ୍ୟ ପାଇଁ ସ୍ଥିରୀକୃତ ମୂଲ୍ୟାୟନ ସର୍ବନିମ୍ନ ବୋଲି ବିଚାର୍ଯ୍ୟ । ରାଜସ୍ୱ ବିଭାଗ(ବୋର୍ଡ ଅଫ୍ ରେଭେନ୍ୟୁ) ଓଡିଶା ସ୍ପଷ୍ଟ କଲେ(ଅଗଷ୍ଟ 2010) ଯେ ଜମି ଖଜଣା ଏବଂ ସେସ୍ ହିସାବ କରିବା ପାଇଁ ବଜାର ମୂଲ୍ୟ, ରିହାତି ଆଇପିଆର ମୂଲ୍ୟ ଠାରୁ କମ୍ ହେବା ଉଚିତ୍ ନୁହେଁ ।

7ଟି ବୁଝାମଣା ପତ୍ର ଆଧାରିତ ଉଦ୍ୟୋଗ କ୍ଷେତ୍ରରେ 159.22 କୋଟି ମୂଲ୍ୟର 4210.419 ଏକର ଘରୋଇ ଜମି ମେ 2003 ଓ ମାର୍ଚ୍ଚ 2012 ମଧ୍ୟରେ ଅଧିଗ୍ରହଣ କରାଯାଇଥିଲା । ସଂପୃକ୍ତ ସବ୍-ରେଜିଷ୍ଟ୍ରାରଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡିଲା ଯେ ଛଅଟି ଉଦ୍ୟୋଗ[13] ***(ପରିଶିଷ୍ଟ-2.1.2)*** କ୍ଷେତ୍ରରେ 2546.249 ଏକର ଘରୋଇ ଜମିକୁ ଅଧିଗ୍ରହଣ କରାଯାଇଥିବା ସହିତ 55 ଟି ନମୁନା ଯାଞ୍ଚ୍ ଏଲ.ଏ.ମାମଲା ମଧ୍ୟରୁ 33ଟି ଏଲ.ଏ ମାମଲାରେ 55.05 କୋଟି ଟଙ୍କାର କମ୍ କ୍ଷତିପୂରଣ ଏଲ.ଏ.ଓ ମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲା । ସଂପୃକ୍ତ ସବ୍ ରେଜିଷ୍ଟରଙ୍କ ରେଜିଷ୍ଟ୍ରୀକୃତ ଅଧିକ ବିକ୍ରି ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଜମିର ବଜାର ମୂଲ୍ୟ ସ୍ଥିରୀକରଣ ଫଳରେ ଏହିପରି ହେଲା ଯାହାକି ନିମ୍ନରେ ବର୍ଣ୍ଣନା କରାଗଲା ।

- ଆଦିତ୍ୟ ଏଲୁମିନିୟମ ଲିମିଟେଡ୍ ସମ୍ପର୍କିତ ଛଅଟି ଏଲ.ଏ ମାମାଲରେ ଆରଡିଏମ୍ ବିଭାଗ ଯୁଗ୍ମ ସଚିବ ରାୟଗଡା ଏବଂ କୋରାପୁଟରେ ଜମି ଅଧିଗ୍ରହଣ, ସମ୍ବଲପୁର ଜିଲ୍ଲାରେ ଜମି ଅଧିଗ୍ରହଣର ବଜାର ମୂଲ୍ୟକୁ (35.69 କୋଟି) ବିଚାର କରି ନିର୍ଦ୍ଧାରଣ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯଦିଓ କୋରାପୁଟ ଜିଲ୍ଲାପାଳ ଏହାକୁ ଅସାଧ ଓ ଅବାସ୍ତବ ବୋଲି କହିଲେ । ସଂପୃକ୍ତ ସବ୍‌ରେଜିଷ୍ଟର କାର୍ଯ୍ୟାଳୟରେ ଲଭ୍ୟ ଥିବା ଏହି ଦୁଇଟି ଜିଲ୍ଲାର ସଂପୃକ୍ତ / ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସର୍ବାଧିକ କ୍ରୟ ପରିସଂଖ୍ୟାନ ଅନୁସାରେ ଜମି ମୂଲ୍ୟ 49.63 କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ।
- ଦୁଇଟି ଉଦ୍ୟୋଗ ଯଥା- ଟାଟା ପାୱାର ଲିମିଟେଡ୍ ଏବଂ ସାହାରା ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ୍ ସମ୍ପର୍କିତ 13 ଟି ଏଲ.ଏ. ମାମଲାରେ, ସଂପୃକ୍ତ ସବ୍ ରେଜିଷ୍ଟ୍ରରଙ୍କ ପାଖରେ ଉପଲବ୍ଧ ସଂପୃକ୍ତ / ପାର୍ଶ୍ୱବର୍ତ୍ତୀ ଗ୍ରାମର ସର୍ବାଧିକ କ୍ରୟ ପରିସଂଖ୍ୟାନକୁ ବିଚାରକୁ ନିଆ ନଯିବାରୁ ସ୍ଥିରୀକୃତ ମୂଲ୍ୟାୟନ 36.10 କୋଟି ବଦଳରେ 11.07 କୋଟି ଏଲ.ଏ.ଓ ଧାର୍ଯ୍ୟ କରିଥିଲେ ।

---

[13] ଆଦିତ୍ୟ ଏଲୁମିନିୟମ ଲିମିଟେଡ୍, କୋରାପୁଟ / ରାୟଗଡା: 13.94 କୋଟି, କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ : 7.29 କୋଟି, ଆଇଏସ ବି ଟ୍ରାସେମିଶନ ପ୍ରାଇଭେଟ୍ ଲିମିଟେଡ୍ 3.48 କୋଟି, ସାହାରା ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ. 21.74 କୋଟି, ଟାଟା ପାୱାର କମ୍ପାନୀ ଲିମିଟେଡ୍ :3.29 କୋଟି ଏବଂ ଭିସା ପାୱାର ଲିମିଟେଡ୍ : 5.31 କୋଟି

- ତିନୋଟି ଉଦ୍ୟୋଗ ଯଥା ଭିସା ପାୱାର ଲିମିଟେଡ୍, କେଭିକେ ନିଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆରଏସବି ଟ୍ରାସେମିଶନ ଲିମିଟେଡ୍ ସମ୍ପର୍କିତ 14 ଟି ଏଲଏ ମାମଲାରେ, 7.54 କୋଟି ଟଙ୍କା କ୍ଷତିପୂରଣ ରାଶି ଏଲ.ଏ ଓ ନିର୍ଦ୍ଧାରଣ କରିଥିଲେ ଯାହାକି ଆଇପିଆରର ରିହାତି ମୂଲ୍ୟ ଅନୁସାରେ ଧାର୍ଯ୍ୟ ରାଶି(23.62 କୋଟି) ଠାରୁ ଯଥେଷ୍ଟ କମ୍ ଥିଲା ।

ଏହା ବ୍ୟତୀତ, ଏଲ.ଏ ଅଧିନିୟମର ଧାରା 50(1) ଅନୁଯାୟୀ ଉପରୋକ୍ତ 33 ଟି ଏଲ୍.ଏ. ମାମଲାରେ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ ଅବ-ନିର୍ଦ୍ଧାରଣ କ୍ଷତିପୂରଣର 10 ପ୍ରତିଶତ ହିସାବରେ 5.50 କୋଟି ଟଙ୍କା ଆଦାୟ କରାଯାଇ ପାରି ନଥିଲା ।

ଆରଡିଏମ୍ ବିଭାଗ ଉତ୍ତର ଦେଲେ(ଜୁଲାଇ 2013) ଯେ ସବୁ ଜିଲ୍ଲାପାଳଙ୍କୁ ସର୍ବାଧିକ ବିକ୍ରି ପରିସଂଖ୍ୟାନକୁ ବିଚାରକୁ ନେବା ପାଇଁ ଏବଂ କମ୍ ନିର୍ଦ୍ଧାରଣକୁ ଦୂର କରିବା ପାଇଁ ସବୁ ପ୍ରକାର ଯତ୍ନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା(ଜୁନ୍ 2013) । ରାୟଗଡା ଜିଲ୍ଲାପାଳ ଉକ୍ତ କମ୍ ନିର୍ଦ୍ଧାରଣ କ୍ଷତିପୂରଣ ପାଇଁ ଇଡ୍‌କୋ ନିକଟରେ 1.38 କୋଟି ଟଙ୍କାର ଅତିରିକ୍ତ ଦାବି ଉପସ୍ଥାପନା କରିଥିଲେ(ଫେବୃଆରୀ 2013) ଏବଂ ଇଡ୍‌କୋର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଇଅଛି(ଅଗଷ୍ଟ 2013) ।

### *2.1.7.13 ଅତିରିକ୍ତ କ୍ଷତିପୂରଣର କମ୍ ନିର୍ଦ୍ଧାରଣ*

ଏଲ.ଏ ଅଧିନିୟମର ଧାରା 23 (1A) ଅନୁଯାୟୀ, ଧାରା 4(1) ଅନୁସାରେ ଅଧିସୂଚନା ପ୍ରକାଶନର ତାରିଖଠାରୁ କ୍ଷତିପୂରଣ ପ୍ରଦାନର ତାରିଖ କିମ୍ବା ଜମି ଦଖଲର ତାରିଖ, ଯେଉଁଟି ପ୍ରଥମେ ହୋଇଥିବ, ମଧ୍ୟରେ ଜମିର ବଜାର ମୂଲ୍ୟର ବାର୍ଷିକ 12 ପ୍ରତିଶତ ହିସାବରେ ଅତିରିକ୍ତ କ୍ଷତିପୂରଣ ଜମି ହରେଇ ଥିବା ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯିବା କଥା ।

55 ଟି ଏଲ.ଏ ମାମଲାକୁ ସମୀକ୍ଷା ଯାଞ୍ଚ କଲା ଏବଂ ତିନୋଟି ଉଦ୍ୟୋଗ ପାଇଁ ଜମି ଅଧିଗ୍ରହଣ ସମ୍ବନ୍ଧିତ 15 ଟି ମାମଲାରେ ଅବଲୋକନ କଲା ଯେ- ଯଦିଓ ଅତିରିକ୍ତ କ୍ଷତିପୂରଣ 14 ରୁ 30 ମାସ ମଧ୍ୟରେ ( ପ୍ରତ୍ୟେକ ଏଲ.ଏ ମାମଲାରେ କ୍ଷତିପୂରଣ ଦେୟର ପ୍ରଥମ ତାରିଖକୁ ବିଚାରକୁ ନିଆଯାଇଛି) ଦିଆଯାଇଥିଲା, ଏହା 12 ମାସ ପାଇଁ ଏଲ.ଏ ଓ ମାନଙ୍କ ଦ୍ୱାରା ଭୁଲରେ ଦିଆଯାଇଥିଲା ଯାହା ଫଳରେ ଜମି ମାଲିକମାନଙ୍କୁ ଅତିରିକ୍ତ କ୍ଷତିପୂରଣ ବାବଦରେ 11.26 କୋଟି ଟଙ୍କା[14] କମ୍ ଦିଆଗଲା ।

ଉତ୍ତରରେ ରାୟଗଡା ଓ କୋରାପୁଟର ଜିଲ୍ଲାପାଳମାନେ ଅତିରିକ୍ତ କ୍ଷତି ପୂରଣର କମ୍ ନିର୍ଦ୍ଧାରଣକୁ ଗ୍ରହଣ କରିଥିଲେ(ନଭେମ୍ବର 2012) ଏବଂ ରାୟଗଡା ଜିଲ୍ଲାପାଳ ଜମି ମାଲିକମାନଙ୍କୁ ପ୍ରଦାନ କରିବାକୁ ଇଡ୍‌କୋ ନିକଟରେ 5 କୋଟି ଟଙ୍କାର ଦାବୀ ଉପସ୍ଥାପନ କରିଥିଲେ(ଫେବୃଆରୀ 2013) । ଉକ୍ତ ବିଷୟକୁ ଯାଞ୍ଚ କରିବାକୁ କଟକ ଜିଲ୍ଲାପାଳ ଆଶ୍ୱାସନା ଦେଇଥିଲେ । ଇଡ୍‌କୋର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଇଥିଲା(ଅଗଷ୍ଟ 2013) ।

### *2.1.7.14 ପ୍ରଶାସନିକ / ପ୍ରତିଷ୍ଠାନ ଦେୟର ବାଜ୍ୟାପ୍ତି*

ଆରଡିଏମ୍ ବିଭାଗର ନିର୍ଦ୍ଦେଶାବଳୀ (ଜୁନ୍ 1999) ଏବଂ ଇଡ୍‌କୋର ନିଷ୍ପତ୍ତି (ଅକ୍ଟୋବର 2005) ଅନୁଯାୟୀ ପ୍ରମୋଦକମାନଙ୍କ ଅନୁରୋଧ କ୍ରମେ ସ୍ଥାନ ପରିବର୍ତ୍ତନ କିମ୍ବା ଅନ୍ୟ କାରଣ ଯୋଗୁଁ ଏଲ.ଏ କାର୍ଯ୍ୟବିଧି ଏବଂ ନିଲାମ ପ୍ରସ୍ତାବର ପ୍ରତ୍ୟାହାର କ୍ଷେତ୍ରରେ ଆରଡିଏମ୍ ବିଭାଗର ପ୍ରତିଷ୍ଠାନ ଖର୍ଚ୍ଚ/ ଇଡ୍‌କୋର ପ୍ରଶାସନିକ ଚାର୍ଜର ଶୂନରୁ 100 ପ୍ରତିଶତ ପର୍ଯ୍ୟନ୍ତ ରାଶି ପ୍ରତ୍ୟାହାର ସ୍ତର ଅନୁଯାୟୀ ଇଡ୍‌କୋ ଏବଂ ସରକାରଙ୍କ ଦ୍ୱାରା ରଖାଯିବା କଥା । ଏହା ବ୍ୟତୀତ

14 ଟାଟା ପାୱାର ଲିମିଟେଡ୍, କଟକ 4 ଟି ମାମଲା(6.83 କୋଟି), ଭିସା ପାୱାର ଲିମିଟେଡ୍, କଟକ-3 ଟି ମାମଲା (0.35 କୋଟି), ଆଦିତ୍ୟ ଏଲୁମିନିୟମ, କୋରାପୁଟ/ ରାୟଗଡା: 8ଟି ମାମଲା(4.08 କୋଟି)

ବରାଦୀ ଅଧିକାରୀ(ଇଡ୍‌କୋ) ଙ୍କ ସଂପୃକ୍ତି ନ ଥାଇ ଏଲ.ଏ କାର୍ଯ୍ୟବିଧିର ରଦ୍ଦକରଣ କ୍ଷେତ୍ରରେ, ପ୍ରତିଷ୍ଠାନ ଖର୍ଚ୍ଚ / ପ୍ରଶାସନିକ ଚାର୍ଜର 10 ପ୍ରତିଶତରୁ 20 ପ୍ରତିଶତ ଏଲ.ଏ. ଓ / ଇଡ୍‌କୋ ଦ୍ୱାରା ବାଜ୍ୟାପ୍ତି ହେବା ଦରକାର ।

ସମୀକ୍ଷା ପରିଲକ୍ଷିତ କଲା ଯେ ପ୍ରମୋଦକମାନଙ୍କ ଅନୁରୋଧ କ୍ରମେ, 5 ଟି ଉଦ୍ୟୋଗ[15] କ୍ଷେତ୍ରରେ ସ୍ଥଳ ପରିବର୍ତ୍ତନ, ପ୍ରସ୍ତାବିତ ଜମି ସେଚନ ପ୍ରକଳ୍ପର ସେଚିତ କ୍ଷେତ୍ରରେ ଥିବା ଇତ୍ୟାଦି ପାଇଁ ଇଡ୍‌କୋ 3565.585 ଏକର ଜମିର ଅଧିଗ୍ରହଣ / ଆବଣ୍ଟନ ପ୍ରସ୍ତାବକୁ ପ୍ରତ୍ୟାହାର କଲା । ତେବେ ବି, ଇଡ୍‌କୋର ପ୍ରଶାସନିକ ଚାର୍ଜ ଏବଂ ସରକାରଙ୍କର ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ 16.09 କୋଟି ଟଙ୍କା ଇଡ୍‌କୋ ଦ୍ୱାରା ବାଜ୍ୟାପ୍ତି ହେଲା ନାହିଁ । ତଦ୍ୱାରା ସଂପୃକ୍ତ ପ୍ରମୋଦକମାନଙ୍କୁ ସମପରିମାଣର ଅନୁଗ୍ରହ ଦିଆଯାଇଥିଲା ।

ଉତ୍ତରରେ ଇଡ୍‌କୋ ଦର୍ଶାଇଲେ ଯେ ପ୍ରମୋଦକମାନଙ୍କ ଦ୍ୱାରା ପଇଠ କରାଯାଇଥିବା ପ୍ରଶାସନିକ ଖର୍ଚ୍ଚ ଇଡ୍‌କୋ ନିକଟରେ ଉପଲବ୍ଧ ଏବଂ ଏହାକୁ ଖୁବ୍ ଶୀଘ୍ର ବ୍ୟଜ୍ୟାପ୍ତି କରାଯିବ । ଏ ଦିଗରେ ପଦକ୍ଷେପ ପ୍ରତୀକ୍ଷାରେ ରହିଅଛି (ମାର୍ଚ୍ଚ 2013) ।

## 2.1.8 ଜମି ଆବଣ୍ଟନ

**"ଲ୍ୟାଣ୍ଡ ବ୍ୟାଙ୍କ୍ ସ୍କିମ୍"** ଜରିଆରେ ଜମି ବ୍ୟବସ୍ଥା କରି ଉଦ୍ୟୋଗରେ ପୁଞ୍ଜିଲଗାଣକୁ ବୃଦ୍ଧି କରିବା ପାଇଁ ଗୋଟିଏ ବାଣିଜ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଏବଂ ସରକାରୀ ଜମିକୁ ବହୁଳ ରିହାତି ଦରରେ ଉଦ୍ୟୋଗ ଉଦ୍ଦେଶ୍ୟରେ ଆବଣ୍ଟନ କରିବା ପାଇଁ ରାଜ୍ୟ ସରକାର ଶିଳ୍ପ ବିଭାଗରେ ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲୁସନ(ଆଇପିଆର)2001 ଗଠନ କରାଗଲା ଯାହାକି ଆଇ.ପିଆର 2007 ରେ ପୁନରୀକ୍ଷଣ ହେଲା । ଓଆଇଆଇଡିସି ଅଧିନିୟମ 1980 ର ଧାରା 59 ଅନୁବନ୍ଧ କରେ ଯେ ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନକୁ ଆଧାର କରି, ଇଡ୍‌କୋ ଅଧିନିୟମର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ସେଥିରେ ଥିବା ଧାରା ନିୟମ ଅନୁଯାୟୀ ନିୟମ ତିଆରି କରିବ ଯଦ୍ୱାରା ଇଡ୍‌କୋ ଜମି, ଘରର ଫଇସଲା କରିବ । ମାର୍ଚ୍ଚ 2012 ସୁଦ୍ଧା, 106 ଟି ଉଦ୍ୟୋଗ(ବୁଝାମଣା ପତ୍ର ଆଧାରିତ 52 ଏବଂ ଅଣ-ବୁଝାମଣା ପତ୍ର ଆଧାରିତ 54) କୁ 46732.894 ଏକର ଜମି ଆବଣ୍ଟନ କରାଗଲା ଯେଉଁଥିରେ 16963.412 ଏକର[16] ସରକାରୀ ଜମି ଅନ୍ତର୍ଭୁକ୍ତ । 3653 ଟି କ୍ଷୁଦ୍ର ଶିଳ୍ପକୁ ଶିଳ୍ପାଞ୍ଚଳରେ ଇଡ୍‌କୋ 4426.380 ଏକର ଜମି ଆବଣ୍ଟନ କଲା । 33 ବର୍ଷ ବିତିଯାଇଥିଲେ ମଧ୍ଯ ଇଡ୍‌କୋ କୌଣସି ନିୟମ ତିଆରି ନ କରି ଜମି ଅଧିଗ୍ରହଣ କରୁଛି ଏବଂ ଏହାକୁ ଆବଣ୍ଟନ କରୁଛି । ଏହା ଜଣାପଡିବା ପରେ, ଇଡ୍‌କୋ ଦର୍ଶାଇଲା( ଅକ୍ଟୋବର 2013) ଯେ ସରକାରଙ୍କ ଅନୁମୋଦନ ପାଇଁ ନିୟମ ଚିଠା ପ୍ରସ୍ତୁତ ପ୍ରକ୍ରିୟା ଜାରି ଅଛି ।

ବିସ୍ତୃତ ନିୟମାବଳୀ ନଥିବାରୁ, ଇଡ୍‌କୋ ଦ୍ୱାରା ଆବଣ୍ଟନ ପଦ୍ଧତିରେ ଅଡିଟ୍ ପରିଲକ୍ଷିତ କରିଥିବା କେତେକ ଅନିୟମିତତା ପରବର୍ତ୍ତୀ ପରିଚ୍ଛଦଗୁଡିକରେ ଆଲୋଚନା କରାଗଲା ।

### *2.1.8.1 ଜମିର ନିର୍ଦ୍ଧାରଣ ଏବଂ ପ୍ରତିଶ୍ରୁତି*

2001-12 ରେ 89 ଟି ବୁଝାମଣା ଆଧାରିତ ଶିଳ୍ପକୁ 86732.68 ଏକର ଜମି ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ । ମାର୍ଚ୍ଚ 2012 ସୁଦ୍ଧା ମାତ୍ର ଦୁଇଟି ଶିଳ୍ପକୁ ପ୍ରତିଶ୍ରୁତି ଦିଆ ଯାଇଥିବା 100 ପ୍ରତିଶତ ଜମି ପ୍ରଦାନ କରା ଯାଇଥିଲା । 22 ଟି ଶିଳ୍ପକୁ 50 ପ୍ରତିଶତରୁ ଅଧିକ ଜମି ପ୍ରଦାନ କରାଯାଇଥିଲା ଏବଂ 28 ଟି ଶିଳ୍ପକୁ 50 ପ୍ରତିଶତରୁ କମ୍ ଜମି ପ୍ରଦାନ କରାଯାଇଥିଲା । ପୁନଶ୍ଚ 37 ଟି ଶିଳ୍ପକୁ କୌଣସି ଜମି ପ୍ରଦାନ କରାଯାଇ ନଥିଲା । ଅଞ୍ଚଳର ପରିବର୍ତ୍ତନ, ଜମି ଅଧିଗ୍ରହଣର ବିଳମ୍ବ, ଜଙ୍ଗଲ ମଞ୍ଜୁରୀ, ଜନସାଧାରଣଙ୍କ ପ୍ରତିରୋଧ, ଅଦାଲତ ମାମଲା ଇତ୍ୟାଦି ଯୋଗୁଁ ଏହି ଅସୁବିଧା ଉପୁଜିଥିଲା । ମାର୍ଚ୍ଚ 2013 ସୁଦ୍ଧା ଦୁଇଟି ଶିଳ୍ପ ପୂର୍ଣ୍ଣ ଉତ୍ପାଦନ ଆରମ୍ଭ କରିଥିଲା ବେଳେ 27 ଟି ଶିଳ୍ପ ଆଂଶିକ ଉତ୍ପାଦନ

---

15 ଏମ୍.ଜି.ଏମ୍ ଷ୍ଟିଲ୍ସ ଲିମିଟେଡ: 0.02 କୋଟି, ଷ୍ଟେରଲାଇଟ୍ ଆଇରନ୍ ଏଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ, 15.77 କୋଟି, ଟାଟା ପାୱାର କମ୍ପାନୀ ଲିମିଟେଡ୍, 0.09 କୋଟି, ପଟ୍ଟନାୟକ ଷ୍ଟିଲ୍ ଏଣ୍ଡ ଏଲ.ଏଜ ଲିମିଟେଡ୍: 0.03 କୋଟି, ମହାନଦୀ ଆବାନ ପାୱାର ଲିମିଟେଡ୍ :0.18 କୋଟି

16 ବୁଝାମଣା ପତ୍ର ଆଧାରିତ : 10104.363 ଏକର ଅଣ ବୁଝାମଣା ପତ୍ର ଆଧାରିତ : 6859.049 ଏକର

ଆରମ୍ଭ କରିଥିଲେ । ଅର୍ଥାତ୍ ଶିଳ୍ପ ପାଇଁ ଜମି ପ୍ରଦାନ ଦ୍ୱାରା ଶିଳ୍ପ ବିକାଶ ହାସଲ କରିବାର ଉଦ୍ଦେଶ୍ୟ ପରିପୂର୍ଣ୍ଣ ହୋଇପାରି ନଥିଲା ।

### 2.1.8.2 ଲ୍ୟାଣ୍ଡ୍ ବ୍ୟାଙ୍କ୍ ସ୍କିମର କାର୍ଯ୍ୟାନ୍ୱୟନ ନ ହେବା

ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲୁସନ 2007 ର ଆବଶ୍ୟକତା ଅନୁଯାୟୀ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଆଇ.ପି.ଆର 2001ରେ ଘୋଷିତ "ଲ୍ୟାଣ୍ଡ ବ୍ୟାଙ୍କ୍ ସ୍କିମକୁ" ଇଡ୍କୋ ରାଜସ୍ୱ ବିଭାଗ ସହିତ ଦୃଢଭାବେ କାର୍ଯ୍ୟାନ୍ୱୟନ କରିବା କଥା । ଏହି ପରିକଳ୍ପନା ଅଧିନରେ କୃଷି ଜମିର ସର୍ବନିମ୍ନ ଅଧିଗ୍ରହଣ ପାଇଁ ସରକାରୀ ଜମିଗୁଡିକୁ ଚିହ୍ନଟ କରାଯିବ ଏବଂ ସେଗୁଡିକୁ କେବଳ ଆବଣ୍ଟନ ପାଇଁ ଚିହ୍ନିତ କରାଯିବ ଏବଂ ଶିଳ୍ପ ଓ ଢାଞ୍ଚା ପ୍ରକଳ୍ପ ପାଇଁ ଇଡ୍କୋକୁ ହସ୍ତାନ୍ତର କରାଯିବ ।

ଅଡିଟ୍ ପରିଲକ୍ଷିତ କଲା ଯେ 2010-13 ମଧ୍ୟରେ 30 ଟି ଜିଲ୍ଲାରୁ 29 ଟି ଜିଲ୍ଲାରେ 4.34 ଲକ୍ଷ ଏକର ସରକାରୀ ଜମି ଆର.ଡି.ଏମ୍ ବିଭାଗ ଦ୍ୱାରା ଚିହ୍ନିତ କରାଯାଇଥିଲା । ଏଥି ମଧ୍ୟରୁ ମାତ୍ର 182.71 ଏକର (0.04 ପ୍ରତିଶତ) ଜମି 2010-13 ମଧ୍ୟରେ ଇଡ୍କୋକୁ ହସ୍ତାନ୍ତର କରାଯାଇଥିଲା ।

ଏଥିରୁ ଜଣାଗଲା ଯେ ଆର୍.ଡି.ଏମ୍ ବିଭାଗ / ଇଡ୍କୋ ଅଧିନରେ "ଲ୍ୟାଣ୍ଡ ବ୍ୟାଙ୍କ୍ ସ୍କିମ" କାର୍ଯ୍ୟକାରୀ ହେଉ ନଥିଲା । ପୁନଶ୍ଚ, ଇଡ୍କୋ ଏବଂ ସଂପୃକ୍ତ ପ୍ରଶାସନିକ ବିଭାଗ ମାଧ୍ୟମରେ ଶିଳ୍ପ ଉଦ୍ୟୋଗକାରୀଙ୍କ ଦ୍ୱାରା କରାଯାଇଥିବା ବରାଦ ମୁତାବକ, ଆର୍.ଡି.ଏମ୍ ବିଭାଗ ଶିଳ୍ପ ପାଇଁ ଘରୋଇ ମାଲିକମାନଙ୍କଠାରୁ ଜମି ଅଧିଗ୍ରହଣ କରିଥିଲେ । ଏଥିପାଇଁ, ପ୍ରତ୍ୟେକ ମାମଲାରେ ଜମି ଅଧିଗ୍ରହଣ ପାଇଁ ପର୍ଯ୍ୟାପ୍ତ ସମୟ ବିତି ଯାଇଥିଲା ଏବଂ 89 ଟି ବୁଝାମଣା ଆଧାରିତ ଶିଳ୍ପ ମଧ୍ୟରୁ ମାତ୍ର ଦୁଇଟି ଶିଳ୍ପକୁ ଆବଶ୍ୟକ ଅନୁଯାୟୀ ଜମି ଆବଣ୍ଟନ କରାଯାଇଥିଲା(ମାର୍ଚ୍ଚ 2013) ।

ଶିଳ୍ପ ବିଭାଗର ପ୍ରମୁଖ ସଚିବ ଜଣାଇଥିଲେ (ଏପ୍ରିଲ୍ 2013) ଯେ "ଲ୍ୟାଣ୍ଡ୍ ବ୍ୟାଙ୍କ୍ ସ୍କିମ"ରେ ତିନୋଟି ସ୍ତର ଅନ୍ତର୍ଭୁକ୍ତ ଯଥା-ସରକାରୀ ଜମିର ଚିହ୍ନଟ, ଇଡ୍କୋକୁ ଏହାର ହସ୍ତାନ୍ତର ଏବଂ ଏହାର ବିକାଶ । ଏହା ଦର୍ଶାଗଲା ଯେ ଇଡ୍କୋକୁ ଚିହ୍ନିତ ଜମିର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଅଛି । ଉତ୍ତର ଗ୍ରହଣୀୟ ନୁହେଁ କାରଣ ଆଇ.ପି.ଆର ଅଧିସୂଚନାର ଛଅ ବର୍ଷ ପରେ ମଧ୍ୟ ଲ୍ୟାଣ୍ଡ୍ ବ୍ୟାଙ୍କ୍ ସ୍କିମ୍ କାର୍ଯ୍ୟକାରୀ ହୋଇପାରି ନଥିଲା ।

### 2.1.8.3 ଜମି ଆବଣ୍ଟନରେ ସ୍ୱେଚ୍ଛାଚାରିତା

ଯେତେବେଳେ ଗୋଟିଏ ଅଞ୍ଚଳରେ ଜମି ପାଇଁ ବହୁ ଶିଳ୍ପ ଆବେଦନ କରିବା ସ୍ଥଳେ ଉକ୍ତ ଜମିର ଆବଣ୍ଟନ ପାଇଁ ଶିଳ୍ପର ଚୟନ କ୍ଷେତ୍ରରେ ଉପଯୁକ୍ତ ଯତ୍ନବାନ୍ ହେବା କଥା ।

ସମୀକ୍ଷା ପରିଲକ୍ଷିତ କଲା ଯେ ତିନୋଟି ଶିଳ୍ପ ପ୍ରକଳ୍ପ ଯଥା- କେ.ଭି.କେ ନିଳାଚଳ ପାଓ୍ୱାର ପ୍ରାଇଭେଟ୍ ଲିମିଟେଡ୍ ଜି.ଏମ୍.ଆର ଏନର୍ଜି ଲିମିଟେଡ୍ ଓ ଓଡିଶା ହାଇଡ୍ରୋ ପାଓ୍ୱାର କର୍ପୋରେସନର ଏକ ମିଳିତ ଉଦ୍ୟମ ପ୍ରକଳ୍ପ, ଢେଙ୍କାନାଳ ଜିଲ୍ଲାର କମଲାଙ୍ଗ ଗ୍ରାମରେ ସେମାନଙ୍କର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆବେଦନ କରିଥିଲେ । ଶକ୍ତି ବିଭାଗ ସଚିବ ଏବଂ ଇଡ୍କୋକୁ ଜାଗାର ଚୂଡାନ୍ତ ପାଇଁ ଏଚ୍.ଏଲ.ସି.ଏ ନିର୍ଦ୍ଦେଶ ଦେଇଥିଲେ(ମେ 2006) । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକାରର କର୍ତ୍ତୃପକ୍ଷଙ୍କ ସହିତ ସରଜମିନ୍ ତନଖୀ ପରେ, ପ୍ରକଳ୍ପ ପାଇଁ ଉତ୍କୃଷ୍ଟ ଉପଯୁକ୍ତତା ଯୋଗୁଁ ଓଡିଶା ହାଇଡ୍ରୋ ପାଓ୍ୱାର କର୍ପୋରେସନ ଲିମିଟେଡ୍ର ମିଳିତ ଉଦ୍ୟମ କମ୍ପାନିକୁ ଏହି ଜାଗାକୁ ଆବଣ୍ଟନକରିବାକୁ ସଚିବ ପ୍ରସ୍ତାବ ଦେଇଥିଲେ । ଉକ୍ତ ଜମି ଜି.ଏମ୍.ଆର୍ ଏନର୍ଜି ଲିମିଟେଡ୍କୁ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଦର୍ଶାଇ ରାଜ୍ୟ ସରକାର ଉକ୍ତ ପ୍ରସ୍ତାବକୁ ଅନୁମୋଦନ ଦେଇ ନଥିଲେ । ମାତ୍ର ଜୁନ୍ 9 ତାରିଖ 2006 ରେ ସରକାରଙ୍କ ସହିତ ସ୍ୱାକ୍ଷରିତ ବୁଝାମଣା ପତ୍ରରେ କମଲାଙ୍ଗର ଉକ୍ତ ଜମିକୁ ଜି.ଏମ୍.ଆର ଏନର୍ଜି ଲିମିଟେଡ୍ କୁ ଦେବାକୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନଥିଲା । ଯାହାହେଉ, ଉକ୍ତ ଜାଗାକୁ ଜି.ଏମ୍.ଆର୍ ଏନର୍ଜି ଲିମିଟେଡ୍କୁ ଆବଣ୍ଟନ କରାଯାଇଥିଲା(ଜାନୁଆରୀ 2007) ଯେଉଁଥିରୁ ଜଣାଯାଏ ଯେ

ଆବଣ୍ଟନରେ ଏହା ସ୍ୱେଚ୍ଛାଚାରିତା ଏବଂ ସରକାରୀ ଶିଳ୍ପ ଉଦ୍ୟୋଗ ତୁଳନାରେ ଘରୋଇ ଶିଳ୍ପର ସ୍ୱାର୍ଥକୁ ଆଖି ଆଗରେ ରଖି ଜି.ଏମ୍.ଆର୍ ଏନର୍ଜି ଲିମିଟେଡକୁ ଅଯୌକ୍ତିକ ଅନୁକମ୍ପା ପ୍ରଦାନ କରାଯାଇଛି ।

ଶିଳ୍ପ ବିଭାଗ ଦର୍ଶାଇଲେ(ମାର୍ଚ୍ଚ 2013) ଯେ ଜି.ଏମ୍.ଆର ଏନର୍ଜି ଲିମିଟେଡକୁ କମଳାଙ୍ଗ ଜାଗା ଆବଣ୍ଟନ କରାଯାଇଥିଲା କାରଣ ତାଙ୍କର ପ୍ରକଳ୍ପ ପ୍ରସ୍ତୁତିକରଣକୁ ବିଚାରକୁ ନେଇ ଏସ୍.ଏଲ.ଏସ ଡବ୍ଲୁ.ସି.ଏ ଦ୍ୱାରା ତାଙ୍କର ପ୍ରକଳ୍ପ ପାଇଁ ଆବେଦନକୁ ପ୍ରଥମେ ମଞ୍ଜୁର କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ଜି.ଏମ୍.ଆର ର ପ୍ରସ୍ତାବକୁ ମଞ୍ଜୁର କଲାବେଳେ ସଠିକ୍ ସ୍ଥାନ ନିର୍ଣ୍ଣୟ ପାଇଁ ଏଚ୍.ଏଲ.ସି.ଏ ଶିଳ୍ପ ବିଭାଗ ସଚିବଙ୍କୁ ପ୍ରାଧିକୃତ କରିଥିଲେ । କମଳାଙ୍ଗଠାରେ ଉକ୍ତ ସ୍ଥାନକୁ ଜି.ଏମ୍.ଆର ସପକ୍ଷରେ ମଞ୍ଜୁର କଲାବେଳେ ସରକାର କୌଣସି କାରଣ ଦର୍ଶାଇ ନଥିଲେ ।

### *2.1.8.4 ପରିବେଶ ନୀତିକୁ ଅଣଦେଖା କରି ଜମିର ଅନିୟମିତ ଆବଣ୍ଟନ*

ଜଙ୍ଗଲ ଏବଂ ପରିବେଶ ବିଭାଗର ନିର୍ଦ୍ଦେଶ(ମେ 1998) ଅନୁଯାୟୀ ଜନବସତି ସମୀପ ଏକ କିଲୋମିଟର ମଧ୍ୟରେ କୌଣସି ପଥର ପେଷଣ ଇଉନିଟ୍ ସ୍ଥାପନାକୁ ଅନୁମତି ଦେବା କଥା ନୁହେଁ । ଏହା ମଧ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଦୋହରାଯାଇଥିଲା(ଫେବୃଆରୀ 2007) ।

ଅଡିଟ୍ ପରିଲକ୍ଷିତ କଲା ଯେ ଜନବସତି ସମୀପରେ ଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲାର ଛତାବର ଶିଳ୍ପାଞ୍ଚଳରେ ଥିବା 100 ଏକର ଜମି ମଧ୍ୟରୁ 74.574 ଏକର ଜମିକୁ 23 ଟି ପଥର ପେଷଣ ଇଉନିଟକୁ ଇଡ୍‌କୋ 2000-02 ମଧ୍ୟରେ ଆବଣ୍ଟନ କରିଥିଲା । ସମ୍ଭାବ୍ୟ ବାୟୁ ପ୍ରଦୂଷଣ ଓ ସହଯୁକ୍ତ ସ୍ୱାସ୍ଥ୍ୟ ସଂକଟ ଯୋଗୁଁ ନିବାସୀ / ଗ୍ରାମବାସୀଙ୍କ ଦ୍ୱାରା ଆବଣ୍ଟନକୁ ଦୃଢ ପ୍ରତିବାଦ କରାଯାଇଥିଲା । ଫଳରେ ପଥର ପେଷଣ ଇଉନିଟଗୁଡିକୁ ଏକ ବିକଳ୍ପ ସ୍ଥାନକୁ ଚାଲିଯିବାକୁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଛତାବର ଠାରେ ଏହି ସ୍ଥାନ ଖାଲି ଏବଂ ଅନୁପଯୋଗ ହୋଇ ରହିଅଛି(ଅଗଷ୍ଟ 2013) ।

ଶିଳ୍ପ ବିଭାଗ ଦର୍ଶାଇଲେ (ଏପ୍ରିଲ୍ 2013) ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ସମ୍ମତିରେ ଇଡ୍‌କୋ ଏହି ସ୍ଥାନକୁ ଅଧିଗ୍ରହଣ କରିଥିଲା । ପୁନଶ୍ଚ, ଏହି ସ୍ଥାନର ଏକ କିଲୋମିଟର ମଧ୍ୟରେ କୌଣସି ଗ୍ରାମ କିମ୍ବା କୌଣସି ନିବାସୀ ନଥିଲେ ଏବଂ ପଥର ପେଷଣ ଇଉନିଟ୍ ଗୁଡିକର ଆବଣ୍ଟନ / ରଦ୍ଦକରଣ ସଂପର୍କିତ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଜମିର କୌଣସି ଉପଯୋଗ ନ ହୋଇ ରହିଅଛି ।

ଯଦିଓ ବିଭାଗ ଦର୍ଶାଇଲେ ଯେ ଭୂମିର ଏକ କିଲୋମିଟର ପରିଧି ମଧ୍ୟରେ କୌଣସି ଗ୍ରାମ କିମ୍ବା ଜନବସତି ନଥିଲା, ଜଙ୍ଗଲ ଓ ପରିବେଶ ବିଭାଗ ସହିତ ଓ.ଏସ.ପି.ସି.ବି ର ପତ୍ର ବିନିମୟରୁ ଏହା ସ୍ପଷ୍ଟ ହେଲା ଯେ ଆବଣ୍ଟନ ହେବା ସମୟରେ ପ୍ରସ୍ତାବିତ ପଥର ପେଷଣ ୟୁନିଟ୍‌ଠାରୁ ଏହା 300-400 ମିଟର ଦୂରତା ମଧ୍ୟରେ ଥିଲା ।

### *2.1.8.5 କେନ୍ଦ୍ର ସରକାରଙ୍କର ବିନା ଅନୁମୋଦନରେ ଜଙ୍ଗଲ ଜମିର ଆବଣ୍ଟନ*

ଜଙ୍ଗଲ ସଂରକ୍ଷଣ ନିୟମାବଳୀ 1980 ର ଧାରା 2 ଅନୁଯାୟୀ, କେନ୍ଦ୍ରସରକାରଙ୍କ ବିନା ଅନୁମୋଦନରେ ଜଙ୍ଗଲ ଜମିକୁ କିମ୍ବା ଏହାର କୌଣସି ଅଂଶକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ଉପଯୋଗ କରିବାକୁ ରାଜ୍ୟ ସରକାର କିମ୍ବା ଅନ୍ୟ କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦେଶ ପ୍ରଦାନ କରିପାରିବେ ନାହିଁ ।

ଅଡିଟ୍ ତନଖିରୁ ଜଣାଗଲା ଯେ ଦୁଇଟି ଶିଳ୍ପାଞ୍ଚଳରେ (ଚନ୍ଦକା ଓ ମହିଷାପାଟ), 1304.29 କୋଟି ଟଙ୍କା ମୂଲ୍ୟର (ଧାର୍ଯ୍ୟ ମୂଲ୍ୟାୟନରେ) 267.620 ଏକର[17]ର ଜଙ୍ଗଲ ଜମିରୁ 1297.35 କୋଟି ଟଙ୍କା ମୂଲ୍ୟର 259.471 ଏକର ଜମିକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଠାରୁ ଆବଶ୍ୟକୀୟ ମଞ୍ଜୁରୀ ନ ଆଣି ମାର୍ଚ୍ଚ 2012 ସୁଦ୍ଧା 139 ଟି ଶିଳ୍ପ ସଂସ୍ଥାକୁ ଆବଣ୍ଟନ

---

17 ଚନ୍ଦକା ଶିଳ୍ପାଞ୍ଚଳ: 260.620 ଏକର ଏବଂ ମହିଷାପାଟ ଶିଳ୍ପାଞ୍ଚଳ: 7 ଏକର ଜମି

କରାଯାଇଛି । ଅର୍ଥାତ୍ ଭାରତ ସରକାରଙ୍କ ବିନା ଅନୁମୋଦନରେ ଜଙ୍ଗଲ ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ଅନିୟମିତ ଭାବରେ ଆବଣ୍ଟନ କରାଯାଇଛି ।

ଇଡ୍‌କୋ ଉତ୍ତର ଦେଲେ ଯେ(ଅଗଷ୍ଟ 2013) ଯେ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଅଧକ୍ଷ, ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଓଡିଶାଙ୍କୁ ସେମାନେ ପ୍ରସ୍ତାବ ଦେଇଛନ୍ତି । ମହିଷାପାଟରେ ଥିବା ଜଙ୍ଗଲ ଜମି କ୍ଷେତ୍ରରେ ଅନୁଗୁଳ ପ୍ରଭାଗୀୟ ମୁଖ୍ୟ ଦର୍ଶାଇଲେ(ଅଗଷ୍ଟ 2012) ଯେ ଅଧିକାର ନଥିକୁ (ଆର୍.ଓ.ଆର) ଜଙ୍ଗଲ ରୁ ଶିଳ୍ପକୁ ପରିବର୍ତ୍ତନ ପାଇଁ ରାଜସ୍ୱ ପ୍ରଭାଗୀୟ କମିଶନରଙ୍କୁ ଅନୁରୋଧ କରାଯାଇଛି ।

ମୋଟାମୋଟି କଥା ଏହା ଯେ କେନ୍ଦ୍ର ସରକାରଙ୍କ ବିନା ଅଧିସୂଚନାରେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ଉପଯୋଗ କରାଯାଇଛି ।

### *2.1.8.6 ଶିଳ୍ପାଞ୍ଚଳରେ କ୍ଷୁଦ୍ର ଶିଳ୍ପକୁ ଜମି ଆବଣ୍ଟନ*

ଓ.ଆଇ.ଆଇ.ଡି.ସି ଅଧିନିୟମର ଧାରା 59 ଦର୍ଶାଉଅଛି ଯେ ରାଜ୍ୟ ସରକାରଙ୍କ ପ୍ରାକ୍ ଅନୁମୋଦନରେ ଜମି ଓ ଭବନ ପ୍ରଦାନ ପାଇଁ ନୀତି ଏବଂ ସର୍ତ୍ତ ନିର୍ଦ୍ଧାରଣ କରି ଇଡ୍‌କୋ ନିୟମାବଳୀ ପ୍ରସ୍ତୁତ କରିବା କଥା ଏବଂ ଶିଳ୍ପାଞ୍ଚଳରେ ଏବଂ ଶିଳ୍ପ ଥିବା ସ୍ଥାନରେ ଏହି ଜମି ଓ ଭବନର ଉପଯୋଗ ବିଷୟରେ ଅତିରିକ୍ତ ନୀତି ଓ ସର୍ତ୍ତ ପ୍ରସ୍ତୁତ କରିବା କଥା । ମାତ୍ର ଏହା ଦେଖାଗଲା ଯେ ଏପରି କୌଣସି ନିୟମାବଳୀ ଇଡ୍‌କୋ ଦ୍ୱାରା ପ୍ରସ୍ତୁତ କରାଯାଇ ନାହିଁ ।

ଅଡିଟ୍ ପୁଣି ପରିଲକ୍ଷିତ କଲା ଯେ ସି.ଜି.ଏମ୍ (ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭେଲପମେଣ୍ଟ) ଙ୍କ ଅଧକ୍ଷତାରେ ଜମି ଆବଣ୍ଟନ କମିଟି(ଏଲ.ଏ.ସି) ନାମରେ ଏକ ଚାରି ସଭ୍ୟ ବିଶିଷ୍ଟ କମିଟି ଇଡ୍‌କୋ ଗଠନ କରିଥିଲା(ଜାନୁଆରୀ 2004), ସମସ୍ତ ଜମିର ଆବଣ୍ଟନ ସମ୍ବନ୍ଧୀୟ ଅନୁମୋଦନ କରିବା ଓ ସନ୍ଧିଧାନର ପରିବର୍ତ୍ତନ, ସହମତି ଭିତ୍ତିକ ବଦଳି, ଜମି ଉପଯୋଗ ଆଦି ପ୍ରାକ୍ ଆବଣ୍ଟନ ପଦ୍ଧତି ପାଇଁ ଅନୁମୋଦନ ଲାଭ କରିବାକୁ ପରବର୍ତ୍ତୀ ସମୟରେ ଶିଳ୍ପ ନିର୍ଦ୍ଦେଶକ / ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏହାକୁ ଛଅ / ଆଠ[18] ସଭ୍ୟ ବିଶିଷ୍ଟ କମିଟିକୁ ପୁନର୍ଗଠିତ କରାଯାଇଥିଲା(2008/2010) ।

ଶିଳ୍ପାଞ୍ଚଳରେ ଜମି / ସେଡ୍‌ର ଆବଣ୍ଟନ ପାଇଁ 2001-12 ମଧ୍ୟରେ ଏଲ୍.ଏ.ସି 2210 ଟି ଆବେଦନକୁ ବିଚାରକୁ ନେଇଥିଲେ । ଅଡିଟ୍ ପରିଲକ୍ଷିତ କଲା ଯେ ନିୟମାବଳୀ ପ୍ରସ୍ତୁତି ନ ହେବା ଯୋଗୁଁ ଜମି ଆବଣ୍ଟନ ପାଇଁ ଆବେଦନ ପତ୍ରଗୁଡିକରେ ବିଚାର ପାଇଁ କୌଣସି ନୀତି ନିୟମ ନଥିଲା ଯାହା ଫଳରେ ନିମ୍ନ ଆଲୋଚନା ଅନୁଯାୟୀ ଏହି ଜମି ଆବଣ୍ଟନରେ ସ୍ୱଚ୍ଛତାର ଅଭାବ ରହିଥିଲା ।

- ଏଲ୍.ଏ.ସି 1245 ଟି ମାମଲାରେ ଆବଣ୍ଟନର ସୁପାରିଶ କରିଥିଲାବେଳେ ଅନ୍ୟ 714 ଟି ମାମଲାରେ କୌଣସି କାରଣ ନ ଦର୍ଶାଇ ନିୟମିତ କାର୍ଯ୍ୟକଳାପ, ଅଣ ଅନୁଜ୍ଞେୟ କାର୍ଯ୍ୟକଳାପ ଇତ୍ୟାଦିର କାରଣ ଦର୍ଶାଇ ରଦ୍ଦ କରିଦେଇଥିଲେ । କେତେକ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।
  - ଦୁଗ୍ଧ ଉତ୍ପାଦନ ଏବଂ ଆଇସକ୍ରିମ୍ ପ୍ରସ୍ତୁତି ପାଇଁ ସୁଜାତା କର୍ପୋରେସନକୁ ଖୋର୍ଦ୍ଧା ଖାଦ୍ୟ ପ୍ରକ୍ରିୟାକରଣ(ଏଫ୍.ପି.ପି)ରେ ଏକ ଏକର ଜମି ପ୍ରଦାନ କରାଯାଇଥିବା (ନଭେମ୍ବର 2009) ସ୍ଥଳେ ସେଇ ଏକା ବୈଠକରେ ଫଳ ରସ ପ୍ରସ୍ତୁତି ପାଇଁ ଶ୍ରୀରାମ ପ୍ରଡକ୍ଟସର 15000 ବର୍ଗଫୁଟ ଜମି ପାଇଁ ଆବେଦନକୁ ନିତ୍ୟ କାର୍ଯ୍ୟକଳାପ ଦର୍ଶାଇ ରଦ୍ଦ କରାଯାଇଥିଲା ।
  - 16 ଓ 25 ଫେବୃଆରୀ 2008 ରେ ଏଲ.ଏ.ସି ର ବୈଠକରେ ଜାମ, ଜେଲି, ସସ୍ ଏବଂ ଆଚାର ପ୍ରସ୍ତୁତି ପାଇଁ ଖୋର୍ଦ୍ଧା ଏଫ.ପି.ପି.ଠାରେ 0.345 ଏକର ଜମିପାଇଁ ପ୍ରିୟଙ୍କା ଏଣ୍ଟରପ୍ରାଇଜର୍ସର ଆବେଦନକୁ ଅନୁମୋଦନ ପ୍ରଦାନ କରାଯାଇଥିବା ବେଳେ ସେଇ ଉଦ୍ଦେଶ୍ୟରେ 0.345 ଏକର ଜମି ପାଇଁ ସେହି

---

[18] ଶିଳ୍ପ ବିଭାଗ ଗୃହ ଓ ନଗର ଉନ୍ନୟନ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟାୟ ପ୍ରଶାସନ ବିଭାଗର ସଚିବ ଏବଂ ସରକାରଙ୍କର ସଚିବ, ସାଧାରଣ ପ୍ରଶାସନ ବିଭାଗ, ଉପ-ସଭାଧକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ କମିଶନର, ଇପିକଲର ସିଏମ୍‌ଡି ଏଂ ଇଡକୋର ସି.ଏମ୍‌ଡି

ଶିଳ୍ପାଞ୍ଚଳରେ ଭଗବାନ ଏଗ୍ରୋ ଫୁଡସ୍ ର ଆବେଦନକୁ ଏଲ.ଏ.ସି ଦ୍ୱାରା ନାକଚ କରାଯାଇଥିଲା (16 ଏବଂ 25 ଫେବୃୟାରୀ 2008) ।

- ବିନା କୌଣସି କାରଣ ଦର୍ଶାଇ 72ଟି ମାମଲାକୁ ବନ୍ଦ / ବିଳମ୍ବିତ କରାଯାଇଥିଲା ।
- ପ୍ରାପ୍ତ ହୋଇଥିବା 2210 ଟି ଆବେଦନ ପତ୍ର ମଧ୍ୟରୁ, ଜମି ଉପଲବ୍ଧ ନଥିବା ଦର୍ଶାଇ 158 ଟି ଆବେଦନକୁ 2001-12 ମଧ୍ୟରେ ନାକଚ୍ କରିଦିଆଯାଇଥିଲା ଯାହାକି ପ୍ରକୃତରେ ଠିକ୍ ନଥିଲା କାରଣ ଶିଳ୍ପାଞ୍ଚଳରେ ଆବଶ୍ୟକ ଥିବା 232.895 ଏକର ଜମି ***(ପରିଶିଷ୍ଟ-2.1.3)*** ସ୍ଥଳେ 196.126 ଏକର ଜମି ଆବଣ୍ଟନ ପାଇଁ ଉପଲବ୍ଧ ଥିଲା । ଅର୍ଥାତ୍ ଉପଲବ୍ଧ ଥାଇ ମଧ୍ୟ 158 ଟି ପ୍ରତ୍ୟାଶିତ କ୍ଷୁଦ୍ର ଶିଳ୍ପକୁ ଜମି ଆବଣ୍ଟନ କରାଯାଇ ନଥିଲା ।
- ଦୈନନ୍ଦିନ କ୍ରିୟାକଳାପ ପାଇଁ ଅନୁମତି ପ୍ରଦାନ ନ କରାଯିବା ଆଳରେ 2001-12 ମଧ୍ୟରେ 18 ଟି ମାମଲାରେ ସେମାନଙ୍କର ଆବେଦନକୁ ଏଲ.ଏ.ସି ଦ୍ୱାରା ନାକଚ୍ କରାଯାଇଥିଲା ଏବଂ ସେଇ ଏକା ସମୟରେ ଅନ୍ୟ 18ଟି ମାମଲାରେ ସମାନ ପ୍ରକାର କ୍ରିୟାକଳାପ(ଯଥା- ଚାଉଳ କିଣି, ଅଫସେଟ୍ ମୁଦ୍ରଣ, ଫଳରସ, ତରଙ୍ଗାୟିତ ବାକ୍ସ ପ୍ରସ୍ତୁତି, ଗଢଣ, ଯାନ ବାହାନ ମରାମତି ଇତ୍ୟାଦି) ପାଇଁ ସୁପାରିଶ କରାଯାଇଥିଲା ଯାହାକି ଦର୍ଶାଉଛି ଯେ ଶିଳ୍ପାଞ୍ଚଳରେ ଜମି ପ୍ରଦାନରେ ଏଲ.ଏ.ସି ର ସୁପାରିଶରେ ସ୍ୱଚ୍ଛତା ନଥିଲା ।
- ସମୁଦାୟ 2210 ଟି ମାମଲାରୁ ସାତୋଟି ମାମଲାରେ ଇଡ୍କୋ ଦରରେ ***(ପରିଶିଷ୍ଟ-2.1.4)*** 6.09 କୋଟି ଟଙ୍କା ମୂଲ୍ୟର 8.148 ଏକରର ଅତିରିକ୍ତ ଜମି ପାଇଁ ସାତଟି ଆବଣ୍ଟନଗ୍ରାହୀଙ୍କର ପ୍ରସ୍ତାବକୁ ବିଚାରକୁ ନିଆଯାଇଥିଲା ଏବଂ ଶିଳ୍ପ ସଂସ୍ଥା ଦ୍ୱାରା ଅତିରିକ୍ତ ଜମିର ଆବଶ୍ୟକତାକୁ ପରୀକ୍ଷା ନିରୀକ୍ଷା କରି ଧାର୍ଯ୍ୟ କରିବାକୁ ଥିବା କ୍ଷମତା ପ୍ରାପ୍ତ ସଂସ୍ଥା ଡି.ଆଇ.ସି / ଡି.ଏଲ.ଏସ.ଡବ୍ଲ୍ୟୁ ସି ଏ ଙ୍କର ବିନା ସୁପାରିଶରେ ସିଧାସଳଖ ଏଲ.ଏ.ସି ଦ୍ୱାରା ଅନୁମୋଦନ କରାଯାଇଥିଲା ।

ତେଣୁ, ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତିର ଅନୁପସ୍ଥିତିରେ ନୀତି ନିୟମର ଯଥୋଚିତ ପ୍ରୟୋଗର ସୁନିଶ୍ଚିତତା ଅଡିଟ୍ ଦ୍ୱାରା ନିର୍ଣ୍ଣୟ କରାଯାଇ ପାରି ନଥିଲା ।

ଶିଳ୍ପ ବିଭାଗ ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଡି.ଏଲ.ଏସ.ଡବ୍ଲ୍ୟୁ.ସି.ଏ ଏବଂ ଉଚ୍ଚ ସ୍ତରୀୟ ଆବଣ୍ଟନ କମିଟିର ସୁପାରିଶ କ୍ରମେ ଇଡ୍କୋ ଜମି ଆବଣ୍ଟନ କରିଥିଲା ଏବଂ ଦର୍ଶାଇଥିଲେ ଯେ ଜଣେ ବ୍ୟକ୍ତିଙ୍କର, ନିଷ୍ପତ୍ତି ମନମୁଖୀ ହୋଇପାରେ କିନ୍ତୁ ଗୋଟିଏ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ମନମୁଖୀ ହୋଇ ପାରିବ ନାହିଁ । ଏହା ମଧ୍ୟ ଦର୍ଶାଗଲା ଯେ ଏଲ.ଏ.ସିର ସୁପାରିଶ ଏବଂ ଉଚିତ୍ ଦେୟ ପ୍ରାପ୍ତ ହେବା ପରେ ଜମି ଆବଣ୍ଟନ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ କମିଟିର ନିଷ୍ପତ୍ତି ସପକ୍ଷରେ ନୀତି ନିୟମର ପ୍ରୟୋଗ ସଂପର୍କୀୟ ଦସ୍ତାବିଜ୍ / ଅଭିଲିଖିତ କାରଣ ନଥିଲା । ପୁନଶ୍ଚ, ଡି.ଆଇ.ସି / ଡି.ଏଲ.ଏସ.ଡବ୍ଲ୍ୟୁ.ସି.ଏ ଭଳି କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ବିନା ଅନୁମୋଦନରେ ଅତିରିକ୍ତ ଜମିର ଆବଣ୍ଟନ କରାଯାଇଥିଲା ।

### *2.1.8.7 ଜମି ଆବଣ୍ଟନରେ ବିଳମ୍ବ*

ନିୟମାବଳୀ 5 ର ଉପ ଧାରା 5 ତଥା ଓଡିଶା ଶିଳ୍ପ(ସହଜ) ନୀତି 2005 ର ଅନୁସୂଚୀ VI ଦର୍ଶାଏ ଯେ ଇଡ୍କୋ ନିକଟରେ ଆବେଦନ କରିବାର 30 ଦିନ ମଧ୍ୟରେ ଜମି ଆବଣ୍ଟନ ପାଇଁ ଆଶ୍ୱାସନା ପ୍ରଦାନ କରାଯିବା କଥା ।

ଅଡିଟ୍ ପରିଲକ୍ଷିତ କଲା ଯେ ଶିଳ୍ପାଞ୍ଚଳରେ ଜମି / ସେଡ୍ ଆବଣ୍ଟନ ପାଇଁ 657 ଜଣ ଉଦ୍ୟୋଗକାରୀଙ୍କର ଆବେଦନକୁ ଏଲ.ଏ.ସି 30 ଦିନ ବିତିଗଲା ପରେ ବିଚାରକୁ ନେଇଥିଲେ ଏବଂ ଫଳସ୍ୱରୁପ 93 ମାମଲାରେ 15 ରୁ 30 ଦିନ ପର୍ଯ୍ୟନ୍ତ ଏବଂ 564 ମାମଲାରେ 31 ଦିନରୁ 430 ଦିନ ପର୍ଯ୍ୟନ୍ତ ଆବଣ୍ଟନରେ ବିଳମ୍ବ ହୋଇଥିଲା । ଅନିୟମିତ ଭାବରେ ଏଲ.ଏ.ସି ର ବୈଠକ ବସୁଥିବା ଯୋଗୁଁ ଏହି ବିଳମ୍ବ ହୋଇଥିଲା ।

ଓ.ଆଇ.ଆଇ.ଡି.ସି ଆକ୍ଟ ଅନୁଯାୟୀ ଏଲ.ଏ.ସି ବୈଠକ କରିବାକୁ ଯଦିଓ କୌଣସି ଅନୁବନ୍ଧ ନଥିଲା, ତଥାପି ଏହା ନିଶ୍ଚିତ ଯେ ବୈଠକ ଗୁଡିକ ପ୍ରତି 30 ଦିନରେ କରାଯିବା ଆବଶ୍ୟକ କାରଣ ଓ.ଆଇ.ଏଫ୍.ଏ ଆକ୍ଟ ଅନୁଯାୟୀ 30 ଦିନ ମଧ୍ୟରେ

ଜମି ଆବଣ୍ଟନ ପାଇଁ ଆଶ୍ୱାସନା ଦେବା କଥା । କିନ୍ତୁ 2007 ଫେବୃଆରୀ ଠାରୁ 2011 ଫେବୃଆରୀ ମଧ୍ୟରେ ଇଡ୍‌କୋ ମାତ୍ର 18 ଟି ଏଲ.ଏ.ସି ବୈଠକ କରାଇଛି ଯେଉଁଥିରେ ଫେବୃଆରୀ 2009 ଏବଂ ନଭେମ୍ବର 2009 ମଧ୍ୟରେ ଦୁଇଟି ଏଲ.ଏ.ସି ବୈଠକରେ ନଅ ମାସର ସର୍ବାଧିକ ବ୍ୟବଧାନ ରହିଥିଲା ।

ଶିଳ୍ପ ବିଭାଗ ଉପରୋକ୍ତ ସତ୍ୟତାକୁ ସ୍ୱୀକାର କଲେ(ଏପ୍ରିଲ୍ 2013) ଏବଂ ଏଲ.ଏ.ସି ବୈଠକ ନିୟମିତ ସମୟରେ କରିବା ପାଇଁ ନିଶ୍ଚିତ କଲେ ।

### *2.1.8.8 ପରସ୍ପର ସହମତି ଭିତ୍ତିରେ ଜମିର ଆବଣ୍ଟନ*

ଓ.ଆଇ.ଆଇ.ଡି.ସି. ଆକ୍ଟର ସମର୍ଥିତ ବ୍ୟବସ୍ଥାର ଧାରା 31 ଓ 32 ଅନୁଯାୟୀ ପୁନର୍ବାର ଶିଳ୍ପ ସଂସ୍ଥାମାନଙ୍କୁ ଉପ ପଟ୍ଟା ଆକାରରେ ଜମି ଆବଣ୍ଟନ କରିବା ପାଇଁ ଆର୍.ଜି.ଏମ୍ ଓ ଜି.ଏ ବିଭାଗ ଦ୍ୱାରା ପ୍ରଚୁର ରିହାତି ଦରରେ ଇଡ୍‌କୋକୁ ପଟ୍ଟା ଆକାରରେ ଜମି ଆବଣ୍ଟନ କରାଯାଇଥିଲା । 2001-12 ସମୟରେ 390.307 ଏକର ଜମି ପାଇଁ ବଦଳକାରୀ ଶିଳ୍ପ ଓ ବଦଳଗ୍ରାହୀଶିଳ୍ପଙ୍କ ମଧ୍ୟରେ ତ୍ରୈପାକ୍ଷିକ ପଟ୍ଟା ଦଲିଲ ସଂପନ୍ନ କରି ସହମତି ଭିତ୍ତିରେ ଗୋଟିଏ ଶିଳ୍ପରୁ ଅନ୍ୟ ଗୋଟିଏ ଶିଳ୍ପକୁ 449 ଟି ବଦଳି କରିଥିଲେ(***ପରିଶିଷ୍ଟ-2.1.5***) । ଯାଞ୍ଚ କରାଯାଇଥିବା 40 ଟି ବଦଳି ମାମଲାରେ ଅଡିଟ୍ ନିମ୍ନ ଅନିୟମିତତାଗୁଡିକ ପରିଲକ୍ଷିତ କଲା ।

- ବଦଳଗ୍ରାହୀଙ୍କ ଦ୍ୱାରା ପ୍ରସ୍ତାବିତ ଶିଳ୍ପ ସ୍ଥାପନାର ଯାଞ୍ଚ ଓ ମୂଲ୍ୟ ନିର୍ଦ୍ଧାରଣ, ଓ.ଆଇ.ଏଫ୍.ଏ ରେ ଥିବା ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ଡି.ଏଲ୍.ଏସ.ଡବ୍ଲୁ.ସି.ଏ ଏବଂ ଏଲ.ଏ.ସି ଙ୍କ ଦ୍ୱାରା କରାଯିବା କଥା । ମାତ୍ର ସହମତି ଭିତ୍ତିକ ବଦଳି କ୍ଷେତ୍ରରେ ଏହା କରାଯାଇ ନଥିଲା । ଯାଞ୍ଚ କରାଯାଇଥିବା 40 ଟି ବଦଳି ମାମଲାରେ ବଦଳଗ୍ରାହୀ ଶିଳ୍ପଙ୍କ ଚୟନ ଇଡ୍‌କୋ ଦ୍ୱାରା କରା ନଯାଇ ବଦଳକାରୀ ଶିଳ୍ପଙ୍କ ଦ୍ୱାରା କରାଯାଇଥିଲା(***ପରିଶିଷ୍ଟ-2.1.6***) । ବଦଳଗ୍ରାହୀଙ୍କ ଦ୍ୱାରା ସ୍ଥାପନ ହେବାକୁ ଥିବା ଶିଳ୍ପର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନଥିଲା ।

- ବଦଳି ପାଇଁ ଉପଲବ୍ଧ ଥିବା ଜମିର ପରିମାଣ ଏବଂ ଉକ୍ତ ଜମିର ଆବଣ୍ଟନ ପାଇଁ ବିଚାରାଧିନ ଥିବା ଶିଳ୍ପ ସଂସ୍ଥାଗୁଡିକର ତାଲିକା ବିଷୟରେ ଉଦ୍ୟୋଗକାରୀମାନେ ଅବଗତ ନଥିଲେ । ତେଣୁ ଇଡ୍‌କୋ ଦ୍ୱାରା ବଦଳି ମାଧ୍ୟମରେ ଜମିର ଆବଣ୍ଟନ ପଦ୍ଧତିରେ ସ୍ୱଚ୍ଛତାର ବିଚ୍ୟୁତି ଘଟିଥିଲା ।

- ଆବଣ୍ଟିତ ଜମି ସେଇ ନିର୍ଦ୍ଦିଷ୍ଟ ଶିଳ୍ପ ପାଇଁ ଉପଯୋଗ କରାଯିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ, ଯାଞ୍ଚ କରାଯାଇଥିବା 38 ଟି ମାମଲାରେ ଦେଖାଗଲା ଯେ ବଦଳକାରୀ ଓ ବଦଳଗ୍ରାହୀଙ୍କର ଶିଳ୍ପର ପ୍ରକାର /ଶ୍ରେଣୀ ସମାନ ନଥିଲା(***ପରିଶିଷ୍ଟ-2.1.6***) । ଏହା ଫଳରେ, ମୂଳ ପଟ୍ଟା ଦଲିଲ ବ୍ୟତିରେକେ ଜମିର ସର୍ବଶେଷ ଉପଯୋଗରେ ପରିବର୍ତ୍ତନ ହୋଇଥିଲା ।

- ପ୍ରାଥମିକ ସ୍ତରରେ ଜମି ଗୁଡିକ ବିପୁଳ ରିହାତି ଦରରେ ଆବଣ୍ଟନ କରାଯିବାରେ ଏକ ମୁଖ୍ୟ ଭୟ ଥିଲା ଯେ ସହମତି ଭିତ୍ତିକ ବଦଳି ଆଧାରରେ ଆବଣ୍ଟନ ଫଳରେ ବଦଳିଗ୍ରାହୀ ଶିଳ୍ପ ରିହାତି ଦର ଠାରୁ ଅଧିକ ପ୍ରିମିୟମ ପ୍ରଦାନ କରୁଥିଲେ, ଯାହାକି ଇଡ୍‌କୋକୁ ନ ମିଳି ବଦଳକାରୀ ଶିଳ୍ପକୁ ମିଳୁଥିଲା ।

- ବ୍ୟବହାର ନ ହୋଇ ପଡିରହିଥିବା ଜମି ମାମଲାରେ, ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 34 ର ବ୍ୟବସ୍ଥା ଅନୁଯାୟୀ ଜମିକୁ ପୁନର୍ଦଖଲ କରିଥିଲେ, ଏଲ.ଏ.ସି ଦ୍ୱାରା ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରାଯାଇ ତାହାକୁ ଅନ୍ୟ ଏକ ଶିଳ୍ପ ସଂସ୍ଥାକୁ ଆବଣ୍ଟନ କରାଯାଇ ପାରିଥାନ୍ତା, ମାତ୍ର ବଦଳକାରୀ ଶିଳ୍ପ ଦ୍ୱାରା ଚୟନ କରାଯାଇଥିବା ବଦଳଗ୍ରାହୀ ଶିଳ୍ପ ସପକ୍ଷରେ ଆବଣ୍ଟନ କରିବା ପାଇଁ ଇଡ୍‌କୋ ସହମତି ପ୍ରଦାନ କରିଥିଲା ।

ଶିଳ୍ପ ଦ୍ୱାରା ବଦଳିପାଇଁ ପ୍ରସ୍ତାବିତ ଜମିକୁ ପ୍ରଥମେ ପୁନଦଖଲ କରି ତାପରେ ଉପଯୁକ୍ତ ନୀତି ଓ ମୂଲ୍ୟ ନିର୍ଦ୍ଧାରଣ ଅନୁଯାୟୀ ପ୍ରଚଳିତ ରିହାତି ଦରରେ ଏକା ପ୍ରକାର ଶିଳ୍ପ ପାଇଁ ପୁନଃଆବଣ୍ଟନ କରିବାକୁ ଇଡ୍‌କୋ ଯଥୋଚିତ ତତ୍‌ପରତା ପ୍ରକାଶ କରି ନଥିଲା ।

ଶିଳ୍ପ ବିଭାଗ ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 4,15 ଏବଂ 33(3) ର ବ୍ୟବସ୍ଥା ଅନୁଯାୟୀ ସହମତି ଭିତ୍ତିକ ବଦଳି ପାଇଁ ଇଡ୍‌କୋ ଅନୁମତି ପ୍ରଦାନ କରିଥିଲା । ଆହୁରି ମଧ୍ୟ ଏହା ଦର୍ଶାଗଲା ଯେ ଜମି ପୁନର୍ଦଖଲ ପଦ୍ଧତି ବହୁ ଝିଞ୍ଜଟିଆ ଏବଂ ସହମତି ଭିତ୍ତିକ ବଦଳି ଅନୁମତି ପ୍ରଦାନ ଦ୍ୱାରା ଇଡ୍‌କୋ ବହୁ ପରିମାଣର କାଗଜ ପତ୍ର କାମରୁ ବଞ୍ଚିତ ହୋଇପାରିଲା ।

***ପରିଶିଷ୍ଟ 2.1.8*** ରେ ଆଲୋଚନା ଅନୁଯାୟୀ, ଆକ୍ଟର ଧାରା 59 ର ଆବଶ୍ୟକତା ଅନୁଯାୟୀ ଇଡ୍‌କୋ କାର୍ଯ୍ୟକାରିତା ପାଇଁ ବିସ୍ତୃତ ନିୟମାବଳୀ ପ୍ରସ୍ତୁତ କରି ନଥିବାରୁ, ଅଡିଟ୍ ଦ୍ୱାରା ଉଠାଯାଇଥିବା ଆବଣ୍ଟନ ପଦ୍ଧତିରେ ସ୍ୱଚ୍ଛତା ଉପରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଉପସ୍ଥାପନ କରାଯାଇ ନଥିଲା ।

ସହମତି ଭିତ୍ତିକ ବଦଳି ପଦ୍ଧତିରେ ପରିଲକ୍ଷିତ ଅନିୟମିତତା ଗୁଡିକ ମଧ୍ୟରୁ କେତେକ ଦୃଷ୍ଟାନ୍ତ ନିମ୍ନରେ ଆଲଚୋନା କରାଗଲା ।

- ସନ୍ତୋଷୀ ମର୍ଡର୍ଣ୍ଣ ରାଇସ୍ ମିଲ୍‌କୁ ଆଧୁନିକ ଚାଉଳ କଳ ପ୍ରତିଷ୍ଠା କରିବାକୁ 1.496 ଏକର ଜମି ଆବଣ୍ଟନ କରାଯାଇଥିଲା(ଅକ୍ଟୋବର 2003) ଯିଏ କି ମୂଳ ସ୍ୱତ୍ତ୍ୱାଧିକାରୀଙ୍କ ସହିତ ଚାରିଜଣ ଅଂଶଗ୍ରହଣକାରୀଙ୍କୁ ନେଇ ସ୍ୱତ୍ତ୍ୱାଧିକାରୀରୁ ଭାଗିଦାରୀକୁ ରୂପାନ୍ତର କରିବାକୁ ସମ୍ବିଧାନର ପରିବର୍ତ୍ତନ ପାଇଁ ଇଡ୍‌କୋକୁ ଆବେଦନ କରିଥିଲେ(ଜୁନ୍ 2007) ଯାହାକି ଅନୁମୋଦିତ ହୋଇଥିଲା (ଜୁନ୍ 2007) । ପରବର୍ତ୍ତୀ କାଳରେ ପରିଚାଳନା ଭାଗିଦାର ଇଡ୍‌କୋକୁ ଅବଗତ କରାଇଥିଲେ(ଜାନୁଆରୀ 2008) ଯେ ମୂଳ ସ୍ୱତ୍ତ୍ୱାଧିକାରୀ ଭାଗିଦାରୀ ସଂସ୍ଥାରୁ ଅବସର ଗ୍ରହଣ କରିଛନ୍ତି ଏବଂ ଅନୁରୋଧ କଲେ ଯେ ଚାଉଳ କଳ ପାଇଁ ବ୍ୟବହୃତ ଜମିକୁ ସଫ୍ଟୱ୍ୟାର ଡେଭ୍‌ଲପ୍‌ମେଣ୍ଟ ପାଇଁ ଟୋଟାଲ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ନାମରେ ନାମିତ କରାଯାଉ, ଯାହାକି ଇଡ୍‌କୋ ଦ୍ୱାରା ଅନୁମୋଦିତ ହୋଇଥିଲା(ମାର୍ଚ୍ଚ 2008) । ଏହାଦ୍ୱାରା ସ୍ୱତ୍ତ୍ୱାଧିକାରୀତାରୁ ଭାଗିଦାରୀତା ଫାର୍ମକୁ ପରିବର୍ତ୍ତନ ଆଳରେ ଜମିର ସହମତି ଭିତ୍ତିକ ବଦଳିକୁ ପ୍ରୋତ୍ସାହନ ମିଳିଥିଲା । ଅଡିଟ୍ ପରିଲକ୍ଷିତ କରିଥିଲା ଯେ ଉକ୍ତ ଜମି ଉପଯୋଗ ନ ହୋଇ ପଡିରହିଥିଲା(ଡିସେମ୍ବର 2012)।

  ଶିଳ୍ପ ବିଭାଗ ଉପରୋକ୍ତ ବିଷୟକୁ ସ୍ୱୀକାର କରିଥିଲେ ଏବଂ ଦର୍ଶାଇ ଥିଲେ (ଏପ୍ରିଲ 2013) ଯେ ମୂଳ ପଟ୍ଟାଦାରଙ୍କ ଦ୍ୱାରା ଅଭିଳଷିତ ଉଦ୍ଦେଶ୍ୟରେ ଜମିର ବ୍ୟବହାର ହେଉ ନ ଥିବାରୁ ଖୁବ୍ ଶୀଘ୍ର ଉକ୍ତ ଆବଣ୍ଟନକୁ ରଦ୍ଦ କରାଯିବ ।

- ଏକ ଶସ୍ୟ ପ୍ରକ୍ରିୟା କରଣ ୟୁନିଟ ସ୍ଥାପନା କରିବାକୁ ଏସ. କେ. ଇଣ୍ଡଷ୍ଟ୍ରିକୁ (ଏସ.କେ.ଆଇ ) 0.184 ଏକର ଜମି ଆବଣ୍ଟନ କରାଯାଇଥିଲା (ଫେବୃଆରୀ 2003)। ଏହି ଆବଣ୍ଟିତ ଜମି ବ୍ୟବହାର ନ ହୋଇ 2009 ଜାନୁୟାରୀ ପର୍ଯ୍ୟନ୍ତ ପଡି ରହିବାରୁ ଇଡ୍‌କୋ ଉକ୍ତ ଶିଳ୍ପକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା । ଏସ.କେ.ଆଇର ଅନୁରୋଧ କ୍ରମେ (ଜୁଲାଇ 2011), ଜମିକୁ କଳିଙ୍ଗ ରୁଫିଙ୍ଗ୍ ସଲ୍ୟୁସନ ପ୍ରାଇଭେଟ ଲିମିଟେଡକୁ ହସ୍ତାନ୍ତର କରିବାକୁ ଇଡ୍‌କୋ ଅନୁମତି ପ୍ରଦାନ କରିଥିଲା (ନଭେମ୍ବର 2011) । ଅତଏବ ଆଠ ବର୍ଷରୁ ଅଧିକ କାଳ ଧରି ବ୍ୟବହାର ନ ହୋଇ ପଡି ରହିଥିବା ଜମିକୁ ପୁନର୍ଦଖଲ କରିବାକୁ ଉପଯୁକ୍ତ ପଦକ୍ଷେପ ନ ନେଇ, ହସ୍ତାନ୍ତରକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଏକ ଶିଳ୍ପ ସଂସ୍ଥାକୁ ହସ୍ତାନ୍ତର କରିବାକୁ ଇଡ୍‌କୋ ଅନିୟମିତ ଭାବରେ ଅନୁମତି ପ୍ରଦାନ କରିଥିଲା ଯାହାକି ଜମି ଆବଣ୍ଟନ ବେଳେ ଥିବା ଉଦ୍ଦିଷ୍ଟ ଶିଳ୍ପ ଠାରୁ ଏହାର ଶିଳ୍ପ ଭିତ୍ତିକ କାର୍ଯ୍ୟ କଳାପ ସଂପୂର୍ଣ୍ଣ ଭିନ୍ନ ।

  ଏ ଦିଗରେ ଶିଳ୍ପ ବିଭାଗଠାରୁ କୈଣସି ଉତ୍ତର ପ୍ରାପ୍ତ ହୋଇ ନଥିଲା(ଅଗଷ୍ଟ 2013) ।

## 2.1.8.9 ସହମତି ଭିତ୍ତିକ ବଦଳରେ ବଦଳି ଫି ଆଦାୟରେ କମ୍‌ତି

ନିର୍ଦ୍ଦେଶକ ମଣ୍ଡଳୀ[19]ଙ୍କ ସାମୟିକ ନିଷ୍ପତ୍ତି ଅନୁଯାୟୀ ଜମିର ସହମତି ଭିତ୍ତିକ ବଦଳି ପୂର୍ବରୁ ପ୍ରଚଳିତ ରିହାତି ଦରର ଏକ ଧାର୍ଯ୍ୟ ପ୍ରତିଶତ ବଦଳି ଫି ଭାବରେ ବଦଳ ଗ୍ରାହୀ ଶିଳ୍ପ ଉପରେ ଇଡ୍‌କୋ ନ୍ୟସ୍ତ କରେ । ଜମି ଆବଣ୍ଟନ କରୁଥିବା ଅନ୍ୟ ଦୁଇଟି ସଂସ୍ଥା ଯଥା କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ସାଧାରଣ ପ୍ରଶାସନ ବିଭାଗ, ହସ୍ତାନ୍ତର ମାଧ୍ୟମରେ ଶିଳ୍ପ ଜମିର ଆବଣ୍ଟନ ପାଇଁ ଯଥାକ୍ରମେ ଅନୁପାର୍ଜିତ ବୃଦ୍ଧିର 50 ପ୍ରତିଶତ ଏବଂ ପ୍ରଚଳିତ ପ୍ରିମିୟମରେ 75 ରୁ 100 ପ୍ରତିଶତ ଦେୟ ଲାଗୁ କରୁଥିଲା ବେଳେ ପ୍ରଚଳିତ ଜମି ପ୍ରିମିୟମର ମାତ୍ର 10 ପ୍ରତିଶତ ବଦଳି ଫି ବାବଦକୁ ଲାଗୁ କରୁଥିଲେ ।

ଏହି ସହମତି ଭିତ୍ତିକ ବଦଳି ପ୍ରକ୍ରିୟାରେ ବଦଳି ଫି ଆଦାୟରେ ପରିଲକ୍ଷିତ ଅନିୟମିତତା ଗୁଡିକ ନିମ୍ନରେ ଆଲୋଚନା କରାଗଲା ।

- ରମେଟ ଫେରସ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍(ଆର.ଏଫ.ଆଇ.ପି.ଏଲ)କୁ ଆବଣ୍ଟିତ 143.500 ଏକରର ସରକାରୀ ଜମିକୁ ଟାଟା ଷ୍ଟିଲ ଲିମିଟେଡକୁ (ଟି.ଏସ.ଏଲ) 43.42 କୋଟି ଟଙ୍କାର ପ୍ରତିଫଳ ମୂଲ୍ୟରେ 100 ପ୍ରତିଶତ ଅଂଶ ଧନକୁ ବିକ୍ରି କରିଥିଲା (ଜାନୁୟାରୀ 2007) । ଅଂଶ ଧନ ବିକ୍ରି ଏବଂ କ୍ରୟ ଚୁକ୍ତିନାମା ଅନୁଯାୟୀ (ଜାନୁୟାରୀ 2007 ), ଜମିର ଦଖଲ ନେବା ସମୟରେ (ଫେବୃଆରୀ 2005 ) ଆର.ଏଫ.ଆଇ.ପି.ଏଲ ଦ୍ୱାରା ଜମିର ମୂଲ୍ୟ ବାବଦକୁ 83.59 ଲକ୍ଷ ଟଙ୍କା ଇଡ୍‌କୋକୁ ପ୍ରଦାନ କରାଯାଇଥିବା ସ୍ଥଳେ ଟି.ଏସ.ଏଲ କୁ ବଦଳି ସମୟରେ ଜମିକୁ 7.91 କୋଟି ଟଙ୍କାରେ ମୂଲ୍ୟାୟନ କରାଯାଇଥିଲା । ଅତଏବ ବଦଳି ସମୟରେ ଭେଦାତ୍ମକ ମୂଲ୍ୟ ବାବଦକୁ 10 ପ୍ରତିଶତ ବଦଳି ଫି ହିସାବରେ ଇଡ୍‌କୋ ଦ୍ୱାରା 70.70 ଲକ୍ଷ ଟଙ୍କା ଲାଗୁ କରିବାର ଥିଲେ ମଧ୍ୟ ଏହା ଲାଗୁ କରାଯାଇ ନ ଥିଲା ।

  ଶିଳ୍ପ ବିଭାଗ ଉକ୍ତ ବିଷୟକୁ ସ୍ୱୀକାର କରିବା ସହିତ ଜଣାଇଥିଲେ (ଏପ୍ରିଲ 2013) ଯେ ସହମତି ବଦଳି ଫି ଭୁଲବଶତଃ ଆଦାୟ କରାଯାଇ ନାହିଁ ଏବଂ ଏହାକୁ ଆଦାୟ କରିବାକୁ ଆଶ୍ୱାସନା ଦେଇଥିଲେ ।

- ଚନ୍ଦକା ଶିଳ୍ପାଂଚଳରେ ସାତଟି ଶିଳ୍ପକୁ ଆବଣ୍ଟନ କରାଯାଇଥିବା 14.008 ଏକର ଜମିକୁ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍) ସପକ୍ଷରେ ସହମତି ଭିତ୍ତିକ ବଦଳି ପାଇଁ ଇଡ୍‌କୋକୁ ଆବେଦନ କରାଯାଇଥିଲା (ଅଗଷ୍ଟ 2003 ରୁ ଡିସେମ୍ବର 2009) । ହାଇଲେଭଲ ଲ୍ୟାଣ୍ଡ ଆଲଟ୍‌ମେଣ୍ଟ କମିଟି (ଏଚ.ଏଲ.ଏ.ସି) ର ଉପକମିଟି ଉକ୍ତ ସାତଟି ଆବେଦନରୁ ଛଅଟି[20] ଆବେଦନକୁ ବିଚାର କରିଥିଲେ (ମେ 2010 ) ଏବଂ ଜମିର ଭେଦାତ୍ମକ ମୂଲ୍ୟର ବଦଳି ଫି ସ୍ଥିର କରିବା ପାଇଁ ଆର.ଡି.ଏମ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମୂଲ୍ୟର ଚୂଡାନ୍ତ ନିଷ୍ପତ୍ତି ନ ହେବା ଯାଏ ନୀତି ଆଧାରରେ ସହମତି ବଦଳି ପାଇଁ ପ୍ରସ୍ତାବକୁ ଅନୁମତି ପ୍ରଦାନ କରିଥିଲେ । ସହମତି ଭିତ୍ତିକ ବଦଳି ପାଇଁ ଆବେଦନ ସମୟରେ ଶିଳ୍ପାଂଚଳରେ ପ୍ରଚଳିତ ରିହାତି ଦରରେ ଜମିର ଧାର୍ଯ୍ୟ ମୂଲ୍ୟ (70.04 କୋଟି ଟଙ୍କା) ଅସୁଲ କରିବା ପରବର୍ତ୍ତେ ଏଚ.ଏଲ.ଏ.ସି. ଦ୍ୱାରା ଚୂଡାନ୍ତ ଜମିର ଭେଦାତ୍ମକ ମୂଲ୍ୟ (3.79 କୋଟି ଟଙ୍କା) ଅସୁଲ କରିବାକୁ ଇଡ୍‌କୋର ସି.ଏମ.ଡି ଅକ୍ଟୋବର 2010

[19] ଅଗଷ୍ଟ 2003 ସୁଦ୍ଧା ପୂର୍ଣ୍ଣ ଭେଦାତ୍ମକ ମୂଲ୍ୟ: ଆବେଦନ ସମୟରେ ଜମି ମୂଲ୍ୟର 10 ପ୍ରତିଶତ : 17 ଏପ୍ରିଲ୍ 2006 ରେ ନିର୍ଦ୍ଦେଶକ ମଣ୍ଡଳୀଙ୍କ ବୈଠକ ହସ୍ତାନ୍ତର ସମୟରେ ଥିବା ଜମି ମୂଲ୍ୟର 40 ପ୍ରତିଶତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ତା 23 ସେପ୍ଟେମ୍ବର 2009 ।

[20] ବି ଇଞ୍ଜିନିୟରସଂ ଏଣ୍ଡ ବିଲ୍ଡର୍ସ ଲିମିଟେଡ୍, କଳିଙ୍ଗ ସଫ୍ଟୱେର(ପ୍ରା) ଲିମିଟେଡ୍, ମଙ୍ଗଳ ଚାନ୍ଦ ଟେଲିକମ୍ ପ୍ରାଇଭେଟ୍ ଲିମିଟେଡ୍, ପି.ଜି.ଏଲ୍ ପ୍ଲାଷ୍ଟିକ୍ ପ୍ୟାକେଜ୍ ଇଣ୍ଡିଆ, ଉତ୍କଳ ଟ୍ୟୁବ୍ସ ।

ରୁ ଡିସେମ୍ବର 2011 ମଧ୍ୟରେ ସାତଟି[21] ଆବଣ୍ଟନଗ୍ରାହୀଙ୍କର ସହମତି ଭିତ୍ତିକ ଜମି ବଦଳି ପାଇଁ ଅନୁମତି ପ୍ରଦାନ କରିଥିଲେ । ଅର୍ଥାତ ଇଡ୍‌କୋ ସି.ଏମ୍.ଡିଙ୍କର ମନମୁଖୀ ନିଷ୍ପତ୍ତି ଯୋଗୁ 66.25 କୋଟି ଟଙ୍କାର ଅଯୌକ୍ତିକ ସୁବିଧା କିଟ୍‌କୁ ପ୍ରଦାନ କରାଯାଇଥିଲା ***(ପରିଶିଷ୍ଟ 2.1.7)***। ଏହା ବ୍ୟତୀତ ବଦଳକାରୀ ଶିଳ୍ପ ସହିତ ଚୁକ୍ତି ହୋଇଥିବା ମୂଳ ପଟ୍ଟା ଚୁକ୍ତିନାମା ବ୍ୟତିରେକେ ଶିଳ୍ପ ଜମିର ବ୍ୟବହାର ପାଇଁ ଥିବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରିବାକୁ ଇଡ୍‌କୋ ଅନୁମତି ପ୍ରଦାନ କରିଥିଲା ।

ଶିଳ୍ପ ବିଭାଗ ଦର୍ଶାଇଥିଲା(ଏପ୍ରିଲ୍ 2013) ଯେ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ଦର ଅନୁଯାୟୀ ଜମିର ମୂଲ୍ୟ ଅସୁଲ୍ କରାଯାଇଥିଲା । ଏହି ଉତ୍ତର ଯୁକ୍ତି ଯୁକ୍ତ ନୁହେଁ କାରଣ ବେଞ୍ଚମାର୍କ ମୂଲ୍ୟାୟନ ଉପରେ ବଦଳି ଫି ହିସାବ କରିବାକୁ ଏଚ.ଏଲ.ଏ.ସି ର ନିଷ୍ପତ୍ତିକୁ ଇଡ୍‌କୋ କୌଣସି ଯଥାର୍ଥତା ନଥାଇ ସଂପୂର୍ଣ୍ଣ ରୂପେ ଉପେକ୍ଷା କରିଥିଲା ।

### *2.1.8.10* ଭବିଷ୍ୟତ ଆବଣ୍ଟନ ପାଇଁ ସଂଲଗ୍ନ ପ୍ଲଟକୁ ସଂରକ୍ଷିତ ରଖିବା

ନିର୍ଦ୍ଦିଷ୍ଟ ଆବଣ୍ଟନଗ୍ରାହୀଙ୍କର ଭବିଷ୍ୟତ ଆବଶ୍ୟକତା ପାଇଁ ଜମିକୁ ସଂରକ୍ଷିତ ରଖିବା ନେଇ କୌଣସି ବ୍ୟବସ୍ଥା ଓ.ଆଇ.ଆଇ.ଡି.ସି ଆକ୍ଟ 1980 କିମ୍ବା ଅନ୍ୟ କୌଣସି ନିୟମାବଳୀ / ନିର୍ଦ୍ଦେଶାବଳୀରେ ନାହିଁ ।

ଅଡିଟ୍ ଯାଞ୍ଚରୁ ଜଣାଗଲା ଯେ ଯାଞ୍ଚ କରାଯାଇଥିବା 167 ଟି ଇଉନିଟ୍ ମଧ୍ୟରୁ ଦୁଇଟି[22] ଶିଳ୍ପକୁ ସଂଲଗ୍ନ ଥିବା ଜମି (5.480 ଏକର)କୁ ଇଡ୍‌କୋ ଅନିୟମିତ ଭାବରେ ସଂରକ୍ଷିତ ରଖିଥିଲା ଏବଂ ପରବର୍ତ୍ତୀ ସମୟରେ ସେଇ ଦୁଇ ଶିଳ୍ପୋଦ୍ୟୋଗୀଙ୍କୁ ଫେବୃଆରୀ 2006 ରେ ଏବଂ ମାର୍ଚ୍ଚରୁ ଡିସେମ୍ବର 2010 ମଧ୍ୟରେ ଆବଣ୍ଟନ କରିଥିଲା । ମିଳିତ ଯାଞ୍ଚରୁ (ଜୁଲାଇ 2012)ଏହା ଜଣାଗଲା ଯେ ଦୁଇଟି ଯାକ ପ୍ଲଟ ଖାଲି ଏବଂ ବ୍ୟବହାର ନ ହୋଇ ପଡି ରହିଥିଲା । ଅନ୍ୟାନ୍ୟ ଶିଳ୍ପଙ୍କୁ ଜମି ଦେବା ସୁବିଧାରୁ ବଞ୍ଚିତ କରି ଜମିକୁ ଯେ କେବଳ ଅନିୟମିତ ଭାବରେ ସଂରକ୍ଷିତ ରଖାଯାଇଥିଲା ତାହା ନୁହେଁ ବରଂ ଜମିର ଉପଯୋଗକୁ ମଧ୍ୟ ଦୃଷ୍ଟି ଦିଆଯାଉ ନଥିଲା ।

ଶିଳ୍ପ ବିଭାଗ ଦର୍ଶାଇଲେ (ଏପ୍ରିଲ୍ 2013) ଯେ ଗୋଟିଏ ଆବଣ୍ଟନଗ୍ରାହୀ ପାଇଁ (ଶ୍ରୀନିଧି ମିନେରାଲ୍ ପ୍ରାଇଭେଟ୍ ଲିମିଟେଡ୍)ଙ୍କ କ୍ଷେତ୍ରରେ ଆବଣ୍ଟନ ରଦ୍ଦ କରାଯାଇଥିଲା (ଜାନୁଆରୀ 2013), ଅନ୍ୟ ଏକ ମାମଲାରେ (ଖଣ୍ଡଗିରି ପପ୍), ଏହି ଆବଣ୍ଟନ ଏଲ୍.ଏ.ସି ଙ୍କ ଅନୁମୋଦନରେ କରାଯାଇଥିଲା । ଉତ୍ତର ଗ୍ରହଣୀୟ ହେଉନଥିଲା କାରଣ ଆଉ ଜମି ଦେବା ପୂର୍ବରୁ ଆରମ୍ଭରୁ ଦିଆଯାଇଥିବା ଜମିର ଉପଯୋଗୀତାକୁ ସୁନିଶ୍ଚିତ କରାଯାଇ ନଥିଲା । ଏହା ବ୍ୟତୀତ, ତିନି ବର୍ଷରୁ ଅଧିକ କାଳ ଧରି ଉପଯୋଗ ହୋଇ ନଥିବା ଜମିକୁ ଓ.ଆଇ.ଆଇ.ଡି.ସି ଆକ୍ଟର ବ୍ୟବସ୍ଥା ଅନୁଯାୟୀ ପୁନର୍ଦଖଲ କରାଯାଇ ନଥିଲା ।

### *2.1.8.11 ଅନୁଜ୍ଞା ଦଖଲରେ ଅନିୟମିତ ଜମି ଆବଣ୍ଟନ*

ରାଜସ୍ୱ ଓ ଅବକାରୀ ବିଭାଗର ଅଧିସୂଚନା(ଅକ୍ଟୋବର 1991) ଅନୁଯାୟୀ ପଟ୍ଟା ଦିଆ ନଯାଇ ପାରିବା ସ୍ଥଳେ କୋଠଜମି ପାଇଁ ଏବଂ ସର୍ବସାଧାରଣଙ୍କ[23] ପାଇଁ ଅନୁଜ୍ଞା ଦଖଲ ଦିଆଯାଇ ପାରିବ । ଅଡିଟ୍ ଯାଞ୍ଚରୁ ଜଣାଗଲା ଯେ 2001-12 ମଧ୍ୟରେ ଇଡ୍‌କୋ ଚନ୍ଦକା ଶିଳ୍ପାଞ୍ଚଳରେ (37.5 ଏକର) ଏବଂ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ(0.062 ଏକର) 37.562 ଏକର ଜମିକୁ ଅନୁଜ୍ଞା ଦଖଲ ପାଇଁ ପାଞ୍ଚୋଟି ଆବଣ୍ଟନଗ୍ରାହୀ[24]ଙ୍କୁ ଅନୁମତି ପ୍ରଦାନ କରିଥିଲା । ଯଦିଓ ଆବଣ୍ଟନ ହୋଇଥିବା ଏହି

---

21 ଛଅଟି ଏବଂ ଅନ୍ୟ ଗୋଟିଏ (ନିଉ ଲାଇଫ୍ ହେଲ୍‌ଥକେୟାର) ଅଗଷ୍ଟ 2011 ରେ ଅନୁମୋଦିତ ।

22 (i) ଖଣ୍ଡଗିରି ପପ୍ : 0.460 ଏକର ମାର୍ଚ୍ଚ 2003 ଠାରୁ ଏବଂ ଫେବୃଆରୀ 2006 ରେ ଆବଣ୍ଟନ କରାଯାଇଛି ।(ii) ଶ୍ରୀନିଧି ମିନେରାଲ୍ ପ୍ରାଇଭେଟ୍ ଲିମିଟେଡ୍ : 5.02 ଏକର ଅଗଷ୍ଟ 2009 ରେ ଏବଂ ମାର୍ଚ୍ଚରୁ ଡିସେମ୍ବର 2010 ମଧ୍ୟରେ ଆବଣ୍ଟନ କରାଯାଇଛି ।

23 ଗୋଚର ଜମି ବ୍ୟତୀତ ଯେଉଁଠାରେ ଜମି ସବୁ ନାଳ, ମାହାରା, ଆଡି, ଜଳାଶୟ,ଟାଙ୍କି, ରାସ୍ତା,ଦଣ୍ଡା ଆଦିରେ ବିଭକ୍ତ କରାଯାଇଛି ।

24 ଭୁବନେଶ୍ୱର ଗଲ୍ଫ :35.535 ଏକର, ଭୁବନେଶ୍ୱର ପୁରୀ ପରିବହନ ସେବା ଲିମିଟେଡ୍,(ଏକ) ଏକର, ସେଣ୍ଟ୍ରାଲ୍, ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି, 0.758 ଏକର, ଏସ୍.ପି ରେଫ୍ରିଜେରେସନ୍: 0.062 ଏକର, ଟ୍ରାଇଡେଣ୍ଟ ଏକଡେମି ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି: 0.207 ଏକର ।

ସମସ୍ତ ଜମି ରାଜସ୍ୱ ନଥି ଅନୁଯାୟୀ ଜଙ୍ଗଲ ଜମି, ପାର୍ବତ୍ୟ ଜମି ବର୍ଗରେ ରହିଅଛି କିନ୍ତୁ କୋଠଜମି ବା ସର୍ବସାଧାରଣ ବର୍ଗରେ ଆସୁ ନଥିଲା । ପୁନଃ ଯାଞ୍ଚରୁ ଜଣାଗଲା ଯେ ଏହି ସମସ୍ତ ଅନୁଜ୍ଞା ଦଖଲ ପାଇଁ ପାଞ୍ଚଟି ମାମଲାକୁ ସବୁଜପ୍ରାନ୍ତ(ତିନୋଟି), ବସ ରହଣି (ଗୋଟିଏ) ଓ ଗଲ୍ଫ କ୍ଲବ୍ (ଗୋଟିଏ) ଉଦ୍ଦେଶ୍ୟରେ, ଇଡ୍‌କୋର ସି.ଏମ୍.ଡି ଙ୍କ ଅନୁମୋଦନ ବଳରେ ପ୍ରଦାନ କରାଯାଇଥିଲା । ଏହିପରି ଗୋଟିଏ ମାମଲା ନିମ୍ନରେ ଆଲୋଚନା କରାଗଲା ।

- ଉପରୋକ୍ତ ଜମି ମଧ୍ୟରୁ, ସ୍ୱତନ୍ତ୍ର ଭାବେ ବିକଶିତ କରାଯାଇଥିବା ଆଇ.ଟି.ସିଟି, ଇନ୍‌ଫୋସିସରେ 35.535 ଏକର ଜମିକୁ ଗଲ୍ଫ ମାର୍ଗ ବିକଶିତ କରିବାକୁ ଇଡ୍‌କୋ ଦ୍ୱାରା ଭୁବନେଶ୍ୱର ଗଲ୍ଫ କ୍ଲବକୁ ଅନୁଜ୍ଞା ଦଖଲରେ ଦିଆଯାଇଥିଲା(ଅଗଷ୍ଟ 2001 ଏବଂ ନଭେମ୍ବର 2010) । ଦାବୀ ଆସିଲା ପରେ ଉକ୍ତ ଜମିକୁ ସଫ୍ଟୱେର କମ୍ପାନିକୁ ପ୍ରଦାନ କରାଯିବାକୁ ଥିବା ସ୍ଥଳେ ଏଥିରେ କୌଣସି ସ୍ଥାୟୀ ଢାଞ୍ଚା ନିର୍ମାଣ ନ କରିବା ସର୍ତ୍ତରେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା(ସେପ୍ଟେମ୍ବର 2001) । ଅଡିଟ୍ ପରିଲକ୍ଷିତ କଲା ଯେ ଉକ୍ତ ଜମି କୋଠଜମି କିମ୍ବା ସର୍ବସାଧାରଣ ଜମି ବର୍ଗରେ ଆସୁ ନଥିଲେ ମଧ୍ୟ ଇଡ୍‌କୋ ଏହି ଜମିକୁ ଅନୁଜ୍ଞା ଦଖଲରେ ଆବଣ୍ଟନ କରିଥିଲା । ଏହା ମଧ୍ୟ ପରିଲକ୍ଷିତ ହେଲା ଯେ ଡି.ଏଲ୍.ଏସ୍.ଡବ୍ଲ୍ୟୁ.ଏସ.ଏ ଙ୍କ ସୁପାରିଶ କ୍ରମେ 19.230 ଏକର ଜମିର ଆବଣ୍ଟନ ପାଇଁ ନଅଟି ଆବେଦନ ପତ୍ର ପ୍ରାପ୍ତ ହୋଇଥିଲା (ମେ-ଅଗଷ୍ଟ 2009), ମାତ୍ର ଆଇ.ଟି ଶିଳ୍ପ ସ୍ଥାପନା ପାଇଁ ପାଞ୍ଚ ଏକର ଜମିର ଆବଣ୍ଟନ ପାଇଁ ଜମି ଉପଲବ୍ଧ ନ ଥିବା ଆଳରେ ଉକ୍ତ ଇଉନିଟ୍ ଗୁଡିକୁ ଆବଣ୍ଟନ କରାଯାଇ ନଥିଲା(ନଭେମ୍ବର 2009) । ଏହି ଅନିୟମିତ ଅନୁଜ୍ଞା ଦଖଲ ଯୋଗୁଁ ଭୁବନେଶ୍ୱରରେ ଆଇ.ଟି କମ୍ପାନିମାନେ ଜମି ପାଇବାରୁ ବଞ୍ଚିତ ହୋଇଥିଲେ ।

  ଶିଳ୍ପ ବିଭାଗ ଉକ୍ତ ବିଷୟକୁ ସ୍ୱୀକାର କରିବା ବେଳେ ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଅନୁଜ୍ଞା ଦଖଲ ଦେଇ ଇଡ୍‌କୋ ଭଡା ଆଦାୟ କରୁଛି । କିନ୍ତୁ ପ୍ରକୃତ କଥା ହେଉଛି ଯେ ସାମୟିକ ବ୍ୟବସ୍ଥା ପାଇଁ ଅନୁଜ୍ଞା ଦଖଲ ଦିଆଯାଇଥାଏ ଏବଂ ଦାବୀ ଆସିଲେ ଜମିକୁ ଖାଲି କରି ଆଇ.ଟି କମ୍ପାନିକୁ ଆବଣ୍ଟନ କରିବା କଥା ।



ଭୁବନେଶ୍ୱର ଗଲଫ କ୍ଲବ

## *2.1.8.12 ଶିଳ୍ପାଞ୍ଚଳରେ ଜମିର ଅନିୟମିତ ଆବଣ୍ଟନ*

ଇଡ୍‌କୋ ଦ୍ୱାରା ପ୍ରସ୍ତୁତ ଏବଂ ପ୍ରସାରିତ ନିର୍ଦ୍ଦେଶାବଳୀ(ଜାନୁଆରୀ 2004) ଅନୁଯାୟୀ ଅନୁଷ୍ଠାନଗୁଡିକୁ ଜମି ଆବଣ୍ଟନ କ୍ଷେତ୍ରରେ, ଶିଳ୍ପାଞ୍ଚଳରେ ଶିକ୍ଷାନୁଷ୍ଠାନ ଓ ପେଶାଗତ ଅନୁଷ୍ଠାନ ପାଇଁ 20 ପ୍ରତିଶତ ଅଞ୍ଚଳ ଚିହ୍ନିତ ହୋଇ ରହିବ । ସଂପୃକ୍ତ କାଉନସିଲ୍ / ବୋର୍ଡ / ବିଶ୍ୱବିଦ୍ୟାଳୟ ଦ୍ୱାରା ବିହିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଜମି ଆବଣ୍ଟନ କରାଯିବ । ବହୁଳ ପ୍ରସାରଣ ପାଇଁ ଶିଳ୍ପାଞ୍ଚଳରେ ଉପଲବ୍ଧ ଥିବା ଜମି ଏବଂ ଏହାର ସଂରକ୍ଷିତ ମୂଲ୍ୟ ବିଷୟରେ ଖବର କାଗଜରେ ବିଜ୍ଞାପନ ଦିଆଯିବ ଏବଂ ଜମି ଆବଣ୍ଟନଗ୍ରାହୀଙ୍କୁ ଚିହ୍ନଟ କରିବାକୁ ଦୁଇ ସ୍ତରୀୟ ନିଲାମ ପଦ୍ଧତି ଅବଲମ୍ବନ କରାଯିବ । ଆନୁଷ୍ଠାନିକ ବ୍ୟବହାର ପାଇଁ ଜମିର ସଂରକ୍ଷଣ ମୂଲ୍ୟ ସଂପୃକ୍ତ ଶିଳ୍ପାଞ୍ଚଳରେ ରିହାତି ଦରରେ 1.5 ଗୁଣରେ ଧାର୍ଯ୍ୟ କରାଯିବ ।

ଇଡ୍‌କୋର ଅନୁରୋଧ କ୍ରମେ(ଏପ୍ରିଲ୍ 2005) ରାମଚନ୍ଦ୍ରପୁର ଗ୍ରାମରେ ଶିଳ୍ପସ୍ଥାପନା ପାଇଁ ଜିଲ୍ଲାପାଳ ଇଡ୍‌କୋକୁ 34.783 ଏକର ଜମି ଆବଣ୍ଟନ କରିଥିଲେ(ଫେବୃଆରୀ 2007) । ଇଡ୍‌କୋ ଏହି ସମସ୍ତ ଜମିକୁ ଗୋଟିଏ ଶିକ୍ଷାନୁଷ୍ଠାନ ଯଥା-ସେଞ୍ଚୁରିଆନ୍ ସ୍କୁଲ୍ ଅଫ୍ ନାଚୁରାଲ ଏଣ୍ଟରପ୍ରାଇଜ୍ (ନାଚୁରାଲ) ମ୍ୟାନେଜମେଣ୍ଟ (ସି.ଏସ୍.ଆର୍.ଇ.ଏମ) କୁ ଖୋର୍ଦ୍ଧା ଜିଲ୍ଲାର ରାମଚନ୍ଦ୍ରପୁର ଠାରେ ଜୁଲାଇ 2007 ରେ ଆବଣ୍ଟନ କରିଥିଲା ।

- ନିର୍ଦ୍ଦେଶାବଳୀ ଅନୁଯାୟୀ ଯଦିଓ ଜମି ଆବଣ୍ଟନ ପାଇଁ ମୁକ୍ତ ନିଲାମ ପଦ୍ଧତି ଅବଲମ୍ବନ କରାଯିବା କଥା ମାତ୍ର ସି.ଏସ୍.ଆଇ.ଇ.ଏମକୁ ଆବଣ୍ଟନ ପୂର୍ବରୁ ଇଡ୍‌କୋ ଦ୍ୱାରା ଏପରି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା ।

- ଇଡ୍‌କୋ ସଂପୃକ୍ତ ତହସିଲଦାରଙ୍କୁ 1.04 କୋଟି ଟଙ୍କା (ଏକର ପ୍ରତି 3 ଲକ୍ଷ ଟଙ୍କା ହିସାବରେ) ଜମି ପ୍ରିମିୟମ ବାବଦକୁ ପ୍ରଦାନ କରିଥିଲା(ମାର୍ଚ୍ଚ 2007) ଏବଂ ବଦଳରେ ସି.ଏସ୍.ଆର.ଇ.ଏମ ଠାରୁ ଜମି ପ୍ରିମିୟମ ବାବଦକୁ 1.21 କୋଟି ଟଙ୍କା ଆଦାୟ କରିଥିଲା । ଆଇ.ପି.ଆର 2007 ଅନୁଯାୟୀ ଜମି ପ୍ରିମିୟମ 1.74 କୋଟି ଟଙ୍କା ଥିଲା (ଏକର ପ୍ରତି 5 ଲକ୍ଷ ଦରରେ) । ଅର୍ଥାତ୍ ନିଜ ନିର୍ଦ୍ଦେଶାବଳୀ ଅନୁଯାୟୀ ଜମିର ନିଲାମ କରିବାରେ ସଫଳ ନ ହେବାରୁ ଏବଂ ଆଇ.ପି.ଆର 2007 ଅନୁଯାୟୀ ଉପଯୁକ୍ତ ଦର ଆଦାୟ ନ କରିବା ଦ୍ୱାରା ଇଡ୍‌କୋର ଆଖିଦୃଶିଆ ରାଜସ୍ୱ ହାନୀ ଘଟିଥିଲା ।

ଉତ୍ତରରେ ଇଡ୍‌କୋ ଦର୍ଶାଇଲା(ଜୁନ୍ 2012) ଯେ ଆଇ.ପି.ଆର 2007 କାର୍ଯ୍ୟକାରୀ ହେବାର ପୂର୍ବ ତାରିଖରୁ ଜମି ମଞ୍ଜୁର ହୋଇଥିଲା ଏବଂ ଶିଳ୍ପ ବିଭାଗର ସ୍ପଷ୍ଟୀକରଣ ଅନୁଯାୟୀ ଜମିର ମୂଲ୍ୟ ଏକର ପ୍ରତି ତିନିଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା ।

ଉତ୍ତର ଗ୍ରହଣୀୟ ନୁହେଁ କାରଣ ଜୁଲାଇ 2007 ରେ ଜମି ଆବଣ୍ଟନ କରାଯାଇଥିଲା ଏବଂ ମାର୍ଚ୍ଚ 2007 ରୁ ଆଇ.ପି.ଆର 2007 କାର୍ଯ୍ୟକାରୀ ହୋଇଥିଲା । ତେଣୁ ଆଇ.ପି.ଆର 2007 ର ଦର ପ୍ରୟୋଗ ହେବା ଉଚିତ୍ ଥିଲା ।

## 2.1.9 ଜମିର ମୂଲ୍ୟ ନିର୍ଦ୍ଧାରଣ

ଜମି ଏକ ଦୁର୍ଲଭ ଓ ସସୀମ ପ୍ରାକୃତିକ ସମ୍ପଦ । ତେଣୁ, ଏହା ଆବଶ୍ୟକ ଯେ ଶିଳ୍ପ ପାଇଁ ଉଭୟ ଘରୋଇ ଲୋକଙ୍କଠାରୁ ଅଧିଗ୍ରହଣ କରାଯାଉଥିବା ଜମି ଏବଂ ସରକାରଙ୍କ ଦ୍ୱାରା ହସ୍ତାନ୍ତର କରାଯାଉଥିବା ଜମିର ମୂଲ୍ୟ ଏପରି ଭାବରେ ଧାର୍ଯ୍ୟ ହେବା କଥା ଯେପରି ଏହାର ପ୍ରକୃତ ଆର୍ଥିକ ମୂଲ୍ୟର ପ୍ରତିଫଳନ ହେବ । ଆଇ.ପି.ଆର. 2007 ଅନୁଯାୟୀ ସରକାରୀ ଜମିକୁ ରିହାତି ଦରରେ ଶିଳ୍ପ ସଂସ୍ଥାକୁ ପ୍ରଦାନ କରାଯିବା କଥା । ଜମିର ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି ଏବଂ ଶିଳ୍ପମାନଙ୍କଠାରୁ ତାହାର ଆଦାୟ ପଦ୍ଧତିକୁ ଅଡିଟ୍ ପରୀକ୍ଷାନିରୀକ୍ଷା କଲା ଏବଂ ନିମ୍ନଲିଖିତ ଅଭାବଗୁଡିକ ପରିଲକ୍ଷିତ କଲା ।

### *2.1.9.1 ସହରୀ ଅଞ୍ଚଳ ପାଇଁ ଆଇ.ପି.ଆର ମୂଲ୍ୟ ଧାର୍ଯ୍ୟ ନ ହେବା ।*

ଇଣ୍ଡଷ୍ଟ୍ରିଆଲ୍ ପଲିସି ରିଜୋଲୁସନ 2007(ପାରା 16.2) ଆବଶ୍ୟକ କରେ ଯେ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଏବଂ ପାରାଦୀପ ଭଳି (ଜୋନ-ଏ) ସହରୀ ଅଞ୍ଚଳ ପାଇଁ ଜମିର ରିହାତି ମୂଲ୍ୟ, ଶିଳ୍ପ ବିଭାଗ ସହିତ ପରାମର୍ଶ କରାଯାଇ, ରାଜସ୍ୱ ବିଭାଗ / ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯିବା କଥା । ଆଇ.ପି.ଆର୍ ମୂଲ୍ୟ ଓ ବେଞ୍ଚ୍ ମାର୍କ ମୂଲ୍ୟରେ ବହୁ ତାରତମ୍ୟ ଥିବାରୁ ଏହାକୁ ଯଥାଶୀଘ୍ର ଧାର୍ଯ୍ୟ କରାଯିବା ଆବଶ୍ୟକ । ମାତ୍ର ଭୁବନେଶ୍ୱର ବ୍ୟତୀତ ଅନ୍ୟ କୌଣସି ସ୍ଥାନ ପାଇଁ ଏହି ମୂଲ୍ୟ ରାଜସ୍ୱ / ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇ ନଥିଲା ।

### *2.1.9.2 କଳିଙ୍ଗ ନଗର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ (କେ.ଏନ୍.ଆଇ.ସି) ରେ ଜମିର ରିହାତି ଦରରେ ପରିବର୍ତ୍ତନ ନ କରିବା*

ଇଡ୍‌କୋ ମାଧ୍ୟମରେ ସରକାର 12796.228 ଏକର ଜମିରେ(ସରକାରୀ ଜମି- 6210.847 ଏକର ଏବଂ ଅଧିଗୃହୀତ ଘରୋଇ ଜମି : 6585.381 ଏକର) 127.12 କୋଟି ଟଙ୍କା ବିନିମୟରେ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ୍ କମ୍ପ୍ଲେକ୍ସ (କେ.ଏନ୍.ଆଇ.ସି) ସ୍ଥାପନା କରିଥିଲେ(1993-94) । ଅଡିଟ୍ ପରିଲକ୍ଷିତ କଲା ଯେ ଇଣ୍ଡଷ୍ଟ୍ରିଆଲ୍, ଇନଫ୍ରାଷ୍ଟ୍ରକ୍‌ଚର ଆଡ୍‌ଭାଇଜରୀ କମିଟି(ଆଇ.ଆଇ.ଏ.ସି) ତାଙ୍କ ଏକ ବିଂଶତମ ବୈଠକରେ, କେ.ଏନ୍.ଆଇ.ସି ଠାରେ ଜମିର ମୂଲ୍ୟ ଏକର ପ୍ରତି 3 ଲକ୍ଷ ଟଙ୍କାକୁ ଅନୁମୋଦନ କରିଥିଲେ(ସେପ୍ଟେମ୍ବର 2004) । ଜମିର ମୂଲ୍ୟ ଏକର ପ୍ରତି 7.06 ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଇଡ୍‌କୋର ପ୍ରସ୍ତାବକୁ ସରକାର ଗ୍ରହଣ କରି ନଥିଲେ(ଡିସେମ୍ବର 2006) ତେଣୁ 2005 ଠାରୁ

2012 ମଧ୍ୟରେ ଜମିର ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇ ନଥିଲା । ଇତି ମଧ୍ୟରେ ପାଞ୍ଚଟି[25] ବୁଝାମଣା ଭିତ୍ତିକ ଶିଳ୍ପକୁ 4084.298 ଏକର ଜମି ଆବଣ୍ଟନ କରାଯାଇ ଥିଲା ।

ଜମିର ଅତିରିକ୍ତ ମୂଲ୍ୟ ଯଦି ଇଡ୍‌କୋ ଦ୍ୱାରା ଧାର୍ଯ୍ୟ କରାଯାଏ ତେବେ ଦଖଲ ଦେବା ପୂର୍ବରୁ ତାହା ପରିଶୋଧ କରିବା ସର୍ତ୍ତରେ ଉପରୋକ୍ତ 4084.298 ଏକର ଜମି ମଧ୍ୟରୁ 1029.268 ଏକର ଜମିକୁ ଚାରୋଟି ଶିଳ୍ପ[26]କୁ ଆବଣ୍ଟନ କରାଯାଇଥିଲା । ହେଲେ, ଅତିରିକ୍ତ ମୂଲ୍ୟ ଧାର୍ଯ୍ୟ ନ କରି ଜମିର ଦଖଲ ହସ୍ତାନ୍ତର କରାଯାଇଥିଲା(ମାର୍ଚ୍ଚ 2007 ରୁ ମେ 2011) । କେ.ଏନ୍.ଆଇ.ସି ଠାରେ ଆଠ ବର୍ଷ ଧରି(2005-2012) ଜମି ମୂଲ୍ୟରେ କୌଣସି ପରିବର୍ତ୍ତନ କରା ନଯିବା ଦ୍ୱାରା ଆର୍.ଡି.ଏମ୍ ବିଭାଗର ନିର୍ଦ୍ଦେଶ ମୁତାବକ, ବିକ୍ରି ତଥ୍ୟ ଉପଲବ୍ଧ ନ ଥିବା ସ୍ଥଳେ, ବଜାର ମୂଲ୍ୟ ଧାର୍ଯ୍ୟ କରିବା ସମ୍ବନ୍ଧରେ 2004 ରେ ଆଇ.ଆଇ.ଏ.ସି ଦ୍ୱାରା ଅନୁମୋଦିତ ବାର୍ଷିକ 10 ପ୍ରତିଶତ ମୂଲ୍ୟ ବୃଦ୍ଧି ହିସାବରେ ପାଞ୍ଚଟି ଶିଳ୍ପ[27]କୁ 21.40 କୋଟି ଟଙ୍କାର ଅନୁଚିତ୍ ଅନୁକମ୍ପା ପ୍ରଦାନ କରାଯାଇଥିଲା ।

ଇଡ୍‌କୋ ଦର୍ଶାଇଲେ(ନଭେମ୍ବର 2012) ଯେ ଜମି ମୂଲ୍ୟରେ ପରିବର୍ତ୍ତନ ସମ୍ବନ୍ଧୀୟ ମାମଲା ସରକାରଙ୍କ ଦ୍ୱାରା ଗ୍ରହଣ ହୋଇ ନଥିଲା । ଶିଳ୍ପ ବିଭାଗ ମଧ୍ୟ କୌଣସି ଉତ୍ତର ରଖି ନଥିଲେ(ଅଗଷ୍ଟ 2013) ।

### *2.1.9.3 କମ୍ ପ୍ରିମିୟମ ନିର୍ଦ୍ଧାରଣ*

ଆଇ.ପି.ଆରର ବ୍ୟବସ୍ଥା ଅନୁଯାୟୀ ଶିଳ୍ପକୁ ସରକାରୀ ଜମିର ନିଲାମ କ୍ଷେତ୍ରରେ, ପ୍ରଚଳିତ ଆଇ.ପି.ଆର ରେ ଦର୍ଶାଯାଇଥିବା ରିହାତି ଦରର ପ୍ରିମିୟମ ପ୍ରଦାନ କରାଯିବା କଥା ।

ଅଡିଟ୍ ପରିଲକ୍ଷିତ କଲା ଯେ ଆଦିତ୍ୟ ଆଲୁମନିୟମ ଲିମିଟେଡ୍(ଏ.ଏ.ଏଲ) ପାଇଁ ଇଡ୍‌କୋ ସପକ୍ଷରେ 443.58 ଏକର ସରକାରୀ ଜମିର ହସ୍ତାନ୍ତର (ସେପ୍ଟେମ୍ବର 2007) ମାମଲାରେ, ପୂର୍ବ ସମୟ(2001) ର ଆଇ.ପି.ଆର ଦରକୁ ବିଚାରକୁ ନିଆଯାଇଥିଲା, ଯାହାକି ପଟ୍ଟାର ମଞ୍ଜୁର ହେବା ତାରିଖକୁ ଥିବା ଆଇ.ପି.ଆର(2007) ଦର ଠାରୁ କମ୍ ଥିଲା ।

ଆର୍.ଡି.ଏମ୍ ବିଭାଗ ଦର୍ଶାଇଲେ ଯେ ତାଙ୍କ ବିଭାଗର ପରିପତ୍ର(ନଭେମ୍ବର 2007) ଆଧାରରେ ସଂପୃକ୍ତ ତହସିଲଦାରମାନଙ୍କ ଦ୍ୱାରା ପଟ୍ଟାର ସୁପାରିଶ ଅନୁଯାୟୀ ଏକର ପ୍ରତି 25000 ଟଙ୍କା(ଆଇ.ପି.ଆର 2001) ହିସାବରେ ପ୍ରିମିୟମ ଲାଗୁ କରାଯାଇଥିଲା ।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ନଭେମ୍ବର 2007 ରେ ପରିପତ୍ର ଜାରିହେବା ପୂର୍ବରୁ ସେପ୍ଟେମ୍ବର 2007 ରେ ପଟ୍ଟାର ମଞ୍ଜୁରୀ କାମ ସଂପନ୍ନ ହୋଇଥିଲା ଏବଂ ମାର୍ଚ୍ଚ 2007 ଠାରୁ ଆଇ.ପି.ଆର 2007 ର ଦର ଲାଗୁ ହୋଇସାରିଥିଲା, ତେଣୁ ଆଇ.ପି.ଆର 2007 ର ଦର ଲାଗୁ ହେବା କଥା ।

### *2.1.9.4 ଦେୟ ଲାଗୁ , ନିର୍ଦ୍ଧାରଣ ଏବଂ ଆଦାୟ*

ଇଡ୍‌କୋ ମାନୁଆଲ 1997 ର ଓ.ଆଇ.ଆଇ.ଡି.ସି ଆକ୍ଟର କ୍ଲଜ ସି ଅଧିନସ୍ଥ ପାରା 4(II) ର ବ୍ୟବସ୍ଥା ଏବଂ ଶିଳ୍ପ ମାନଙ୍କ ସହିତ ଇଡ୍‌କୋ ଦ୍ୱାରା କରାଯାଇଥିବା ପଟ୍ଟା ଦଲିଲର ସର୍ତ୍ତ ଅନୁଯାୟୀ ଆବଣ୍ଟିତ ଜମିର ପ୍ରିମିୟମ ବ୍ୟତୀତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଦେୟ, ସେସ୍ ଏବଂ ଆବଣ୍ଟନ ରଦ୍ଦ ପରେ ଥିବା ଜମିର କ୍ଷତି

---

[25] ବ୍ରାହ୍ମଣୀ ଉତ୍ତର ପେଲେଟ୍ସ ଲିମିଟେଡ୍, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ଟାଟା ଆଇରନ୍ ଏଣ୍ଡ ଷ୍ଟିଲସ ଲିମିଟେଡ୍, ଭିସା ଷ୍ଟିଲ୍ ଲିମିଟେଡ୍, ମଇଥାନ ଇସ୍ପାତ୍ ଲିମିଟେଡ୍ ।

[26] ବ୍ରାହ୍ମଣୀ ଉତ୍ତର ପେଲେଟ୍ସ ଲିମିଟେଡ୍, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ମଇଥାନ ଇସ୍ପାତ୍ ଲିମିଟେଡ୍, ଟାଟା ଆଇରନ୍ ଏଣ୍ଡ ଷ୍ଟିଲ୍ସ ଲିମିଟେଡ୍,

[27] ବ୍ରାହ୍ମଣୀ ରିଭର ପେଲେଟ୍ସ ଲିମିଟେଡ୍, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ମଇଥାନ୍ ଇସ୍ପାତ୍ ଲିମିଟେଡ୍, ଟାଟା ଆଇରନ୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ ଏବଂ ଭିସା ଷ୍ଟିଲ ଲିମିଟେଡ୍

ଦେୟ ଇଡ୍‌କୋ ଆଦାୟ କରୁଅଛି । ଆହୁରି ମଧ୍ୟ, ଆଇ.ଆଇ.ଡି.ସି ଆକ୍ଟର ଧାରା 57 ଅନୁଯାୟୀ ଇଡ୍‌କୋକୁ ପ୍ରଦାନ କରିବାକୁ ଥିବା ଦେୟକୁ ସାର୍ବଜନୀନ ଦାବୀ ଆକାରରେ ଆଦାୟ କରାଯିବା କଥା ।

ଇଡ୍‌କୋ ଦ୍ୱାରା ଦେୟର ନିର୍ଦ୍ଧାରଣ, ଲାଗୁ, ଅସୁଲି ଏବଂ ପଇଠ ସମ୍ବନ୍ଧୀୟ ନିମ୍ନଲିଖିତ ଅନିୟମିତତା ଗୁଡ଼ିକ ଅଡିଟିର ଦୃଷ୍ଟିଗୋଚର ହୋଇଥିଲା ।

- ମନେଟ୍ ଇସ୍ପାତ ଲିମିଟେଡ (ଏମ୍.ଆଇ.ଏଲ୍)କୁ ଇଡ୍‌କୋ 224.10ଏକର ଜମି ଆବଣ୍ଟନ କରିଥିଲା (ମେ 2006 ଏବଂ ଫେବ୍ରୁୟାରୀ 2007 ) । କୌଣସି ଉପଯୋଗ ନ ହୋଇ ଶିଳ୍ପ ଦ୍ୱାରା ଏହି ଜମି ଇଡ୍‌କୋ କୁ ଅର୍ପଣ (ସେପ୍ଟେମ୍ବର 2011) କରାଯାଇଥିଲା ଯାହାକି ପ୍ରଯୁଜ୍ୟ ଜମି ପ୍ରିମିୟମ ବାବଦକୁ 6.00 କୋଟି ଟଙ୍କା ଆଦାୟ ନ କରି ଏହାକୁ ପରବର୍ତ୍ତୀ ସମୟରେ (ଫେବୃଆରୀ 2012)ମନେଟ ପାୱାର କଂପାନୀ ଲିମିଟେଡ୍ (ଏମ୍.ପି.ସି.ଏଲ)କୁ ଆବଣ୍ଟନ କରାଯାଇଥିଲା ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦକୁ ମାତ୍ର 47.76 ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା ଯାହା ଫଳରେ ଏମ୍.ପି.ସି.ଏଲ କୁ 5.52 କୋଟି ଟଙ୍କାର ଅନୁପଯୁକ୍ତ ସୁବିଧା ପ୍ରଦାନ କରାଯାଇଥିଲା ।

  ଜମି ପୁନ ଆବଣ୍ଟନ କରାଯାଇଥିବା ଶିଳ୍ପ ନିକଟରେ ଉପଯୁକ୍ତ ଦାବୀ ଉପସ୍ଥାପନ କରିବାକୁ ଇଡ୍‌କୋ ପ୍ରତିଶ୍ରୁତି ପ୍ରଦାନ କରିଥିଲା (ଜାନୁୟାରୀ 2013 ) । ଏ ଦିଗରେ କୌଣସି ପଦେକ୍ଷପକୁ ଅପେକ୍ଷା କରାଯାଇଛି(ଜୁନ୍ 2013) ।

- ***ପରିଶିଷ୍ଟ 2.1.8*** ରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ ଆଠଟି ବୁଝାମଣା ଭିତ୍ତିକ ଶିଳ୍ପକୁ ଆବଣ୍ଟନ କରାଯାଇଥିବା 1771.433 ଏକର ସରକାରୀ ଜମିର ଯାଞ୍ଚରୁ ଜଣାଗଲା ଯେ 4.81 କୋଟି ଟଙ୍କାର ଆନୁଷଙ୍ଗିକ ଖର୍ଚ୍ଚ, ଭୂ-ଖଜଣା କମ୍ ନିର୍ଦ୍ଧାରଣ ବାବଦକୁ (32.55 ଲକ୍ଷ ବାର୍ଷିକ) ଏବଂ ସେସ୍ ବାବଦକୁ (ବାର୍ଷିକ 24.36 ଲକ୍ଷ ଟଙ୍କା) କୌଣସି ଅର୍ଥ ଲାଗୁ କରାଯାଇ ନଥିଲା । ଏହା ଫଳରେ ଭୂ-ଖଜଣା ଓ ସେସ୍ ବାବଦରେ ସରକାରଙ୍କର ବାର୍ଷିକ 56.91 ଲକ୍ଷ ଟଙ୍କାର ଆବର୍ତ୍ତନ କ୍ଷତି ଘଟିଥିଲା ।

  ଉତ୍ତରରେ ଦର୍ଶାଇଲେ ଯେ କମ୍ ନିର୍ଦ୍ଧାରଣ କରାଯାଇଥିବା ଦେୟ ଆଦାୟ କରିବାକୁ ସଂପୃକ୍ତ ତହସିଲଦାରମାନଙ୍କୁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ(ଅକ୍ଟୋବର 2012) କିନ୍ତୁ ରାୟଗଡା, କୋରାପୁଟ ଏବଂ ବଲାଙ୍ଗିରର ଜିଲ୍ଲାପାଳମାନେ ଉକ୍ତ ବିଷୟକୁ ଯାଞ୍ଚ୍ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

  ଇଡ୍‌କୋର ବିଭାଗୀୟ ଗୁଣବତ୍ତା ବ୍ୟବସ୍ଥା ମାନୁଆଲର ପରିଛେଦ ସି-4(iv) ଆବଶ୍ୟକ କରେ ଯେ ରଦ୍ଦ ନିର୍ଦ୍ଦେଶ ଜାରି ହେବା ପରେ ଯଦି ଆବଣ୍ଟନଗ୍ରାହୀ ଇଡ୍‌କୋକୁ ଜମି / ପ୍ଲଟ୍ ହସ୍ତାନ୍ତର ନ କରନ୍ତି ତେବେ ଓଡିଶା ପବ୍ଲିକ୍ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ(ଓ.ପି.ଏଲ.ଇ) ଆକ୍ଟ ଅନୁଯାୟୀ ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଦଖଲକାରୀଙ୍କୁ ଦଖଲଚ୍ୟୁତ କରାଯିବ । ପଟ୍ଟା ଦଲିଲର କ୍ଲଜ୍-17 ଅନୁଯାୟୀ, ପଟ୍ଟା ଦଲିଲ ରଦ୍ଦ ହେବା ପରେ ଜମିର ଅନଧିକୃତ ଉପଯୋଗ ପାଇଁ କ୍ଷତି ପୂରଣ ବାବଦକୁ ଦିନକୁ 500 ଟଙ୍କା ହିସାବରେ ଲାଗୁ କରାଯିବା କଥା ।

  ଇଡ୍‌କୋର ବଛାଯାଇଥିବା ଆଠଟି ପ୍ରଭାଗରେ ଅଡିଟ୍ ପରିଲକ୍ଷିତ କଲା ଯେ 258 ଟି କ୍ଷୁଦ୍ରଶିଳ୍ପକୁ ଆବଣ୍ଟନ କରାଯାଇଥିବା ଜମିକୁ 2001-12 ମଧ୍ୟରେ ରଦ୍ଦ କରାଯାଇଥିଲା । ଏହି 258 ଟି ମାମଲା ମଧ୍ୟରୁ 52 ଟି ଶିଳ୍ପ କାର୍ଯ୍ୟକ୍ଷମ ଥିଲା ବେଳେ ଅବଶିଷ୍ଟ 206 ଟି ମାମଲାରେ ଆବଣ୍ଟିତ ଜମି ଖାଲି ପଡିଥିଲା । ଆବଣ୍ଟନ ରଦ୍ଦ ହେବା ସତ୍ତ୍ୱେ କାର୍ଯ୍ୟକାରୀ ହେଉଥିବା 52 ଟି ଶିଳ୍ପ ଠାରୁ, ପଟ୍ଟା ଦଲିଲର ଧାରା 17 ଅନୁଯାୟୀ ପ୍ରଯୁଜ୍ୟ କ୍ଷତିପୂରଣ ବାବଦକୁ 4.35 କୋଟି ଟଙ୍କା ଆଦାୟ କରାଯାଇ ନଥିଲା । ପୁନଶ୍ଚ, ଓ.ପି.ଏଲ.ଇ ଆକ୍ଟ ଅନୁଯାୟୀ କାର୍ଯ୍ୟକ୍ଷମ ଥିବା ଶିଳ୍ପକୁ ଦଖଲଚ୍ୟୁତ କରିବାକୁ ଇଡ୍‌କୋ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲା କିମ୍ବା ଓ.ଆଇ.ଆଇ.ଡି.ସି ଆକ୍ଟ ଅନୁଯାୟୀ ଅବଶିଷ୍ଟ 206 ଟି ମାମଲାରେ ଜମିକୁ ପୁନର୍ଦଖଲ କରି ନଥିଲା । ଅନଧିକୃତ ଦଖଲକାରୀଙ୍କୁ ଦଖଲଚ୍ୟୁତ ନ କରିବା ଏବଂ ଖାଲି ପଡିଥିବା ଜମିକୁ ପୁନର୍ଦଖଲ ନକରିବା ଫଳରେ ଶିଳାଞ୍ଚଳରେ ନୂତନ

ଆବେଦନକାରୀମାନେ ଜମି ପାଇବାରୁ ବଞ୍ଚିତ ହୋଇଥିଲେ, ଯାହାଫଳରେ 2001-12 ମଧ୍ୟରେ ଜମି ଉପଲବ୍ଧ ନଥିବା ଦୃଷ୍ଟିରୁ 158 ଟି ଆବେଦନକୁ ନାକଚ୍ କରାଯାଇଥିଲା ।

ବିଭାଗ ଦର୍ଶାଇଲା (ଏପ୍ରିଲ୍ 2013) ଯେ ଜମିର ଆବଣ୍ଟନ ରଦ୍ଦ ହୋଇଗଲା ପରେ ଇଡ୍‌କୋ ଏବଂ ଶିଳ୍ପଙ୍କ ମଧ୍ୟରେ ହୋଇଥିବା ପଟ୍ଟା ଦଲିଲ୍ ମଧ୍ୟ ଅକାମୀ ହୋଇଗଲା, ତେଣୁ ପଟ୍ଟା ଦଲିଲ୍ ଅନୁଯାୟୀ ଥିବା କ୍ଷତିପୂରଣ ଅସୁଲିର ପ୍ରଶ୍ନ ଉଠୁନାହିଁ । ଉତ୍ତର ଗ୍ରହଣୀୟ ନୁହେଁ କାରଣ ପଟ୍ଟା ଦଲିଲ୍‌ରେ ନିର୍ଦ୍ଦିଷ୍ଟଭାବେ ଦର୍ଶାଇଛି ଯେ ପଟ୍ଟା ରଦ୍ଦ ହେବା ପରେ କ୍ଷତିପୂରଣ ଲାଗୁ କରାଯିବ ।

- ଇଡ୍‌କୋର ବଛା ଯାଇଥିବା ଆଠଟି ପ୍ରଭାଗ ମଧ୍ୟରୁ ସାତୋଟି କ୍ଷେତ୍ରରେ 31 ମାର୍ଚ୍ଚ 2012 ସୁଦ୍ଧା 2288 ଟି ଶିଳ୍ପ ଉପରେ ଭୂ-ରାଜସ୍ୱ, ସେସ୍ ଓ ଭିତ୍ତି ଭୂମିର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦକୁ 5.54 କୋଟି ଟଙ୍କା ବାକି ରହିଥିଲା । ବାକିଥିବା ଏହି ଦେୟର ଅବଧି 216 ଟି ଶିଳ୍ପ କ୍ଷେତ୍ରରେ ଦଶ ବର୍ଷରୁ ଅଧିକ ଥିଲା ଯାହାର ବିସ୍ତୃତ ବିବରଣୀ ***ପରିଶିଷ୍ଟ 2.1.9*** ରେ ଉଲ୍ଲେଖ କରାଯାଇଛି । କଳିଙ୍ଗ ନଗର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସରେ ଥିବା ଦୁଇଟି[28] ଶିଳ୍ପ ଠାରୁ ଭୂ-ରାଜସ୍ୱ / ସେସ୍ ବାବଦକୁ 2.11 କୋଟି ଟଙ୍କା ଆଦାୟ କରାଯାଇ ନଥିଲା ।

  ଶିଳ୍ପ ବିଭାଗ ଉକ୍ତ ବିଷୟକୁ ସ୍ୱୀକାର କରି(ଏପ୍ରିଲ୍ 2013) ଦର୍ଶାଇଲେ ଯେ ବାକିଥିବା ଦେୟ ଆଦାୟ କରିବାକୁ ଓଡିଶା ପବ୍ଲିକ୍ ଡିମାଣ୍ଡ ରିକଭରି ମାମଲା ରୁଜୁ କରିବାକୁ ଇଡ୍‌କୋର ସଂପୃକ୍ତ ପ୍ରଭାଗ ଗୁଡିକୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରାଯାଇ ସାରିଛି ।

- କଳିଙ୍ଗ ନଗର ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସରେ ଥିବା ସାତଟି[29] ବୁଝାମଣା ଭିତ୍ତିକ ଶିଳ୍ପଠାରୁ ଭୂ-ରାଜସ୍ୱ ବାବଦକୁ 10.54 କୋଟି ଟଙ୍କା, ସେସ୍ ବାବଦକୁ 7.91 କୋଟି ଟଙ୍କା ଏବଂ ସୁଧ ବାବଦକୁ 0.80 କୋଟି ଟଙ୍କା ଇଡ୍‌କୋ ଆଦାୟ କରିଥିଲା (ମାର୍ଚ୍ଚ 2004 ଠାରୁ ମାର୍ଚ୍ଚ 2012) । ଓଡିଶା ଟ୍ରେଜେରୀ ବୋର୍ଡ ପ୍ରଥମ ଖଣ୍ଡର ସଂପୂରକ ନିୟମାବଳୀ-6 ତଥା ଓଡିଶା ସାଧାରଣ ଆର୍ଥିକ ନିୟମାବଳୀର ନିୟମ-4 ଅନୁଯାୟୀ ସରକାରଙ୍କ ତରଫରୁ ପ୍ରାପ୍ତ ହେଉଥିବା ରାଜସ୍ୱକୁ ରାଜ୍ୟର ସରକାରୀ ହିସାବ ଖାତାରେ ପଇଠ କରିବା ଆବଶ୍ୟକ, କିନ୍ତୁ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରାଯାଇ ମାତ୍ର 4.62 କୋଟି ଟଙ୍କା ପଇଠ କରାଯାଇଛି । ଫଳରେ 14.63 କୋଟି ଟଙ୍କା କମ୍ ପଇଠ ହୋଇଅଛି । ଏହି ତଥ୍ୟକୁ ଆର୍.ଡି.ଏମ୍. ବିଭାଗ ସ୍ୱୀକାର କରିଥିଲେ(ଜାନୁଆରୀ 2013) ।

ଉପରୋକ୍ତ ଅଭାବ ଗୁଡିକରୁ ସ୍ପଷ୍ଟ ଭାବେ ଜଣାଗଲା ଯେ ଦେୟ ଗୁଡିକର ସଠିକ୍ ନିର୍ଦ୍ଧାରଣ ଲାଗୁ ଏବଂ ତୁରନ୍ତ ଆଦାୟକୁ ସୁନିଶ୍ଚିତ କରିବାକୁ ଇଡ୍‌କୋ ନିକଟରେ ଫଳପ୍ରଦ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ ରହିଅଛି । ସରକାରୀ ଅର୍ଥକୁ ତୁରନ୍ତ ଟ୍ରେଜେରୀରେ ପଇଠ କରିବାର ଉପଯୁକ୍ତ ତତ୍ପରତା ଇଡ୍‌କୋ ଦ୍ୱାରା ଅବଲମ୍ବନ କରାଯାଇ ନଥିଲା ।

### 2.1.10 ଜମିର ଉପଯୋଗ

ସ୍ୱୟଂ ଶିଳ୍ପ ଦ୍ୱାରା ଚିହ୍ନିତ ଅଞ୍ଚଳରେ ଶିଳ୍ପ ଉଦ୍ଦେଶ୍ୟରେ ଉପଯୋଗ ପାଇଁ ଘରୋଇ ଜମିର ଅଧିଗ୍ରହଣ କରାଯାଇଥିଲା । ଶିଳ୍ପମାନଙ୍କ ଦ୍ୱାରା ଜମି ପାଇଁ ବହୁଳ ଦାବୀ ଥିବା ସତ୍ତ୍ୱେ ଜମିଗୁଡିକୁ ରିହାତି ଦରରେ ଶିଳ୍ପମାନଙ୍କୁ ଆବଣ୍ଟନ କରାଯାଇଥିଲା । ପଟ୍ଟା ଦଲିଲର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ, ଆବଣ୍ଟନ ସମୟରେ ଥିବା ଉଦ୍ଦେଶ୍ୟ ପାଇଁ ହିଁ ଆବଣ୍ଟିତ ଜମିର ଉପଯୋଗ ହେବା କଥା । ପୁନଶ୍ଚ, ଇଡ୍‌କୋ ମାନୁଆଲ 1997 ର କ୍ଲଜ-III ର ପାରା-4 ଅନୁଯାୟୀ ଆବଣ୍ଟନ ଗ୍ରାହୀଙ୍କ ଦ୍ୱାରା ଆବଣ୍ଟିତ ଜମି ଓ ପ୍ଲଟର ଉପଯୁକ୍ତ ଉପଯୋଗ, ଦେୟ ପ୍ରଦାନ ଏବଂ ଆବଣ୍ଟନରେ ଅନ୍ୟାନ୍ୟ ସର୍ତ୍ତର ପାଳନକୁ ପ୍ରଭାଗୀୟ ଅଧିକାରୀ

[28] ମହାରାଷ୍ଟ୍ର ସିମଲେସ୍ ଲିମିଟେଡ(26 ଲକ୍ଷ ଟଙ୍କା) ଓ ଉତ୍ତମ ଗାର୍ଲସ ଷ୍ଟିଲ ଲିମିଟେଡ(1.85 କୋଟି ଟଙ୍କା) 2006-07 ପାଇଁ ।

[29] ବ୍ରାହ୍ମଣୀ ରିଭର ପେଲେଟ୍ ଲିମିଟେଡ୍, ଜିନ୍ଦଲ ଷ୍ଟିଲସ ଲିମିଟେଡ୍, ମହାରାଷ୍ଟ୍ର ସିମଲେସ୍ ଲିମିଟେଡ୍, ମଇଥାନ ଇସ୍ପାତ୍ ଲିମିଟେଡ, ଟାଟା ଷ୍ଟିଲ, ଉତ୍ତମ ଗାଲ୍ଭା ଷ୍ଟିଲ୍ସ ଲିମିଟେଡ୍, ଭିସା ଷ୍ଟିଲ ।

ନିୟମିତ ଭାବେ ଅନୁଶୀଳନ କରିବେ । ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ସ୍ଥଳେ, ଇଡ୍‌କୋକୁ ସୂଚୀତ କରି ସଂପୃକ୍ତ ସଂସ୍ଥାକୁ ଉପଯୁକ୍ତ ନୋଟିସ୍ ପ୍ରଦାନ କରିବେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ।

ତେଣୁ, ରାଜ୍ୟରେ ଦ୍ରୁତ ଶିଳ୍ପାୟନର ଲକ୍ଷ୍ୟ ହାସଲ ଦିଗରେ ଜମିର ସର୍ବଶେଷ ଉପଯୋଗ ଶିଳ୍ପର ପ୍ରକୃତ ଉଦ୍ଦେଶ୍ୟ ପାଇଁ ହେଉଥିବାକୁ ସୁନିଶ୍ଚିତ କରିବାକୁ ପ୍ରଭାବଶାଳୀ ଓ ଯଥୋଚିତ ପର୍ଯ୍ୟାଲୋଚନା ଅପରିହାର୍ଯ୍ୟ ।

ଜମିର ସର୍ବଶେଷ ବ୍ୟବହାର ସହିତ ପର୍ଯ୍ୟାଲୋଚନା ସଂକ୍ରୀୟାର ଯାଞ୍ଚ୍ କରି ଅଡିଟ୍ ନିମ୍ନଲିଖିତ ଅନିୟମିତତା ଗୁଡ଼ିକୁ ପରିଲକ୍ଷିତ କଲା ।

### *2.1.10.1 ଜମି ଉପଯୋଗର ପର୍ଯ୍ୟାଲୋଚନା*

ଶିଳ୍ପ ଉଦ୍ୟୋଗକାରୀଙ୍କ ସହିତ ସ୍ୱାକ୍ଷରିତ ବୁଝାମଣା ପତ୍ରରେ, ରାଜ୍ୟ ସରକାର ଜମିର ପ୍ରତିଶ୍ରୁତି ସ୍ୱରୂପ ଶିଳ୍ପଗୁଡ଼ିକୁ ମୂର୍ତ୍ତିମାନ ଏବଂ ପ୍ରଚୁର ରିହାତି ପ୍ରଦାନ କରିଥାନ୍ତି । ଉଦ୍ୟୋଗକାରୀମାନେ ବଦଳରେ ଶିଳ୍ପ ସ୍ଥାପନ କରି ସହମତ ସମୟ ସୀମା ମଧ୍ୟରେ ଉତ୍ପାଦନ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥାନ୍ତି । ମାତ୍ର, ଅଡିଟ୍ ପରିଲକ୍ଷିତ କଲା ଯେ ଆବଣ୍ଟିତ ଜମି ଗୁଡ଼ିକର ସର୍ବଶେଷ ବ୍ୟବହାର ଇପିକଲ, ଇଡ୍‌କୋ ଏବଂ ସଂପୃକ୍ତ ବିଭାଗ ଗୁଡ଼ିକ ଦ୍ୱାରା ସୂଚାରୁରୂପେ ପର୍ଯ୍ୟାଲୋଚନା କରାଯାଇ ନଥିଲା ।

2001-12 ମଧ୍ୟରେ 89 ଟି ଶିଳ୍ପଙ୍କ ସହିତ ସ୍ୱାକ୍ଷର କରାଯାଇଥିବା ବୁଝାମଣା ମଧ୍ୟରୁ ମାର୍ଚ୍ଚ 2012 ସୁଦ୍ଧା 52ଟି ଶିଳ୍ପକୁ 30900.177 ଏକର ଜମି ପ୍ରଦାନ କରାଯାଇଥିଲା । ଏହି 52ଟି ମାମଲା ମଧ୍ୟରୁ 24 ଟି ଶିଳ୍ପ କ୍ଷେତ୍ରରେ ସେମାନଙ୍କର ଆବଶ୍ୟକଥିବା ଜମିର 50 ପ୍ରତିଶତ ସେମାନଙ୍କୁ ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2012 ସୁଦ୍ଧା 24ଟି ଶିଳ୍ପ ମଧ୍ୟରୁ 10 ଟି ଶିଳ୍ପ ସେମାନଙ୍କର ଅର୍ଥନୈତିକ ସମାପ୍ତି ସମ୍ବନ୍ଧୀୟ ନଥିପତ୍ର ଉପସ୍ଥାପନ କରି ନଥିଲେ । ଶିଳ୍ପ ସ୍ଥାପନ ପାଇଁ ଏବଂ ଆବଣ୍ଟିତ ଜମିର ଉପଯୋଗ ପାଇଁ ଅର୍ଥନୈତିକ ସମାପ୍ତି ନିହାତି ଆବଶ୍ୟକ । ଉପରୋକ୍ତ 52 ଟି ଶିଳ୍ପ ମଧ୍ୟରୁ ମାର୍ଚ୍ଚ 2012 ସୁଦ୍ଧା ମାତ୍ର ଦୁଇଟି ଶିଳ୍ପ ଉତ୍ପାଦନ ଆରମ୍ଭ କରିଥିଲେ । ସ୍ୱାକ୍ଷରିତ ବୁଝାମଣାରେ ସହମତ ସମୟ ମଧ୍ୟରେ ରିହାତି ଦରରେ ଆବଣ୍ଟିତ ଜମିର ଉପଯୋଗ କରିବାରେ ଶିଳ୍ପ ଗୁଡ଼ିକ ଅକୃତକାର୍ଯ୍ୟ ହୋଇଥିଲେ ।

ସେହିପରି 10664.803 ଏକର ଜମି ଆବଣ୍ଟନ କରାଯାଇଥିବା 28 ଟି ଅଣ ବୁଝାବଣା ଶିଳ୍ପର ଯାଞ୍ଚରୁ ଜଣାଗଲା ଯେ ମାତ୍ର 10 ଟି ଶିଳ୍ପ ଉତ୍ପାଦନ ଆରମ୍ଭ କରିଥିଲେ । ଶିଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମ୍ବନ୍ଧରେ ଶିଳ୍ପ ବିଭାଗ, ଉନ୍ନୟନ କମିଶନର, ମୁଖ୍ୟ ଶାସନ ସଚିବ ଏବଂ ସଂପୃକ୍ତ ମନ୍ତ୍ରୀ, 2007 -13 ମଧ୍ୟରେ ଖୁବ୍ ସ୍ୱଳ୍ପ[30] ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକର ସଂଖ୍ୟା 2011-12 ଠାରୁ କମି କମି ଯାଇଥିଲା । ଏଥିରୁ ସୂଚୀତ ହେଲା ଯେ ଏହି ଶିଳ୍ପଙ୍କ ଦ୍ୱାରା ଜମିର ସର୍ବଶେଷ ଉପଯୋଗିତାର ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିଲା ।

ଏହା ଛଡ଼ା, ଇଡ୍‌କୋ ମାନୁଆଲ, 1997 ର ବ୍ୟବସ୍ଥାର ଆବଶ୍ୟକତା ଅନୁଯାୟୀ ଶିଳ୍ପାଞ୍ଚଳରେ ଅବସ୍ଥିତ ସେଡ୍, ପ୍ଲଟ୍ ଗୁଡ଼ିକର ଉପଯୋଗିତା, ଦେୟ ପରିଶୋଧ ଏବଂ ଆବଣ୍ଟନର ନୀତି ନିୟମର ଅନୁପାଳନକୁ ଏହାର ପ୍ରଭାଗୀୟ ଅଧିକାରୀମାନେ ନିୟମିତ ତଦାରଖ କରିବା କଥା ।

ଶିଳ୍ପାଞ୍ଚଳରେ ଜମି ଉପ ଯୋଗର ସ୍ଥିତି ଜାଣିବାକୁ 2001–12 ମଧ୍ୟରେ ଶିଳ୍ପ ଗୁଡ଼ିକର ସରଜମିନ ନିରୀକ୍ଷଣ ପ୍ରଭାଗୀୟ କର୍ମଚାରୀଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ କରାଯାଇ ନଥିଲା ।

ଶିଳ୍ପ ବିଭାଗ ଦର୍ଶାଇଲେ (ଏପ୍ରିଲ 2013) ଯେ ସ୍କ୍ୱାଡ ଗଠନ କରାଯାଇ ସୁବିସ୍ତୃତ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

[30] 2006-07:2, 2007-08:0, 2008-09:4, 2009-10:5, 2010-11:6, 2011-12:4 ଏବଂ 2012-13:2 ଥର ।

### 2.1.10.2 ଆବଣ୍ଟିତ ଜମିର ଅନୁପଯୋଗ

ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 34 ଅନୁଯାୟୀ ଜମିର ଉପଯୋଗ ନ ହେବା କ୍ଷେତ୍ରରେ ଏହିଜମିକୁ ଇଡ୍‌କୋ ଦ୍ୱାରା ପୁନର୍ଦ୍ଦଖଲ କରାଯିବା କଥା । ପୁନଶ୍ଚ, ଆବଣ୍ଟନ ଆଦେଶ ଓ ଇଡ୍‌କୋ ଦ୍ୱାରା ସଂପନ୍ନ କରାଯାଇଥିବା ପଟ୍ଟା ଦଲିଲ ମୁତାବକ ନିର୍ଦ୍ଦେଶିତ ସମୟ ସୀମା ମଧ୍ୟରେ ଆବଣ୍ଟିତ ଜମିର ଉପଯୋଗ କରାଯିବା ଏବଂ ଆବଣ୍ଟିତ ଜମିରେ ଦଖଲ ନେବାର ଛଅ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ଏବଂ ଦୁଇ / ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବେ । ଉକ୍ତ ନିୟମର ଖିଲାପ ସ୍ଥଳେ, ଅନ୍ୟାନ୍ୟ ବିଷୟ ଛଡା, ଆବଣ୍ଟନ ରଦ୍ଦ କରାଯିବ ଏବଂ ଓ.ଆଇ.ଆଇ.ଡି.ସି ଆକ୍ଟର ବ୍ୟବସ୍ଥା ଅନୁଯାୟୀ ଉଦ୍ୟୋଗକାରୀଙ୍କୁ ସେହି ପରିସରରୁ ବେଦଖଲ କରାଯାଇ ଜମିକୁ ପୁନର୍ଦ୍ଦଖଲ କରାଯିବ ।

ଅଡିଟ୍ ପରିଲକ୍ଷିତ କଲା ଯେ ଜମି ଉପଯୋଗିତାର ସ୍ଥିତି ଜାଣିବା ପାଇଁ ଇଡ୍‌କୋର ପ୍ରଭାଗୀୟ କର୍ମଚାରୀମାନେ ନିୟମିତ ବ୍ୟବଧାନରେ ଶିଳ୍ପ ସଂସ୍ଥାଗୁଡିକର ସରଜମିନ ନିରୀକ୍ଷଣ କରି ନଥିଲେ , ଉପଯୋଗ ନ ହେଉଥିବା ଆବଣ୍ଟିତ ଜମି / ସେଡ୍‌ର ସଂଧାନ ବର୍ଷ ବର୍ଷ ଧରି ମିଳି ନଥିଲା । ଅଡିଟ୍ ପୁଣି ପରିଲକ୍ଷିତ କଲା ଯେ 1120 ଜଣ ଶିଳ୍ପ ଉଦ୍ୟୋଗୀଙ୍କୁ ଆବଣ୍ଟନ କରାଯାଇଥିବା 16828.103 ଏକର[31] ଜମି ମାର୍ଚ୍ଚ 2012 ସୁଦ୍ଧା ଉପଯୋଗ ନ ହୋଇ ପଡିରହିଥିଲା ।



*ଜୁଲାଇ 2006 ଏବଂ ସେପ୍ଟେମ୍ବର 2009 ମଧ୍ୟରେ ରୁଙ୍ଗଟା ମାଇନ୍ସ ଲିଃକୁ ଆବଣ୍ଟିତ 600.695 ଏକର ଜମିର କୌଣସି ଉପଯୋଗ ନ ହୋଇ ପଡିରହିଛି ।*

- ଜମିର ସର୍ବଶେଷ ଉପଯୋଗ ବିଷୟରେ ଜାଣିବାକୁ ଇଡ୍‌କୋ କିମ୍ବା ସରକାରଙ୍କ ଦ୍ୱାରା ନିୟମିତ ନିରୀକ୍ଷଣ ହେଉ ନଥିବାରୁ ସମସ୍ତ 52 ଟି ବୃଞ୍ଝାମଣା ଆଧାରିତ କମ୍ପାନିକୁ ପ୍ରଦାନ କରାଯାଇଥିବା ଜମିର ଉପଯୋଗିତା ବିଷୟରେ ଜାଣିବାକୁ ଅଡିଟ୍ ମିଳିତଭାବେ ସର ଜମିନ ତଦନ୍ତ କରିଥିଲା(ଜୁଲାଇ 2012, ନଭେମ୍ବର 2012, ଜାନୁଆରୀ 2013) ଏବଂ ଜାଣିବାକୁ ପାଇଲା ଯେ 24ଟି[32] ବୁଝାମଣା ଆଧାରିତ ଶିଳ୍ପଙ୍କୁ ପ୍ରଦତ୍ତ 11447.449 ଏକର ଜମି ଉପଯୋଗ ନ ହୋଇ ପଡିରହିଛି ଏବଂ ଶିଳ୍ପଙ୍କ ଦ୍ୱାରା ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇ ପାରିନାହିଁ । ଏମାନଙ୍କ ମଧ୍ୟରୁ 15 ଟି ଶିଳ୍ପଙ୍କୁ ପ୍ରଦାନ କରାଯାଇଥିବା 8803.331 ଏକର ଜମି, ତିନିବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ଉପଯୋଗ ନ ହୋଇ ପଡିରହିଛି । କିନ୍ତୁ ଏହି ଜମିକୁ ପୁନର୍ଦ୍ଦଖଲ କରିବାକୁ ଇଡ୍‌କୋ ଦ୍ୱାରା କୌଣସି ପଦକ୍ଷେପ ଉଠାଯାଇ ନାହିଁ ।

- ସମୁଦାୟ 28ଟି ଅଣ ବୁଝାମଣା ବୃହତ୍ ଶିଳ୍ପ ମଧ୍ୟରୁ 16 ଟି ଶିଳ୍ପଙ୍କୁ ଆବଣ୍ଟନ କରାଯାଇଥିବା 4694.673 ଏକର ଜମି କୌଣସି ଉପଯୋଗ ନ ହୋଇ ଦୁଇରୁ ପାଞ୍ଚ ବର୍ଷ ଧରି ପଡି ରହିଛି ।

---

31 ବୁଝାମଣା ଆଧାରିତ : 24(11447.449 ଏକର), ଅଣ ବୁଝାମଣା: 16(4694.673 ଏକର), ଇଡକୋର ଶିଳ୍ପାଞ୍ଚଳରେ ଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ : 1080(685.981 ଏକର)

32 ଆଦିତ୍ୟ ଆଲୁମିନିୟମ ଲିମିଟେଡ୍, (ରାୟଗଡା/କୋରାପୁଟ), ବି.କେ ଷ୍ଟିଲ୍ ଏଣ୍ଡ ପାୱାର ଲିମିଟେଡ୍(କେନ୍ଦୁଝର), ବ୍ରାହ୍ମଣୀ ଉଭର ପେଲେଟ୍ ଲିମିଟେଡ୍, ବ୍ରାଣ୍ଡ ଆଲଏଜ୍ ଲିମିଟେଡ୍(କେନ୍ଦୁଝର), ଭୂଷଣ ଏନର୍ଜି ଲିମିଟେଡ୍, କ୍ରାକର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(କେନ୍ଦୁଝର), ଏସାର ଷ୍ଟିଲ୍ ଓଡିଶା ଲିମିଟେଡ୍(କେନ୍ଦୁଝର), ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ୍(ଅନୁଗୁଳ), ଜି.ଏମ୍.ଆର ଏନର୍ଜି ଲିମିଟେଡ୍(ଢେଙ୍କାନାଳ), କୋଣାର୍କ ଇସ୍ପାତ୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍, (ଝାରସୁଗୁଡା), କେଭିକେ ନିଳାଚଳ ପାୱାର(ପ୍ରା) ଲିମିଲେଡ୍, ମହାନଦୀ ଏବନ ପାୱାର ଲିମିଟେଡ୍(ଅନୁଗୁଳ), ଷ୍ଟିଲ, ପୋସ୍କୋ ଇଣ୍ଡିଆ ଲିମିଟେଡ୍(ଜଗତସିଂହପୁର), ଆର୍.ଏସ୍.ବି ମେଟାଲଟେକ୍ ପ୍ରାଇଭେଟ୍ ଲିମିଟେଡ୍, ରୁଙ୍ଗଟା ମାଇନସ୍ ଲିମିଟେଡ୍(ଯାଜପୁର) ଓ କେନ୍ଦୁଝର, ସାହାରା ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ୍(ବଲାଙ୍ଗିର), ଶିବା ସିମେଣ୍ଟ ଲିମିଟେଡ୍(ସୁନ୍ଦରଗଡ), ଟାଟା ପାୱାର ଲିମିଟେଡ୍( କଟକ), ଟାଟା ଷ୍ଟିଲ୍ ଲିମିଟେଡ୍, ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍(କଟକ), ଉତ୍ତମ ଗାଲ୍ଭା ଷ୍ଟିଲ୍ ଲିମିଟେଡ୍(କେନ୍ଦୁଝର), ଉତ୍ତମ ଗାଲ୍ଭା ଷ୍ଟିଲ୍ ଲିମିଟେଡ୍(ଯାଜପୁର) ଏବଂ ଭିସା ପାୱାର ଲିମିଟେଡ୍(କଟକ)

- ଇଡ୍‌କୋର ଶିଳ୍ପାଞ୍ଚଳରେ 1080 ଟି କ୍ଷୁଦ୍ର ଶିଳ୍ପ ପାଇଁ ଆବଣ୍ଟନ କରାଯାଇଥିବା 685.951 ଏକର ଜମି ମାର୍ଚ୍ଚ 2013 ସୁଦ୍ଧା ତିନିରୁ 30 ବର୍ଷ ଧରି ଖାଲି ପଡିରହିଛି ଏବଂ ଆବଶ୍ୟକତା ଅନୁଯାୟୀ ଉକ୍ତ ଜମିକୁ ପୁନର୍ଦଖଲ କରାଯାଇନାହିଁ ।

- ଇଡ୍‌କୋର ଜମି ଆବଣ୍ଟନ କମିଟି ଦ୍ୱାରା ଧାର୍ଯ୍ୟ କରାଯାଇଥିବା(ଡିସେମ୍ବର 2003) ସର୍ତ୍ତ ତଥା ଆବଣ୍ଟନଗ୍ରାହୀଙ୍କ ସହିତ ସଂପନ୍ନ କରାଯାଇଥିବା ପଟ୍ଟା ଦଲିଲର ସର୍ତ୍ତ ଅନୁଯାୟୀ ଯଦି ଆବଣ୍ଟନଗ୍ରାହୀ ତିନି ବର୍ଷ ମଧ୍ୟରେ ପ୍ରକଳ୍ପକୁ କାର୍ଯ୍ୟାନ୍ୱିତ ନ କରିବେ ତେବେ ତାଙ୍କ ଠାରୁ ସମୁଦାୟ ଜମି ମୂଲ୍ୟର ବାର୍ଷିକ 12 ପ୍ରତିଶତ ହିସାବରେ ସୁଧ ଆଦାୟ କରାଯିବ । ଯଦି ଆବଣ୍ଟନଗ୍ରାହୀ ଜମି ଆବଣ୍ଟନ ହେବା ଦିନ ଠାରୁ ଦୁଇରୁ ଚାରି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବାରେ ବିଫଳ ହୁଅନ୍ତି ତେବେ ଆବଣ୍ଟନ ସ୍ୱତଃ ରଦ୍ଦ ହୋଇଯିବ ଏବଂ କମ୍ପାନୀଦ୍ୱାରା ପଇଠ କରାଯାଇଥିବା ଅର୍ଥ ହରଣଚାଲ ହୋଇଯିବ ।

  କେ.ଏନ୍.ଆଇ.ସି ଠାରେ ଛଅଟି ଶିଳ୍ପ ମଧ୍ୟରୁ ତିନିଟି[33] ଶିଳ୍ପକୁ ଆବଣ୍ଟନ କରାଯାଇଥିବା (ସେପ୍ଟେମ୍ବର 2005, ଜୁଲାଇ 2006, ଜୁଲାଇ 2007) 2422.153 ଏକର ଜମିର ପଟ୍ଟା ଦଲିଲରେ ଥିବା ଧାର୍ଯ୍ୟ ସମୟ ସୀମା[34] ମଧ୍ୟରେ ପ୍ରକଳ୍ପକୁ କାର୍ଯ୍ୟାନ୍ୱିତ କରିବା / ପ୍ରକଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟ କାମ କରିବାରେ ବିଫଳ ହୋଇଥିବା ଅଡିଟ୍ ପରିଲକ୍ଷିତ କଲା, ତଥାପି ପଟ୍ଟା ଦଲିଲ୍ / ଆବଣ୍ଟନ ଆଦେଶର ନିୟମ ଅନୁଯାୟୀ ସେପ୍ଟେମ୍ବର 2012 ସୁଦ୍ଧା ସୁଧ ବାବଦକୁ ଆଦାୟ ଉପଯୁକ୍ତ 28.10 କୋଟି ଟଙ୍କା ମାର୍ଚ୍ଚ 2013 ସୁଦ୍ଧା ଆଦାୟ କରାଯାଇ ନଥିଲା ।

ଜମିର ଉପଯୋଗ ହେଉ ନଥିବା ମାମଲା ଗୁଡିକୁ ଚିହ୍ନଟ କରିବାକୁ, ପଟ୍ଟା ଦଲିଲର ନୀତି ନିୟମ ଏବଂ ଓ.ଆଇ.ଆଇ.ସି ବ୍ୟବସ୍ଥାର ଅନୁପାଳନ ପୂର୍ବକ ଜମିର ପୁନର୍ଦଖଲ ପାଇଁ ବଳବତ୍‌କରଣ ସଂକ୍ରିୟାର ଅଭାବ ଥିଲା ।

ବିଭାଗ ଉକ୍ତ ବିଷୟକୁ ଗ୍ରହଣ କରି (ଏପ୍ରିଲ୍ 2013) ଦର୍ଶାଇଲେ ଯେ ଅଭିଳକ୍ଷିତ ଉଦ୍ଦେଶ୍ୟରେ ଉପଯୋଗ କରାଯାଇ ନ ଥିବା ଜମି ସଂକ୍ରାନ୍ତରେ ସଂପୃକ୍ତ ଶିଳ୍ପମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ପ୍ରେରଣ କରାଯାଇଛି । ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 34 ଅନୁଯାୟୀ ଜମି ପୁନର୍ଦଖଲ ପାଇଁ ଉପଯୁକ୍ତ ବାଧ୍ୟତାମୂଳକ ପଦକ୍ଷେପ ନ ନିଆଯିବା ସମ୍ବନ୍ଧରେ କୌଣସି ଉତ୍ତର ପ୍ରଦାନ କରି ନଥିଲେ ।

### *2.1.10.3 ଜମିର ଦୂରୁପଯୋଗ*

ଇଡ୍‌କୋ ମାନୁଆଲ 1997 ର ପାରା 4 ଅଧିନସ୍ଥ କ୍ଲଜ୍-III ଅନୁଯାୟୀ ଆବଣ୍ଟନଗ୍ରାହୀ ସଂସ୍ଥାକୁ ଆବଣ୍ଟିତ ସେଡ୍ ଓ ପ୍ଲଟର ଉପଯୋଗ, ଦେୟର ପରିଶୋଧ ଏବଂ ଆବଣ୍ଟନର ଅନ୍ୟାନ୍ୟ ନୀତି ନିୟମର ଅନୁପାଳନକୁ ପ୍ରଭାଗ ନିୟମିତ ଭାବରେ ନଜର ଦେବା କଥା । ଯେଉଁଠାରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲା, ପ୍ରଭାଗ ଦ୍ୱାରା ଇଡ୍‌କୋ ମୁଖ୍ୟ କାର୍ଯ୍ୟାଳୟକୁ ଅବଗତ କରାଇ ନିୟମ ଖିଲାପକାରୀ ସଂସ୍ଥାକୁ ଉପଯୁକ୍ତ ନୋଟିସ୍ ପ୍ରଦାନ କରିବେ ଏବଂ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

ଅଡିଟ୍ ପରିଲକ୍ଷିତ କଲା ଯେ ଜମି ଉପଯୋଗର ସ୍ଥିତି ବିଷୟରେ ଜାଣିବାକୁ ପ୍ରଭାଗୀୟ କର୍ମଚାରୀମାନେ ନିୟମିତ ବ୍ୟବଧାନରେ ସରଜମିନ ତଦନ୍ତ କରୁନାହାନ୍ତି, ଯାହାଫଳରେ ନିମ୍ନ ଆଲୋଚନା ଅନୁଯାୟୀ 521 ଟି ମାମଲାରେ ଆବଣ୍ଟିତ ଜମି / ସେଡର ଦୂରୁପଯୋଗ ଆଠ ରୁ 30 ବର୍ଷ ଧରି ଦୃଷ୍ଟିଗୋଚର ନହୋଇ ରହିଥିଲା ।

---

33 ଜୁଲାଇ 2007 ରେ ବ୍ରାହ୍ମଣୀ ଉତ୍ତର ପେଲେଟ୍ସ ଲିମିଟେଡ୍‌କୁ :81.250 ଏକର, ସେପ୍ଟେମ୍ବର 2005 ରେ ଟାଟା ଷ୍ଟିଲ୍ ଲିମିଟେଡ୍‌କୁ 1970.903 ଏକର, ଜୁଲାଇ 2006 ରେ ଉତ୍ତମ ଗାଲଭା ଷ୍ଟିଲ୍ସ ଲିମିଟେଡ୍‌କୁ :370.000 ଏକର

34 ଟାଟା ଷ୍ଟିଲ୍ ଲିମିଟେଡ୍: ପଟା ଦଲିଲ୍ ଅନୁଯାୟୀ ସେପ୍ଟେମ୍ବର 2009 ସୁଦ୍ଧା 4 ବର୍ଷ, ବ୍ରାହ୍ମଣୀ ରିଭର ପେଲେଟସ ଲିମିଟେଡ୍-ପଟ୍ଟା ଦଲିଲ୍ ଅନୁଯାୟୀ ଜୁଲାଇ 2007 ସୁଦ୍ଧା ତିନି ବର୍ଷ, ଉତ୍ତମ ଗାଲଭା ଷ୍ଟିଲସ ଲିମିଟେଡ୍ : 37 ଏକର : ଆବଣ୍ଟନ ନିର୍ଦ୍ଦେଶନାମାରେ ଉଲ୍ଲେଖ ଅନୁଯାୟୀ ଦୁଇ ବର୍ଷ ।

- ଯାଞ୍ଚ୍ କରାଯାଇଥିବା ଇଡ୍‌କୋର ପ୍ରଭାଗ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଜଣାଗଲା ଯେ ଇଡ୍‌କୋ ଶିଳ୍ପାଞ୍ଚଳରେ ଇଡ୍‌କୋ ଦରରେ 127.55 କୋଟି ଟଙ୍କା ମୂଲ୍ୟରେ 521 ଟି ଶିଳ୍ପ ସଂସ୍ଥାକୁ ଆବଣ୍ଟନ କରାଯାଇଥିବା 219.732 ଏକର ଜମିକୁ ସେମାନେ ଇପ୍ସିତ ଉଦ୍ଦେଶ୍ୟ ବ୍ୟତିରେକେ ଅନ୍ୟ ଉଦ୍ଦେଶ୍ୟ ଯଥା- ହଷ୍ଟେଲ(20), ହୋଟେଲ (4), ଗୋଦାମ ଗୃହ(188), ଅନ୍ୟମାନଙ୍କୁ ଭଡ଼ା ଦେବା(144) ଆଦି ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି । ଉକ୍ତ ଆବଣ୍ଟନକୁ ରଦ୍ଦ କରି ଜମିକୁ ପୁନର୍ଦଖଲ କରିବାକୁ ଇଡ୍‌କୋ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି ।

- ଇଡ୍‌କୋ ଦ୍ୱାରା ଆବଶ୍ୟକୀୟ ତଦନ୍ତ କରାଯାଇ ନଥିବା ସ୍ଥଳେ, ଆବଣ୍ଟନର ଉଦ୍ଦେଶ୍ୟରେ ଜମିର ସର୍ବଶେଷ ଉପଯୋଗ ବିଷୟରେ ଜାଣିବା ପାଇଁ ଇଡ୍‌କୋ ଶିଳ୍ପାଞ୍ଚଳରେ 224 ଟି ଶିଳ୍ପର ମିଳିତ ନିରୀକ୍ଷଣ ଅଡିଟ୍ କରିଥିଲା (ଜୁନ୍-ଅକ୍ଟୋବର 2012) ଏବଂ ପରିଲକ୍ଷିତ କରିଥିଲା ଯେ 12 ଟି ମାମଲାରେ ଜମିକୁ ହଷ୍ଟେଲ ଓ ବାସଗୃହ ପରି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି । ଏହା ବ୍ୟତୀତ, 10 ଟି ମାମଲାରେ ଏହି ଜମିକୁ ଯାନବାହନ ସେବା ଓ ମରାମତି, ଗୁଣାତ୍ମକ ମାନ ନିର୍ଣ୍ଣୟ ଗବେଷଣାଗାର, ଗଢଣ ସଂସ୍ଥା ଏକକ ଆଦି ଉଦ୍ଦେଶ୍ୟରେ ଅଣ-ଆବଣ୍ଟନଗ୍ରାହୀଙ୍କୁ ଭଡାରେ ପ୍ରଦାନ କରାଯାଇଛି ଯାହାର ମୂଲ୍ୟ ଇଡ୍‌କୋକୁ ଜଣା ନାହିଁ ।




ବ୍ଲାକବେରୀ ଇନ୍‌ଫ୍ରାଷ୍ଟ୍ରିକ୍‌ଚରକୁ ଆବଣ୍ଟିତ ପ୍ଲଟ୍ ଫର୍ଡ ସୋ-ରୁମ୍ ପାଇଁ ବ୍ୟବହାର କରାଯାଇଛି ।

ଜମିର ସର୍ବଶେଷ ଉପଯୋଗର ପର୍ଯ୍ୟାଲୋଚନା କରିବାକୁ ଯଥେଷ୍ଟ ନିରୀକ୍ଷଣର ଅଭାବ ଏବଂ ଇଡ୍‌କୋ ମାନୁଆଲ ତଥା ଓ.ଆଇ.ଆଇ.ଡି.ସି ଆକ୍ଟ ଅନୁଯାୟୀ ଅନୁପାଳନ ନ ହେବା କ୍ଷେତ୍ରରେ ଆବଣ୍ଟିତ ଜମିର ପୁନର୍ଦଖଲ ପାଇଁ ନିବର୍ତ୍ତକ ପ୍ରବର୍ତ୍ତନ ପଦକ୍ଷେପର ଅଭାବ ଫଳରେ ସଂପୃକ୍ତ ଶିଳ୍ପଙ୍କ ଦ୍ୱାରା ଆବଣ୍ଟିତ ଜମିର ଦୁରୁପଯୋଗ କରାଯାଇଥିଲା । ଶିଳ୍ପ ବିଭାଗ ଉକ୍ତ ବିଷୟକୁ ସ୍ୱୀକାର କରି ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଜମିର ପୁନର୍ଦଖଲ ପାଇଁ ଖିଲାପକାରୀ ଶିଳ୍ପଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯାଉଛି ।

### *2.1.10.4 ଆବଣ୍ଟିତ ଜମିର ବନ୍ଧକ ପାଇଁ ଅନିୟମିତ ଅନୁମତି ଏବଂ ଉଦ୍ୟୋଗକାରୀମାନଙ୍କୁ ଆପତ୍ତିବିହୀନ ପ୍ରମାଣ ପତ୍ର ପ୍ରଦାନ*

ଓ.ଡି.ଏଲ୍.ଏସ ଆକ୍ଟ ତଥା ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 32 ର ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଶିଳ୍ପ ପାଇଁ ଇଡ୍‌କୋକୁ ସରକାରୀ ଜମିର ମଞ୍ଜୁର କରାଯାଇଥାଏ । ଓ.ଆଇ.ଆଇ.ଡି.ସି ଆକ୍ଟର ଧାରା 31 ଓ 32 ଅନୁଯାୟୀ ଅଧିଗୃହୀତ ଜମି ଓ ସରକାରୀ ଜମି ଇଡ୍‌କୋକୁ ପଟା ଆକାରରେ ପ୍ରଦାନ କରାଯାଇଥାଏ । ତାପରେ, ଇଡ୍‌କୋ, ସଂପୃକ୍ତ ଶିଳ୍ପମାନଙ୍କୁ ଉପ-ପଟ୍ଟା ଆକାରରେ ଜମି ପ୍ରଦାନ କରିଥାଏ । ଏହି କ୍ଷେତ୍ରରେ ସରକାର ହେଲେ ମୁଖ୍ୟ ପଟ୍ଟା ଦାତା ଏବଂ ଇଡ୍‌କୋ ହେଉଛି ପଟାଧାରୀ । ତେଣୁ ଆବଣ୍ଟିତ ଜମି ଆଧାରରେ ଶିଳ୍ପଗୁଡିକ ସେମାନଙ୍କ ଶିଳ୍ପ ପ୍ରକଳ୍ପ ପାଇଁ ଋଣ ଆଣିବାକୁ ଉପ-ପଟ୍ଟାଧାରୀଙ୍କୁ ଜମିର ବନ୍ଧକ କ୍ଷମତା ପ୍ରଦାନ କରିବାକୁ, ମୁଖ୍ୟ ପଟ୍ଟାଦାତାଙ୍କ ଅନୁମତି ଅପରିହାର୍ଯ୍ୟ ।

ଅଡିଟ୍ ପରିଲକ୍ଷିତ କଲା ଯେ:

- ରାଜ୍ୟ ସରକାରଙ୍କ ଦ୍ୱାରା ଇଡ୍‌କୋ ଉପରେ ବନ୍ଧକ କ୍ଷମତା ନ୍ୟସ୍ତ କରାଯାଇ ନଥିଲେ ମଧ୍ୟ 52 ଟି ବୁଝାମଣା ଆଧାରିତ ଏବଂ 54 ଟି ଅଣ-ବୁଝାମଣା ଶିଳ୍ପ ସହିତ ସ୍ୱାକ୍ଷରିତ ପଟା ଦଲିଲ୍ ଅନୁଯାୟୀ 46732.894 ଏକର

ଜମିର ଦଖଲ ହସ୍ତାନ୍ତର ସମୟରେ ଇଡ୍‌କୋ ଅନିୟମିତ ଭାବରେ ଉକ୍ତ ଶିଳ୍ପଗୁଡିକୁ ବନ୍ଧକ କ୍ଷମତା ଅର୍ପଣ କରିଥିଲା ।

- ଏହା ବ୍ୟତୀତ, ଆର୍ଥିକ ଅନୁଷ୍ଠାନରୁ ଋଣ ଉଠାଇବା ପାଇଁ 26ଟି ବୃଦ୍ଧାମଣା ଆଧାରିତ ଶିଳ୍ପସଂସ୍ଥାଙ୍କୁ ଆବଣ୍ଟିତ 13846.238 ଏକର ଜମିକୁ ବନ୍ଧକ ରଖିବାକୁ ଅନୁମତି ଦେବାକୁ ଇଡ୍‌କୋ କ୍ଷମତା ପ୍ରାପ୍ତ ନ ହୋଇ ମଧ୍ୟ ଶିଳ୍ପ ସଂସ୍ଥାମାନଙ୍କୁ ଅନିୟମିତ ଭାବରେ ଆପତ୍ତି ବିହୀନ ପ୍ରମାଣ ପତ୍ର (ଏନ୍.ଓ.ସି) ପ୍ରଦାନ କରିଥିଲା । ଅଡିଟ୍ ଆହୁରି ମଧ୍ୟ ପରିଲକ୍ଷିତ କଲା ଯେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଏହି ଏନ୍.ଓ.ସି ଆଧାରରେ ବୃଦ୍ଧାମଣା ଆଧାରିତ 12 ଟି ଶିଳ୍ପ ସଂସ୍ଥାର ପ୍ରମୋଟରଙ୍କୁ 8489.828 ଏକର ଆବଣ୍ଟିତ ଜମିର ବନ୍ଧକ ବଦଳରେ 52423.50 କୋଟି ଟଙ୍କାର ଋଣ ଆର୍ଥିକ ଅନୁଷ୍ଠାନମାନଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା । ଆର୍ଥିକ ଅନୁଷ୍ଠାନ ଗୁଡିକଠାରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁଯାୟୀ ଏହି 12 ଟି ଶିଳ୍ପସଂସ୍ଥାଙ୍କ ମଧ୍ୟରୁ ପାଞ୍ଚୋଟି ସଂସ୍ଥା 8625.89 କୋଟି ଟଙ୍କାର ଋଣ ଉଠାଇ ସାରିଥିଲେ । ଅନ୍ୟ 14 ଟି ଶିଳ୍ପ ସଂସ୍ଥା କ୍ଷେତ୍ରରେ, ଜମି ବନ୍ଧକ ବଦଳରେ ପ୍ରକୃତରେ କେତେ ଋଣ ମଞ୍ଜୁର / ପ୍ରଦାନ କରାଯାଇଛି ତାହା ଇଡ୍‌କୋ ଦ୍ୱାରା ଅଡିଟକୁ ପ୍ରଦାନ କରାଯାଇ ନଥିଲା ।

- ଇଡ୍‌କୋ ଦ୍ୱାରା ଏନ୍.ଓ.ସି ପ୍ରଦାନ କରାଯାଇଥିବା 14 ଟି ଶିଳ୍ପସଂସ୍ଥାଙ୍କ ମଧ୍ୟରୁ ସାତୋଟିରେ ଅଡିଟ୍ ହୋଇଥିବା ବାର୍ଷିକ ହିସାବରୁ ଅଡିଟ୍ ପରିଲକ୍ଷିତ କଲା ଯେ ଅନ୍ୟାନ୍ୟ ସ୍ଥାୟୀ ସମ୍ପତ୍ତି ସହିତ ଜମିକୁ ଆର୍ଥିକ ଅନୁଷ୍ଠାନ ନିକଟରେ ବନ୍ଧକ ରଖି 28214.45 କୋଟି ଟଙ୍କାର ଋଣ ହାସଲ କରିଛନ୍ତି । ଏହା ବ୍ୟତୀତ 32 ଟି ଶିଳ୍ପାଞ୍ଚଳରେ 736 ଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାଙ୍କୁ ଜମି ବନ୍ଧକ ରଖିବାକୁ ଇଡ୍‌କୋ ଅନିୟମିତ ଭାବରେ 2001-12 ମଧ୍ୟରେ ଆପତ୍ତି ବିହୀନ ପ୍ରମାଣ ପତ୍ର ପ୍ରଦାନ କରିଥିଲା ।

ଅର୍ଥାତ୍, ଇଡ୍‌କୋ ଅପ୍ରାଧିକୃତ ଭାବରେ ଉକ୍ତ ଏନ୍.ଓ.ସି ପ୍ରଦାନ କରିଥିଲା, ଯାହାଦ୍ୱାରା ଶିଳ୍ପ ଉଦ୍ଦେଶ୍ୟରେ ଆବଣ୍ଟନ କରାଯାଇଥିବା ଜମି ଆଧାରରେ ଶିଳ୍ପମାନେ ଋଣ ଉଠାଇ ପାରିବେ ମାତ୍ର ଉକ୍ତ ଅର୍ଥ ଯେ ପ୍ରକୃତରେ ଶିଳ୍ପ ପ୍ରକଳ୍ପରେ ବିନିଯୋଗ ହେବ ଏହାର କୌଣସି ନିଶ୍ଚିତତା ନଥିଲା ।

ଆର୍.ଡି.ଏମ୍ ବିଭାଗ ଦର୍ଶାଇଲେ(ଏପ୍ରିଲ୍ 2013) ଯେ ଶିଳ୍ପ / ଉଦ୍ୟୋଗୀ କମ୍ପାନୀଙ୍କୁ, ଏପରି ଅନୁମତି ପ୍ରଦାନ କରିବାର କ୍ଷମତା ଇଡ୍‌କୋକୁ ପ୍ରଦାନ କରାଯାଇ ନାହିଁ । ଏହି ମାମଲାରେ ତର୍ଜମା ଆଇନ୍ ବିଭାଗରେ ଚାଲିଛି ଏବଂ ଏହି ବିଷୟରେ ଓ.ଆଇ.ଆଇ.ଡି.ସି ଆକ୍ଟ / ନିୟମରେ ଥିବା ବ୍ୟବସ୍ଥା ସଂପର୍କରେ ଶିଳ୍ପ ବିଭାଗ ସହିତ ପରାମର୍ଶ କରିବାକୁ ଇଡ୍‌କୋକୁ ଉପଦେଶ ଦିଆଯାଇଛି । ମାମଲା ଗୁଡିକୁ ଯାଞ୍ଚ କରି ବିସ୍ତୃତ ଯଥାର୍ଥତା ସହିତ ଆବଶ୍ୟକୀୟ ପ୍ରସ୍ତାବ ଦେବାକୁ ବିଭାଗ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି ।

### 2.1.10.5 ଶିଳ୍ପ ସଂସ୍ଥାଗୁଡିକ ଦ୍ୱାରା ଜମି ଜବରଦଖଲ

ଓଡିଶା ଜମି ଜବରଦଖଲ ନିବାରଣ ନିୟମ, 1985 (ଓ.ପି.ଏଲ.ଇ) ର ନିୟମ 3 ନିର୍ଦ୍ଧାରଣ କରେ ଯେ ସରକାରୀ ଜମିର ଅପ୍ରାଧିକୃତ ଦଖଲ / ଜବରଦଖଲ ମାମଲାରେ ରାଜସ୍ୱ ନିରୀକ୍ଷକ (ଆର. ଆଇ) ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ଏବଂ ପ୍ରତି ଆର୍ଥିକ ବର୍ଷ ଆରମ୍ଭରୁ 15 ଦିନ ମଧ୍ୟରେ ଏକ ପ୍ରମାଣପତ୍ର ପ୍ରଦାନ କରିବେ ଯେ ପୂର୍ବ ରିପୋର୍ଟରେ ଥିବା ଜବରଦଖଲ ଜମି ବ୍ୟତୀତ ତାଙ୍କ ଇଲାକାରେ ଆଉ ଜବରଦଖଲ ଘଟଣା ଘଟି ନାହିଁ । ଏହା ବାଦ୍ ଓ.ଜି.ଏଲ.ଏସ ନିୟମ 1983 ର ନିୟମ 5 ନିର୍ଦ୍ଧାରଣ କରେ ଯେ ପଟ୍ଟା ଆବେଦନ ପତ୍ର ପାଇଲା ପରେ ତହସିଲଦାର ସତ୍ୟାପନ ମାଧ୍ୟମରେ ସୁନିଶ୍ଚିତ କରିବେ ଯେ ଆବେଦନ କରାଯାଇଥିବା କୌଣସି ଜମି ଜବରଦଖଲରେ ନାହିଁ । ଓ.ପି.ଏଲ.ଇ ଅଧିନିୟମ 1972 ର ଧାରା 4 ଅନୁଯାୟୀ ସରକାରୀ ଜମିର ଜବରଦଖଲ ଚିହ୍ନଟ ହେଲା ପରେ ସଂପୃକ୍ତ ଅପ୍ରାଧିକୃତ ଜବରଦଖଲକାରୀଙ୍କ ବିରୁଦ୍ଧରେ ଜବରଦଖଲ ମାମଲା ରୁଜୁ କରାଯିବ ଏବଂ ସେମାନଙ୍କୁ ଉକ୍ତ ଅଧିନିୟମ ଧାରା 7 ଅନୁଯାୟୀ ବେଦଖଲ / ଦଖଲଚ୍ୟୁତ କରାଯିବ ।

5ଟି କେସରେ ଅଡିଟ୍ ଦେଖିଲେ ଯେ ବର୍ତ୍ତମାନର ଆନୁମାନିକ 7.37 କୋଟି ଟଙ୍କା ମୂଲ୍ୟର 101.03 ଏକର ସରକାରୀ ଜମି 4ଟି ଏମ.ଓ.ୟୁ ଭିତ୍ତିକ ଶିକ୍ଷ ସଂସ୍ଥା ଏବଂ ଗୋଟିଏ ଏମ.ଓ.ୟୁ ହୋଇ ନଥିବା ଶିକ୍ଷ ସଂସ୍ଥା ଦ୍ୱାରା ଜବରଦଖଲ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ(ଆର,ଡି,ଏମ) ଉତ୍ତର ଦେଇଥିଲେ (ଏପ୍ରିଲ 2013) ଯେ ଏହି ମାମଲାରେ ଜବରଦଖଲ ମାମଲା ରୁଜୁ କରାଯାଇ, ଜରିମାନା ଆଦାୟ କରାଯାଇଛି ଏବଂ ବେଦଖଲ ପ୍ରକ୍ରିୟା ଜାରି ରହିଛି ।

ସେହିପରି ଅଡିଟ୍ ଦେଖିଥିଲେ ଯେ ବିଭିନ୍ନ ଶିଳ୍ପାଞ୍ଚଳରେ (ଆଇ.ଇ) 696 ଟି କ୍ଷେତ୍ରରେ ଇଡ୍‌କୋ ଦରରେ 56 କୋଟି ଟଙ୍କା ମୂଲ୍ୟର 109.918 ଏକର ଜମି ଆବଣ୍ଟନଗ୍ରାହୀଙ୍କ ବ୍ୟତୀତ ବିଭିନ୍ନ ଶିକ୍ଷ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜବରଦଖଲ କରାଯାଇଥିଲା, ଯାହାକି ଇଡ୍‌କୋର ବିଭିନ୍ନ ପ୍ରଭାଗୀୟ ନଥିରୁ ଜଣାପଡିଥିଲା ।

ଏହି ମାମଲା ମଧ୍ୟରୁ କେତୋଟି ନିମ୍ନରେ ଦର୍ଶାଗଲା ।

- ମାର୍ଚ୍ଚ 2013 ସୁଦ୍ଧା 16.923 ଏକର ଜମି କିଟ୍‌ର ଜବରଦଖଲରେ ରହିଥିଲା । ଭୁବନେଶ୍ୱରରେ ଇଡ୍‌କୋ ଦର ଅନୁସାରେ ଏହି ଜବର ଦଖଲ ଜମିର ମୂଲ୍ୟ 12.69 କୋଟି[35] ଟଙ୍କା ହେବ । ପୂର୍ବରୁ ଅଡିଟ୍ ଦ୍ୱାରା ଏହା ଦର୍ଶାଯାଇଥିଲେ ସୁଦ୍ଧା ଏବଂ ଇଡ୍‌କୋ କର୍ତ୍ତୃପକ୍ଷ ଏହା ଅବଗତ ଥାଇ ସୁଦ୍ଧା ଜବରଦଖଲ ହଟାଇବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ । ଫଳରେ ଏହି ଜମିକୁ ଅନ୍ୟ ଶିକ୍ଷୋଦ୍ୟୋଗୀମାନଙ୍କୁ ଆବଣ୍ଟନ କରାଯିବାର ସୁଯୋଗ ସଂକଟରେ ପଡିଥିଲା ଏବଂ ଜମି ଉପଲବ୍ଧ ନଥିବା ଯୋଗୁ ସେମାନଙ୍କର ଆବଣ୍ଟନ ପାଇଁ ପ୍ରସ୍ତାବ ଏଲ.ଏ.ସି ଦ୍ୱାରା ନାକଚ ହୋଇଯାଇଥିଲା(2005-12) ।

- ବିଷ୍ଣୁ ଏଣ୍ଟରପ୍ରାଇଜେସ (କଳୁଂଗା ଶିଳ୍ପାଞ୍ଚଳ , ରାଉରକେଲା ପ୍ରଭାଗ) କୁ ଏପ୍ରିଲ 1984 ରେ ଏକ ଏକର ଜମି ଆବଣ୍ଟନ କରାଯାଇଥିଲା । ଇଡ୍‌କୋର ରାଉରକେଲା ପ୍ରଭାଗୀୟ ମୁଖ୍ୟ ଦେଖିଥିଲେ ଯେ (ଡିସେମ୍ବର 1985) କଂପାନୀ ଏହାର ସଂଲଗ୍ନ 0.93 ଏକର ଜମିକୁ ଜବରଦଖଲ କରି ବେନିୟମ ନିର୍ମାଣ ଆରମ୍ଭ କରିଛନ୍ତି । ସାତ ଦିନ ମଧ୍ୟରେ କଂପାନୀନିର୍ମାଣ କାମକୁ ହଟାଇ ଜବରଦଖଲଜମିକୁ ଖାଲି କରିବାକୁ ଇଡ୍‌କୋ ନୋଟିସ ଜାରି କରିଥିଲା (ଡିସେମ୍ବର 1985) ଇଡ୍‌କୋ କୌଣସି ପରବର୍ତ୍ତୀ ପଦକ୍ଷେପ ନ ନେଇ ନିୟମିତ ଭାବରେ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ଚାଲିଥିଲା ଫଳରେ ଉକ୍ତ ଜମି ଏପର୍ଯ୍ୟନ୍ତ ଜବରଦଖଲରେ ରହିଅଛି ।

- ଶିଳ୍ପାଞ୍ଚଳ ସ୍ଥାପନ ପାଇଁ ଜମି ଅଧିଗ୍ରହଣ ପରେ ସୁପରିକଳ୍ପିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଶିକ୍ଷ ସଂସ୍ଥାକୁ ପ୍ଲଟ୍ ଆବଣ୍ଟନ କରିବା ସମୟରେ ଇଡ୍‌କୋ କର୍ତ୍ତୃପକ୍ଷ ରାସ୍ତା, ନର୍ଦ୍ଦମା ନିର୍ମାଣ ଏବଂ ଫାଙ୍କା ସ୍ଥାନ ରଖିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ । 3ଟି ଶିଳ୍ପାଞ୍ଚଳ (ଚନ୍ଦକା, ମଞ୍ଚେଶ୍ୱର, ଭଗବାନ ପୁର) କ୍ଷେତ୍ରରେ ଅଡିଟ୍ ଦେଖିଥିଲେ ଯେ 167 ଟି ମାମଲା ମଧ୍ୟରୁ ଇଡ୍‌କୋ ଦରରେ 3.03 କୋଟି ଟଙ୍କାର 12.702 ଏକର ଜମି ଥିବା 9ଟି ପ୍ଲଟ୍ ସମସ୍ତ ଦିଗରୁ ଆବଦ୍ଧ ହୋଇ ରହିଥିଲା କାରଣ ଭ୍ରମାତ୍ମକ ଢାଞ୍ଚା ପ୍ରସ୍ତୁତି/ସଂକୀର୍ଣ୍ଣ, କ୍ଷୁଦ୍ର ଭୂଖଣ୍ଡ, ଉଚ୍ଚ ଶକ୍ତି ସଂପନ୍ନ ଲାଇନ ଇତ୍ୟାଦି ଯିବା ଫଳରେ ଏହି ପ୍ଲଟ୍ ଗୁଡିକୁ ଆବଣ୍ଟନ କରାଯାଇ ନଥିଲା । ଏଗୁଡିକୁ ଜବରଦଖଲ କରାଯାଇଥିଲା । ଏହି 9ଟି ୟୁନିଟ ମଧ୍ୟରୁ 6ଟି ପ୍ଲଟ୍‌କୁ ନଭେମ୍ବର 2009 ରେ ଜବରଦଖଲକାରୀଙ୍କୁ ଆବଣ୍ଟନ କରାଯାଇ ନିୟମିତ କରାଯାଇଥିବା ବେଳେ ଆଉ 3ଟି ୟୁନିଟ କ୍ଷେତ୍ରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଇଡ୍‌କୋ ନିକଟରେ ଏହିପରି ସମୁଚିତ ଏବଂ ବଳବତ୍‌କରଣ ସଂକ୍ରିୟାର ଅଭାବ ଫଳରେ ଶିକ୍ଷ ସଂସ୍ଥାଗୁଡିକୁ ଇଡ୍‌କୋ ଜମି / ସରକାରୀ ଜମିକୁ ଜବରଦଖଲ କରିଥିଲେ ।

---

35 ଟ.75 ଲକ୍ଷ x 16.923 ଏକର ।

ଶିଳ୍ପ ବିଭାଗ ଜବରଦଖଲକୁ ସ୍ୱୀକାର କରିଥିଲେ (ଏପ୍ରିଲ 2013) ଏବଂ ଜବରଦଖଲକାରୀ ମାନଙ୍କୁ ହଟାଇ ଜମିକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ଦର୍ଶାଇଥିଲେ । ଆବଣ୍ଟିତ ଜମିକୁ ଜବରଦଖଲ କରିବା ସଂପର୍କରେ ବିଭାଗ (ଏପ୍ରିଲ 2013) ମତ ଦେଇଥିଲେ ଯେ ଅଭିନ୍ୟାସ ଯୋଜନାର ତ୍ରୁଟି ଯୋଗୁ କେତେକ ଆବଣ୍ଟିତ ପ୍ଲଟକୁ ଛାଡି ଦିଆଯାଇଥିଲା । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଅନ୍ୟାନ୍ୟ ବିକଳ୍ପ ଅଭାବରୁ ଜରିମାନା ଆଦାୟ କରାଯାଇ ଜବରଦଖଲକୁ ନିୟମିତ କରାଯାଇଥିଲା । କିନ୍ତୁ ପ୍ରକୃତ କଥା ହେଉଛି ଯେ ଉଚିତ ରିପୋର୍ଟ ତଥା ପ୍ରବର୍ତ୍ତନ ସଂକ୍ରିୟାର ଅଭାବ ଯୋଗୁ ଶିଳ୍ପ ସଂସ୍ଥା ଦ୍ୱାରା ଜବରଦଖଲ ହୋଇଥିଲା ।

### *2.1.10.6 ଜବରଦଖଲ ନିୟମିତୀକରଣ*

ଓ.ପି.ଏଲ.ଇ ଅଧିନିୟମ, 1972 ଏବଂ ତତ୍ ସଂପର୍କିତ ନିୟମ ଅନୁଯାୟୀ (ନିୟମ-7) ଜବରଦଖଲକାରୀ ଯଦି ଭୂମିହୀନ ବ୍ୟକ୍ତି ହୋଇ ନଥିବେ ତେବେ ଜବରଦଖଲ ଜମି ନିୟମିତ ହୋଇପାରିବ ନାହିଁ । ଏହା ବାଦ୍ ରାଜ୍ୟ ମୁଖ୍ୟ ଶାସନ ସଚିବ ବାହାର ଲୋକ / ଅନୁପ୍ରବେଶକାରୀଙ୍କ କ୍ଷେତ୍ରରେ ଜବରଦଖଲ ନିୟମିତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ(ଜୁନ୍ 2010) । ରାଜସ୍ୱ ଏବଂ ବିପର୍ଯ୍ୟୟ ବିଭାଗ (ନଭେମ୍ବର 2010) ନିର୍ଦ୍ଦେଶ ଦେଇଥିଲେ ଯେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମୋଦନରେ ଦଖଲ ହୋଇଥିବା ଜମିକୁ ଜବରଦଖଲ ହୋଇଥିବା ବିବେଚନା କରାଯିବ ଏବଂ ତାହାକୁ ଉଚ୍ଛେଦ କରାଯିବ । ଏହା ବାଦ୍ ପ୍ରୋତ୍ସାହନକାରୀ / ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ହୋଇଥିବା ଜମି ଜବରଦଖଲକୁ ନିୟମିତ କରିବା ପାଇଁ କୌଣସି ଅଧିନିୟମ ଇଡ୍କୋକୁ କ୍ଷମତା ଦେଇନାହିଁ ।

ଇଡ୍କୋ ନିଜର କ୍ଷେତ୍ର କର୍ମକର୍ତ୍ତାକୁ ନିର୍ଦ୍ଦେଶ ଦେଲେ(ସେପ୍ଟେମ୍ବର 2004)ଯେ ଏହାର ବିଧି ସମ୍ମତ ଭଡାଟିଆ /ପ୍ରଜାମାନେ ଯଦି ଇଡ୍କୋ ସଂଲଗ୍ନ ଜାଗା ଜବରଦଖଲରେ ଥିବେ ଏବଂ ସାମଗ୍ରିକ ଭାବେ ଯୋଜନାକୁ ପ୍ରଭାବିତ କରୁ ନଥିବ ତେବେ ଏହି ଜବରଦଖଲକୁ ନିୟମିତ କରାଯାଇପାରିବ । ବିଓଡିଙ୍କୁ ଏପରି କ୍ଷମତା ଅର୍ପଣ କରାଯାଇ ନଥିଲେ ମଧ୍ୟ ପୁନର୍ବାର ଇଡ୍କୋର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଫେବୃୟାରୀ 2008, ଫେବୃଆରୀ 2009 ଏବଂ ନଭେମ୍ବର 2010ରେ ଜବରଦଖଲକୁ ନିୟମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ଅଡିଟ୍ ଆହୁରି ମଧ୍ୟ ଦେଖିଥିଲେ ଯେ ଇଡ୍କୋର ୪ଟି ନମୁନା ଯାଞ୍ଚ ପ୍ରଭାଗ ଅଧିନରେ ଥିବା ଶିଳ୍ପାଞ୍ଚଳ ଗୁଡିକରେ ଥିବା 5488.243 ଏକର ଜମି ମଧ୍ୟରୁ ଇଡ୍କୋ ମୂଲ୍ୟରେ 25.20 କୋଟି ଟଙ୍କା ମୂଲ୍ୟର 36.910 ଏକର ଜମି 25 ଜଣ ଆବଣ୍ଟନକାରୀଙ୍କ ଦ୍ୱାରା ଜବରଦଖଲ ହୋଇଥିଲା । ଯାହାକି ପରବର୍ତ୍ତୀ ସମୟରେ ଓ.ପି.ଏଲ ନିୟମ ବିରୁଦ୍ଧରେ ନିୟମିତ କରାଯାଇଥିଲା ଯାହାକି ଅନିୟମିତ ଥିଲା । ଦୁଇଟି ସେହିପରି ଉଦାହରଣ ନିମ୍ନରେ ବର୍ଣ୍ଣନା କରାଗଲା ।

- କିଟ୍ ଦ୍ୱାରା ଜବରଦଖଲ ହୋଇଥିବା 12.30 କୋଟି ଟଙ୍କା ମୂଲ୍ୟର 16.397 ଏକର ଜମିକୁ ଦୁଇ ଥରରେ (ଏପ୍ରିଲ 2005ରେ 9.809 ଏକର ଜମି ଓ ଜୁଲାଇ 2009 ରେ 6.588 ଏକର ଜମି) ନିୟମିତ କରାଯାଇଥିଲା, ଯାହାକି ଓ.ପି.ଏଲ.ଇ ଅନ୍ତର୍ଗତ ନିୟମାନୁସାରେ ଅନୁମୋଦିତ ନୁହେଁ । ଏଣୁ ଏହା ଅନିୟମିତ ଥିଲା ।

- ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ(ଇନଫୋସିଟି,ଚନ୍ଦକା)ଯେକି ଜଣେ ଅଣ-ଆବଣ୍ଟନଗ୍ରାହୀ, ଅପ୍ରାଧିକୃତ ଭାବେ 1.734 ଏକରର ଇଡ୍କୋ ଜମିକୁ ଜବରଦଖଲ କରି ଏକ ବିଶାଳ ଡାଞ୍ଚା 2006 ମସିହା ପୂର୍ବରୁ ନିର୍ମାଣ କରିଥିଲେ । ବାହାର ଲୋକଙ୍କଦ୍ୱାରା କରାଯାଇଥିବା ଜବରଦଖଲକୁ କୌଣସି ପରିସ୍ଥିତିରେ ନିୟମିତ ନ କରିବାକୁ, ଓଡିଶା ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି(ଜୁନ୍ 2010) ଓ 2 ଫେବୃଆରୀ 2008ରେ ଇଡ୍କୋଙ୍କ ନିଷ୍ପତ୍ତିକୁ ଅବମାନନା କରି, ଭୁବନେଶ୍ୱର ମାଷ୍ଟରପ୍ଲାନ ଅଞ୍ଚଳ(ବି.ଏମ.ପି.ଆର)ପାଇଁ ଥିବା ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟିର ଉପକମିଟି ଜବରଦଖଲର ନିୟମିତ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ(ଅଗଷ୍ଟ-2010) ।

ଶିଳ୍ପ ବିଭାଗ ଦର୍ଶାଇଲେ (ଏପ୍ରିଲ 2013 ) ଯେ ଓ.ଆ.ଇ.ଆଇ.ଡି.ସି ଅଧିନିୟମ ଅନ୍ତର୍ଗତ ଉପବିଭାଗ 4,14 ଏବଂ 15 ଅନୁଯାୟୀ ଜବରଦଖଲକୁ ବିଡିଓଙ୍କ ନିଷ୍ପତ୍ତି ଅନୁଯାୟୀ ନିୟମିତ କରାଯାଇଛି ଏବଂ ପ୍ରଚଳିତ ଜମି ମୂଲ୍ୟର ଦୁଇ ଗୁଣ

ଏବଂ ଗ୍ରହଣୀୟ ଦଖଲଦେୟ ଆଦାୟ କରାଯାଇଥିବାରୁ ଇଡ୍‌କୋକୁ କୌଣସି କ୍ଷତି ହୋଇ ନାହିଁ । ଉଦ୍ୟୋଗୀ ସେହି ଜାଗାକୁ ନିଜ ଦଖଲରେ ରଖିଥିବାରୁ ତାହାକୁ ଜବରଦଖଲ କୁହା ନଯାଇ ବରଂ ଅପ୍ରାଧିକୃତ ଦଖଲ ବୋଲି କୁହାଯାଇପାରେ ଏବଂ ଦଖଲଦେୟ ଓ ଜମି ମୂଲ୍ୟ ଆଦାୟ କରାଯାଇ ଏହାକୁ ନିୟମିତ କରାଯାଇଛି ।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଜବରଦଖଲକାରୀଙ୍କୁ ହଟାଇ ସଂପୃକ୍ତ ଜାଗାକୁ ନିଜ କର୍ତ୍ତୃତ୍ୱକୁ ଫେରାଇ ଅଣାଯିବାର ଥିଲା ଏବଂ ଜବରଦଖଲକୁ ନିୟମିତ କରିବା ପାଇଁ କୌଣସି ନିୟମ / ବ୍ୟବସ୍ଥା ନ ଥିଲା । ପୁନଶ୍ଚ ପ୍ରଥମେ ଜମିକୁ ଜବରଦଖଲ କରି ପରେ ତାକୁ ନିୟମିତ କରାଇ ନେବା ଦ୍ୱାରା ଏହା ଏକ ବିପରୀତ ପ୍ରୋତ୍ସାହନ ସୃଷ୍ଟି କରୁଥିଲା ଏବଂ ଏହା ବିପରୀତ ଧର୍ମୀ ଥିଲା ।

### 2.1.10.7 ଜବରଦଖଲ ଉଚ୍ଛେଦ

କିଟ୍ ଏକ ବିବେଚିତ ବିଶ୍ୱବିଦ୍ୟାଳୟ, (ଏପ୍ରିଲ୍ 2010) ଚନ୍ଦକା ଶିଳ୍ପାଞ୍ଚଳରେ ନିଜ ଜାଗାକୁ ଲାଗିଥିବା 14 ଏକର ଜମି ପାଇଁ ଆବେଦନ କରିଥିଲେ ଯାହାକି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିଲା ଏବଂ ପ୍ରସ୍ତାବ ଦେଇଥିଲେ ଯେ ସଂପୃକ୍ତ ଜମିକୁ ଉକ୍ତ ଅନୁଷ୍ଠାନକୁ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ମିଳିଲେ ନିଜ ଦାୟିତ୍ୱ ଓ ଅର୍ଥ ବିନିମୟରେ ଜବରଦଖଲକାରୀମାନଙ୍କୁ ସେ ଉଚ୍ଛେଦ କରିଦେବେ । ଇଡ୍‌କୋର ଏଲ.ଏ.ସି ଏହି ପ୍ରସ୍ତାବ ସପକ୍ଷରେ ରାଜି ହୋଇଥିଲେ (ଏପ୍ରିଲ୍ 2010) ଓ କିଟ୍‌କୁ ଏହି 14 ଏକର ଜବରଦଖଲ ଜମିକୁ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । କିଟ୍ ସପକ୍ଷରେ ଏକ ନୀତିହୀନ ଆବଣ୍ଟନ ଆଦେଶ ଜାରି କରାଯାଇଥିଲା (ଅକ୍ଟୋବର 2010) ଏବଂ ଜବରଦଖଲ ଉଚ୍ଛେଦ ପରେ ଔପଚାରିକ ଭାବେ ଆବଣ୍ଟନ କରାଯିବ ବୋଲି ନିର୍ଦ୍ଧାରିତ ହୋଇଥିଲା । ଇଡ୍‌କୋର ବୋର୍ଡ ଅଫ୍ ଡାଇରେକ୍ଟରସ(ବିଓଡି)ଙ୍କ 65ତମ ବୈଠକରେ ଅନ୍ୟାନ୍ୟ ବିଷୟ ମଧ୍ୟରେ (ଏପ୍ରିଲ୍ 2004) ନିଷ୍ପତ୍ତି ନିଆଯାଇଥିଲା ଯେ ଚନ୍ଦକା ଶିଳ୍ପାଞ୍ଚଳରେ ଜବରଦଖଲ ଥିବା ଜମିର ନିୟମିତ ପାଇଁ କିଟର ଆଉ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ।

ସେହିପରି ଭାବରେ ତିନିଟି ଶିଳ୍ପାଞ୍ଚଳରେ ଇଡ୍‌କୋ ଛଅ ଜଣ ଶିଳ୍ପଦ୍ୟୋଗୀ / ଆବଣ୍ଟନଗ୍ରାହୀ[36]ଙ୍କୁ 17.838 ଏକର ଜମିର ଜବରଦଖଲ ଉଚ୍ଛେଦ ପାଇଁ ଅନୁମତି ଦେଇଥିଲେ ଏବଂ ଛଅଟି ଶିଳ୍ପ ଉଦ୍ୟୋଗୀମାନଙ୍କ ମଧ୍ୟରୁ କେବଳ ଦୁଇଟି ଶିଳ୍ପୋଦ୍ୟୋଗୀ (ଲେକ୍ସସ୍ ପେଣ୍ଟ ଉତ୍କଳ ଏବଂ ଶ୍ରୀ ମହାବୀର ଫେରା ଆଲଏଜ ପ୍ରାଇଭେଟ୍ ଲିମିଟେଡ)ଙ୍କୁ ସଫଳ ଜବରଦଖଲ ଉଚ୍ଛେଦ ପରେ ଉକ୍ତ ଜମିକୁ ଆବଣ୍ଟନ କରିଥିଲେ । ଏହା ଏକ ଅପ୍ରୀତିକର ଓ ଅନୁଚିତ ପରିସ୍ଥିତି ସୃଷ୍ଟିକଲା ଏବଂ ସୂଚାଇଦେଲା ଯେ ଇଡ୍‌କୋର ଜବରଦଖଲ ଉଚ୍ଛେଦ ପାଇଁ ନିଜସ୍ୱ ଆଭ୍ୟନ୍ତରୀଣ ସଂକ୍ରିୟା ଶକ୍ତିଶାଳୀ ନଥିଲା ।

### 2.1.10.8 ପରିବେଶ ମଞ୍ଜୁରୀ ଏବଂ ଜଙ୍ଗଲ ଜମି ପରିବର୍ତ୍ତନ ନ ଥାଇ ଜମିର ଉପଯୋଗ

ନୂତନ ପ୍ରକଳ୍ପ ଏବଂ ବିଦ୍ୟମାନ ଥିବା ଶିଳ୍ପ ପ୍ରକଳ୍ପର ସଂପ୍ରସାରଣ ଓ ଆଧୁନିକୀକରଣ ଏବଂ ଶିଳ୍ପ କାର୍ଯ୍ୟକ୍ରମ ଯେପରି ଖଣିଜ ଶିଳ୍ପ, ତାପଜ ବିଦ୍ୟୁତ୍ କାରଖାନା, କୋଇଲା ବିଶୋଧନ, ଧାତୁ କର୍ମୀୟ(ଲୌହ ଓ ଲୌହ ବିହୀନ), ସିମେଣ୍ଟ, ଶିଳ୍ପାଞ୍ଚଳ, ସ୍ପେଶାଲ ଇକୋନୋମିକ୍ ଜୋନ୍ ପ୍ରତିଷ୍ଠା କରିବା ଇତ୍ୟାଦି ପାଇଁ ପରିବେଶ ମଞ୍ଜୁରୀ ବାଧ୍ୟତାମୂଳକ ବୋଲି ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ (ସେପ୍ଟେମ୍ବର-2006)ରେ ଘୋଷଣା କରିଥିଲେ ଏହା ବ୍ୟତୀତ, ଭାରତ ସରକାରଙ୍କ ଜଙ୍ଗଲ ସଂରକ୍ଷଣ ଅଧିନିୟମ 1980 ଅନ୍ତର୍ଗତ ପାରା 4.4 ରେ ଥିବା ବ୍ୟବସ୍ଥା ଅନୁସାରେ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଜଙ୍ଗଲ ଓ ଅଣ ଜଙ୍ଗଲ ଜମିର ଆବଶ୍ୟକତା ଥିଲେ ଭାରତ ସରକାରଙ୍କଠାରୁ ଜଙ୍ଗଲ ଜମି ପ୍ରଦାନ ମଞ୍ଜୁରୀ ନ ଆସିଲା ପର୍ଯ୍ୟନ୍ତ ଅଣ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ । ପ୍ରକଳ୍ପ ପ୍ରଥମେ ଅଣ ଜଙ୍ଗଲ ଜମିରେ କାର୍ଯ୍ୟ ଆରମ୍ଭ କରି ପରେ ଜଙ୍ଗଲ ଜମିର ଅନୁମୋଦନ ଆଣିବା ପଦ୍ଧତିକୁ ପ୍ରତିହତ କରିବା ଏହି ବ୍ୟବସ୍ଥାର ଲକ୍ଷ୍ୟ ଥିଲା, ଯାହାଫଳରେ ପରିସ୍ଥିତି ଏକ ନିଷ୍ପତ୍ତି ବିଶିଷ୍ଟ ହୋଇ ରହିବ ।

---

36 କଳିଙ୍ଗ ହାଚେରୀ, ଲେକ୍ସ ପେଣ୍ଟ ଉତ୍କଳ, ସୌରେନ୍ଦ୍ରୀ ଏଣ୍ଟରପ୍ରାଇଜର୍ସ, ଶ୍ରୀ ମହାବୀର ଫେରୋ ଆଲଏବ୍ ପ୍ରାଇଭେଟ୍ ଲିଃ, ସୁମା ରିଅଲ୍ ମେଡିଆ(ପ୍ରା) ଲିଃ , ସାଇ କିଓର ୱେଲ୍ ହସ୍‌ପିଟାଲ ।

ଅଡିଟ୍ ଦେଖିଥିଲେ ଯେ ଇଡ୍‌କୋ / ଇପିକଲ୍ ସ୍ତରରେ ପର୍ଯ୍ୟାପ୍ତ ସଂକ୍ରିୟା ଅଭାବରୁ ବହୁ ଶିଳ୍ପ ପ୍ରତିଷ୍ଠାନ ଉପରୋକ୍ତ ବ୍ୟବସ୍ଥାକୁ ଅନୁପାଳନ କରି ନଥିଲେ ଯାହାକି ନିମ୍ନରେ ସୂଚାଇ ଦିଆଗଲା ।

- ଉପରୋକ୍ତ କାର୍ଯ୍ୟକଳାପରେ ସଂପୃକ୍ତ ଥିବା 10 ଟି ଏମ୍.ଓ.ୟୁ ଭିତ୍ତିକ ଶିଳ୍ପ ସଂସ୍ଥା[37] ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଠାରୁ ପରିବେଶ ମଞ୍ଜୁରୀ ଆଣି ନଥିଲେ । ଅଡିଟ୍ ଆହୁରି ମଧ୍ୟ ଦେଖିଲେ ଯେ ଏହି 10 ଟି କମ୍ପାନୀ ମଧ୍ୟରୁ ଗୋଟିଏ ( ଓ.ସି.ଏଲ ଇଣ୍ଡିଆ ଲିମିଟେଡ) ଉତ୍ପାଦନ ଆରମ୍ଭ କରିଛି, ଆଉ ଦୁଇଟି (ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍, ସମ୍ବଲପୁର ଆଣ୍ଡ ଦୀପକ ଷ୍ଟୀଲ ପାୱାର ଲିମିଟେଡ୍, କେଉଁଝର) (ଡିସେମ୍ବର-2012) ଆଂଶିକ ଉତ୍ପାଦନ ଆରମ୍ଭ କରିଛନ୍ତି । ଏହିପରି ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ବିନା ଏହି ଶିଳ୍ପ ସଂସ୍ଥାଗୁଡିକ ଉତ୍ପାଦନ ଆରମ୍ଭ ଏବଂ କର୍ମ ସଂପାଦନ କରିବା ପାଇଁ ଫାଳତୁରେ ବାଧ୍ୟତାମୂଳକ ପ୍ରାକ୍ ନିର୍ମାଣ ମଞ୍ଜୁରୀ ଦେବା ଫଳରେ ଅନିୟମିତ ଭାବରେ ଜଙ୍ଗଲ ଜମିକୁ ଶିଳ୍ପ ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯାଇଥିଲା ।

- ଶିଳ୍ପ ପ୍ରକଳ୍ପ ଗୁଡିକର ଉଭୟ ଜଙ୍ଗଲ ଓ ଅଣ ଜଙ୍ଗଲ ଜମିର ବ୍ୟବହାରର ବର୍ତ୍ତମାନ ସ୍ଥିତି ନିରୀକ୍ଷଣ ପାଇଁ ଅଡିଟ୍ (ଜୁଲାଇ 2012 ଠାରୁ ଜାନୁଆରୀ 2013) 52 ଟି ଏମଓୟୁ ଭିତ୍ତିକ ଶିଳ୍ପ ପ୍ରତିଷ୍ଠାନରେ ମିଳିତ ନିରୀକ୍ଷଣ କରିଥିଲା ଏବଂ 8ଟି ଶିଳ୍ପ କ୍ଷେତ୍ରରେ ଦେଖାଗଲା ଯେ ***(ପରିଶିଷ୍ଟ 2.1.10 ଦ୍ରଷ୍ଟବ୍ୟ)*** ସେମାନେ ନିର୍ମାଣ କାର୍ଯ୍ୟ / ପ୍ରକଳ୍ପ ନିର୍ମାଣ ଅଣ ଜଙ୍ଗଲ ଜମିରେ ଆରମ୍ଭ କରିଦେଇଛନ୍ତି । ଅଗଷ୍ଟ 2012 ସୁଦ୍ଧା ଏହି 8 ଟି ଏମ୍ ଓ ୟୁ ଭିତ୍ତିକ ଶିଳ୍ପ ସଂସ୍ଥା ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ 533.939 ଏକର ଜଙ୍ଗଲ ଜମିକୁ ଶିଳ୍ପ ଉଦ୍ଦେଶ୍ୟରେ ପରିବର୍ତ୍ତନ ପାଇଁ ଅନୁମୋଦନ ହାସଲ କରାଯାଇ ପାରି ନଥିଲା । ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଇଡ୍‌କୋ ଏପରି ନିର୍ମାଣକୁ ବନ୍ଦ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ ।

- ଅଣ ଜଙ୍ଗଲ ଜମିରେ ନିର୍ମାଣକୁ ଚିହ୍ନଟ କରିବା ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ପର୍ଯ୍ୟାଲୋଚନା ଓ ବଳବତ୍‌କରଣ ସଂକ୍ରିୟା ଥିବା ସତ୍ତ୍ୱେ ଅଡିଟ୍ ଦେଖିଥିଲେ ଯେ ଜଙ୍ଗଲ ସଂରକ୍ଷଣ ଅଧିନିୟମ ରେ ଥିବା ବ୍ୟବସ୍ଥାର ଅନୁପାଳନ ପାଇଁ ଏହି ନିର୍ମାଣ କାର୍ଯ୍ୟକୁ ବିଭାଗ ଦ୍ୱାରା ପର୍ଯ୍ୟାଲୋଚନା କରାଯାଇ ନଥିଲା କିମ୍ବା ଏହି ଶିଳ୍ପ ସଂସ୍ଥାଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ଅବଗତ କରାଯାଇ ନଥିଲା ।

- ଅଡିଟ୍ ଆହୁରି ମଧ୍ୟ ଦେଖିଥିଲେ ଗୋଟିଏ ଶିଳ୍ପ ସଂସ୍ଥା, ଏସାର ଷ୍ଟୀଲ୍ସ, ଶିଳ୍ପ ପ୍ରତିଷ୍ଠା ପାଇଁ 84.144 ହେକ୍ଟର ଜଙ୍ଗଲ ଜମିକୁ ପ୍ରକଳ୍ପ ପାଇଁ ପରିବର୍ତ୍ତନ କରିବାକୁ ଭାରତ ସରକାରଙ୍କ ମଞ୍ଜୁରୀ ନ ପାଇ ଅଣ ଜଙ୍ଗଲ ଜମିରେ ପାଇପଲାଇନ୍ ବିଛାଇବା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସଂପୃକ୍ତ ପ୍ରଭାଗୀୟ ଜଙ୍ଗଲ ଅଧିକାରୀ କେନ୍ଦୁଝର ଏବଂ ଜଙ୍ଗଲ ଓ ପରିବେଶ ବିଭାଗ (ସେପ୍ଟେମ୍ବର / ଡିସେମ୍ବର 2010, ଅଗଷ୍ଟ-2011 ଏବଂ ନଭେମ୍ବର 2011) ଅଣ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଶିଳ୍ପକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସଂପୂର୍ଣ୍ଣ ଜଙ୍ଗଲ ଜମି ଅଂଶର କିସମ ପ୍ରବର୍ତ୍ତନ ପ୍ରସ୍ତାବକୁ ପ୍ରତ୍ୟାହାର କରିନେଇଥିଲେ । ଇଡ୍‌କୋର ଜଣେ ଚିଫ୍ ଜେନେରାଲ୍ ମ୍ୟାନେଜର(ପରିବେଶ) ଥିବା ସତ୍ତ୍ୱେ ଜଙ୍ଗଲ ସଂରକ୍ଷଣ ଅଧିନିୟମରେ ଥିବା ବ୍ୟବସ୍ଥାର ଅନୁପାଳନ ହେଉ ନଥିବା କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଏହିପରି ଅପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା କାରଣରୁ ପରିବେଶ ମଞ୍ଜୁରୀ ଏବଂ ଜଙ୍ଗଲ ଜମି ପ୍ରବର୍ତ୍ତନ ଅନୁମୋଦନ ହାସଲ ନ କରି ଶିଳ୍ପସଂସ୍ଥା ଗୁଡିକ ଉତ୍ପାଦନ ଆରମ୍ଭ କରିଥିଲେ ।

---

37 ଆମ୍‌ଟେକ୍ ମେଟାଲ୍ ଏଣ୍ଡ ମାଇନିଂ ଲିମିଟେଡ୍, ଟିଟାନିୟମ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍, ଭୂଷଣ ଏନର୍ଜି ଲିମିଟେଡ୍, ଜୟଲ ଇନ୍‌ଫ୍ରାଷ୍ଟ୍ରକଚର ଭେଞ୍ଚରସ୍ ଲିମିଟେଡ୍, ଏନ୍.ଏସ୍.ଏଲ, ଏ.ଏସ୍. ଓ ସିମେଣ୍ଟ ଲିମିଟେଡ୍, ଓ.ସି.ଏଲ୍ ଇଣ୍ଡିଆ ଲିମିଟେଡ୍, ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍, ଦୀପକ ଷ୍ଟିଲ୍ ଏଣ୍ଡ ପାୱାର ଲିମିଟେଡ୍, କ୍ରାବର୍ସ ଇଣ୍ଡିଆ (ଆରଏଜ) ଲିମିଟେଡ୍ ।

ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ନିଶ୍ଚିତ କରିଥିଲେ ଯେ ଉଭୟ ଜଙ୍ଗଲ ଓ ଅଣ ଜଙ୍ଗଲ ଜମିରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କେବଳ ତାରବାଡ କାର୍ଯ୍ୟକୁ ବାଦ୍ ଦେଲେ ଅନ୍ୟ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ । ମାତ୍ର ସଂପୃକ୍ତ ଶିଳ୍ପ ପ୍ରକଳ୍ପ ପରିବେଶ ମଞ୍ଜୁରୀ ବିନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ଉତ୍ପାଦନ ଆରମ୍ଭ କରିବାର କାରଣ ବିଭାଗ ଦର୍ଶାଇ ପାରି ନଥିଲେ । ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାର କାରଣ ମଧ୍ୟ ଦର୍ଶାଇ ନଥିଲେ ଏବଂ ନିର୍ମାଣ କାର୍ଯ୍ୟ ଏବଂ ଉତ୍ପାଦନ ବନ୍ଦ ରଖିବାକୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇ ନଥିଲେ । ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଆଶ୍ୱାସନା ଦେଇଥିଲେ(ମେ, 2013) ଯେ ଏହି ପ୍ରକାର ଉଲ୍ଲଂଘନ ପାଇଁ ଦଣ୍ଡାତ୍ମକ ଜରିମାନା ପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ଜଣାଇ ଦିଆଯିବ । ଏହି ଦିଗରେ କୌଣସି ପଦକ୍ଷେପକୁ ଅପେକ୍ଷା କରାଯାଇଛି (ଅଗଷ୍ଟ, 2013) ।

### *2.1.10.9 ଯଥୋଚିତ୍ ସବୁଜ ବଳୟ ବ୍ୟବସ୍ଥା*

ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ପରିବେଶ ମଞ୍ଜୁରୀ ଅନୁଯାୟୀ ସବୁଜ ବଳୟ ପ୍ରତିଷ୍ଠା ପାଇଁ ସଂପୃକ୍ତ ଶିଳ୍ପ ସଂସ୍ଥା / ପ୍ରକଳ୍ପ ଗୁଡିକୁ ଜମିର 33 ପ୍ରତିଶତ ପ୍ରଦାନ କରାଯିବ । ଶିଳ୍ପ ପାଇଁ ଆବଶ୍ୟକ ଜମିର ଆକଳନ ସମୟରେ ଏବଂ ଅଧିଗ୍ରହଣ / ହସ୍ତାନ୍ତର ପାଇଁ ଇଡ୍‌କୋକୁ ସୁପାରିଶ କରିବା ସମୟରେ ସବୁଜ ବଳୟ ପ୍ରତିଷ୍ଠା କରିବା ପାଇଁ ଇପିକଲ 33 ପ୍ରତିଶତ ଜମିକୁ ଅନ୍ତର୍ଭୁକ୍ତ କରିଥାଏ । ତେଣୁ ପର୍ଯ୍ୟାପ୍ତ ସବୁଜ ବଳୟ ପ୍ରତିଷ୍ଠାର ପର୍ଯ୍ୟାଲୋଚନା ଉଭୟ ଇଡ୍‌କୋ ଓ ଇପିକଲ୍ ଦ୍ୱାରା ସଞ୍ଚାଳିତ ହେବା ଆବଶ୍ୟକ ।

ଅଡିଟ୍ ପରିଲକ୍ଷିତ କଲା ଯେ ସବୁଜ ବଳୟ ପାଇଁ ନିର୍ଦ୍ଦିଷ୍ଟ ଭାବେ ଆବଣ୍ଟନ କରାଯାଇଥିବା ଜମିରେ ଏହାର ପ୍ରସ୍ତୁତି ତଦାରଖ କରିବାକୁ ଇପିକଲ ଏବଂ ଇଡ୍‌କୋ ନିକଟରେ କୌଣସି ସଂକ୍ରିୟା ନଥିଲା । ମାର୍ଚ୍ଚ 2012 ସୁଦ୍ଧା ପ୍ରଦାନ କରାଯାଇଥିବା 52 ଟି ଏମଓୟୁ ଭିତ୍ତିକ ଶିଳ୍ପ ସଂସ୍ଥା ମଧ୍ୟରୁ ଦୁଇଟି ଶିଳ୍ପକୁ ସଂପୂର୍ଣ୍ଣ ଜମି ଯୋଗାଇ ଦିଆଯାଇଛି ଏବଂ 50ଟି ଶିଳ୍ପକୁ ଆଂଶିକଭାବେ ଜମି ଯୋଗାଇ ଦିଆଯାଇଥିବା ମଧ୍ୟରୁ 22ଟି ମାମଲାରେ 50 ପ୍ରତିଶତରୁ ଅଧିକ ଜମି ଯୋଗାଇ ଦିଆଯାଇଛି । ମାର୍ଚ୍ଚ 2012 ସୁଦ୍ଧା ଦେଖାଗଲା ଯେ 29ଟି ଶିଳ୍ପ ସଂସ୍ଥା ସଂପୂର୍ଣ୍ଣ / ଆଂଶିକ ଉତ୍ପାଦନ ଆରମ୍ଭ କରିଥିଲେ , ଯାହା ମଧ୍ୟରୁ ପର୍ଯ୍ୟାପ୍ତ ସବୁଜ ବଳୟ ନିର୍ମାଣ କ୍ଷେତ୍ରରେ 2ଟି ଶିଳ୍ପସଂସ୍ଥା (ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ଅନୁଗୁଳ ଏବଂ ଇଣ୍ଡର୍ଣ୍ଣ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ, ଝାରସୁଗୁଡା) ସଫଳ ହୋଇଥିବା ବେଳେ ଅନ୍ୟ 27 ଟି ଶିଳ୍ପ ସଂସ୍ଥା କ୍ଷେତ୍ରରେ ସବୁଜ ବଳୟ ପ୍ରତିଷ୍ଠା ଶୂନ୍ୟ (ଛଅ)ରହିଥିଲା ଏବଂ ଅତି ନଗଣ୍ୟ ଅଞ୍ଚଳରେ (21)[38] ରେ କରାଯାଇଛି (***ପରିଶିଷ୍ଟ 2.1.11***) ଯାହାକି ରାଜସ୍ୱ ଏବଂ ଇଡ୍‌କୋ ଅଧିକାରୀମାନଙ୍କ ସହ ମିଳିତ ସରଜମିନ୍ ତଦନ୍ତ ସମୟରେ ଅଡିଟ୍ ଦେଖିବାକୁ ପାଇଥିଲେ ଅର୍ଥାତ୍ ଆବଣ୍ଟିତ ଜମିରେ ସବୁଜ ବଳୟ ନିର୍ମାଣକୁ ଇଡ୍‌କୋ ଦ୍ୱାରା ପର୍ଯ୍ୟାଲୋଚନା କରାଯାଇ ନଥିଲା ।

ଉତ୍ତରରେ ଜଙ୍ଗଲ ଓ ପରିବେଶ ବିଭାଗ(ମେ-2013) ଦର୍ଶାଇଥିଲେ ଯେ ନିର୍ମାଣ କରାଯାଇଥିବା ସବୁଜ ବଳୟ ବିକାଶର ପର୍ଯ୍ୟବେକ୍ଷଣ / ଅଗ୍ରଗତି ଉପରେ ନଜର ରଖିବା ଏବଂ ନିର୍ଦ୍ଦିଷ୍ଟକାଳିକ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଜଙ୍ଗଲ ସଂରକ୍ଷକ ନିର୍ଦ୍ଦେଶକ, ପରିବେଶ / ସଚିବ, ସଭ୍ୟ, ରାଜ୍ୟ ପ୍ରଦୂଷଣ ବୋର୍ଡଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଜାରି କରାଯାଇଛି ।

---

[38] ଅମିନ୍ / ରାଜସ୍ୱ ନିରୀକ୍ଷକ ଓ ଇଡ୍‌କୋ କର୍ମକର୍ତ୍ତାଙ୍କ ସହିତ ମିଳିତ ସରଜମିନ୍ ତଦନ୍ତରୁ ଜଣାଗଲା ଯେ ଛଅଟି ମାମଲାରେ ସବୁଜ ବଳୟ ଥିବା ପରିଲକ୍ଷିତ ହୋଇଥିଲା, ଚାରୋଟି ମାମଲାରେ 2.50 ଏକରରୁ 5 ଏକରରେ କିଛି ଅଞ୍ଚଳରେ ବୃକ୍ଷରୋପଣ ହୋଇଥିବା ଦଳର ଦୃଷ୍ଟିଗୋଚର ହୋଇଥିଲା ଏବଂ 17 ଟି ମାମଲାରେ ବିକ୍ଷିପ୍ତ ଭାବେ ବୃକ୍ଷ ରୋପଣ ହୋଇଥିବା ଦେଖାଯାଇଥିଲା ।

### 2.1.11 ଉପସଂହାର

ସାର୍ବଜନିକ ଉଦ୍ଦେଶ୍ୟ ଧାରାର ଭ୍ରମାତ୍ମକ ପ୍ରୟୋଗ, ଜମି ଅଧିଗ୍ରହଣ ପାଇଁ ଜରୁରୀ ବ୍ୟବସ୍ଥା , କ୍ଷତିପୂରଣ କମ୍ ନିର୍ଦ୍ଧାରଣ ଆଦି ଅନେକ ପଦ୍ଧତିଗତ ତ୍ରୁଟି ବିଚ୍ୟୁତ ଅଡିଟ ପରିଲକ୍ଷିତ କରିଥିଲା । କୃଷି ,ଜଳସେଚନ ଓ ପରିବେଶ ଉପରେ ଏହାର ପ୍ରଭାବକୁ ବିଚାର ନ କରି ଶିଳ୍ପ ଉଦ୍ୟୋଗକାରୀଙ୍କ ଦ୍ୱାରା ଚିହ୍ନିତ ଅଂଚଳରେ ଜମି ଅଧିଗ୍ରହଣ କରାଯାଇଥିବାର ଦୃଷ୍ଟାନ୍ତ ମଧ୍ୟ ପରିଲକ୍ଷିତ ହୋଇଥିଲା ।

ଶିଳ୍ପାଞ୍ଚଳ ଜମିର ଚିହ୍ନଟ ଏବଂ ଶିଳ୍ପ ପାଇଁ ତାହାର ବଦଳିକୁ ସହଜ କରିବାକୁ ଲ୍ୟାଣ୍ଡ ବ୍ୟାଙ୍କ ପରିକଳ୍ପନାର କାର୍ଯ୍ୟାନ୍ୱୟନର ଉଦ୍ଦେଶ୍ୟ ପ୍ରକୃତପକ୍ଷେ ଅଧା ରହିଥିଲା । ଜମି ଆବଣ୍ଟନର ବିନିମୟ ଏବଂ ମାନଦଣ୍ଡର ଅଭାବରେ ଶିଳ୍ପାଞ୍ଚଳରେ ଜମି /ସେଡ୍ ଆବଣ୍ଟନରେ ସ୍ୱଚ୍ଛତା ନଥିବା ପ୍ରତିଫଳିତ ହୋଇଥିଲା । ଓଡିଶା ଶିଳ୍ପ (ସହଜ) ନିୟମ 2005ର ଆବଶ୍ୟକତା ଅନୁଯାୟୀ ଆବେଦନର 30 ଦିନ ମଧ୍ୟରେ ଜମି ଆବଣ୍ଟନ ପାଇଁ ଆଶ୍ୱାସନା ମିଳୁଥିବା ସତ୍ତ୍ୱେ ଜମିର ଆବଣ୍ଟନ 430 ଦିନ ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା । ଗୋଟିଏ ଶିଳ୍ପ ଦ୍ୱାରା ଆଉ ଗୋଟିଏ ଶିଳ୍ପକୁ ଜମିର ସହମତି ବଦଳିରେ ମଧ୍ୟ ଅନିୟମିତତା ପରିଲକ୍ଷିତ ହୋଇଥିଲା ।

ବିହିତ ଦରର ଭ୍ରମାତ୍ମକ ପ୍ରୟୋଗ ଯୋଗୁ ଜମି ମୂଲ୍ୟର କମ୍ ନିର୍ଦ୍ଧାରଣ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ଭୂ-ରାଜସ୍ୱ ଏବଂ ସେସ୍‌ର ଅସୁଲି ଜମିର ବଜାର ଦର ପରିବର୍ତ୍ତେ ରିହାତି ଦରରେ ଅସୁଲି ହେବାର ମାମଲାଗୁଡିକ ମଧ୍ୟ ପରିଲକ୍ଷିତ ହୋଇଥିଲା ।

ଜମିର ସର୍ବଶେଷ ଉପ ଯୋଗିତାର ପର୍ଯ୍ୟାଲୋଚନା କରାଯାଉ ନଥିଲା, କାରଣ ଅଣଉପଯୋଗିତା ଏବଂ ଅଭିଳକ୍ଷିତ ଉଦ୍ଦେଶ୍ୟ ବ୍ୟତିରେକେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୱାରା ଜମିର ପରିବର୍ତ୍ତନର ଦୃଷ୍ଟାନ୍ତଗୁଡିକ ମଧ୍ୟ ପରିଲକ୍ଷିତ ହୋଇଥିଲା । ଓ.ଆଇ.ଆଇ.ଡି.ସି. ଆକ୍ଟରେ ନିର୍ଦ୍ଧାରିତ ବ୍ୟବସ୍ଥା ସତ୍ତ୍ୱେ ତିନି ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଉପଯୋଗ ନ ହେଉଥିବା ଜମିକୁ ପୁନଃଗ୍ରହଣ କରିବାକୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ପଟ୍ଟା ଦଲିଲର ସର୍ତ୍ତର ଉଲଂଘନ ମାମଲାରେ ଆବଣ୍ଟିତ ଜମିର ପୁନଃଗ୍ରହଣ କରିବାକୁ ପ୍ରବର୍ତ୍ତନ ସଂକ୍ରୀୟା ମଧ୍ୟ ଫଳପ୍ରଦ ନଥିଲା ।

### 2.1.12 ସୁପାରିଶ

ଉପରୋକ୍ତ ସିଦ୍ଧାନ୍ତ ଆଧାରରେ ସରକାର ପଦ କ୍ଷେପ ଗ୍ରହଣ କରିବାକୁ ଅଡିଟ ନିମ୍ନ ପ୍ରକାରେ ସୁପାରିଶ କରୁଅଛି ।

- ଜମିର ଚିହ୍ନଟ, ଅଧିଗ୍ରହଣ, ଆବଣ୍ଟନ ଏବଂ ଶିଳ୍ପ ଉଦ୍ୟୋଗୀଙ୍କ ପାଇଁ ଜମିର ଉପଯୋଗ ତଥା ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଏବଂ ଉଦ୍ୟୋଗକାରୀଙ୍କ ସହିତ ବୁଝାମଣା ସ୍ୱାକ୍ଷର ପାଇଁ ମାନଦଣ୍ଡ ନିମିତ୍ତ ଏକ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତ ହେବା ଆବଶ୍ୟକ ।
- ବେସରକାରୀ କଂପାନୀଙ୍କ ପାଇଁ ଜମିର ଅଧିଗ୍ରହଣ କ୍ଷେତ୍ରରେ ଜମି ଅଧିଗ୍ରହଣ ନିୟମାବଳୀ, ଜମି ଅଧିଗ୍ରହଣ କଂପାନୀ ନିୟମ 1963 ଏବଂ ଅନ୍ୟାନ୍ୟ ନିୟମାବଳୀରେ ଥିବା ବ୍ୟବସ୍ଥାର ଅନୁପାଳନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।
- କମ୍ ନିର୍ଦ୍ଧାରଣ ହୋଇଥିବା କ୍ଷତିପୂରଣ ରାଶି / ସରକାରୀ ଦେୟ ଉଦ୍ୟୋଗକାରୀଙ୍କ ଠାରୁ ଅସୁଲ କରାଯିବାକୁ ସୁନିଶ୍ଚିତ କରାଯାଉ ଏବଂ ଜମି ମାଲିକମାନଙ୍କୁ ପ୍ରଦାନ କରାଯାଉ ।
- ଜମି ଅଧିଗ୍ରହଣ ଏବଂ ଜମିର ଉପ ଯୋଗିତା କ୍ଷେତ୍ରରେ ପରିବେଶ ନୀତିର ଅନୁପାଳନ କରାଯିବା ଉଚିତ ।
- ଜମି ଆବଣ୍ଟନରେ ଅନିୟମିତତା, ଦୁରୂପଯୋଗ ଏବଂ ବୁଝାମଣା / ପଟ୍ଟା ଅବଧି ସମାପ୍ତ ପରେ ଉପଯୋଗ ନ ହୋଇ ରହିଥିବା ଜମିର ପୁନଃଗ୍ରହଣ ନହେବାର ସମସ୍ତ ମାମଲାର ସମୀକ୍ଷା କରାଯାଉ ଏବଂ ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜମିର ପୁନଃଗ୍ରହଣ କରାଯାଉ ।

# ଗୃହ ଓ ନଗର ଉନ୍ନୟନ ବିଭାଗ

## 2.2 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସୋପଯୋଗୀ ଜମି / ଗୃହର ଆବଣ୍ଟନ ସହିତ ଭବନର ଯୋଜନା ଓ ନିୟନ୍ତ୍ରଣ

### କାର୍ଯ୍ୟ ନିର୍ବାହୀ ସାରାଂଶ


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ମାନଙ୍କୁ ସେମାନଙ୍କ ମୁନିସିପାଲ ଅଧିନରେ ଥିବା ଅଞ୍ଚଳଗୁଡ଼ିକର ଯୋଜନାବଦ୍ଧ ଓ ବ୍ୟବସ୍ଥିତ ବିକାଶ କରିବା ଉଦ୍ଦେଶ୍ୟରେ ଗଠନ କରାଯାଇଛି । ଏହି ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱୟ (ଡିଏ) ସେମାନଙ୍କ ଅଧିନରେ ଥିବା ଅଞ୍ଚଳର ଯୋଜନା, ନିୟନ୍ତ୍ରଣ ଓ ବ୍ୟବସାୟୀକ ତଥା ବାସୋପଯୋଗୀ ଜମି / ଭବନର ଆବଣ୍ଟନ କରନ୍ତି ।

ଡିଏମାନଙ୍କ ଦ୍ୱାରା ନଗର ଯୋଜନା, ନିୟନ୍ତ୍ରଣ ଓ ବାସୋପଯୋଗୀ ଜମି ପରିଚାଳନାର ଫଳପ୍ରଦ ନିରୂପଣ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସୋପଯୋଗୀ ଜମି / ଗୃହର ଆବଣ୍ଟନ ସହିତ ଯୋଜନା ଓ ଭବନ ନିୟନ୍ତ୍ରଣର ସଂପାଦନା ସମୀକ୍ଷା 2002-12 ବର୍ଷ ପାଇଁ କରାଯାଇଥିଲା ।

ବିସ୍ତୃତ ବିକାଶ ଯୋଜନାର ପ୍ରସ୍ତୁତିରେ ଅହେତୁକ ବିଳମ୍ବ ଏବଂ କ୍ଷେତ୍ରୀୟ ବିକାଶ ଯୋଜନା ପ୍ରସ୍ତୁତ ନ ହେବା ଅଡିଟର ଦୃଷ୍ଟିଗୋଚର ହୋଇଥିଲା । ମିଶ୍ରିତ ଜମିର ବ୍ୟବହାର ଫଳରେ ସହର ବିଶୃଙ୍ଖଳିତ ଭାବରେ ବିକଶିତ ହୋଇଥିଲା ।

ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିଲା । ବ୍ୟକ୍ତିବିଶେଷ ବା ସେମାନଙ୍କର ଜୀବନସାଥୀମାନଙ୍କୁ ଏକାଧିକ ପ୍ଲଟ୍ / ଗୃହଗୁଡ଼ିକର ଆବଣ୍ଟନ ପରିଲକ୍ଷିତ ହୋଇଥିଲା । ଜମି ପଟ୍ଟା ରେଜିଷ୍ଟ୍ରିକରଣ ସମ୍ପାଦନ ବିନା ପ୍ଲଟ୍ / ଗୃହ ଗୁଡ଼ିକର ହସ୍ତାନ୍ତରଣର ଅନୁମୋଦନ ପରିଲକ୍ଷିତ ହୋଇଥିଲା ।

ଗୃହ ନକ୍ସା ଅନୁମୋଦନରେ ବିଳମ୍ବ ହୋଇଥିଲା । ଭବନ ଅଧିନିୟମରେ ଥିବା ମାନଦଣ୍ଡଗୁଡ଼ିକୁ ପାଳନ କରାଯାଇ ନଥିଲା ।

ଅବୈଧ / ଅନିୟମିତ ନିର୍ମାଣଗୁଡ଼ିକୁ ନିୟମିତକରଣ କରିବା ପାଇଁ ପ୍ରବର୍ତ୍ତନ କରାଯାଇଥିବା ପରିକଳ୍ପନା, ଯେଉଁଥିରେ ଗୃହ ମାଲିକମାନଙ୍କୁ ଏକକାଳୀନ ରିହାତି ପ୍ରଦାନ କରିବାର ବ୍ୟବସ୍ଥା ଥିଲା, ତାହା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇ ନଥିଲା ।

ପର୍ଯ୍ୟାଲୋଚନା ପ୍ରକ୍ରିୟାର ଅଭାବ ପରିଲକ୍ଷିତ ହୋଇଥିଲା ଯଥା

*(i)* ନିର୍ମାଣଗୁଡ଼ିକରେ ବ୍ୟତିକ୍ରମ ଗୁଡ଼ିକର ସନ୍ଧାନ

*(ii)* ଗୃହଗୁଡ଼ିକର ବ୍ୟବହାରରେ ପରିବର୍ତ୍ତନ

*(iii)* ଜମି ଜବର ଦଖଲକାରୀଙ୍କୁ ହଟାଇ ଦେବା ପାଇଁ ପ୍ରବର୍ତ୍ତନ କାର୍ଯ୍ୟକଳାପ

*(iv)* ବ୍ୟତିକ୍ରମ ନିର୍ମାଣଗୁଡ଼ିକର ମୂଳ ଉତ୍ପାଟନ ଏବଂ

*(v)* ଅବ୍ୟବହୃତ ପ୍ଲଟ୍ ଗୁଡ଼ିକର ଅଧିଗ୍ରହଣ

### 2.2.1 ଉପକ୍ରମ

ଜମି ଏକ ଦୁର୍ଲଭ ସମ୍ପଦ । ଏହି ମୂଲ୍ୟବାନ୍ ସମ୍ପଦ ଓଡ଼ିଶାରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ (ଆରଡିଏମ୍) ଦ୍ୱାରା ନିୟନ୍ତ୍ରଣ ହୋଇଥାଏ ଏବଂ ସାଧାରଣ ପ୍ରଶାସନ ବିଭାଗ (ଜିଏ) ଭୁବନେଶ୍ୱର ନଗରର ଜମିକୁ ନିୟନ୍ତ୍ରଣ କରେ ।

ଭୁବନେଶ୍ୱର ଏବଂ କଟକ ନଗରୀର ପରିସରରେ ଥିବା ବାସୋପଯୋଗୀ ଓ ଭିନ୍ନ ଉଦ୍ଦେଶ୍ୟ ପାଇଁ ଥିବା ସରକାରୀ ଜାଗା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଉପଯୁକ୍ତ ମୂଲ୍ୟ ପ୍ରଦାନ କରି ଜିଏ ଏବଂ ଆରଡିମ ବିଭାଗ ଠାରୁ ଲିଜ୍ ସୂତ୍ରରେ ଆଣିଥାଆନ୍ତି ଏବଂ ସେଗୁଡ଼ିକର ଉନ୍ନତିକରଣ ପରେ କର୍ତ୍ତୃପକ୍ଷଗୁଡ଼ିକ ସାଧାରଣ ଜନତାଙ୍କୁ ଲିଜ୍ ସୂତ୍ରରେ ପ୍ରଦାନ କରିଥାନ୍ତି । ଦୁଇ ଉନ୍ନୟନ କର୍ତ୍ତୃପକ୍ଷ (ଡିଏ)ଙ୍କୁ ଜମି ଆବଣ୍ଟନର ପଦ୍ଧତି ସଂପର୍କରେ ଅନୁଚ୍ଛେଦ 1 ରେ ଦର୍ଶାଯାଇଛି ।

ଓଡ଼ିଶା ସରକାର 1983 ମସିହାରେ ଓଡ଼ିଶା ଡେଭଲପମେଣ୍ଟ ଅଥରିଟି ଆକ୍ଟ(ଓଡିଏ) 1982 ବଳରେ ଯୋଜନାକୃତ ଓ ପଦ୍ଧତିଗତ ବିକାଶକୁ ଲକ୍ଷ୍ୟରେ ରଖି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଗଠନ କରିଥିଲେ ।

- ଏହି କର୍ତ୍ତୃପକ୍ଷ ଦ୍ୱୟ ସେମାନଙ୍କ ଅଧିନରେ ଥିବା ସହରାଞ୍ଚଳ ପାଇଁ  ଯୋଜନା କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରନ୍ତି ଏବଂ ସେମାନଙ୍କର ବିକାଶ ଯୋଜନା ଅଞ୍ଚଳରେ ବିସ୍ତୃତ ବିକାଶ ଯୋଜନା ଓ ପ୍ରତ୍ୟେକ କ୍ଷେତ୍ର ପାଇଁ କ୍ଷେତ୍ରୀୟ ବିକାଶ ଯୋଜନା କରନ୍ତି । ସହରାଞ୍ଚଳର ବୃଦ୍ଧିକୁ ସୁନିୟନ୍ତ୍ରିତ ଓ ମାର୍ଗଦର୍ଶିକା ପ୍ରଦର୍ଶନ କରିବା ପାଇଁ  ଭୌତିକ ବିକାଶ ଯୋଜନା ତଥା ସମୟ ଉପଯୋଗୀ ବ୍ୟବହାର ଯୋଗ୍ୟ ଜମିଗୁଡ଼ିକର ମାନଚିତ୍ର ପ୍ରସ୍ତୁତ କରିବା ହେଉଛି ବିସ୍ତୃତ ବିକାଶ ଯୋଜନାର ମୁଖ୍ୟ ଲକ୍ଷ୍ୟ ।

- ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ସେମାନଙ୍କର ଯୋଜନା ଉନ୍ନୟନ ଅଞ୍ଚଳର ନିୟନ୍ତ୍ରକ ହିସାବରେ ପ୍ଲାନିଙ୍ଗ୍ ଆଣ୍ଡ ବିଲ୍ଡିଙ୍ଗ୍ ରେଗୁଲେସନ(ପିବିଏସଆର)କୁ ଓଡିଏ ଆକ୍ଟ ଆଧାରରେ ପ୍ରସ୍ତୁତ କରିଥାଆନ୍ତି, ଯେଉଁଥିରେ ଗୃହଗୁଡ଼ିକର ନିର୍ମାଣ ପାଇଁ ମାପଦଣ୍ଡ ପ୍ରଦର୍ଶିତ ହୋଇଥାଏ ଏବଂ ସେଗୁଡ଼ିକର ପ୍ରବର୍ତ୍ତନ ଦର୍ଶାଯାଇ ଥାଏ ।

- ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ସରକାରଙ୍କ ଦ୍ୱାରା ଆବଣ୍ଟିତ ଜାଗାକୁ ଦଖଲକୁ ନେଇ ସେଗୁଡ଼ିକୁ ପ୍ଲଟ୍ / ଗୃହ ଆକାରରେ ବିକଶିତ କରି ସର୍ବସାଧାରଣଙ୍କୁ ବ୍ୟବସାୟ ଓ ବାସୋପଯୋଗୀ ଗୃହ ପାଇଁ ଲିଜ୍ ସୂତ୍ରରେ ଆବଣ୍ଟନ କରିଥାନ୍ତି ।

### 2.2.2 ସାଂଗଠନିକ ବ୍ୟବସ୍ଥା

ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ଗୃହ ଓ ନଗର ଉନ୍ନୟନ (ଏଚଆଣ୍ଡୟୁଡି) ବିଭାଗ ଅଧିନରେ କାର୍ଯ୍ୟ କରିଥାନ୍ତି ବିଭାଗୀୟ ମନ୍ତ୍ରୀ ଏହି ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର ସଭାଧକ୍ଷ ଭାବରେ କାର୍ଯ୍ୟ କରିଥାନ୍ତି । ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସାଂଗଠନିକ ଢାଞ୍ଚା ପରପୃଷ୍ଠାରେ ପ୍ରଦାନ କରାଗଲା ।




## 2.2.3 ଅଡିଟର ଲକ୍ଷ୍ୟ ସମୂହ

ସଂପାଦନ ସମୀକ୍ଷା କରାଯିବାର ଉଦ୍ଦେଶ୍ୟ ଥିଲା ଯେ-:

- ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱୟ ସେମାନଙ୍କର ସହରାଞ୍ଚଳରେ ସୁବ୍ୟବସ୍ଥିତ ଉନ୍ନତି ପାଇଁ ସମୟ ଉପଯୋଗୀ ଓ ପର୍ଯ୍ୟାପ୍ତ ଯୋଜନା ପ୍ରଣୟନ କରିବା ଏବଂ ଏଗୁଡ଼ିକର ଫଳପ୍ରଦ କ୍ରିୟାନ୍ୱୟନ ସ୍ଥିରିକୃତ କରିବା
- ଉନ୍ନୟନ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ପ୍ଲଟ୍/ ଗୃହ ଗୁଡ଼ିକର ଆବଣ୍ଟନର ସ୍ୱଚ୍ଛତା, ଅଣସ୍ୱଚ୍ଛାଚାରିଣୀ, ସମାନତା ଓ ପ୍ରବର୍ତ୍ତିତ ସମୟସୀମା ମଧ୍ୟରେ ଯେଉଁଥିପାଇଁ ଉଦ୍ଦିଷ୍ଟ ସେଥିରେ ବିନିଯୋଗ ହେବା ।
- ବିଭିନ୍ନ ବର୍ଗର ଆବଣ୍ଟନ କାରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ଲଟ / ଗୃହ ଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଏବଂ ତାହା ନିୟମାନୁଯାୟୀ ପର୍ଯ୍ୟାପ୍ତ ।
- ପି.ବି.ଏସ.ଆର ଅନୁଯାୟୀ ଗୃହ ନକ୍ସା ଅନୁମୋଦନ ପ୍ରଦାନ କରିବା ।
- ଅନଧିକୃତ ନିର୍ମାଣ ସ୍ଥିତିକୁ ପ୍ରତିରୋଧ କରିବା ଓ ହଟାଇବା କାର୍ଯ୍ୟ ସୂଚାରୁରୂପେ ପ୍ରବର୍ତ୍ତନ ବିଭାଗ ଦ୍ୱାରା କରାଯିବା ।

## 2.2.4 ଅଡିଟ୍‌ର ମାନଦଣ୍ଡ

ନିମ୍ନଲିଖିତ ଦସ୍ତାବିଜ ଅନୁସାରେ ଅଡିଟର ମାନଦଣ୍ଡ ନିରୂପଣ ହୋଇଥିଲା:

- ଓଡ଼ିଶା ଉନ୍ନୟନ ପ୍ରାଧିକାରୀ ଅଧିନିୟମ, 1982;
- ଓଡ଼ିଶା ପ୍ରାଧିକାରୀ ନିୟମ, 1983;
- ଓଡ଼ିଶା ସରକାର ଭୂ-ବନ୍ଦୋବସ୍ତ ନିୟମ, 1983 ;
- ବିଡିଏ (ଯୋଜନା ଓ ଗୃହ ନିର୍ମାଣ ମାନକ) ନିୟନ୍ତ୍ରଣ, 2001 ଓ 2008 :
- ସିଡିଏ (ଯୋଜନା ଓ ଗୃହ ନିର୍ମାଣ ମାନଙ୍କ) ନିୟନ୍ତ୍ରଣ, 2001 ;
- ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 :

- ରାଜପତ୍ର ଅଧିସୂଚନା, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପରିକଳ୍ପନା ମାର୍ଗ ଦର୍ଶିକାର ପରିପତ୍ର ଏବଂ ନିର୍ଦ୍ଦେଶାବଳୀ;
- କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ଗୃହ ପ୍ରକଳ୍ପର ନିବନ୍ଧନ ଓ ସର୍ତ୍ତାବଳୀ ;

## 2.2.5 ଅଡିଟ୍‌ର ପରିସୀମା ଓ ପଦ୍ଧତି

28 ଫେବୃୟାରୀ 2012 ଓ 13 ସେପ୍ଟେମ୍ବର 2012 ରେ ଯଥାକ୍ରମେ ବିଡିଏ ଓ ସିଡିଏ ଉପାଧ୍ୟକ୍ଷଙ୍କ ସହ ପ୍ରବେଶ ସମିଳନୀ ଆୟୋଜନ ହେବା ପରେ ମାର୍ଚ୍ଚ 2012 ରୁ ଫେବୃଆରୀ 2013 ମଧ୍ୟରେ 2002-12 ବର୍ଷ ପାଇଁ ସଂପାଦନ ସମୀକ୍ଷା କରାଯାଇଥିଲା ଯେଉଁ ଥିରେ ଅଡିଟର ଉଦ୍ଦେଶ୍ୟ, ମାନଦଣ୍ଡ, କାର୍ଯ୍ୟକ୍ଷେତ୍ର ଓ କାର୍ଯ୍ୟ ପ୍ରଣାଳୀ ଉପରେ ସହମତ ପାଇଥିଲା ।

2002-12[40] ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର 61 ଟି ଚିହ୍ନଟ ପ୍ରାସାଦର ନକ୍ସା ଅନୁମୋଦନ, 136ଟି ଆପାର୍ଟମେଣ୍ଟ, 433 ଟି ଛୋଟ କୋଠାଘର ଅଡିଟରେ ନିରୀକ୍ଷଣ କରାଯାଇଥିଲା । ସେହିପରି 2002-12[40] ମଧ୍ୟରେ କଟକ ଉନ୍ନୟନ କର୍ତ୍ତୃପକ୍ଷର 37 ଟି ବହୁତଳ ଆପାର୍ଟମେଣ୍ଟ ଓ 173ଟି ଛୋଟ କୋଠାଘରକୁ ଅଡିଟରେ ନିରୀକ୍ଷଣ କରାଯାଇଥିଲା ।

ଆବଣ୍ଟନ କ୍ଷେତ୍ରରେ, 2002-12 ମଧ୍ୟରେ ହୋଇଥିବା ସମସ୍ତ ଆବଣ୍ଟନକୁ ଅଡିଟ୍‌ରେ ନିରୀକ୍ଷଣ କରାଯାଇଥିଲା । ମାର୍ଚ୍ଚ 2012 ରୁ ଫେବୃୟାରୀ 2013 ମଧ୍ୟରେ ଅଡିଟ୍ ସଂପାଦନ କରାଯାଇଥିଲା ଅଡିଟ୍ ଉପଲବ୍ଧିକୁ ପ୍ରତିପାଦିତ କରିବା ପାଇଁ 89 ଟି ପ୍ଲଟ୍ / କୋଠାଘର / ଆପାର୍ଟମେଣ୍ଟର ମିଳିତ ନିରୀକ୍ଷଣ ଅଡିଟ୍ ଦ୍ୱାରା କରାଯାଇଥିଲା ଏବଂ ଅଡିଟର ସ୍ୱଚ୍ଛତା ପାଇଁ ଦରକାର ମୁତାବକ ଫଟୋ ଉତ୍ତୋଳନ କରାଯାଇଥିଲା ।

ଅଡିଟର ଫଳାଫଳଗୁଡ଼ିକୁ ବିଡିଏ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କ ସହିତ 21 ଜାନୁୟାରୀ 2013 ଓ ସିଡିଏ ପାଇଁ ବିଭାଗର ପ୍ରକଳ୍ପ ପରିଚାଳକ ତଥା ଯୁଗ୍ମ ସଚିବଙ୍କ ସହ 7 ମଇ 2013 ରେ ପ୍ରମୁଖ ସମ୍ମୀଳନୀରେ ଆଲୋଚନା କରାଯାଇଥିଲା । ପ୍ରତିବେଦନରେ ସରକାରଙ୍କର ପ୍ରତିଲେଖକୁ ଉପଯୁକ୍ତ ସ୍ଥଳରେ ସ୍ଥାନୀତ କରାଯାଇଛି ।

## ଅଡିଟ୍ ଉପଲବ୍ଧି

## 2.2.6 ଯୋଜନା

### *2.2.6.1 ବ୍ୟାପକ ଉନ୍ନୟନ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ*

ଓଡ଼ିଶା ଡେଭେଲପମେଣ୍ଟ ଅଥରିଟି ଆକ୍ଟ (ଓଡିଏ ଆକ୍ଟ) 1982 ଧାରା 9 ଓ ରୁଲ 11 ଏହା ନିର୍ଦ୍ଧାରଣ କରେ ଯେ ପ୍ରଚଳିତ ଜମି ବ୍ୟବହାର ମାନଚିତ୍ରକୁ ଅଧୁନାତନ କରିବା ଓ ଭୌତିକ ଉନ୍ନୟନ ଯୋଜନାର ରୂପରେଖ ଥାଇ କର୍ତ୍ତୃପକ୍ଷ ଗଠନର ଚାରି ବର୍ଷ ମଧ୍ୟରେ ବ୍ୟାପକ ଉନ୍ନୟନ ଯୋଜନା ପ୍ରସ୍ତୁତ ହେବା ବାଞ୍ଛନୀୟ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ 1994 ରେ ତାର ପ୍ରଥମ ବ୍ୟାପକ ଉନ୍ନୟନ ଯୋଜନା ପ୍ରସ୍ତୁତ କରିଥିଲେ । ଏହା ସାତ ବର୍ଷ ବିଳମ୍ବିତ ହୋଇଥିଲା ଓ ଏହାକୁ 2010 ରେ ପୁନରୀକ୍ଷଣ କରାଯାଇଥିଲା, ସେହିପରି ଭାବରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ବ୍ୟାପକ ଉନ୍ନୟନ ଯୋଜନା 25 ବର୍ଷ ବିଳମ୍ବରେ 2012 ମସିହାରେ ପ୍ରକାଶ କରିଥିଲେ । ଏହି ବିଳମ୍ବ ହେବାର କାରଣ ଦର୍ଶାଯାଇ ନଥିଲା ।

---

[40] ଯେହେତୁ ଡିସେମ୍ବର 2001 ରେ ପି.ବି.ଏସ.ଆର କାର୍ଯ୍ୟକାରୀ ହୋଇଥିଲା । ତେଣୁ 2002-2012 ର ଅବଧିକୁ ଅଡିଟର ପରିସରଭୁକ୍ତ କରାଯାଇଥିଲା ।

ଅଡିଟର ଦୃଷ୍ଟିଗୋଚର ହୋଇଥିଲା ଯେ ବ୍ୟାପକ ଉନ୍ନୟନ ଯୋଜନା କରାଯାଇ ନଥିବାରୁ ସହରର ବିକାଶରେ ବିଶୃଙ୍ଖଳା ରହିଥିଲା । ପୁନଶ୍ଚ, ଏହି ଯୋଜନା କାର୍ଯ୍ୟାନ୍ୱୟନ ନହେବା ଫଳରେ ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧି ଅଞ୍ଚଳ ଗୁଡ଼ିକରେ ମିଶ୍ରିତ ଜମି ବ୍ୟବହାର ଦୃଷ୍ଟିଗୋଚର ହୋଇଥିଲା, ଯାହାକି ଏକ ଅସମାନ୍ତରାଳ ଉନ୍ନୟନର ନମୁନା ସୃଷ୍ଟି କରିଥିଲା । ସେହିପରି ଭାବରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଦୀର୍ଘ କେତେ ଦଶନ୍ଧିଧରି କୌଣସି ମାର୍ଗଦର୍ଶିକା ଯୋଜନାର ବ୍ୟବହାର ନକରିବାରୁ ଏହାର ସହର ଅଞ୍ଚଳରେ ଶିଳ୍ପ ଓ ବାସଗୃହ ଗୁଡ଼ିକ ମିଶାମିଶି ହୋଇ ଗଢିଉଠିଥିଲେ ।

ଉଭୟ କର୍ତ୍ତୃପକ୍ଷଙ୍କର ବର୍ତ୍ତମାନର ବ୍ୟାପକ ଉନ୍ନୟନ ଯୋଜନାରେ ବାସୋପଯୋଗୀ, ବାଣିଜ୍ୟିକ, ଶିଳ୍ପାୟନ, ସାଧାରଣ / ଅନୁଷ୍ଠାନ, ଜଳାଶୟ, ପରିବେଶ ସମ୍ବେଦନ କ୍ଷେତ୍ର ଏବଂ ଜମିର ଭିନ୍ନ ବ୍ୟବହାର ପାଇଁ ଲକ୍ଷ 2030 ମଧ୍ୟରେ ପୂରଣ କରିବାର ଯୋଜନା କରାଯାଇଥିଲା । କିନ୍ତୁ ଏହି ଲକ୍ଷକୁ ପୂରଣ କରିବା ପାଇଁ ଉନ୍ନୟନ କର୍ତ୍ତୃପକ୍ଷମାନେ ସେମାନଙ୍କର ବ୍ୟାପକ ଉନ୍ନୟନ ଯୋଜନା ଗୁଡ଼ିକରେ କୌଣସି ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିନଥିଲେ ।

ବିଭାଗୀୟ କର୍ତ୍ତୃପକ୍ଷ ବ୍ୟାପକ ଉନ୍ନୟନ ଯୋଜନା ପ୍ରସ୍ତୁତିର ବିଳମ୍ବକୁ ସ୍ୱୀକାର କରି (ଫେବୃଆରୀ 2013) ବ୍ୟକ୍ତ କରିଛନ୍ତି ଯେ ଭୁବନେଶ୍ୱର ଉନ୍ନୟନ ଅଞ୍ଚଳ ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଅଧିକ୍ଷଣରେ ଏକ ହାଇ ଲେବଲ ଷ୍ଟିଅରିଙ୍ଗ୍ କମିଟି ଗଠନ କରାଯାଇଛି ଯାହାକି 2010-11 ବର୍ଷର ତିନିଥର ଅଧିବେଶନ କରାଯାଇ ସି.ଡି.ପି ର କାର୍ଯ୍ୟାନ୍ୱୟନ ତଦାରଖ କରାଯାଇଛି, କଟକ ଉନ୍ନୟନ ଅଞ୍ଚଳ ପାଇଁ ବିଭାଗୀୟ ଉତ୍ତରରେ ବ୍ୟକ୍ତ କରିଥିଲେ ଯେ ବ୍ୟାପକ ଉନ୍ନୟନ ଯୋଜନାଟି 2012 ମସିହାରେ ପ୍ରସ୍ତୁତ ଓ ଅନୁମୋଦିତ ହୋଇଥିଲା ।

ଅଡିଟ୍ ଦୃଷ୍ଟିକୁ ଆସିଥିଲା ଯେ ଏଚ.ଏଲ.ଏସ.ସି ଗଠନ ହୋଇଥିଲେ ମଧ ଏହା ଜୁଲାଇ 2011 ମଧ୍ୟରେ ଏହାର ଅଧିବେଶନ ହୋଇପାରି ନଥିଲା । କଟକର ବିକଶିତ ଅଞ୍ଚଳ ପାଇଁ କୌଣସି ପରିଚାଳନା କମିଟି ଗଠନ କରାଯାଇ ନଥିଲା(ଜୁନ୍ 2013) ।

### *2.2.6.2 ଆଞ୍ଚଳିକ ଉନ୍ନୟନ ଯୋଜନାର ପ୍ରସ୍ତୁତିକରଣ*

ଓଡିଏ ଆକ୍ଟର ଧାରା 10 ଅନୁସାରେ ବ୍ୟାପକ ଉନ୍ନୟନ ଯୋଜନା ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ କ୍ଷେତ୍ରୀୟ ଉନ୍ନୟନ ଯୋଜନା(ଜେଡ୍.ଡି.ପି) ପ୍ରସ୍ତତ ହେବା ଆବଶ୍ୟକ ଯେଉଁଥିରେ ଯୋଜନା ଅଞ୍ଚଳକୁ ଭାଗଭାଗ କରି କିପରି ଭାବରେ ଉନ୍ନୟନ କରାଯାଇପାରିବ ଓ ତାହାର ବ୍ୟାପକ ବିବରଣୀ ରହିପାରିବ, ଯାହାଦ୍ୱାରା କର୍ତ୍ତୃପକ୍ଷମାନେ ସହରର ଏକ ସଂତୁଳିତ ଉନ୍ନୟନ କରିପାରବେ ଓ ବେନିୟମଭାବେ ଗଢିଉଠୁଥିବା କୋଠାବାଡିକୁ ରୋକି ପାରିବେ ଜେଡ୍.ଡି.ପି ପ୍ରସ୍ତୁତ କାର୍ଯ୍ୟକ୍ରମକୁ ସମୀକ୍ଷା କରିବାରେ ଜଣାଗଲା ଯେ ଆଦୌ ଯୋଜନା କରାଯାଇନାହିଁ, ଯାହା ନିମ୍ନରେ ଆଲୋଚିତ ହୋଇଛି ।

- ଓଡିଏ ରୁଲ୍ 1983 ର 11(2) ଅନୁସାରେ ଉନ୍ନୟନ କର୍ତ୍ତୃପକ୍ଷମାନେ ଜେଡ୍.ଜି.ପି ପ୍ରସ୍ତୁତି ଓ ପ୍ରକାଶନ କରିବା ପାଇଁ ଏକ ସମୟ ସାରଣୀ ପ୍ରସ୍ତୁତ କରିବା ଓ ତାହାକୁ ସରକାରଙ୍କ ଦ୍ୱାରା ଅନୁମୋଦନ କରିବା ବିଧେୟ କିନ୍ତୁ ଏପରି କିଛି ସମୟ ସାରଣୀ ଉନ୍ନୟନ କର୍ତ୍ତୃପକ୍ଷମାନେ କରିନାହାନ୍ତି ।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷମାନେ ପ୍ରସ୍ତୁତ କରିଥିବା ସେମାନଙ୍କର ବ୍ୟାପକ ଉନ୍ନୟନ ଯୋଜନାଗୁଡ଼ିକରେ ଯଥାକ୍ରମେ 14 ଟି ଓ 11ଟି ଯୋଜନା କ୍ଷେତ୍ରରେ ଚିହ୍ନିତ କରିଥିଲେ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପ୍ରସ୍ତୁତ କରିବା ପାଇଁ ଆଇ.ଆଇ.ଟି ଖଡଗପୁରଙ୍କୁ (ଜୁଲାଇ 2010) ରେ ନିୟୋଜିତ କରିଥିଲେ ଓ ତାହାକୁ ଜୁଲାଇ 2012 ମଧ୍ୟରେ ଶେଷ ହେବାର ଦର୍ଶାଯାଇଥିଲା ଆଇ.ଆଇ.ଟି, ଖଡଗପୁର ଚାରି ଗୋଟି କ୍ଷେତ୍ରରେ ଯୋଜନା ପ୍ରସ୍ତୁତ କରିଥିଲେ ଓ ଆଉ ତିନୋଟିର ସର୍ବେକ୍ଷଣ କାମ ସାରିଥିଲେ । କିନ୍ତୁ କଟକ

ଉନ୍ନୟନ କର୍ତ୍ତୃପକ୍ଷ ଏଥିପାଇଁ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରି ନଥିଲେ ଅଗଷ୍ଟ 2013 । ଏହି ସବୁ କାର୍ଯ୍ୟକ୍ରମର ବିଳମ୍ବ ପାଇଁ କୌଣସି ଉତ୍ତର ମିଳି ନଥିଲା ।

- ଓଡିଏ ଆକ୍ଟର ଧାରା 10 ନିର୍ଦ୍ଧାରିତ କରିଛି ଯେ ଜେ.ଡି.ପି ପ୍ରସ୍ତୁତ କଲାବେଳେ ବାସଗୃହ, ବିଦ୍ୟାଳୟ, ଡାକ୍ତରଖାନା, ବଜାର, ରାସ୍ତା, ଖୋଲାଜାଗା ଇତ୍ୟାଦିର ନିର୍ଦ୍ଧିଷ୍ଟ ସ୍ଥାନ ନିରୂପଣ କରିବା ସଂଗେ ସଂଗେ ବ୍ୟବହାର ପାଇଁ ଅଯୋଗ୍ୟ ଜମି ବା ବସ୍ତି ଅଂଚଳ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ବିଧେୟ । କିନ୍ତୁ ଜେଡ୍.ଡି.ପି ପ୍ରସ୍ତୁତ ନ ହେବାରୁ କ୍ଷେତ୍ରୀୟ ଅଂଚଳରେ ବିସ୍ତୃତ ଯୋଜନା ହୋଇପାରି ନଥିଲା ।

ଉତ୍ତରରେ କଟକ ଉନ୍ନୟନ କର୍ତ୍ତୁପକ୍ଷ ବ୍ୟକ୍ତ କରିଥିଲେ ଯେ (ଜୁନ 2013) ବ୍ୟାପକ ଉନ୍ନୟନ ଯୋଜନା 2012 ମସିହାରେ ପ୍ରସ୍ତୁତ କରାଗଲା ଓ ଏହାର ଜେଡ୍.ଡି.ପି. ପ୍ରସ୍ତୁତ ପାଇଁ ପଦେକ୍ଷପ ନିଆଯାଇଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୁପକ୍ଷ ବ୍ୟକ୍ତ କରିଥିଲେ (ଫେବୃୟାରୀ 2013 ) ଜେଡ୍.ଡି.ପି. ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯିବ ।

### *2.2.6.3 ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ପାଇଁ ବାସଗୃହର ପ୍ରାବଧାନ କରାଯାଇ ନଥଲା*

ଓଡ଼ିଶା ସରକାରଙ୍କର ଜମି ବନ୍ଦୋବସ୍ତ (ଓ.ଜି.ଏଲ.ଏସ) ରୁଲ୍ 1983 ଧାରା 3(3) ରେ ସହରାଞ୍ଚଳରେ ବାସ କରୁଥିବା ବାସହୀନ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ଲୋକମାନଙ୍କ ପାଇଁ ବାସୋପଯୋଗୀ ଜମି ସଂରକ୍ଷଣ କରିବାର ନିୟମ ରହିଛି । ଓଡିଏ ଆକ୍ଟ 1982 ର ଧାରା 22(4) ରେ ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗଙ୍କ ପାଇଁ 10 ପ୍ରତିଶତ ଜମି ସଂରକ୍ଷଣ କରିବାର ବ୍ୟବସ୍ଥା ରହିଛି । ଅଡିଟ୍‌ର ଦୃଷ୍ଟିକୁ ଆସିଥିଲା ଯେ 2002 ରୁ 2012 ମଧ୍ୟରେ ଉନ୍ନୟନ କର୍ତ୍ତୃପକ୍ଷମାନେ 10 ଟି ଯୋଜନା(ଭୁବନେଶ୍ୱରରେ ୫ ଟି ଓ କଟକରେ 2ଟି) ର ଉନ୍ନୟନ କରାଯାଇଥିଲେ ହେଁ ଇ.ଡବ୍ଲୁ.ଏସ ବର୍ଗ ପାଇଁ କୌଣସି ପ୍ଲଟ୍ / ଗୃହ ସଂରକ୍ଷଣ କରାଯାଇ ନଥିଲା । କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କର ଏକ ଯୋଜନାର ଲିଜ୍ ଏଗ୍ରିମେଣ୍ଟ ସମୟରେ ଆର.ଡି.ଏମ୍ ସ୍ୱତନ୍ତ୍ର ଭାବେ 10 ପ୍ରତିଶତ ଜମି ଇ.ଡବ୍ଲୁ.ଏସ ବର୍ଗ ପାଇଁ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସ୍କିମ୍ କାର୍ଯ୍ୟକାରୀ କଲାବେଳେ ଉପରୋକ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ନଥିଲେ ।

ବିଭାଗୀୟ ଅଧିକାରୀ ଏହାକୁ ମାନି ନେଇ ଉତ୍ତରରେ କହିଥିଲେ ଯେ(ଫେବୃଆରୀ 2013) ଇ.ଡବ୍ଲୁ.ଏସ୍ ବର୍ଗଙ୍କ ପାଇଁ ଆଗକୁ ହେବାକୁ ଥିବା ସ୍କିମ୍ ଗୁଡ଼ିକର ସଂରକ୍ଷଣ ବ୍ୟବସ୍ଥା ରଖାଯିବ ।

## 2.2.7 ବିକଶିତ ପ୍ଲଟ୍ ଓ ଗୃହର ଆବଣ୍ଟନ

### *2.2.7.1 ଗୃହ ପରିକଳ୍ପନା ପାଇଁ ଜମିର ଉପଯୋଗ*

ଓଡିଏ ଆକ୍ଟ 1982ର ଧାରା 75 ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିକଶିତ କିମ୍ବା ଅବିକଶିତ ଜମିକୁ ଉନ୍ନୟନ କର୍ତ୍ତୃପକ୍ଷମାନେ ବିକଶିତ କରି ବିନ୍ୟାସ ପାଇଁ ଦେଇଥାନ୍ତି ।

ଓଡିଏ ରୁଲ୍ସ ନିୟମ 52(3) ଅନୁସାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ଜମିଗୁଡ଼ିକୁ ସେହି ଅଞ୍ଚଳର ଯୋଜନା ବଦ୍ଧ ବିକାଶ ପାଇଁ କର୍ତ୍ତୃପକ୍ଷ ଯେପରି ସମୁଚିତ ମନେକରନ୍ତି ସେହିପରି ଭାବରେ ବିକଶିତ କରିଥାନ୍ତି ।

ସାମାଜିକ ଗୃହ ପରିକଳ୍ପନା ପାଇଁ କର୍ତ୍ତପକ୍ଷଙ୍କୁ ଲିଜ୍ ସୂତ୍ରରେ ସରକାରଙ୍କ ଦ୍ୱାରା ଜମି ଆବଣ୍ଟନ କରାଇଥାଏ । 1983-2012 ମଧ୍ୟରେ ସାଧାରଣ ପ୍ରଶାସନ(ଜିଏ) ଓ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ(ଆରଡିଏମ) ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ 1406.038 ଏକର ଜମି ଆବଣ୍ଟନ କରିଥିଲେ । ସେହିପରି 1983-2012 ମଧ୍ୟରେ ଆରଡିଏମ୍ ବିଭାଗ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ 1215.186 ଏକର ସରକାରୀ ଜମି ଆବଣ୍ଟନ କରିଥିଲା ।

- ଅଡିଟରେ ଅବଧି ମଧ୍ୟରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମିର ବିନିଯୋଗର ସମ୍ୟକ ପରୀକ୍ଷାରୁ ଜଣାଗଲା ଯେ ଅଡିଟର ଅବଧି ପୂର୍ବରୁ 1985 ରୁ 2002 ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବଣ୍ଟନ କରାଯାଇଥିବା 124.243 ଏକର ଜମିରେ ଆଠଟି ସାମାଜିକ ପରିକଳ୍ପନା ବିକଶିତ କରାଯାଇଥିଲା । ଏଥି ମଧ୍ୟରୁ 101.414 ଏକର ଜମି ସେହି ଉଦ୍ଦେଶ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିନିଯୋଗ କରିଥିଲା । ବଳକା ଜମି 22.829 ଏକର ବିନିଯୋଗ ନ ହୋଇ ରହିଥିଲା ଯହିଁରୁ 2.586 ଏକର ବସ୍ତିବାସିନ୍ଦାଙ୍କ ଓ ସେହି ଅଞ୍ଚଳରେ ଲୋକଙ୍କ ଦ୍ୱାରା ଜବର ଦଖଲ ହୋଇଥିଲା । 6.458 ଏକର ଜମି ମକଦ୍ଦମାରେ ଲିପ୍ତ ଥିଲା, 6.890 ଏକର ଗୃହ ପାଇଁ ଉପଯୁକ୍ତ ନଥିଲା । (ଉଦୟଗିରି ବିହାର ଗୃହ ପରିକଳ୍ପନା) କଟକ ଉନ୍ନୟନ କର୍ତ୍ତୃପକ୍ଷ 2002 ସୁଦ୍ଧା ଆବଣ୍ଟିତ ସମୁଦାୟ 298.83 ଏକର ଜମିକୁ ଦୁଇଟି ପରିକଳ୍ପନାରେ ସୂତ୍ରପାତ କରି ବିନିଯୋଗ କରିଥିଲେ ।
- 2002-12 ମଧ୍ୟରେ ବିଭିନ୍ନ ସାମାଜିକ ପରିକଳ୍ପନା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷକୁ 113.431 ଏକର ଜମି ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ 68.465 ଏକର ଜମି ଆବଣ୍ଟନ କରାଯାଇଥିଲା । ଏଥି ମଧ୍ୟରୁ ଫେବୃଆରୀ 2013 ସୁଦ୍ଧା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ 2.685 ଏକର ଜମି ବିନିଯୋଗ କରିଥିଲେ ଓ ତିନିରୁ ଛଅ ବର୍ଷ ମଧ୍ୟରେ ଯୋଜନା ବଦ୍ଧ ପ୍ରକ୍ରିୟା ଯୋଗୁଁ 110.746 ଏକର ଜମି ବିନିଯୋଗ ହୋଇ ପାରିନାହିଁ । କଟକ ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ଆବଣ୍ଟନ ହୋଇଥିବା ସମସ୍ତ ଜମିର ବିନିଯୋଗ କରିଥିଲେ ।

### *2.2.7.2 ପ୍ଲଟ୍ ଓ ଗୃହର ଆବଣ୍ଟନ*

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ କର୍ତ୍ତୃପକ୍ଷଗୁଡ଼ିକ ସେମାନଙ୍କୁ ଆବଣ୍ଟିତ / ସ୍ଥାନାନ୍ତରିତ ଜମିର ବିନ୍ୟାସ ପାଇଁ ଓଡିଏ ରୁଲସର ନିୟମ 52(2) କ୍ଷମତା ପ୍ରଦାନ କରିଥାଏ । ଯାହାଦ୍ୱାରା ସେମାନଙ୍କ ଅଧିନରେ ଥିବା ଅଞ୍ଚଳର ଯୋଜନାବଦ୍ଧ ଉନ୍ନତି ହୋଇପାରିବ । ଯଦିଓ ଏହି ରୂଲରେ ବିଭିନ୍ନ ବର୍ଗର ଆବଣ୍ଟନକାରୀଙ୍କ ପ୍ଲଟ୍ / ଗୃହ ଆବଣ୍ଟନ କରିବାର ମାନଦଣ୍ଡ ଏବଂ ଏକ ଆବଣ୍ଟନକାରୀଠାରୁ ଅନ୍ୟ ଜଣକୁ ପ୍ଲଟ / ଗୃହ ହସ୍ତାନ୍ତର କରିବାରେ ବାଧା ରହି ନ ଥାଏ ।

ପ୍ରତ୍ୟେକ ପରିକଳ୍ପନାରେ ପ୍ଲଟ / ଗୃହର ଆବଣ୍ଟନ ଉଦ୍ଦେଶ୍ୟରେ , କର୍ତ୍ତୃପକ୍ଷ ଗୁଡ଼ିକ ସେହି ପରିକଳ୍ପନାର ପାଇଁ ଉଦ୍ଦିଷ୍ଟ ନିବନ୍ଧନ ଓ ସର୍ତ୍ତାବଳୀ ରହିଥିବା ବିବରଣୀ ପୁସ୍ତିକା ଦେଇଥାନ୍ତି । କର୍ତ୍ତୃପକ୍ଷଗୁଡ଼ିକ ସମ୍ବାଦପତ୍ରରେ ବିଜ୍ଞାପନ ମଧ୍ୟରେ ସର୍ବସାଧାରଣଙ୍କ ଠାରୁ ପ୍ଲଟ / ଗୃହର ଆବଣ୍ଟନ ପାଇଁ ଦରଖାସ୍ତ ପତ୍ର ଆହ୍ୱାନ କରିଥାନ୍ତି । ଦରଖାସ୍ତଗୁଡ଼ିକ ଗ୍ରହଣ କଲାପରେ ସେମାନଙ୍କର ଯୋଗ୍ୟତା ଓ ବିବରଣୀ ପୁସ୍ତିକାର ନିବନ୍ଧନ ଓ ସର୍ତ୍ତାବଳୀର ଯାଞ୍ଚ କରାଯାଇଥାଏ । ଯେଉଁ ପରିକଳ୍ପନାରେ ରହିଥିବା ପ୍ଲଟ / ଗୃହ ଠାରୁ ଅଧିକ ଦରଖାସ୍ତ ଗ୍ରହଣ କରାଯାଇଥାଏ ସେଠାରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଥାଏ । କର୍ତ୍ତୃପକ୍ଷଙ୍କ ସଭାଧକ୍ଷଙ୍କ ଇଚ୍ଛାଧୀନ ବର୍ଗର ପ୍ଲଟ / ଗୃହର ଆବଣ୍ଟନ ପାଇଁ ସର୍ବସାଧାରଣ ଠାରୁ ଦରଖାସ୍ତ ଗ୍ରହଣ କରାଯାଇଥାଏ ଓ ଏହି ବର୍ଗର କେତେ ସଂଖ୍ୟକ ପ୍ଲଟ / ଗୃହ ଆବଣ୍ଟନ ହେବ ତାହା ବିବରଣୀ ପୁସ୍ତିକାରେ ଦର୍ଶାଯାଇଥାଏ ।

2002-12 ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ 1293 ଟି ସମ୍ପତ୍ତି(୪ଟି ପରିକଳ୍ପନାର 224 ଟି ପ୍ଲଟ ଓ 1069 ଟି ଗୃହ) ସର୍ବସାଧାରଣଙ୍କୁ ଆବଣ୍ଟନ କରିଥିଲେ । କଟକ ଉନ୍ନୟନ କର୍ତ୍ତୃପକ୍ଷ ଏହି ସମୟ ମଧ୍ୟରେ 3170 ଟି ପ୍ଲଟ୍ (2 ଟି ପରିକଳ୍ପନା) ଆବଣ୍ଟନ କରିଥିଲା । ଗୋଟିଏ ପରିକଳ୍ପନାକୁ ଛାଡି ଅନ୍ୟ ସମସ୍ତ ପରିକଳ୍ପନାରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଥିଲା । ଏହା ଦର୍ଶାଉଛି ଯେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ହୋଇଥିବା ପ୍ଲଟ୍ / ଗୃହଗୁଡ଼ିକର ଅଧିକ ଚାହିଦା ରହିଥିଲା । ଜମିର ଆବଣ୍ଟିତ ମୂଲ୍ୟ ଓ ପ୍ରଚଳିତ ବଜାର ମୂଲ୍ୟରେ ଅଧିକ ପାର୍ଥକ୍ୟ ରହିଥିବାରୁ ଏପରି ପରିଲକ୍ଷିତ ହୋଇଥିଲା ।

2002-12 ମଧ୍ୟରେ କର୍ତ୍ତୃପକ୍ଷ ଗୁଡ଼ିକ ଦ୍ୱାରା ଆବଣ୍ଟନ କରାଯାଇଥିବା ମାମଲାଗୁଡ଼ିକ ଅଡିଟ୍ ସମୀକ୍ଷା କରିଥିଲା ଏବଂ ସମ୍ପତ୍ତିର ଆବଣ୍ଟନରେ ନିମ୍ନଲିଖିତ ଅଭାବ ଗୁଡ଼ିକ ପରିଲକ୍ଷିତ ହୋଇଥିଲା ।

### *2.2.7.3 ବ୍ୟକ୍ତିବିଶେଷ / ସେମାନଙ୍କର ଜୀବନସାଥିମାନଙ୍କୁ ଏକାଧିକ ସମ୍ପତ୍ତିର ଆବଣ୍ଟନ*

ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂପତ୍ତିଗୁଡିକ ପ୍ରଚଳିତ ପ୍ରକୃତ ବଜାର ଦର ଠାରୁ ଯଥେଷ୍ଟ କମ୍ ଦରରେ ପ୍ରଦାନ କରାଯାଇଥିଲା । ଯଥାସମ୍ଭବ ଲୋକମାନଙ୍କୁ ଆବଣ୍ଟନ ସୁବିଧା ଏବଂ ସାମର୍ଥ୍ୟ ଅନୁଯାୟୀ ଗୃହ ଯୋଗାଣକୁ ସୁନିଶ୍ଚିତ କରିବା ସମ୍ବନ୍ଧରେ ଉନ୍ନୟନ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ୍ ଯେ ଯେପରି ଜଣେ ବ୍ୟକ୍ତିଙ୍କୁ/ ତାଙ୍କର ଧର୍ମପତ୍ନୀଙ୍କୁ ଗୋଟିଏ / ବିଭିନ୍ନ ପରିକଳ୍ପନାରେ ଏକାଧିକ ସମ୍ପତ୍ତି ଆବଣ୍ଟନ କରାଯାଇ ନାହିଁ ।

କର୍ତ୍ତୃପକ୍ଷଗୁଡ଼ିକର ରେକର୍ଡରୁ ଅଡିଟ୍ ସମୀକ୍ଷାରେ ଦେଖାଗଲା ଯେ:

- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ପାଞ୍ଚଟି[41] ପରିକଳ୍ପନାରେ ଯଦିଓ ବିବରଣୀ ପୁସ୍ତିକାରେ ଏକ ବ୍ୟକ୍ତି ଗୋଟିଏ ପରିକଳ୍ପନାରେ ଏକାଧିକ ୟୁନିଟ୍ ପାଇଁ ଆବେଦନ କରିବାର ପ୍ରସ୍ତାବକୁ ବାରଣ କରାଯାଇଥିଲା, କିନ୍ତୁ ସେହି ପରିକଳ୍ପନାର ବିବରଣୀ ପୁସ୍ତିକାରେ ତାଙ୍କର ଜୀବନସାଥି ଆବେଦନ କରିବାର ସର୍ତ୍ତକୁ ବାରଣ କରାଯାଇ ନଥିଲା । ଅଡିଟ୍‌ରେ ଦେଖାଗଲା ଯେ 2002 ରୁ 2012 ମଧ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ତାର ପୂର୍ବ / ଏକା ପରିକଳ୍ପନାରେ 29 ଜଣ ବ୍ୟକ୍ତିଙ୍କୁ ଅତିରିକ୍ତ ସମ୍ପତ୍ତି ଆବଣ୍ଟନ କରିଛି ଯାହାର ମୂଲ୍ୟ 6.79 କୋଟି ଟଙ୍କା । ସେହିପରି କଟକ ଉନ୍ନୟନ କର୍ତ୍ତୃପକ୍ଷ ଆଠ ଜଣଙ୍କୁ ପ୍ଲଟ୍ ଆବଣ୍ଟନ କରିଛି ଯାହାର ମୂଲ୍ୟ 24.34 ଲକ୍ଷ ଟଙ୍କା ଯଦିଓ ସେହି ଏକା ପରିକଳ୍ପନାରେ ସେମାନଙ୍କର ଜୀବନସାଥିମାନଙ୍କୁ ପ୍ଲଟ୍ ଆବଣ୍ଟନ କରାଯାଇଥିଲା ।
- ଉଭୟ ଭୁବନେଶ୍ୱର ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ ସାତ ଜଣ ବ୍ୟକ୍ତିଙ୍କୁ ଏକାଧିକ ପ୍ଲଟ୍ / ଗୃହ ଆବଣ୍ଟନ କରିଥିଲେ ।
- ପରିକଳ୍ପନା ବିବରଣୀ ପୁସ୍ତିକାରେ ସର୍ତ୍ତ ଥିଲା ଯେ ଆବେଦନକାରୀ ଏକ ସତ୍ୟପାଠ ଦେବେ ଯେ ତାଙ୍କର ଜୀବନସାଥୀଙ୍କର ଭୁବନେଶ୍ୱରରେ କୌଣସି ପ୍ଲଟ୍ / ଗୃହ ନାହିଁ । ଅଡିଟ୍‌ରେ ଦେଖାଗଲା ଯେ ଭୁବନେଶ୍ୱର କର୍ତ୍ତୃପକ୍ଷ ତାଙ୍କର ନିଜସ୍ୱ ପରିକଳ୍ପନାରେ ଆବଣ୍ଟନ କରିଥିବା ପ୍ଲଟ୍ / ଗୃହର ଆବଣ୍ଟନକାରୀମାନଙ୍କର କୌଣସି ଡାଟାବେସ୍ ନଥିଲା । ଯାହାଫଳରେ ଏହି ତିନୋଟି ପରିକଳ୍ପନାରେ[42] ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସତ୍ୟାପାଠ ବଳରେ(ଯାହାକି ପରେ ମିଥ୍ୟା ବୋଲି ପ୍ରମାଣିତ ହେଲା) ନଅ ଜଣ ବ୍ୟକ୍ତିଙ୍କୁ ଏକା ବା ବିଭିନ୍ନ ପରିକଳ୍ପନାରେ ଏକାଧିକ ପ୍ଲଟ୍/ଗୃହ ଆବଣ୍ଟନ କରିଥିଲେ ଯାହାର ମୂଲ୍ୟ 61.08 ଲକ୍ଷ ଟଙ୍କା ଥିଲା ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ ଯେ (ଫେବୃଆରୀ 2013) କମ୍ପ୍ୟୁଟରୀକରଣ ତଥ୍ୟ ତାଙ୍କର ନାହିଁ ଏବଂ ଦର୍ଶାଇଥିଲେ ଯେ ଏକା ବ୍ୟକ୍ତି ବିଶେଷ / ସେମାନଙ୍କ ଜୀବନସାଥିକୁ ଏକାଧିକ ଘର ଦିଆ ନ ଯିବା ପାଇଁ କମ୍ପ୍ୟୁଟର ଡାଟା କରିବାକୁ ପଦକ୍ଷେପ ଦିଆଯାଇଛି । କଟକ ଉନ୍ନୟନ କର୍ତ୍ତୃପକ୍ଷ ଦର୍ଶାଇଲେ ଯେ (ଜୁନ୍ 2013) ଏକାଧିକ ଆବଣ୍ଟନ ମାମାଲରେ ଉପଯୁକ୍ତ ପଦକ୍ଷେପ ନିଆଯିବ । ବିଭାଗ ଏହି ତଥ୍ୟକୁ ମାନିଦେବା ସହ ଆଶ୍ୱାସନା ଦେଇଥିଲେ ଯେ ( ଜୁନ୍ 2013) ଆବେଦନକାରୀମାନେ ଭୁଲ୍ ତଥ୍ୟ ଦେଇଛନ୍ତି କିମ୍ବା ମଥ୍ୟା ସତ୍ୟପାଠ କରିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

---

41 (i) ଅନନ୍ତ ବିହାର ଗୃହର କଳ୍ପନା, ଫେଜ୍-II ଏଚ.ଆଇ.ଜି ଡୁପ୍ଲେକ୍ସ(2009 ରେ ସୂତ୍ରପାତ) (II) ଲୁମ୍ବିନି ବିହାର ଗୃହ ପରିକଳ୍ପନା(2001-02 ରେ) (III) ନେତାଜୀ ସୁଭାଷ ଏନକ୍ଲେଭ(2007 ରେ) (IV) ପ୍ରାଚୀ ଏନକ୍ଲେଭ୍ , ଫେଜ-II (2002ରେ) (V) ଉଦୟଗିରି ବିହାର ଗୃହ ପରିକଳ୍ପନା (2002 ରେ )।

42 (i) ଅନନ୍ତ ବିହାର ହାଉସିଙ୍ଗ ସ୍କିମ୍ , ଫେଜ୍-II(2) ଆର୍ଯ୍ୟ ବିହାର ହାଇଲିଙ୍ଗ ସ୍କିମ୍ ପ୍ରାଚୀ ଏନକ୍ଲେଭ-I

### *2.2.7.4 ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାମ୍ୟତାର ଅଭାବ*

କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକଶିତ ଗୃହ ପରିକଳ୍ପନାର ବିବରଣୀ ପୁସ୍ତିକାରେ ସେହି ପରିକଳ୍ପନାରେ ଆବଣ୍ଟନ ପ୍ରକ୍ରିୟାର ବିଶଦ ବିବରଣୀ ଦର୍ଶାଯାଇଥିଲା । ଅଡିଟରେ ଦେଖାଗଲା ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ଆଠଟି) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ(ଦୁଇଟି)ଏପରି ମୋଟ 10 ଟି ଗୃହ ପରିକଳ୍ପନାରେ ଗୃହ / ପ୍ଲଟର ଆବଣ୍ଟନ ଲଟେରୀ ମାଧ୍ୟମରେ କରାଯାଇଥିଲା ।

ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କର ବୈଠକରେ (ଅଗଷ୍ଟ 2004) କୌଣସି ପରିକଳ୍ପନାରେ ବିକ୍ରି ହୋଇ ନଥିବା, ଖାଲି ଥିବା ପ୍ଲଟ୍ / ଗୃହକୁ ଟେଣ୍ଡର ପ୍ରକ୍ରିୟାରେ ନିକାଶ କରିବାର ନିଷ୍ପତ୍ତି ନେଇଥିଲା । ତଥାପି ଅଡିଟ୍‌ରେ ଦେଖାଗଲା ଯେ ଏହି ସବୁ ମାମଲାରେ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାମ୍ୟତାର ଅଭାବ ରହିଥିଲା ।

- ବରମୁଣ୍ଡା ଏଚ୍.ଆଇ.ଜି ଡୁପ୍ଲେକ୍ସ କୋର୍ ହାଉସିଂ ଫେଜ୍-III ସ୍କିମରେ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନଅଟି ଗୃହର ଆବଣ୍ଟନ ହେବାର ଥିଲା(ଅକ୍ଟୋବର 2001), ଯେହେତୁ ମାତ୍ର ନଅଟି ଗୃହ ଆବଣ୍ଟନ ହେବାର ଥିଲା ସେଥିପାଇଁ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଇ ନଥିଲା । କେବଳ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ନୋଟିସ୍ ବୋର୍ଡରେ ଏହା ଦର୍ଶାଯାଇଥିଲା (10 ଅକ୍ଟୋବର 2001) ଆବେଦନ ପତ୍ର ଗ୍ରହଣ କରାଯିବା ପାଇଁ ଦର୍ଶାଯାଇଥିଲା ମାତ୍ର ଚାରୋଟି ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ତେବେ ବି, ଅଡିଟରେ ଦେଖାଗଲା ଯେ ଏହି ନୋଟିସ୍ ପ୍ରକାଶ ପାଇବା ପୂର୍ବରୁ 17 ଟି ଆବେଦନ ପତ୍ର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । ଏହି 17 ଜଣ ଆବେଦନକାରୀ ନୋଟିସ୍ ପ୍ରକାଶ ପୂର୍ବରୁ ଗୃହ ରହିଛି ବୋଲି କିପରି ଜାଣି ପାରିଲେ ତାହା ରେକର୍ଡରେ ନଥିଲା । ଅକ୍ଟୋବର 2001 ରେ ନଅଟି ଗୃହ ବିକ୍ରି ପାଇଁ ଉଦ୍ଦିଷ୍ଟ ରହିଛି ବୋଲି ନୋଟିସ୍ ପ୍ରକାଶ ପାଇବା ସତ୍ତ୍ୱେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନୋଟିସ ପ୍ରକାଶନ ପୂର୍ବରୁ ଗ୍ରହଣ ହୋଇଥିବା 17 ଜଣଙ୍କ ମଧ୍ୟରୁ ନଅ ଜଣଙ୍କୁ ଫାଷ୍ଟ-କମ୍-ଫାଷ୍ଟ ସର୍ତ୍ତ ନୀତିରେ ଗୃହ ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଥିଲେ(ଜାନୁଆରୀ 2002) । ଏହାପରେ ଏହି ନଅଟି ଗୃହ ମଧ୍ୟରୁ ଗୋଟିଏ ଗୃହ ପ୍ରାପ୍ୟ ନ ଦେବାରୁ ଆବଣ୍ଟନ ରଦ୍ଦ କରାଯାଇଥିଲା ଏବଂ ଏହି ଗୃହଟି ନିଲାମରେ ଆବଣ୍ଟନ ନ ହୋଇ ସଭାଧ୍ୟକ୍ଷ ତାଙ୍କର ଇଚ୍ଛାଧିକ କୋଟାରେ ଆବଣ୍ଟନ କରିଥିଲେ(ଜୁଲାଇ 2005) । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହି ବିଷୟରେ କୌଣସି ଜବାବ ପ୍ରାପ୍ତ ହୋଇ ନଥିଲା(ଜୁନ୍ 2013) ।
- କଟକ ଉନ୍ନୟନ କର୍ତ୍ତୃପକ୍ଷ 121.070 ଏକର ଜମି ବିଶିଷ୍ଟ ଅଭିନବ ବିଡାନାସୀ କଟକ ପରିକଳ୍ପନା / ସେକ୍ଟର 10 ରେ ନାମରେ ଏକ ପ୍ଲଟେଡ ପରିକଳ୍ପନା ସୂତ୍ରପାତ କରିଥିଲେ । ଯଦିଓ ଏଥିରେ ଗ୍ରୁପ ହାଉସିଂ କୋ-ଅପରେଟିଭ୍ ସୋସାଇଟିକୁ ପ୍ଲଟ୍ ଆବଣ୍ଟନ ପାଇଁ ପରିକଳ୍ପନାର ବିବରଣୀ ପୁସ୍ତିକାରେ କୌଣସି ବ୍ୟବସ୍ଥା ନଥିଲା, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କର ସେକ୍ଟର 10 ରେ ଦୁଇଟି ଗ୍ରୁପ୍ ହାଉସିଂ କୋ-ଅପରେଟିଭ୍ ସୋସାଇଟିକୁ ସିଧାସଳଖ 2.37 କୋଟି ଟଙ୍କା ମୂଲ୍ୟର 4.91 ଏକର ଜମି ଆବଣ୍ଟନ କରିଥିଲେ(2003-06) । ଏହାର ଆବଣ୍ଟନ ଲଟେରୀ ମାଧ୍ୟମରେ କରା ନ ଯିବାର କାରଣ ରେକର୍ଡରେ ମିଳି ନଥିଲା ।

  ବିଭାଗ ଦର୍ଶାଇଲେ(ଜୁନ୍ 2013) ଯେ ଗୃହ ପରିକଳ୍ପନାରେ ଗ୍ରୁପ୍ ହାଉସିଂ କୋ-ଅପରେଟିଭ୍ ସ୍କିମ୍‌କୁ ଆକଳନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନଥିଲା ଏବଂ ଆବେଦନ ପତ୍ର ଗ୍ରହଣ କରାଯିବାରୁ ଆବଣ୍ଟନ କରାଯାଇଥିଲା । ଜବାବଟି ଗ୍ରହଣୀୟ ନୁହେଁ ଯେହେତୁ ଏହି ଆବଣ୍ଟନ ଗୁଡ଼ିକ ଲଟେରୀ ମାଧ୍ୟମରେ ହୋଇ ନଥିଲା, ଯାହାଫଳରେ ଲଟେରୀ ମାଧ୍ୟମରେ ହୋଇଥିବା ଆବଣ୍ଟନଗୁଡ଼ିକ ତୁଳନାରେ ଏହି ଆବଣ୍ଟନ ଗୁଡ଼ିକୁ ଅଯଥା ସୁବିଧା ସୁଯୋଗ ଦିଆଯାଇଥିଲା ।

ଉପରୋକ୍ତ ବିଷୟରେ ବିଭାଗ ଦର୍ଶାଇଲେ(ଜୁନ୍ 2013) ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଲର୍ଟମେଣ୍ଟ ମାନୁଆଲ 2010 ପ୍ରସ୍ତୁତ କରିଥିଲେ ଏବଂ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ବଢାଇବା ପାଇଁ ପଦକ୍ଷେପ ନିଆଯାଇଛି । ଆହୁରି ମଧ୍ୟ କହିଲେ ଯେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆଲଟମେଣ୍ଟ ମାନୁଆଲ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### *2.2.7.5 ସମ୍ପତ୍ତିର ମାଲିକାନା ସତ୍ତ୍ୱ ହସ୍ତାନ୍ତରଣ*

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଗୃହ ପରିକଳ୍ପନାର ବିବରଣୀ ପୁସ୍ତିକା ଆବଣ୍ଟନକାରୀଙ୍କ ଦ୍ୱାରା ଲିଜ୍ ଦଲିଲ୍ ସମ୍ପାଦନ ହେବାପରେ ଓ ଦଖଲ ନେବାର ଦୁଇ ବର୍ଷ ପରେ (ଅନନ୍ତ ବିହାର, ଫେଜ୍-III ଏଚ.ଆଇ.ଜି ଡୁପ୍ଲେକ୍ସ ବ୍ୟତୀତ ଯେଉଁଠାରେ ଏହା ପାଞ୍ଚ ବର୍ଷ) ପ୍ଲଟ୍ / ଗୃହର ସ୍ଥାନାନ୍ତରଣ ପାଇଁ ଅନୁମତି ଦେଇଥିଲା । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଭଳି କଟକ ଉନ୍ନୟନ କର୍ତ୍ତୃପକ୍ଷ ଆବଣ୍ଟନକାରୀଙ୍କ ଦ୍ୱାରା ହସ୍ତାନ୍ତର ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରି ନଥିଲେ ।

ଉତ୍ତରରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଡିଟ୍ ସମ୍ପତ୍ତିର ସ୍ଥାନାନ୍ତରଣ ଉପରେ ପରୀକ୍ଷା କରିଥିଲା ଓ ନିମ୍ନଲିଖିତ ଅଭାବଗୁଡ଼ିକ ପରିଲକ୍ଷିତ ହୋଇଥିଲା ।

- କଟକ ଉନ୍ନୟନ କର୍ତ୍ତୃପକ୍ଷ ଗୃହ ପରିକଳ୍ପନାର ବିବରଣୀ ପୁସ୍ତିକା ଗୁଡ଼ିକରେ ଦାୟଅଧିକାର ସୂତ୍ର ବ୍ୟତୀତ ଆବଣ୍ଟନକାରୀମାନେ ସିଡିଏର ଅନୁମତିରେ ଏବଂ ଅନୁପାତିକ ମୂଲ୍ୟ ବୃଦ୍ଧିର 50 ପ୍ରତିଶତ(ଆବଣ୍ଟନ ସମୟ ପାଇଥିବା ପ୍ରିମିୟମ ଓ ହସ୍ତାନ୍ତର ସମୟର ପ୍ରିମିୟମ ମୂଲ୍ୟର ପାର୍ଥକ୍ୟ) ସମ୍ପତ୍ତି ଫିସ୍ ଭାବରେ ଦେଇ ଆବଣ୍ଟିତ ପ୍ଲଟ୍ ଗୁଡ଼ିକର ହସ୍ତାନ୍ତରଣ ପାଇଁ ଅନୁମତି ଦେଇଥିଲା । ତେବେ ବିଡିଏ କେବଳ ନାମ ମାତ୍ର ପ୍ରୋସେସିଙ୍ଗ ଫିସ୍ (ବିବରଣୀ ପୁସ୍ତିକାରେ ଦର୍ଶାଯାଇଥିବା ମୂଲ୍ୟର 15 ପ୍ରତିଶତ) ପ୍ରଥମତ ପକ୍ଷରୁ ତୃତୀୟ ପକ୍ଷକୁ ସମ୍ପତ୍ତି ହସ୍ତାନ୍ତର ସମୟରେ ନେଇ ଥାଏ । ଜିଏ ବିଭାଗ ଯିଏ ଜମି ଆବଣ୍ଟନ କରିଥାଏ, ବାସୋପଯୋଗୀ ଜମି ହସ୍ତାନ୍ତର ସମୟରେ ପ୍ରିମିୟମ 25ରୁ 35 ପ୍ରତିଶତ ସମ୍ପତ୍ତି ଫିସ୍ ଭାବରେ ଚାର୍ଜ କରିଥାଏ । ତେଣୁ ବିଡିଏ ଏପରି ନାମ ମାତ୍ର ପ୍ରୋସେସିଙ୍ଗ ଫିସ୍ ଚାର୍ଜ କରି ପ୍ରାଥମିକ ଆବଣ୍ଟନକାରୀମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲା । କର୍ତ୍ତୃପକ୍ଷଗୁଡ଼ିକ ଜମିର ବଜାର ମୂଲ୍ୟ ତୁଳନାରେ ପ୍ଲଟ୍ / ଗୃହଗୁଡ଼ିକ କମ୍ ମୂଲ୍ୟରେ ଆବଣ୍ଟନ କରିଥାଆନ୍ତି ।
- ବିଡିଏ ଦଖଲ ପୂର୍ବ (ପ୍ଲଟ୍ ଗୃହର ଦଖଲ ପୂର୍ବରୁ ଆବଣ୍ଟନକାରୀମାନେ ଅନ୍ୟକୁ ହସ୍ତାନ୍ତର କରିବା) ହସ୍ତାନ୍ତର ନିଷ୍ପତ୍ତି ନେଲା(ସେପ୍ଟେମ୍ବର 2002) । 32 ଟି ଗୃହର ଓ 40ଟି ପ୍ଲଟର ଯାହାର ମୂଲ୍ୟ ଯଥାକ୍ରମେ 2.53 କୋଟି ଟଙ୍କା ଓ 51.02 ଲକ୍ଷ ଟଙ୍କା । ଯଦିଓ କର୍ତ୍ତୃପକ୍ଷ ଓ ପ୍ରାରମ୍ଭିକ ଆବଣ୍ଟନକାରୀମାନଙ୍କ ମଧ୍ୟରେ ଲିଜ୍ ଦଲିଲ୍ ସମ୍ପାଦନା ହୋଇ ନଥିଲା । ତଥାପି 2002-12 ମଧ୍ୟରେ ବିଡିଏ ଓ ସିଡିଏ ଏହିପରି ଦଖଲ ପୂର୍ବ ହସ୍ତାନ୍ତର ପାଇଁ ଅନୁମତି ଦେଇଥିଲେ ।
- ବିଡିଏ ଓ ସିଡିଏ 53 ଟି ଗୃହ ଓ 407 ଟି ପ୍ଲଟ୍ ଯାହାର ମୂଲ୍ୟ ଯଥାକ୍ରମେ 3.39 କୋଟି ଟଙ୍କା (ବିବରଣୀରେ ଦର୍ଶାଯାଇଥିବା ମୂଲ୍ୟ) ଓ 13.60 କୋଟି[43] ଟଙ୍କା ହସ୍ତାନ୍ତରଣ ପରେ ଦଖଲ ପାଇଁ ଅନୁମତି ପ୍ରଦାନ କରିଥିଲେ । ଯଦିଓ କର୍ତ୍ତୃପକ୍ଷ ଓ ପ୍ରାରମ୍ଭିକ ଆବଣ୍ଟନକାରୀମାନଙ୍କ ମଧ୍ୟରେ ଲିଜ୍ ଦଲିଲ ସମ୍ପାଦନା ହୋଇ ନଥିଲା ।
- ବିଡିଏ ଓ ସିଡିଏର 532ଟି ଗୃହ ଓ ପ୍ଲଟ୍ (ବିଡିଏ-85 ଓ ସିଡିଏ-447)ର ହସ୍ତାନ୍ତରଣ ମାମଲାରେ କର୍ତ୍ତୃପକ୍ଷ ଓ ଆବଣ୍ଟନକାରୀ ମାନଙ୍କ ମଧ୍ୟରେ କୌଣସି ଦଲିଲ ସଂପାଦନ ହୋଇ ନ ଥିଲା । ଯାହା ଫଳରେ 86.73 ଲକ୍ଷ ଟଙ୍କାର କ୍ଷତି । (ରେଜିଷ୍ଟ୍ରେସନ ବାବଦକୁ 44.93 ଲକ୍ଷ ଟଙ୍କା ଏବଂ

[43] ସେକ୍ଟର 10: 329ଟି ସମ୍ପତ୍ତି ବିକ୍ରି ମୂଲ୍ୟ 9.22 କୋଟି ଟଙ୍କା ଏବଂ ସେକ୍ଟର 13.78ଟି ... ମୂଲ୍ୟ 4.38 କୋଟି ଟଙ୍କା ।

ଷ୍ଟାମ୍ପ ଫିସ ବାବଦକୁ 41.80 ଲକ୍ଷ ଟଙ୍କା) ହୋଇଥିଲା । ଏହି ସମସ୍ତ କାରବାର ସଂପୂର୍ଣ୍ଣ ଅନିୟମିତ ଥିଲା ।

- 2002 – 12 ମଧ୍ୟରେ ଆବଣ୍ଟିତ ହୋଇଥିବା 1293 ଗୃହ / ପ୍ଲଟ୍ ମଧ୍ୟରୁ ବିଡିଏ ଆବଣ୍ଟନକାରୀ ମାନଙ୍କ ନାମରେ କୌଣସି ଦଲିଲ ବିଲ୍‌ର ସଂପାଦନ କରି ନଥିଲେ ଯେହେତୁ ବିଭାଗ କେବଳ ପ୍ରାଚୀ ଏନ୍‌କ୍ଲେଭ ଓ ଲୁମ୍ବିନି ବିହାରକୁ ଛାଡି ସିଡିଏ 2002 -12 ମଧ୍ୟରେ ସେକ୍ଟର 10 ଓ 13 ର 3170 ଟି ଆବଣ୍ଟିତ ପ୍ଲଟ ମଧ୍ୟରୁ କେବଳ 24 ଜଣ ଆବଣ୍ଟନ କାରୀଙ୍କ ନାମରେ କରଜ ଦଲିଲ ସଂପାଦନ କରିଥିଲା ।
- ସିଡିଏ ପ୍ଲଟ ସଂପାଦନ ସମୟରେ ମୂଳ ଆବଣଟ୍ନକାରୀ ମାନଙ୍କ ଠାରୁ ରେଜିଷ୍ଟ୍ରେସନ ବାବଦକୁ 16.80 ଲକ୍ଷ ଟଙ୍କା ଆଦାୟ କରିଥିଲା । କିନ୍ତୁ ଏହି ଅର୍ଥକୁ ସରକାରୀ ତହବିଲରେ ଜମା କରି ନଥିଲେ (ଫେବୃୟାରୀ 2013 ) ।

ଏହି ସବୁ ତଥ୍ୟକୁ ମାନି ନେଇ ବିଭାଗ ଦର୍ଶାଇଲେ (ଜାନୁଆରୀ 2013) ଯେ ସରକାରଙ୍କ ବିନା ଅନୁମୋଦନରେ କର୍ତ୍ତୃପକ୍ଷଗୁଡ଼ିକ ଲିଜ୍ ଦଲିଲ୍ ସମ୍ପାଦନା ନକରି ପ୍ରାକ ଦଖଲ ଓ ପର ଦଖଲ ହସ୍ତାନ୍ତରଗୁଡ଼ିକ କରିବା ପାଇଁ ଅନୁମତି ଦେଇଥିଲେ । ଏହା ମଧ ଦର୍ଶାଇଥିଲେ ଯେ 2011 ପରଠାରୁ ବିଡିଏ ଏପରି ହସ୍ତାନ୍ତରଗୁଡ଼ିକୁ ନିଷିଦ୍ଧ କରିଛି । ବିଭାଗ ଏହି ଆଶ୍ୱାସନା ଦେଲେ ଯେ ପୂର୍ବରୁ ଲିଜ୍ ଦଲିଲ୍ ସମ୍ପାଦନା କରି ତୃତୀୟ ପକ୍ଷ ହସ୍ତାନ୍ତର କରିବାକୁ ସିଡିଏକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### *2.2.7.6 ଇଚ୍ଛାଧିନ କୋଟାରେ ଆବଣ୍ଟନ*

କର୍ତ୍ତୃପକ୍ଷଗୁଡ଼ିକର ବିଭିନ୍ନ ଗୃହ ପରିକଳ୍ପନା ବିବରଣୀରେ ସଭାଧକ୍ଷଙ୍କ ଇଚ୍ଛାଧିନ (ଡି.କ୍ୟୁ)କୋଟା ମାଧମରେ ସମସ୍ତ ସମ୍ପତ୍ତିର 5 ରୁ 10 ପ୍ରତିଶତ ଆବଣ୍ଟନ କରିବାର ବ୍ୟବସ୍ଥା ରହିଥିଲା । ତାଙ୍କର ଇଛାଧିନ କୋଟାରେ ଆବଣ୍ଟନ କରିପାରିବାର ବ୍ୟବସ୍ଥା ଗୃହ ପରିକଳ୍ପନାର ନିଜ ନିଜ ବିବରଣୀ ପୁସ୍ତିକାରେ ରହିଥିଲା ।

ସାଧାରଣ ବା ନିଜସ୍ୱ ବିବରଣୀ ପୁସ୍ତିକାରେ ଇଛାଧିନ କୋଟାରେ ଆବଣ୍ଟନକାରୀଙ୍କ ପାଇଁ କୌଣସି ଯୋଗ୍ୟତାର ମାନଦଣ୍ଡ ଦର୍ଶାଯାଇ ନଥିଲା । ଏହା ମଧ ଅନୁଧାନ କରାଗଲା ଯେ ପ୍ଲଟ୍ / ଗୃହର ଆବଣ୍ଟନ ପାଇଁ ସରକାରଙ୍କ ଦ୍ୱାରା କୌଣସି ଅନୁଦେଶ ଦିଆଯାଇ ନଥିଲା କିମ୍ବା ଆକ୍ଟ / ରୁଲରେ କୌଣସି ବ୍ୟବସ୍ଥା ନଥିଲା ।

ଅଡିଟ୍ ପରିଲକ୍ଷିତ କଲା ଯେ 2002-10 ମଧରେ କର୍ତ୍ତୃପକ୍ଷ 31.63 କୋଟି ଟଙ୍କା ମୂଲ୍ୟର 634 ଟି ପ୍ଲଟ୍ / ଗୃହ(ବିଡିଏ:185, ସିଡିଏ:449) ଇଚ୍ଛାଧିନ କୋଟାରୁ ଆବଣ୍ଟନ କରିଥିଲେ ।

ଅଡିଟ୍ ଏହା ମଧ ଅବଲୋକନ କଲାଯେ-

- ବିଡିଏ ମାର୍ଚ୍ଚ 2010 ରେ ଆଲଟମେଣ୍ଟ ମାନୁଏଲ ପ୍ରସ୍ତୁତକରିଥିଲା ଯେଉଁଥିରେ କେଉଁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଡି.କ୍ୟୁ.ରେ ଆବଣ୍ଟନ କରାଯିବ ତାହା ରହିଥିଲା । ସିଡିଏ କୌଣସି ଆଲଟମେଣ୍ଟ ମାନୁଏଲ ପ୍ରସ୍ତୁତ କରି ନଥିଲେ (ଜୁନ୍ 2013) ।
- ବିଡିଏ ଓ ସିଡିଏ ଏବଂ ଓଏସଏଚବି ଦ୍ୱାରା ଡି.କ୍ୟୁ ଅଧିନରେ ଆବଣ୍ଟନ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ଲଟ୍ / ଗୃହର ଆବଣ୍ଟନ ଡିସେମ୍ବର 2011 ଠାରୁ ବନ୍ଦ କରି ଦିଆଯାଇଥିଲା ।
- ବିଡିଏ ଦ୍ୱାରା ଆଲଟମେଣ୍ଟ ମାନୁଏଲ 2010 ମାର୍ଚ୍ଚ 2010 ପରଠାରୁ କୌଣସି ଆବଣ୍ଟନ କରାଯାଇ ନଥିଲା । ତେଣୁ ମାନୁଏଲ ପ୍ରସ୍ତୁତିର ପରଠାରୁ ଚିହ୍ନଟ ବର୍ଗର କୌଣସି ବ୍ୟକ୍ତି ଏଥିରେ ଉପକୃତ ହୋଇ ନଥିଲେ ।

10ଟି ଗୃହ ପରିକଳ୍ପନାର ନମୁନାର ସମ୍ୟକ ପରୀକ୍ଷାରୁ ଅଡିଟ୍ ପ୍ରକଟ କଲା ଯେ

- ଯେହେତୁ ଡି.କ୍ୟୁର ମାନଦଣ୍ଡ ନଥିଲା ଏବଂ ଏହାର ଆବଣ୍ଟନ ପାଇଁ ଦରଖାସ୍ତ ସାଧା କାଗଜରେ ଗ୍ରହଣ କରାଯାଇଥିଲା ଓ ସେଥିରେ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ ହୋଇ ନଥିଲା ଏଥିପାଇଁ ଆବେଦନକାରୀଙ୍କ ଚିହ୍ନଟ ମନମୁଖୀ ହୋଇଥିଲା ।
- 2002ରେ ଏମ୍ଆଇ.ଜି / ଏଲ୍.ଆଇ.ଜି ଗୃହ ପାଇଁ ସୂତ୍ରପାତ ହୋଇଥିବା ଉଦୟଗିରି ବିଅର ହାଉସିଂ ସ୍କିମରେ ଡି.କ୍ୟୁରେ ଆବଣ୍ଟନ ହୋଇଥିବା 20 ଟି ସମ୍ପତ୍ତି ମଧ୍ୟରୁ 35.94 ଲକ୍ଷ ଟଙ୍କା ମୂଲ୍ୟ 6ଟି ସମ୍ପତ୍ତିର ଆବଣ୍ଟନରେ ଆୟର ମାନଦର୍ଶୀକୁ କୋହଳ କରି ଦିଆଯାଇଥିଲା(ଏପ୍ରିଲ୍ 2003) ।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଆଠଟି ହାଉସିଂ ସ୍କିମରେ, ଇଚ୍ଛାଧିନ କୋଟାରୁ ସମ୍ପତ୍ତି ଆବଣ୍ଟନ ପାଇଁ 249 ଟି ଆବେଦନରୁ 129 ଟି ଆବେଦନକାରୀଙ୍କୁ ସମ୍ପତ୍ତି ଆବଣ୍ଟନ କରାଯାଇଥିଲା । ଏହା ଦେଖାଗଲା ଯେ ଏହି ଆବଣ୍ଟନ ପାଇଁ କୌଣସି ସ୍ପଷ୍ଟ ନିୟମ ନଥିଲା ତେଣୁ ଇଚ୍ଛାଧିନ କୋଟା ମାଧ୍ୟମରେ ଆବଣ୍ଟନ ସଂପୂର୍ଣ୍ଣ ମନମୁଖୀ ଏବଂ ଅସ୍ୱଚ୍ଛ ଥିଲା ।
- ଡି.କ୍ୟୁ. ରେ ଆବଣ୍ଟନ ହୋଇଥିବା 23 ଟି ପ୍ଲଟ୍ / ଗୃହର ନମୁନା ପରୀକ୍ଷାର ମିଳିତ ନିରୀକ୍ଷଣରୁ (ଜୁଲାଇ 2013) ପ୍ରକଟ ହେଲା ଯେ ବିଡିଏ ଦ୍ୱାରା ଆବଣ୍ଟିତ ହୋଇଥିବା(2002 ରୁ 2007 ମଧ୍ୟରେ) 3.47 କୋଟି ଟଙ୍କାର 14 ଟି ପ୍ଲଟ୍ ଖାଲି ରହିଥିଲା(**ପରିଶିଷ୍ଟ *2.2.1***) । ସେହିପରି ଡିକ୍ୟୁରେ ଆବଣ୍ଟନ ହୋଇଥିବା 254 ଟି ପ୍ଲଟର ନମୁନା ପରୀକ୍ଷାରୁ 11.08 କୋଟି ଟଙ୍କା 169 ଟି ପ୍ଲଟ୍ ଖାଲି ରହିଥିଲା । ଏହା ଦର୍ଶାଉଥିଲା ଯେ ଦରଖାସ୍ତକାରୀ ମାନଙ୍କ ତୁରନ୍ତ ଆବଶ୍ୟକତାକୁ ସତ୍ୟାପନ କରା ନଯାଇ ବ୍ୟକ୍ତିମାନଙ୍କୁ ଡି.କ୍ୟୁ ରେ ସମ୍ପତ୍ତି ଆବଣ୍ଟନ କରାଯାଇଥିଲା ।
- ସେପ୍ଟେମ୍ବର 2002 ରେ ପରିକଳ୍ପନା ସୂତ୍ରମାନ ହେବା ପୂର୍ବରୁ ନଭେମ୍ବର 2001 ରେ ଆଠ ଜଣ ବ୍ୟକ୍ତିଙ୍କୁ ଡିକ୍ୟୁରେ ପ୍ରାଚୀ ଏନକ୍ଲେଭ୍ ଫେଜ-II(ବିଡିଏର) 28.80 ଲକ୍ଷ ଟଙ୍କା ମୂଲ୍ୟର ଆଠଟି ସମ୍ପତ୍ତିକୁ ଆବଣ୍ଟନ କରାଯାଇଥିଲା । ତେଣୁ ଏହି ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିଲା ।
- ବିଡିଏରେ ଚାରୋଟି ମାମଲାରେ, ଯେଉଁ ବ୍ୟକ୍ତିମାନଙ୍କୁ ପୂର୍ବରୁ ଡି.କ୍ୟୁ.ରେ ସମ୍ପତ୍ତି ଦିଆଯାଇଥିଲା । ତାହାକୁ ତୃତୀୟ ପକ୍ଷକୁ ବଣ୍ଟନ କରିଦେଇଥିଲେ । ସେମାନଙ୍କୁ ପୁନର୍ବାର 17.42 ଲକ୍ଷ ଟଙ୍କାର ସମ୍ପତ୍ତି ଆବଣ୍ଟନ କରାଯାଇଥିଲା । ଏହା ଦର୍ଶାଉଛି ଯେ ଡି.କ୍ୟୁ.ରେ ଆବଣ୍ଟନ ହୋଇଥିବା ସମ୍ପତ୍ତି ବାସ ଉଦ୍ଦେଶ୍ୟରେ ନ ହୋଇ ଆନୁମାନିକ ହୋଇଥିଲା ।
- ନଅ ଜଣ ଲୋକ ଯେଉଁମାନଙ୍କୁ ଡି.କ୍ୟୁ.ରେ ଆବଣ୍ଟନ କରାଯାଇଛି ସେମାନଙ୍କୁ ବା ସେମାନଙ୍କର ଜିବନସାଥୀଙ୍କୁ ବିଡିଓଙ୍କ ଦ୍ୱାରା ଇଚ୍ଛାଧିନ ବା ସାଧାରଣ କୋଟାରେ ସମ୍ପତ୍ତି ଆବଣ୍ଟନ କରାଯାଇଥିଲା ।

ତେଣୁ ଶୁଦ୍ଧ ମାର୍ଗଦର୍ଶିକାର ପ୍ରସ୍ତୁତ ହୋଇ ନଥିବା ଓ ଡି.କ୍ୟୁ.ରେ ଆବଣ୍ଟନକାରୀମାନଙ୍କ ଚିହ୍ନଟରେ ମାନଦଣ୍ଡ ଏବଂ ପ୍ଲଟ୍ / ଗୃହର ବ୍ୟବହାରର ପରବର୍ତ୍ତୀ ପର୍ଯ୍ୟାଲୋଚନାର ଅଭାବରୁ ଡି.କ୍ୟୁରେ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନଥିଲା ।

ବିଭାଗ ଏହି ତଥ୍ୟକୁ ସ୍ୱୀକାର କରି ଦର୍ଶାଇଲେ(ଜାନୁୟାରୀ 2013 ଓ ଜୁନ୍ 2013) ଯେ ଡି.କ୍ୟୁରେ ଆବଣ୍ଟନ ଗୁଡ଼ିକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସ୍ତରରେ ହୋଇଥିଲା ଏବଂ ଏଥିପାଇଁ ସରକାରଙ୍କ ଅନୁମୋଦନ ନିଆଯାଇ ନଥିଲା । ଆହୁରି ମଧ୍ୟ ଦର୍ଶାଇଲେ ଯେ ମାମଲାରୁ ମାମଲା ଭିତ୍ତିରେ ଡି.କ୍ୟୁ କୁ ଗୋଟିଏ ଧି ଶକ୍ତି ବଳୟ ପ୍ରସ୍ତୁତ କରାଯିବା ଉଚିତ୍ ଥିଲା । ଏହା ମଧ୍ୟ ସ୍ୱୀକାର କଲେ ଯେ ବିବରଣୀ ପୁସ୍ତିକାରେ ସର୍ତ୍ତାବଳୀକୁ କୋହଳ କରି ରଦ୍ଦ୍ ହୋଇଥିବା ସମ୍ପତ୍ତିଗୁଡ଼ିକ ଦଲିଲରେ ଆବଣ୍ଟନ ନ କରିବା ଏବଂ ବ୍ୟକ୍ତିବିଶେଷ/ ତାଙ୍କର ପରିବାର ସଦସ୍ୟଙ୍କୁ ଏକାଧିକ ସମ୍ପତ୍ତିର ଆବଣ୍ଟନ ଯଥାର୍ଥ ନ ଥିଲା । ଏଥିପାଇଁ ଡି.କ୍ୟୁ.ରେ ଆବଣ୍ଟନ 2011 ପରଠାରୁ ବନ୍ଦ କରି ଦିଆଯାଇଥିବା ଅନ୍ୟତମ କାରଣ ଥିଲା । ଡି.କ୍ୟୁ.ରେ ଆବଣ୍ଟନରେ ହୋଇଥିବା ସ୍ୱେଚ୍ଛାଚାରିତା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ଆଶ୍ୱାସନା ଦେଇଥିଲା(ଜୁନ୍ 2013) ।

### *2.2.7.7 ଆବଣ୍ଟିତ ପ୍ଲଟ୍ / ଗୃହର ଅଣ ଉପଯୋଗ*

ଗୃହ ପରିକଳ୍ପନାରେ ଆବଣ୍ଟନ ନିର୍ଦ୍ଦେଶାବଳୀ / ବିବରଣୀ ପୁସ୍ତିକା ଅନୁଯାୟୀ ଆବଣ୍ଟନ କାରୀମାନେ ଏଇ ନିର୍ଦ୍ଦିଷ୍ଟ ସମୟ କାଳ[44] ମଧ୍ୟରେ ଆବଣ୍ଟିତ ପ୍ଲଟରେ ଗୃହ ନିର୍ମାଣ କରିବାକୁ ପଡିବ । 2002-12 ମଧ୍ୟରେ ବିଡିଏ ଓ ସିଡିଏ ଯଥାକ୍ରମେ 1293 ଟି ସମ୍ପତ୍ତି(224 ପ୍ଲଟ୍ ଓ 1069 ଗୃହ) ଏବଂ 3170 ଟି ପ୍ଲଟ୍ ଆବଣ୍ଟନ କରିଥିଲେ । ମାନ୍ୟବର ମୁଖ୍ୟ ବିଚାରାଳୟର ନିର୍ଦ୍ଦେଶ(ଫେବୃଆରୀ 2011) ର ଅନୁପାଳନ ଅନୁସାରେ ଆବଣ୍ଟିତ ଜମିରେ ଗୃହ ନିର୍ମାଣ କରି ନଥିବା ଆବଣ୍ଟନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଥିଲା । 861 ଜଣ ଆବଣ୍ଟନକାରୀମାନଙ୍କୁ ଆବଣ୍ଟିତ ଜମିର ଖାରଜ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ(ନଭେମ୍ବର 2011) । ବିଡିଏ ଏହାର ଗୃହ ପରିକଳ୍ପନାରେ ସମୀକ୍ଷା କରିଥିଲା ଏବଂ ଉପଯୋଗ ହୋଇ ନଥିବା ପ୍ଲଟଗୁଡ଼ିକ ପାଇଁ ବର୍ତ୍ତମାନ ସୁଦ୍ଧା(ମଇ 2013) କୌଣସି ପଦକ୍ଷେପ ନେଇ ନାହାଁନ୍ତି ।

ଉନ୍ନୟନ କର୍ତ୍ତୃପକ୍ଷଙ୍କର ପଦାଧିକାରୀମାନଙ୍କର ନିୟମିତ ନିରୀକ୍ଷଣ ଅଭାବରୁ ନିର୍ଦ୍ଦିଷ୍ଟ ସମୟ କାଳ ମଧ୍ୟରେ ଆବଣ୍ଟିତ ପ୍ଲଟରେ ନିର୍ମାଣ କାର୍ଯ୍ୟ କରିବାକୁ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ଆବଣ୍ଟନ ସର୍ତ୍ତାବଳୀରେ ଏହାର ପ୍ରବର୍ତ୍ତନ ପାଇଁ ପର୍ଯ୍ୟାଲୋଚନା କରିପାରି ନଥିଲେ । ଅଧିକନ୍ତୁ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକୁ ନିୟମାନୁସାରେ ଏହି ଆବଣ୍ଟନଗୁଡ଼ିକୁ ରଦ୍ଦ୍ କରିବା ପାଇଁ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉପଯୋଗୀ ହୋଇ ପାରୁ ନଥିବା ଜମିକୁ ଫେରାଇ ନେବା ପାଇଁ କ୍ଷମତା ଦିଆଯାଇଥିଲା । ଏହି ବିଷୟରେ ସରକାରଙ୍କଠାରୁ କୌଣସି ଜବାବ ମିଳି ନଥିଲା(ମଇ 2013) ।

### 2.2.8 ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା

ବିଡିଏ ଯେତେବେଳେ ପ୍ଲଟ୍ / ଗୃହ ଆବଣ୍ଟନ କରନ୍ତି, ସେତେବେଳେ ଜମିର ମୂଲ୍ୟ, ପ୍ଲଟ୍ ବିକଶିତ ମୂଲ୍ୟ, ଗୃହର ନିର୍ମାଣ ମୂଲ୍ୟ, ଉପରି ଦେୟ ଏବଂ ପର୍ଯ୍ୟବେକ୍ଷଣ ମୂଲ୍ୟକୁ ମିଶାଇ ଆବଣ୍ଟନ ମୂଲ୍ୟ ସ୍ଥିର କରାଯାଇଥାଏ । ଏହି ସମସ୍ତ ମୂଲ୍ୟକୁ ମିଶାଇ ସିଡିଏ ସେହି ବର୍ଷର ସୂତ୍ରପାତ ହୋଇ ନଥିବା ପରିକଳ୍ପନାର ପ୍ଲଟର ମୂଲ୍ୟ ବର୍ଷକୁ 15 ପ୍ରତିଶତ ବୃଦ୍ଧି କରାଇଥାଏ । ବିଡିଏ ଓ ସିଡିଏ ନିମ୍ନରେ ଆୟ ବର୍ଗ(ଏଚଆଇଜି) ମଧ୍ୟମ ଆୟ ବର୍ଗ(ଏମଆଇଜି) ଓ ଉଚ୍ଚତର ଆୟ ବର୍ଗ(ଏଚଆଇଜି) ବର୍ଗର ଲୋକମାନଙ୍କୁ ଜମି ଆବଣ୍ଟନ କରିଥିଲା ।

### *2.2.8.1 ବିଡିଏର ଆବଣ୍ଟନ ମୂଲ୍ୟ ସ୍ଥିର ବେଳେ ଅଙ୍କ ଜମି ପ୍ରିମିୟମ ବିଚାରକୁ ନେବା*

ଆର୍.ଡି.ଏମ୍ ବିଭାଗ ଠାରୁ ଜମିର ଆବଣ୍ଟନ ବେଳେ ବିଡିଏ ଜମି ଆବଣ୍ଟନର ସମଗ୍ର ଅଞ୍ଚଳ ମୌଳିକ ସୁବିଧା ଯଥା-ରାସ୍ତା, ମୁକ୍ତ ଅଞ୍ଚଳ ଓ ପାଇଁ ବ୍ୟବହୃତ ଜମି ବଦଳରେ ଗୃହ ନିର୍ମାଣ ଅଞ୍ଚଳ ବାବଦକୁ ପ୍ରିମିୟମ ଦେଇଥାଏ ଏବଂ ପ୍ଲଟ୍ / ଗୃହର ନିର୍ମାଣ ଅଞ୍ଚଳ ପାଇଁ ନେଇଥିବା ପ୍ରିମିୟମକୁ ପରିକଳ୍ପନାର ମୂଲ୍ୟାୟନ ପାଇଁ ହିସାବ କରିଥାଏ । ତେବେ ଏହି ବିଭାଗଗୁଡ଼ିକ ଏହି ପ୍ରିମିୟମ ଦେଇନଥିବା ଅର୍ଥ ଉପରେ ସୁଧ ସହିତ ସମଗ୍ର ଅଞ୍ଚଳ ପାଇଁ ପ୍ରିମିୟମ ଦେବାକୁ ଜିଦ୍ କରିଥିଲେ(2009 ଏବଂ 2012) । ଯାହାଫଳରେ ପରେ ବିଡିଏ ସୁଧ ସହିତ ବଳକା ସୁଧ ପ୍ରିମିୟମ ଦେବାକୁ ବାଧ୍ୟ ହେଲା । ଯାହାହେଉ, ନିର୍ମାଣ ଅଞ୍ଚଳ ପାଇଁ ନେଇଥିବା ପ୍ରିମିୟମକୁ ନେଇ ପାଞ୍ଚଟି ଗୃହ ପରିକଳ୍ପନାର ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା । ତେଣୁ ପାଞ୍ଚଟି ଗୃହ ପରିକଳ୍ପନାରେ ସରକାରଙ୍କୁ ଦେଇଥିବା / ଦେବାକୁ ଥିବା 10.46 କୋଟି ଟଙ୍କା ବିରୁଦ୍ଧରେ ବିଡିଏ ପରିକଳ୍ପନାର ମୂଲ୍ୟାଙ୍କନ ସମୟରେ 4.44 କୋଟି ଟଙ୍କା ନେଇଥିଲା ଯାହାଫଳରେ 6.02 କୋଟି ଟଙ୍କାରୁ କ୍ଷତି ହୋଇଥିଲା ଯାହାକି ନିମ୍ନ ଟେବୁଲରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

---

[44] ସିଡିଏ ପାଇଁ ତିନି ବର୍ଷ ଏବଂ କଳିଙ୍ଗ ନଗର ପ୍ଲଟେଡ୍ ସ୍କିମ୍ ଭଳି ବିଡିଏ ପାଇଁ ପାଞ୍ଚ ବର୍ଷ

**ସାରଣୀ 2.2.1: କମ୍ ପ୍ରିମିୟମ ଦେୟ ଜମିର ମୂଲ୍ୟାଙ୍କନ**

*(ଲକ୍ଷ ଟଙ୍କାରେ)*

| କ୍ରମିକସଂଖ୍ୟା | ଜମିର ସହିତ ପରିକଳ୍ପନାର ନାମ | ଜମିର ପରିମାଣ ( ଏକରରେ) | ଦେବାକୁ ଥିବା ଜମିର ପ୍ରିମିୟମ | ମୂଲ୍ୟାଙ୍କ ପାଇଁ ନିଆଯାଇଥିବା ଜମିର ମୂଲ୍ୟ | ପାର୍ଥକ୍ୟ |
|---|---|---|---|---|---|
| 1 | ଲିମ୍ବିନି ବିହାର ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର | 19.000 | 228.00 | 144.63 | 83.37 |
| 2 | ଆର୍ଯ୍ୟ ବିହାର ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର | 2.902 | 34.82 | 12.96 | 21.86 |
| 3 | ଉଦୟଗିରି ବିହାର ହାଉସିଂ ସ୍କିମ୍, ପାତ୍ରପଡା | 23.534 | 544.42 | 100.82 | 443.60 |
| 4 ଏବଂ 5 | ପ୍ରାଚୀ ଏନକ୍ଲେଭ୍-I ଏବଂ ପ୍ରାଚୀ ଏନକ୍ଲେଭ-II/ ଚନ୍ଦ୍ରଶେଖରପୁର | 19.900 | 238.80 | 185.37 | 53.43 |
| | **ମୋଟ** | | **1046.04** | **443.78** | **602.26** |

ଉତ୍ସ:- ବିଡିଏର ନଥିପତ୍ରରୁ ଅଡିଟ୍ ଦ୍ୱାରା ସଂଗୃହିତ ତଥ୍ୟ)

ସିଡିଏରେ ଏଭଳି ଅଭାବ ପରିଲକ୍ଷିତ ହୋଇ ନଥିଲା.

ଉପରୋକ୍ତ ତଥ୍ୟକୁ ବିଭାଗ ସ୍ୱୀକାର କଲା ଏବଂ ଦର୍ଶାଇଲା(ଫେବୃଆରୀ 2013) ଯେ ଏଣିକି ହେବାକୁ ଥିବା ପରିକଳ୍ପନାର ସମୁଦାୟ ଅଞ୍ଚଳର ଦିଆଯାଇଥିବା ପ୍ରିମିୟମକୁ ପ୍ଲଟ୍ / ଗୃହର ମୂଲ୍ୟାଙ୍କନକୁ ନେବା ପାଇଁ ପଦକ୍ଷେପ ନିଆଯିବ । ଜବାବଟି ସମର୍ଥନୀୟ ନୁହେଁ କାରଣ ଏହି ମାମଲାର ଲିଜ୍ ଦଲିଲ୍ ସମ୍ପାଦନା ହୋଇ ନଥିଲା ଏବଂ ବିଡିଏ ଆବଣ୍ଟନକାରୀମାନଙ୍କଠାରୁ ଏହି ଜମି ପାଇଁ ଅଧିକ ଅର୍ଥ ଆଦାୟ କରିପାରିବ ।.

## 2.2.9 ଗୃହ ନିର୍ମାଣ ନିୟନ୍ତ୍ରଣ ପଦ୍ଧତି

ଓଡିଏ ଆକ୍ଟ 1982 ଧାରା 15 ନିର୍ଦ୍ଧାରଣ କରେ ଯେ କର୍ତ୍ତୃପକ୍ଷଙ୍କ ଲିଖିତ ମଞ୍ଜୁରୀପତ୍ର ପ୍ରଦାନ ବିନା କୌଣସି ଗୃହ ଜମିର ବିକାଶ ମୂଳକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ । ଏହି ମଞ୍ଜୁରୀପତ୍ର ଉନ୍ନୟନ କର୍ତ୍ତୃପକ୍ଷମାନେ ପ୍ରକାଶ କରିଥିବା ପ୍ଲାନିଙ୍ଗ୍ ଏଣ୍ଡ ବିଲଡିଙ୍ଗ୍ ଷ୍ଟାଣ୍ଡାର୍ଡ ରେଗୁଲେସନ୍ (ପି.ବି.ଏସ.ଆର୍) ର ଆଧାରରେ ପ୍ରଦାନ କରାଯାଏ, ଯେକୌଣସି ବ୍ୟକ୍ତି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବାକୁ ହେଲେ ଏକ ନିର୍ଦ୍ଧାରିତ ଫର୍ମରେ ଉନ୍ନୟନ ଅଧିକାରୀମାନଙ୍କୁ ଆବେଦନ କରିବାକୁ ହେବ । ସେଥିରେ ଗୃହର ନକ୍ସା, ପାରିପାର୍ଶ୍ଵିକ ନକ୍ସା, ସିକୁରିଟି ଫି ଏବଂ ଆବଶ୍ୟକ ସ୍ଥଳେ ବିଭିନ୍ନ ଏଜେନସି[45]ଠାରୁ ନୋ ଅବଜେକ୍ସନ ପ୍ରମାଣ ପତ୍ର ଆଜି ଦାଖଲ କରିବାକୁ ହୁଏ । କାଗଜ ପତ୍ରର ତଦାରଖ, ସ୍ଥାନର ପରିଦର୍ଶନ, ଯାନ୍ତ୍ରିକ ତନଖି ବିଭିନ୍ନ ସ୍ତରରେ କଲା ପରେ ଉନ୍ନୟନ କର୍ତ୍ତୃପକ୍ଷଙ୍କର ଦକ୍ଷ ଅଧିକାରୀମାନଙ୍କ ଦ୍ୱାରା ମଞ୍ଜୁରୀପତ୍ର ପ୍ରଦାନ କରାଯାଏ ।

ମୁଖ୍ୟତଃ ତିନୋଟି ଶ୍ରେଣୀରେ କୋଠାବାଡିର ନକ୍ସା ଅନୁମୋଦନ ହୁଏ ଯଥା- ଆପାର୍ଟମେଣ୍ଟ(ଛଅଟି ବା ତଦୁର୍ଦ୍ଧ କୋଠରୀ ଥିବା ଗୃହ), ଉଚ୍ଚତଳ ପ୍ରାସାଦ(ଯାହାର ଉଚ୍ଚତା 15 ମିଟର କିମ୍ବା ତଦୁର୍ଦ୍ଧ) ଏବଂ ଅଣ-ଆପାର୍ଟମେଣ୍ଟ(ଆପାର୍ଟମେଣ୍ଟ ଓ ଉଚ୍ଚତଳ ପ୍ରାସାଦକୁ ବାଦ୍ ଦେଇ ଅନ୍ୟ ସମସ୍ତ ଗୃହ), ଅଡିଟ୍ ଦ୍ୱାରା ଉଭୟ ଉନ୍ନୟନ

---

45 (1) ପିଏଚ ଇଞ୍ଜିନିୟରିଂ ବିଭାଗ ଏବଂ ଲୋକାଲ ଅଥରିଟି(ଜଳ ଯୋଗାଣ, ସୋରେଜ୍ ଏବଂ ନାଳ ସିଷ୍ଟମ), (2) ପାୟାର ସର୍ଭିସ୍ ବିଭାଗ(ଅଗ୍ନି ନିରାପତ୍ତା), (3) ମିନିଷ୍ଟ୍ରି ଅଫ୍ ଏନଭାଇରନମେଣ୍ଟ ଏବଂ ଜଙ୍ଗଲ(ପରିବେଶ ସଫା) (4) ଏୟାର ପୋର୍ଟ ଅଥରିଟି, ଭାରତ(ବିଲ୍ଡିଂର ଉଚ୍ଚତା 30 ମିଟରରୁ ଅଧିକ) ଏବଂ (5) ଜାତୀୟ ହାଇୱେ ଅଥରିଟି, ଭାରତ(ଏନଏଚ ପାର୍ଶ୍ୱ)

କର୍ତ୍ତୃପକ୍ଷଙ୍କର ଗୃହ ନକ୍ସା ଅନୁମୋଦନ ପଦ୍ଧତିକୁ ନିରୀକ୍ଷଣ କରାଯାଇଥିଲା ଓ ନିମ୍ନରେ ଏହାର ବ୍ୟତିକ୍ରମ ଗୁଡ଼ିକ ଦର୍ଶାଯାଇଛି ।

### 2.2.9.1 ଗୃହ ନକ୍ସା ଗୁଡ଼ିକର ଅନୁମୋଦନ

କର୍ତ୍ତୃପକ୍ଷମାନଙ୍କ ଦ୍ଵାରା ପ୍ରକାଶିତ ପି.ବି.ଏସ.ଆର ଅନୁଯାୟୀ ଆବେଦନକାରୀମାନଙ୍କୁ ସେମାନଙ୍କର ମଞ୍ଜୁରୀ / ଅଗ୍ରାହ୍ୟ ବିଷୟରେ ଆବେଦନର 60 ଦିନ ମଧ୍ୟରେ ଜଣାଇବାର ପ୍ରାବଧାନ ରହିଛି । ଏତଦ୍ ବ୍ୟତୀତ ଭୁବନେଶ୍ଵର ଉନ୍ନୟନ କର୍ତ୍ତୃପକ୍ଷ ବିଭିନ୍ନ ବର୍ଗର ଗୃହ ନକ୍ସା ଅନୁମୋଦନ ପାଇଁ 30 ଦିନରୁ 60 ଦିନ ମଧ୍ୟରେ ସମାପ୍ତ କରିବା ପାଇଁ ଏକ ସମୟ ସୀମା ସାରଣୀ ପ୍ରକାଶ କରିଛନ୍ତି (ଡିସେମ୍ବର 2008 ) ।

- ଭୁବନେଶ୍ଵର ଉନ୍ନୟନ କର୍ତ୍ତୃପକ୍ଷଙ୍କର 433 ଟି ସାଧାରଣ ଗୃହ ନକ୍ସା ଅନୁମୋଦନ ନଥି ନମୁନା ଯାଞ୍ଚରୁ ଜଣାଗଲା ଯେ 90 ଟି ନଥି ମଞ୍ଜୁର ନ ହୋଇ ରହିଥିଲା (ସେପ୍ଟେମ୍ବର 2012) । ଅବଶିଷ୍ଟ 343 ଟି ମଧ୍ୟରୁ 98 ଟି(29 ପ୍ରତିଶତ) ସମୟ ସୀମା ମଧ୍ୟରେ ମଞ୍ଜୁର ପ୍ରଦାନ କରାଯାଇଥିଲା, 63ଟି ( 18 ପ୍ରତିଶତ)ର ମଞ୍ଜୁରୀ 30 ଦିନ ବିଳମ୍ବରେ ସଂପାଦିତ ହୋଇଥିଲା, ଅବଶିଷ୍ଟ 182 ଟି(53 ପ୍ରତିଶତ) କ୍ଷେତ୍ରରେ ମଞ୍ଜୁରୀ ପ୍ରଦାନରେ 30 ଦିନରୁ 828 ଦିନ ବିଳମ୍ବ ହୋଇଥିଲା(ସେପ୍ଟେମ୍ବର 2012) ଅଡିଟ୍ ଆହୁରି ମଧ୍ୟ ପରିଲକ୍ଷିତ କରିଥିଲା ଯେ 182 ଟି ମଧ୍ୟରୁ 101 ଟି କ୍ଷେତ୍ରରେ 30 ଦିନରୁ ଅଧିକ ବିଳମ୍ବ ଘଟିଥିଲା ଯେଉଁଥିରେ ଦରଖାସ୍ତ ଗୁଡ଼ିକ ସଂପୂର୍ଣ୍ଣରୂପେ ଠିକ୍ ଥିଲେ ମଧ୍ୟ ଭୁବନେଶ୍ଵର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଯାଞ୍ଚ ପ୍ରକ୍ରିୟାରେ ଏହି ବିଳମ୍ବ ହୋଇଥିଲା, କଟକର ନମୁନା ଯାଞ୍ଚ କରାଯାଇଥିବା 173 ଟି କ୍ଷେତ୍ରରେ କୌଣସି ବିଳମ୍ବ ହେବା ପରିଲକ୍ଷିତ ହୋଇନଥିଲା ।
- ପୁନଶ୍ଚ ଅଡିଟର ଦୃଷ୍ଟିଗୋଚର ହୋଇଥିଲା ଯେ ଗୃହ ନକ୍ସା ଅନୁମୋଦନ ପାଇଁ ଆସିଥିବା ଦରଖାସ୍ତ ଗୁଡ଼ିକ କ୍ରମାନ୍ଵୟରେ ଯାଞ୍ଚ କରାଯାଇ ନଥିଲା ବରଂ ପଛରେ ଆସିଥିବା ଦରଖାସ୍ତଗୁଡ଼ିକୁ ଅଗ୍ରାଧିକାର ଦିଆଯାଇଥିଲା । 11 ଟି ଦୁଇ ବା ତିନି ମହଲା ବିଶିଷ୍ଟ ଗୃହର ନକ୍ସା ଅନୁମୋଦନ 27 ରୁ 60 ଦିନ ମଧ୍ୟରେ କରାଯାଇଥିଲା ବେଳେ ସେହି ସମୟରେ 13 ଟିର ଗୃହ ନକ୍ସା ଅନୁମୋଦନ ପାଇଁ 81 ଦିରୁ 443 ଦିନ ପର୍ଯ୍ୟନ୍ତ ସମୟ ଲାଗିଥିଲା ।

ଫଳରେ ଗୃହ ନକ୍ସା ଅନୁମୋଦନରେ ସ୍ଵଚ୍ଛତାର ଅଭାବ ଥିବା ପରିଲକ୍ଷିତ ହୋଇଥିଲା ।

ଉକ୍ତ ବିଷୟକୁ ମାନିନେଇ ବିଭାଗୀୟ ଅଧିକାରୀ ଉତ୍ତରରେ ବ୍ୟକ୍ତ କରିଥିଲେ(ଫେବୃଆରୀ 2013) ଯେ ଗୃହ ନକ୍ସା ଅନୁମୋଦନକୁ ବର୍ତ୍ତମାନ ଓଡ଼ିଶା ରାଇଟଟୁ ପବ୍ଲିକ୍ ସର୍ଭିସ ଡେଲିଭରୀ ଆକ୍ଟ 2012 ରେ ଅନ୍ତର୍ଭୁକ୍ତ କରାଯାଇ 60 ଦିନରୁ ଅଧିକ ବିଳମ୍ବ ପାଇଁ ଜୋରିମାନା ଧାର୍ଯ୍ୟ କରାଯାଇଛି । ଉତ୍ତରଟି ଗ୍ରହଣ ଯୋଗ୍ୟ ନଥିଲା କାରଣ ମନମୁଖୀ ଭାବରେ ଓ ସ୍ଵଚ୍ଛତା ଅଭାବରେ କରାଯାଇଥିବା ଅନୁମୋଦନ ଗୁଡ଼ିକ ପାଇଁ କୌଣସି ଯୁକ୍ତି ଉପସ୍ଥାପନ କରାଯାଇ ନଥିଲା ।

### 2.2.9.2 କ୍ଷେତ୍ରୀୟ ନିୟମ ଉଲ୍ଲଙ୍ଘନ କରି ଗୃହ ନକ୍ସା ଅନୁମୋଦନ

କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପି.ବି.ଏସ.ଆର 2001 ର ନିୟମ 112(2) ନିର୍ଦ୍ଧାରଣ କରେ ଯେ ପ୍ରଶାସନିକ କ୍ଷେତ୍ର ପାଇଁ ଥିବା ଜମିର 30 ପ୍ରତିଶତ ବାସୋପଯୋଗୀ ଜମି ଭାବରେ ବ୍ୟବହାର କରାଯାଇ ପାରିବ ଯାହା ଉକ୍ତ କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରୁଥିବ, ଅଡିଟର ଦୃଷ୍ଟିଗୋଚର ହୋଇଥିଲା ଯେ କଟକ ଉନ୍ନୟନ କର୍ତ୍ତୃପକ୍ଷ 2002 ରୁ 2012 ମଧ୍ୟରେ ପ୍ରଶାସନିକ କ୍ଷେତ୍ର ମଧ୍ୟରେ 71 ଟି ପ୍ଲଟ୍ ଉପରେ ଗୃହ ନିର୍ମାଣ କରିବା ପାଇଁ ମଞ୍ଜୁର ପ୍ରଦାନ କରିଥିଲେ ଯାହାକି ଉକ୍ତ କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରୁନଥିଲା । ଫଳରେ ପି.ବି.ଏସ.ଆର କୁ ଉଲ୍ଲଙ୍ଘନ କରି 160821 ବର୍ଗ ଫୁଟର ଜାଗାରେ ଗୃହ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ।

ଆସନ୍ତା ଦିନ ମାନଙ୍କରେ ଅଡିଟର ମତାମତକୁ ଗ୍ରହଣ କରିବା ପାଇଁ ବିଭାଗୀୟ ଉତ୍ତରରେ ବ୍ୟକ୍ତ କରିଥିଲେ(ଜୁନ୍ 2013) ।

### *2.2.9.3 ଆପାର୍ଟମେଣ୍ଟ ଗୁଡ଼ିକୁ ଅଣ ଆପାର୍ଟମେଣ୍ଟ ବର୍ଗ ହିସାବରେ ଅନୁମୋଦନ*

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପି.ବି.ଏସ.ଆର ଆକ୍ଟ 2008 ର ନିୟମ 47(i) ନିର୍ଦ୍ଧାରଣ କରିଛି ଯେ 500 ବର୍ଗ ମିଟରରୁ କମ୍ ଥିବା ପ୍ଲଟ୍‌ରେ ଆପାର୍ଟମେଣ୍ଟ(ଯାହାର 6 ଟି ବା ତଦୁର୍ଦ୍ଧ ବାସ ଗୃହ ଥିବ) ପାଇଁ ଅନୁମୋଦନ ଦିଆଯାଇ ପାରିବ ନାହିଁ ।

ଅଡିଟ୍ ନିରୀକ୍ଷଣ କରିଥିଲା ଯେ 13 ଟି କ୍ଷେତ୍ରରେ ଯଦିଓ ପ୍ଲଟ୍ ଏରିଆ 500 ବର୍ଗ ମିଟରରୁ କମ୍, ଆବେଦନ ପତ୍ରରେ ଦର୍ଶାଯାଇଥିବା ନକ୍ସା ଅନୁସାରେ ତାହା 6ଟି ବାସଗୃହ ସମ୍ବଳିତ ହୋଇଥିଲେ ସେଗୁଡ଼ିକୁ 5ଟି ବାସଗୃହ ଥିବା ଭବନ ଦର୍ଶାଯାଇ ପି.ବି.ଏସ.ଆର ର ବିରୁଦ୍ଧାଚରଣ କରି ମଞ୍ଜୁରୀ ଦିଆଯାଇଛି । କେନ୍ଦ୍ରୀୟ ବିଦ୍ୟୁତ୍ ଯୋଗାଣ ଓ ବ୍ୟବହାର(ସି.ଇ.ଏସ.ଇଉ) ଠାରୁ ସଂଗୃହୀତ ତଥ୍ୟ ଅନୁସାରେ 9 ଟି କ୍ଷେତ୍ରରେ 6 ରୁ 8 ଟି ଇଉନିଟ୍ ପାଇଁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ଫଳରେ ଅଧିକ ବାସଗୃହ ପାଇଁ ମଞ୍ଜୁରୀ ଦିଆଯାଇଛି ଯଦିଓ ଏଥିପାଇଁ ଆବଶ୍ୟକୀୟ ପରିମାଣର ସ୍ଥାନ ନଥିଲା, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରେ ଏପରି କୌଣସି ଅନିୟମିତତା ପରିଲକ୍ଷିତ ହୋଇ ନଥିଲା ।

ବିଭାଗୀୟ ଉତ୍ତରରେ(ଫେବୃଆରୀ 2013)ବ୍ୟକ୍ତ ହୋଇଛି ଯେ ନିର୍ମାଣ ହୋଇଥିବା କୋଠରୀଗୁଡ଼ିକର ଯାଞ୍ଚ୍ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ(ଜୁନ୍ 2013) ।

### *2.2.9.4 ଉଚ୍ଚତଳ ପ୍ରାସାଦ ଗୁଡ଼ିକର ପାର୍କିଂ ବ୍ୟବସ୍ଥା*

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପି.ବି.ଏସ.ଆର 2008 ର ନିୟମ 35 ଅନୁସାରେ ବହୁତଳ ପ୍ରାସାଦ ଗୁଡ଼ିକ ପାଇଁ ପାର୍କିଂ ବ୍ୟବସ୍ଥା ସମଗ୍ର ନିର୍ମାଣର ସ୍ଥାନର 40 ପ୍ରତିଶତ ଓ ବାସୋପଯୋଗୀ ଆପାର୍ଟମେଣ୍ଟ ପାଇଁ 30 ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯିବା ବିଧେୟ ।

ପି.ବି.ଏସ.ଆର୍ 2008 ର ପ୍ରବର୍ତ୍ତନ ପରେ ମଞ୍ଜୁରୀ ପ୍ରାପ୍ତ ହୋଇଥିବା କୋଠାବାଡି ମଧ୍ୟରୁ 48 ଟି ବହୁତଳ ବିଶିଷ୍ଟ ପ୍ରାସାଦର ନମୁନା ଯାଞ୍ଚ୍ କରାଯାଇଥିଲା, ସେଥିରୁ 10 ଟି କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା ଯେ ପାର୍କିଂ ସ୍ଥାନ ପାଇଁ ସମଗ୍ର ନିର୍ମାଣ ସ୍ଥାନର 40 ପ୍ରତିଶତ ସଂରକ୍ଷଣ ରଖିବା ପରିବର୍ତ୍ତେ 30 ପ୍ରତିଶତ ହିସାବକୁ ନିଆଯାଇଥିଲା । ଏଗୁଡ଼ିକୁ ବହୁତଳ ପ୍ରାସାଦ ହିସାବରେ ବିବେଚନା ନ କରି ଆପାର୍ଟମେଣ୍ଟ ଭାବରେ ମଞ୍ଜୁରୀ ପ୍ରଦାନ କରାଯାଇଛି । ଫଳରେ ପାର୍କିଂ ସ୍ଥାନ ପାଇଁ 228579 ବର୍ଗ ମିଟର ସ୍ଥାନ ଦରକାର ଥିଲାବେଳେ 180483 ବର୍ଗ ମିଟର ସ୍ଥାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅଧିନିୟମର ଉଲ୍ଲଙ୍ଘନ କରାଯାଇ 48096 ବର୍ଗ ମିଟର ସ୍ଥାନ ପାଇଁ କମ୍ ପାର୍କିଂ ବ୍ୟବସ୍ଥା ହୋଇଛି ଯାହା ଉକ୍ତ ନିର୍ମାଣ ସ୍ଥାନ ସହ ସମାନ ଅଟେ ।

ଏହି କୋଠାଗୁଡ଼ିକର ଯୁଗ୍ମ ନିରୀକ୍ଷଣରୁ ଜଣାପଡିଲା ଯେ ସମସ୍ତ 10ଟି କୋଠା ନକ୍ସା ମୁତାବକ ନିର୍ମାଣ କରାଯାଇଛି । କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳରେ ଏପରି କୌଣସି ଅନିୟମିତତା ପରିଲକ୍ଷିତ ହୋଇ ନଥିଲା ।

ବିଭାଗୀୟ ଉତ୍ତରରେ ଦର୍ଶାଯାଇଛି ଯେ (ଫେବୃଆରୀ 2013) କୋଠାର ଉଚ୍ଚତା ନୁହେଁ ବରଂ ବ୍ୟବହାରିକ ବୈଚିତ୍ର୍ୟତାକୁ ନେଇ ପାର୍କିଂ ସ୍ଥାନ ନିର୍ଦ୍ଧାରଣ ହୁଏ । ବହୁତଳ ପ୍ରାସାଦ କ୍ଷେତ୍ରରେ 40 ପ୍ରତିଶତ ସ୍ଥାନ ହେବା ଭ୍ରମସୃଷ୍ଟି କରୁଥିବାରୁ ଅଧିନିୟମର ଆବଶ୍ୟକୀୟ ପରିବର୍ତ୍ତନ ଅଣାଯିବ ।

ପି.ବି.ଏସ.ଆର ର ଉଲ୍ଲଙ୍ଘନ କରି ଅଧିକ ନିର୍ମାଣ ସ୍ଥାନ ଥାଇ କମ୍ ପାର୍କିଂ ସ୍ଥାନ ସଂରକ୍ଷଣ କରାଯାଇଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

### 2.2.9.5 ପ୍ରବେଶ ଯୋଗ୍ୟ ରାସ୍ତା ନଥାଇ ଗୃହ ନକ୍ସା ଅନୁମୋଦନ



ଏଚ.ଆର.ଜି ଫାଇନାନ୍ସ ଏଣ୍ଡ ଇନଭେଷ୍ଟମେଣ୍ଟ କନସଲଟାଣ୍ଟ ପ୍ରାଇଭେଟ୍ ଲିଃ

ବିଡିଏ ଓ ସିଡିଏ ର ଅଧିନିୟମ ଅନୁସାରେ ପ୍ଲଟ୍‌କୁ ପ୍ରବେଶ କରିବା ପାଇଁ ଛଅ ମିଟରରୁ କମ୍ ସରକାରୀ ବା ଘରୋଇ ରାସ୍ତା ନଥିଲେ ପ୍ଲଟର ଉନ୍ନୟନ ପାଇଁ ମଞ୍ଜୁରୀ କୌଣସି ମତେ କରାଯାଇ ପାରିବ ନାହିଁ ।

ଭୁବନେଶ୍ୱର ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା 2002 ରୁ 2012 ମସିହା ମଧ୍ୟରେ ମଞ୍ଜୁରୀ ପ୍ରାପ୍ତ ହୋଇଥିବା ଛଅଟି ଭବନର ବ୍ୟାଖ୍ୟା ନିମ୍ନରେ ପ୍ରଦତ୍ତ ହେଲା,

- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ଏଚ.ଆର.ଜି ଫାଇନାନ୍ସ ଏଣ୍ଡ ଇନଭେଷ୍ଟମେଣ୍ଟ କନସଲଟାଣ୍ଟ ପ୍ରାଇଭେଟ୍ ଲିଃ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ତୁଳସି ସ୍ପାଇସେସ୍ ଫୁଡ୍ ପ୍ରାଇଭେଟ୍ ଲିଃ ଭଳି ଦୁଇଟି କ୍ଷେତ୍ରରେ ସେମାନଙ୍କର ପ୍ଲଟକୁ ପ୍ରବେଶ କରିବା ପାଇଁ ରାସ୍ତା ନାହିଁ । ଏଚ୍.ଆର.ଜି କ୍ଷେତ୍ରରେ ଏକ 40 ଫୁଟର ନାଳ ଏହାର ପ୍ଲଟକୁ ଦୁଇଭାଗ କରି ବହିଯାଇଛି ଏବଂ ନାଳର ଆର ପଟକୁ ଆଦୌ ପ୍ରବେଶ ପଥ ନାହିଁ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉକ୍ତ ସ୍ଥାନରେ ପାଞ୍ଚଟି ବହୁତଳ ପ୍ରାସାଦକୁ ମଞ୍ଜୁରୀ ପ୍ରଦାନ କରିଥିଲେ ଓ ସେଥିରେ ବ୍ୟକ୍ତ କରିଥିଲେ ଯେ ଏହାକୁ ସଂଯୋଗ କରିବା ପାଇଁ ଜଳ ସଂପଦ ବିଭାଗରୁ ଅନୁମତି ଆଣିଲା ପରେ ନିର୍ମାଣ ଆରମ୍ଭ କରାଯିବ । ଅଦ୍ୟାବଧି ଏହି ଅନୁମତି ଅଣାଯାଇ ନାହିଁ । ସେହିପରି ତୁଳସି ସ୍ପାଇସେସ୍ ଫୁଡ୍ ପ୍ରାଇଭେଟ୍ ଲିଃ କ୍ଷେତ୍ରରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଅନୈତିକ ଭାବରେ ମଞ୍ଜୁରୀ ପ୍ରଦାନ କରିଥିଲେ । ସରକାରଙ୍କ ଅଧିନରେ ଥିବା 20 ଫୁଟର କେନାଲ ଓ 13 ଫୁଟର ପାଣି ମାହାରା ଉକ୍ତ ପ୍ଲଟରେ ପ୍ରବାହିତ ହେଉଥିଲା ବେଳେ ଜଳ ସଂପଦ ବିଭାଗରୁ ଆବଶ୍ୟକୀୟ ଅନୁମୋଦନ ହାସଲ କରାଯାଇ ନଥିଲା ।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ଶିବାନନ୍ଦ ବିଲଡର୍ସ ପ୍ରାଇଭେଟ୍ ଲିଃ କ୍ଷେତ୍ରରେ ପ୍ରବେଶ ପଥର ପ୍ରାବଧାନ ଛଅ ମିଟର ରଖାଯିବା ସ୍ଥଳେ କେବଳ 4.୫ ମିଟର ରହିଥିଲା ।
- ଅନ୍ୟ ତିନୋଟି କ୍ଷେତ୍ରରେ(ଡ.ପି.କେ.ମହାନ୍ତି, ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିଃ ଓ ଶ୍ରୀମତୀ ପୁଷ୍ପାଞ୍ଜଳୀ ନାୟକ).କଟକ ଉନ୍ନୟନ କର୍ତ୍ତୃପକ୍ଷ ସରକାରୀ ଜାଗା ଉପରେ ରାସ୍ତା କରିବା ପାଇଁ ସରକାରଙ୍କ ଠାରୁ ଏନ୍.ଓ.ସି ଆଣିବା ପୂର୍ବରୁ ଗୃହ ନକ୍ସାର ମଞ୍ଜୁରୀ ପ୍ରଦାନ କରିଥିଲେ ଓ ସେମାନେ ସରକାରୀ ଜମି ଜବର ଦଖଲ କରି ରାସ୍ତା ନିର୍ମାଣ କରିଛନ୍ତି ।

ଏତଦ୍ ବ୍ୟତୀତ ପି.ବି.ଏସ.ଆର ଗୁଡ଼ିକରେ ନିର୍ଦ୍ଧାରିତ ହୋଇଛି ଯେ ବାସୋପଯୋଗୀ ଓ ବାଣିଜ୍ୟିଙ୍କ କୋଠାଗୁଡ଼ିକରେ ଫ୍ଲୋର ଏରିଆ ରେସିଓ[46](ଏଫ୍.ଏ.ଆର) ପ୍ଲଟର ଆକାର ଓ ତତ୍ ସଂଲଗ୍ନ ରାସ୍ତାର ଚଉଡା ଉପରେ ନିର୍ଭର କରେ । ନିର୍ଦ୍ଧାରିତ ସର୍ବୋତ୍ତମ ଏଫ୍.ଏ.ଆରକୁ ଉଲ୍ଲଙ୍ଘନ କରି ଗୃହ ନକ୍ସା ଅନୁମୋଦନ କରାଯିବା ଫଳରେ ସହରର କ୍ଷେତ୍ରୀୟ ଉନ୍ନୟନ ଯୋଜନାକୁ ବହୁଭାବରେ ପ୍ରଭାବିତ ହୋଇଛି । ଅଧିକ ଏଫ୍.ଏ.ଆରର ପ୍ରଦାନ ଫଳରେ, ଜଳ ଯୋଗାଣ, ବର୍ଜ୍ୟବସ୍ତୁ ନିଷ୍କାସନ, ରାସ୍ତାର କ୍ଷମତା ଉପରେ ଅଧିକ ଚାପ ସୃଷ୍ଟି ହୋଇଥାଏ ।

---

46 ବିଡିଏର ପିବିଏସଆର 200୫ ର ନିୟମ 2(57) ଅନୁସାରେ ଫ୍ଲୋର ଏରିଆ ରେସିଓ ହେଉଛି ସମଗ୍ର ମହଲାର ନିର୍ମାଣ ସ୍ଥାନ ହରଣ ପ୍ରଟର ପରିମାଣ

- ଅଡିଟ୍ ମୂଲ୍ୟାୟନ କରିଥିଲେ ଯେ ଚାରିଟି କ୍ଷେତ୍ର[47]ରେ (ବିଡିଏ-2 ଏବଂ ସିଡିଏ-2) ଆବଶ୍ୟକୀୟ ଏଫ୍.ଏ.ଆର୍ 1.5 ରୁ 2.5 ଥିବା ସ୍ଥଳେ 2002 ରୁ 2012 ମଧ୍ୟରେ 1.75 ରୁ 2.75 ପର୍ଯ୍ୟନ୍ତ ଅଧିକ ଏଫ.ଏ.ଆର ଅନୁମୋଦନ କରାଯାଇଥିଲା । ପି.ବି.ଏସ.ଆର ଅନୁସାରେ 47087 ବର୍ଗ ମିଟରର ନିର୍ମାଣ କରିବା ସ୍ଥଳେ 52113 ବର୍ଗ ମିଟରର ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା ଫଳରେ 5026 ବର୍ଗ ମିଟରର ଅଧିକ ନିର୍ମାଣ ସ୍ଥାନ ସ୍ଥପତି ମାନଙ୍କୁ ଅହେତୁକ ଅନୁଗ୍ରହ କରାଯାଇଥିଲା ।

ଏତଦ୍ ଦ୍ୱାରା ପି.ବି.ଏସ.ଆର କୁ ଉଲ୍ଲଙ୍ଘନ କରି 10 ଟି କ୍ଷେତ୍ରରେ(ବିଡିଏ-4 ଏବଂ ସିଡିଏ-6) ଗୃହ ନକ୍ସା ଅନୁମୋଦନ କରାଯାଇ ଅହେତୁକ ଅନୁଗ୍ରହ ପ୍ରଦାନ କରାଯାଇଥିଲା । ଏହା ଫଳରେ ଜଳ ଯୋଗାଣ, ବର୍ଜ୍ୟବସ୍ତୁ ନିଷ୍କାସନ ଓ ରାସ୍ତାର କ୍ଷମତା ଇତ୍ୟାଦି ନିର୍ମାଣର ବୋଝ ଜମି ଉପରେ ପଡିଥିଲା ।

ବିଭାଗୀୟ ଉତ୍ତରରେ ଦର୍ଶାଯାଇଥିଲା ଯେ(ଫେବୃଆରୀ 2013)ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଗୋଟିଏ କ୍ଷେତ୍ରରେ ଅନ ଅଥରାଇଜଟ୍ ପ୍ରୋସିଡିଂ(ଇଉ ଏ.ପି) କେସ୍ ରୁଜୁ କରାଯାଇଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ବ୍ୟକ୍ତ କରିଥିଲେ(ଜୁଲାଇ 2013) ଯେ ଓଡିଏ ଆକ୍ଟରେ 91 ଧାରା ଅନୁମୋଦନରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ପାଞ୍ଚଟି କ୍ଷେତ୍ରରେ ଅନଅଥରାଇଜଡ୍ ପ୍ରୋସିଡିଂ ଦାୟର କରିଥିଲେ ।

### 2.2.9.6 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଜମି ଉପରେ ଏକ ଗୃହ ନକ୍ସାର ଅନୁମୋଦନ

ଓଡ଼ିଶା ମ୍ୟୁଟେସନ୍ ମାନୁଆଲ୍ 1962 ଅନୁସାରେ ରେଜିଷ୍ଟ୍ରଡ ଦଲିଲ ମାଧ୍ୟମରେ ଏକ ସଂପତ୍ତିକୁ ବିକ୍ରୟ ବା ଦାନ ଦ୍ୱାରା ହସ୍ତାନ୍ତିକରଣ କରାଗଲେ, ହସ୍ତାନ୍ତିକରଣ ହୋଇଥିବା ଲୋକ ତହସିଲଦାରଙ୍କୁ ଜମିର ମାଲିକାନାସତ୍ତ୍ୱ ବଦଳାଇବା ପାଇଁ ଆବେଦନ କରିପାରିବେ, ଫଳରେ ସରକାରୀ ଖାତାରେ ସମ୍ପତ୍ତିର ମାଲିକାନା ସତ୍ତ୍ୱ ନିଜ ନାମରେ ଲିପିବଦ୍ଧ ହୋଇପାରିବ ।



ବିଡିଏର ନିଜସ୍ୱ ଜମି ଉପରେ ଏକ ନିର୍ମାଣକାରୀଙ୍କ ଗୃହ ନକ୍ସା ଅନୁମୋଦନ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କେ.ଏଲ୍.ଆଉଟ୍ ପ୍ଲାନର ଅନୁମୋଦନ କରିବା ସମୟରେ ଅଡିଟ୍ ଦୃଷ୍ଟିଗୋଚର ହୋଇଥିଲା ଯେ ପାତ୍ରପଡା ମୌଜାରେ ଜନୈକ ବ୍ୟକ୍ତି[48] 0.930 ଏକର ଜମିକୁ (ନଭେମ୍ବର 1984ରେ) ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନାମରେ ଏକ ରେଜିଷ୍ଟର ଦତ୍ତ ପତ୍ର କରିଥିଲେ । କିନ୍ତୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆର୍ ଓ ଆର୍ ବଦଳାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ବ୍ୟକ୍ତି ଉପରୋକ୍ତ ଜମିରୁ 0.231 ପରିମିତ ଜମିକୁ ଅନ୍ୟ ଏକ ବ୍ୟକ୍ତିଙ୍କୁ ଦତ୍ତ ପତ୍ର କରିଥିଲେ( ମେ 2003) । ଏହି ଜମି ଉପରେ ଏକ ଗୃହ ନକ୍ସାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ମଞ୍ଜୁରୀ ପ୍ରଦାନ କରିଥିଲେ(ଡିସେମ୍ବର 2008) ।

ଏହି ମାମଲାଟିର ବିଚାର ଚାଲିଥିବା ସମୟରେ ଅଫିସର ଅନ-ସ୍ପେସାଲ ଡ୍ୟୁଟି ଉପରୋକ୍ତ ଖିଲାପ୍ ବିଷୟରେ ଅବଗତି ହୋଇଥିଲେ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ନିଜସ୍ୱ ଜମିରେ ଅନିୟମିତ ଭାବରେ ଯେଉଁ ଗୃହ ନକ୍ସାର ଅନୁମୋଦନ ହୋଇଥିଲା ତାହାକୁ ପୁନଃ ବିଚାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ(ଅକ୍ଟୋବର 2010) । ଯାହାହେଉ ଏହା ଉପରେ କୌଣସି ପଦକ୍ଷେପ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନେଇନାହାଁନ୍ତି ।

---

47 ଡି.ଏନ୍. ହୋମସ ପ୍ରାଇଭେଟ୍ ଲିଃ ଶିବାନୀ ଇଷ୍ଟେଟ୍ ଏଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିଃ ନୈନା ସାମଲ ଏବଂ ସରିତା ଭରଲୱାଲା

48 ଶ୍ରୀ ସୁରେନ୍ଦ୍ର ଚନ୍ଦ୍ର ମହାନ୍ତି

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଥିଲା ଯେ (ଅକ୍ଟୋବର 2010) ଏକ ଜି+1 କୋଠା ର ଅବୈଧ ନିର୍ମାଣ ହୋଇଛି କିନ୍ତୁ ଅଗଷ୍ଟ 2012 ରେ କରାଯାଇଥିବା ଯୁଗ୍ମ ନିରୀକ୍ଷଣରେ ଜଣାଗଲା ଯେ ଉକ୍ତ କୋଠାଟି ଜି+4 ପର୍ଯ୍ୟନ୍ତ ନିର୍ମାଣ ହୋଇଯାଇଥିଲା । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ସମୟୋଚିତ ପଦକ୍ଷେପ ନ ନେବା ଫଳରେ ନିର୍ମାଣକାରୀ 26635 ବର୍ଗ ଫୁଟର ଅବୈଧ ନିର୍ମାଣ କରିପାରିଥିଲା ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନିଜ ନାମରେ ଆର୍.ଓ.ଆର୍ କରାଇ ନପାରିବାରୁ ଏବଂ ଅନୁମୋଦନ ସମୟରେ ଜମିର ମାଲିକାନା ସତ୍ୱକୁ ଠିକ୍ ଭାବରେ ତନଖି ନକରି ପାରିବାରୁ ତାର ନିଜ ନାମରେ ଥିବା ଜମି ଉପରେ କୋଠା ନିର୍ମାଣ କରିବା ପାଇଁ ଅନୁମୋଦନ କରିଥିଲେ ।

ବିଭାଗୀୟ ଉତ୍ତର(ଫେବୃଆରୀ 2013) ରେ ଦର୍ଶାଯାଇଥିଲା ଯେ ଯେହେତୁ ଆବେଦନକାରୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଜମିଟି ହସ୍ତାନ୍ତର ହୋଇଥିବା କଥାକୁ ପ୍ରକାଶ କରି ନଥିଲେ, ଓଡିଏ ଆକ୍ଟର ଧାରା 17 ଅନୁସାରେ ଅନୁମୋଦନକୁ ବ୍ୟାଜାପ୍ତି କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନଭେମ୍ବର 2013 ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

### 2.2.9.7 ବିଡିଏ ଦ୍ୱାରା ଅନୈତିକ ଭାବେ ଗୃହ ନକ୍ସା ଅନୁମୋଦନ

ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ(ଓ.ଏସ.ଏଚ.ବି) ର ସହଯୋଗୀତାରେ ଏକ ନିର୍ମାଣକାରୀ (ବି.ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିଃ) ଆଇଗଣିଆ ମୌଜାରେ 48.290 ଏକର ପରିମିତ ପ୍ଲଟ ଉପରେ ବି+ଜି+5 ର ଏକ ଆବାସିକ ଓ ବାଣିଜ୍ୟିକ କୋଠା ନିର୍ମାଣ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଜୁଲାଇ 2010 ରେ ଗୃହ ନକ୍ସା ଅନୁମୋଦନ କରିଥିଲେ । ଉକ୍ତ ଜମିକୁ ସାଧାରଣ ପ୍ରଶାସନ ବିଭାଗ ଓ.ଏସ.ଏଚ.ବି କୁ ଲିଜ୍ ସୂତ୍ରରେ ଜାନୁଆରୀ 1998 ରେ ଏକ ହାଉସିଂ ସ୍କିମ କରିବା ପାଇଁ ପ୍ରଦାନ କରିଥିଲେ ଯେଉଁଥିରେ 0.380 ଏକର(16553 ବର୍ଗ ଫୁଟ) ଜାଗାରେ ବାଣିଜ୍ୟିକ ସ୍ଥଳୀ ଓ ଅବଶିଷ୍ଟ ଜାଗାରେ ଆବାସିକ ବାସ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଥିଲା ।

ଅଡିଟର ଦୃଷ୍ଟିଗୋଚର ହୋଇଥିଲା ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ମଞ୍ଜୁରୀ ପ୍ରଦାନ କରିବା ସମୟରେ ବାଣିଜ୍ୟିକ ସ୍ଥଳୀ ପାଇଁ 16553 ବର୍ଗ ଫୁଟ୍ ସ୍ଥାନ ପରିବର୍ତ୍ତେ 36404 ବର୍ଗ ଫୁଟର ଅନୁମୋଦନ କରିଥିଲେ । ଓ.ଏସ୍.ଏଚ.ବି ଜମି ଆବଣ୍ଟନ ପତ୍ରର ଏକ ନକଲ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ ଯେଉଁଥିରେ ବାଣିଜ୍ୟିକ ସ୍ଥଳୀ ପାଇଁ ସ୍ଥାନ ପ୍ରାଞ୍ଜଳ ଭାବରେ ଦର୍ଶାଯାଇଥିଲା । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅନୈତିକ ଭାବରେ ନିର୍ମାଣ କାରୀଙ୍କୁ ଅହେତୁକ ଅନୁଗ୍ରହ ପ୍ରଦାନ ପୂର୍ବକ ଯେଉଁ ଉପଯୋଗ ପାଇଁ ସ୍ଥାନଟି ପ୍ରଦାନ କରାଯାଇଥିଲା ତାହାକୁ ବଦଳାଇ ଦେଇଥିଲେ ।

ବିଭାଗୀୟ ଅଧିକାରୀ ଉକ୍ତ ତଥ୍ୟକୁ ସ୍ୱୀକାର କରି(ଫେବୃଆରୀ 2013) ଓ.ଏସ.ଏଚ.ବି ଦ୍ୱାରା ଲିଜର ସର୍ତ୍ତକୁ ବଦଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଟି ଗ୍ରହଣ ଯୋଗ୍ୟ ନଥିଲା କାରଣ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଜମି ଆବଣ୍ଟନ ପତ୍ରର ସର୍ତ୍ତ ଅନୁସାରେ ଜମିର ବ୍ୟବହାର ପାଇଁ ଅନୁମୋଦନ କରିବା ଉଚିତ୍ ଥିଲା ।

### 2.2.9.8 ବହୁତଳ ପ୍ରାସାଦ ଗୁଡ଼ିକର ସର୍ତ୍ତମୂଳକ ନକ୍ସା ଅନୁମୋଦନ କରିବା ପରେ ବିହିତ ପଦକ୍ଷେପ ନେବାରେ ଅବହେଳା ପ୍ରଦର୍ଶନ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପି.ବି.ଏସ.ଆର ଅନୁସାରେ ଷ୍ଟିଲଟ ପ୍ଲସ ଥ୍ରୀ (S+ 3 ମହଲା) ବା ତଦୁର୍ଦ୍ଧ କୋଠା ଗୁଡ଼ିକୁ ସର୍ତ୍ତମୂଳକ ଅନୁମୋଦନ ଦେବା ସମୟରେ ଆଞ୍ଚଳିକ ଅଧିକାରୀମାନଙ୍କ ଠାରୁ ଜଳ ଯୋଗାଣ, ବର୍ଜ୍ୟ ବସ୍ତୁ ନିଷ୍କାସନ, ସୋରେଜ୍ ଓ ରାସ୍ତା



କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ନଥାଇ ଡୁମୁଡୁମାରେ ନିର୍ମିତ କସ୍ମୋପଲିସ୍ ଭବନ

ନିର୍ମାଣ ଇତ୍ୟାଦି ପାଇଁ ଆବଶ୍ୟକୀୟ ସର୍ତ୍ତମୂଳକ ଅନୁମୋଦନ ହାସଲ କରିବା ବାଞ୍ଛନୀୟ । ରାଜ୍ୟ / ଆଞ୍ଚଳିକ ଅଧିକାରୀମାନଙ୍କଠାରୁ ନୋ ଅବଜେକ୍ସନ ପ୍ରମାଣ ପତ୍ର ହାସଲ କରିବା ପରେ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକୀୟ ଇନ୍‌ଫ୍ରାଷ୍ଟ୍ରକଚର ନିର୍ମାଣ ହୋଇଥିବାର ତନଖି କରିବା ପରେ ମୁଖ୍ୟ ଗୃହର ନିର୍ମାଣ ଆରମ୍ଭ ପାଇଁ କର୍ତ୍ତୃପକ୍ଷ ଆଦେଶ ଦେବା କଥା ।.

ନଥିପତ୍ରର ଯାଞ୍ଚରୁ ଜଣାଗଲା ଯେ 197 ଟି ବହୁତଳ /ଏସ+3 କୋଠା ମଧ୍ୟରୁ ମାତ୍ର 15 ଟିକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିଥିଲେ । ଯୁଗ୍ମ ନିରୀକ୍ଷଣ କରାଯାଇଥିବା 20 ଟି କୋଠା ଯାହାର ମୁଖ୍ୟ ନିର୍ମାଣ ପାଇଁ ଅନୁମୋଦନ କରାଯାଇ ନଥିଲା, ସେଠାରେ କେବଳ ସର୍ତ୍ତମୂଳକ ଅନୁମୋଦନ ପରେ ନିର୍ମାଣ କରାଯାଇଥିବାର ଦୃଷ୍ଟିଗୋଚର ହୋଇଥିଲା ।

- ଭାରତ ସରକାରଙ୍କର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ(ଏମ୍.ଓ.ଇ.ଏଫ) ବିଜ୍ଞାପନ(ସେପ୍ଟେମ୍ବର 2006) ଅନୁସାରେ ବହୁତ ବଡ ବହୁ ତଳ ପ୍ରାସାଦ/ ଆପାର୍ଟମେଣ୍ଟ (ସମଗ୍ର ନିର୍ମାଣ ସ୍ଥାନ 20000 ବର୍ଗମିଟର ବା ଉର୍ଦ୍ଧ୍ୱ) ଗୁଡ଼ିକ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭାରତ ସରକାରଙ୍କ ଠାରୁ ପରିବେଶ ମଞ୍ଜୁରୀ ପତ୍ର ହାସଲ କରିବା ବିଧେୟ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳରେ ଏମ୍.ଓ.ଇ.ଏଫ ରୁ ମଞ୍ଜୁରୀ ଆବଶ୍ୟକ ଥିବା 26 ଟି କୋଠା ମଧ୍ୟରୁ 13 କ୍ଷେତ୍ରରେ ଏହା ନ ଥାଇ ନିର୍ମାଣ କରାଯାଇଥିବା ଅଡିଟର ଦୃଷ୍ଟିକୁ ଆସିଥିଲା(ସେପ୍ଟେମ୍ବର 2013) । ଏଭଳି ଦୁଇଟି କ୍ଷେତ୍ରରେ[49] ନିରୀକ୍ଷଣ କରିବାରୁ ଜଣାଗଲା ଯେ ଉଭୟ ସ୍ଥାନରେ ନିର୍ମାଣ ଆରମ୍ଭ ହୋଇଛି ।



ଏମ୍.ଇ.ଏଫ୍ ମଞ୍ଜୁରୀ ନଥାଇ ରାଇସିଂପୁର ଠାରେ ବିପୁଳ ଗ୍ରୀନ୍‌ସ ନିର୍ମାଣ

ବିଭାଗୀୟ ଉତ୍ତରରେ ଦର୍ଶାଯାଇଥିଲା ଯେ(ଫେବୃଆରୀ 2013) ଯେଉଁ କ୍ଷେତ୍ରରେ ପରିବେଶ ମଞ୍ଜୁରୀ ନଥାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ସେମାନଙ୍କ ଉପରେ ଇଉ.ଏ.ପି କେସ୍ ରୁଜୁ କରାଯାଇଛି ।

- କର୍ତ୍ତୃପକ୍ଷ ମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ପି.ବି.ଏସ.ଆର ଅନୁସାରେ ନିର୍ମାଣକାରୀମାନେ ସେମାନଙ୍କ ନିର୍ମାଣ ସ୍ଥଳୀ ନିକଟରେ ଅନୁମୋଦିତ ଗୃହ ନକ୍ସାର ଏକ ନକଲ ଓ ଗୃହର ନକ୍ସା ଓ ବିସ୍ତାରିତ ବିବରଣୀ ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ହେଉଥିବା ସ୍ଥାନରେ ପ୍ରଦର୍ଶନ କରିବା ଉଚିତ୍ । ନିର୍ମାଣାଧୀନ ଥିବା 19 ଟି କ୍ଷେତ୍ରରେ ଯୁଗ୍ମ ନିରୀକ୍ଷଣରୁ ଜଣାଗଲା ଯେ କୌଣସି ସ୍ଥାନର ଉକ୍ତ ବିଷୟ କୌଣସି ସ୍ଥାନରେ ପ୍ରଦର୍ଶନ କରାଯାଇ ନଥିଲା ।

  ବିଭାଗୀୟ ଉତ୍ତରରେ ଦର୍ଶାଇଥିଲେ(ଫେବୃଆରୀ 2013) ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ୱେବ୍ ସାଇଟ୍‌ରେ ଗୃହନକ୍ସା ମଞ୍ଜୁରୀ ପତ୍ରକୁ ପ୍ରଦର୍ଶନ କରିବାର ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ପରନ୍ତୁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଉତ୍ତର ପ୍ରଦାନ କରାଯାଇ ନାହିଁ (ଜୁନ୍ 2013) ।

- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଜଳ ଯୋଗାଣ ଏନ୍.ଓ.ସି ପ୍ରଦାନ ସମୟରେ ପ୍ରଦାନ କରାଯାଉଥିବା ପତ୍ରରେ ଭୂତଳ ଜଳ ଅଧିକାରୀଙ୍କଠାରୁ ଅନୁମତି ପତ୍ର ହାସଲ କରିବା ପାଇଁ ନିର୍ଦ୍ଦେଶ ଥିଲା ବେଳେ କୌଣସି କ୍ଷେତ୍ରରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନିର୍ମାଣକାରୀ ମାନଙ୍କର ଏହି ଅନୁମତି ପତ୍ରକୁ ତନଖି କରିନାହାଁନ୍ତି ।

ବିଭାଗୀୟ ଉତ୍ତରରେ(ଫେବୃଆରୀ 2013) ଦର୍ଶାଯାଇଛି ଯେ ଭୂତଳ ଜଳ ଅଧିକାରୀଙ୍କ ଠାରୁ ଏନ୍.ଓ.ସି ଆଣିବା ପାଇଁ ଆକ୍ଟ, ରୁଲ୍ ଓ ରେଗୁଲେସନ ରେ କୌଣସି ବ୍ୟବସ୍ଥା ନାହିଁ । ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ କାରଣ

[49] (i) ଡ.ଏନ୍ ହୋମସ, ଡୁମୁଡୁମା (ii) ବିପୁଳ ଗ୍ରୀନ ରଣସିଂହପୁର

ପି.ବି.ଏସ.ଆର ଅନୁସାରେ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରୁ ଅଣାଯାଉଥିବା ଏନ୍.ଓ.ସି ରେ ଭୂତଳ ଜଳ ଅଧିକାରୀଙ୍କ ଠାରୁ ଅନୁମୋଦନ ଆଣିବା ପାଇଁ ସର୍ତ୍ତ ରଖାଯାଇଥିଲା ।

ବିଭାଗୀୟ ଅଧିକାରୀ ଆବଶ୍ୟକୀୟ କର୍ମଚାରୀଙ୍କ ଅଭାବରୁ ସର୍ତ୍ତମୂଳକ ଅନୁମୋଦନ ପରର ପଦକ୍ଷେପ ନେବାରେ ଅବହେଳାକୁ ମାନି ନେଇଥିଲେ ଓ ଆସନ୍ତା ଦିନ ମାନଙ୍କର ନିଷ୍ଠାପର ଭାବରେ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ(ଫେବୃଆରୀ 2013) ।

ଏହା ସତ୍ୟ ଯେ ପି.ବି.ଏସ୍.ଆର ରେ ଦର୍ଶାଯାଇଥିବା ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ନ କରି ଓ ରାଜ୍ୟ / ଆଞ୍ଚଳିକ ଅଧିକାରୀଙ୍କ ଏନ୍.ଓ.ସି ହାସଲ ନ କରି ନିର୍ମାଣ କରାଯିବାକୁ ଠିକ୍ ଉପାୟରେ ନିରୀକ୍ଷଣ କରାଯାଇ ପାରୁନାହିଁ ।

### 2.2.9.9 ଅପ୍ରାଧିକୃତ / ପଥଚ୍ୟୁତ ନିର୍ମାଣ ଲାଗି ସର୍ବକ୍ଷମା ଯୋଜନା

ବିଡିଏ ସରକାରଙ୍କ ଅନୁମୋଦନ କ୍ରମେ(ଡିସେମ୍ବର 2007) ଅପ୍ରାଧିକୃତ/ ଅନିୟମିତ ନିର୍ମାଣକୁ ନିୟମିତ କରିବା ପାଇଁ ଏକ ଏକକାଳୀନ ରିହାତି ମାଧ୍ୟମରେ ନିର୍ଦ୍ଦିଷ୍ଟ ବିହିତ ଦେୟ ପୈଠ କରିବା ପାଇଁ କମ୍ପାଉଣ୍ଡିଂ ଦେୟ ମାଧ୍ୟମରେ ସଂପୃକ୍ତ ମାଲିକମାନଙ୍କର ଅପ୍ରାଧିକୃତ ନିର୍ମାଣକୁ ନିୟମିତ କରିବା ପାଇଁ (ଆରଓୟୁଡିସିଟିସି) ଯୋଜନା ପ୍ରଚଳନ କରିଥିଲେ । ଯଦିଓ ଏହି ଯୋଜନା 6 ମାସ ପାଇଁ କାର୍ଯ୍ୟାନ୍ୱୟନ ହେବାର ବ୍ୟବସ୍ଥା ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଏହାର ଅବଧିକୁ ଆଉ ଏକ ବର୍ଷ ବଢାଇ ଅର୍ଥାତ୍ 30.06.2009 ପର୍ଯ୍ୟନ୍ତ କାର୍ଯ୍ୟକାରୀ ଥିଲା । ସେହିପରି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଦ୍ୱାରା ଆରଓୟୁଡିସିଟିସି ଯୋଜନା ଜାନୁଆରୀ 2009 ରେ ପ୍ରଚଳନ କରିଥିଲେ ଏବଂ ଜୁଲାଇ 2010 ପର୍ଯ୍ୟନ୍ତ ମିଆଦି ବୃଦ୍ଧି ହୋଇଥିଲା । ଏହି ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ ନିମ୍ନରେ ଆଲୋଚିତ ହେଲା :

- ଏହି ଅଧିସୂଚନା ବିଜ୍ଞପିତ ହେବାର ପୂର୍ବ ଦିନରୁ ସମସ୍ତ ଅପ୍ରାଧିକୃତ / ପଥଚ୍ୟୁତ ନିର୍ମାଣ ଯେଉଁଗୁଡ଼ିକ କି ସଂପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିକାରର ପରିସର ମଧ୍ୟରେ ଆସୁଥିବ କେବଳ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ {ଅନୁଚ୍ଛେଦ 3(i)};
- ଆବେଦନପତ୍ର ଗୁଡ଼ିକ ସବୁକ୍ଷେତ୍ରରେ ସମ୍ପୂର୍ଣ୍ଣ ହୋଇଥିବ ଏବଂ ଏହା ଫାଷ୍ଟ କମ୍ ଫାଷ୍ଟ ସର୍ତ୍ତ ଆଧାରରେ ଅତିବେଶୀରେ ଆବେଦନ ପତ୍ର ପ୍ରାପ୍ତର 6 ମାସ ସମୟ ସୀମା ମଧ୍ୟରେ ଫଇସଲା କରାଯିବ (ଅନୁଚ୍ଛେଦ 9)
- ସଠିକ୍ ଭାବେ ପୂରଣ କରାଯାଇଥିବା ଆବେଦନପତ୍ର ଗୁଡ଼ିକ, ଅନ୍ୟାନ୍ୟ ବିଷୟ ମଧ୍ୟରେ ନିଜ ଦ୍ୱାରା ଆକଳିତ କମ୍ପାଉଣ୍ଡିଂ ଦେୟ ସହ ଢାଞ୍ଚାଯନ୍ତ୍ରୀଙ୍କ ଠାରୁ ଢାଞ୍ଚାଗତ ସ୍ଥିରତା ପ୍ରମାଣପତ୍ର, କୋଠାର 2ଟି ଦିଗରୁ ଫଟୋ ଯାହାକି ଆବେଦନକାରୀଙ୍କ ଦସ୍ତଖତ ଥିବା ଏବଂ ସ୍ଥପତିଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇଥିବ;
- ପିବି ଏସ ଆର -2001 ବିଜ୍ଞାପିତ / ପ୍ରକାଶନ ହେବା ପୂର୍ବରୁ ବହୁ ମହଲା ବିଶିଷ୍ଟ କୋଠାଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ {ଅନୁଚ୍ଛେଦ- 4(ix)};
- ସଂପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରତିନିଧିମଣ୍ଡଳୀ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ / ନଗରାଞ୍ଚଳ / ପୌରାଞ୍ଚଳ ଯନ୍ତ୍ରୀମାନଙ୍କୁ ନେଇ ଗଠିତ ଗୋଷ୍ଠୀଙ୍କୁ ନେଇ ଅନିୟତ ଭାବେ ନିର୍ମାଣସ୍ଥଳୀ ଯାଞ୍ଚ କରାଯିବ ((ଅନୁଚ୍ଛେଦ 9).

ଏହା ଯୋଜନା ଅଧିନରେ ମାର୍ଚ୍ଚ-2012 ସୁଦ୍ଧା 8678 ଆବେଦନ ପତ୍ର ପ୍ରାପ୍ତ ହୋଇଥିଲା(ବିଡିଏ: 4598, ସିଡିଏ:4080) ଯାହାମଧ୍ୟରୁ 4397ଟି ମାମଲା ଅନୁମୋଦିତ ହୋଇଥିଲା(ବିଡିଏ: 3771, ସିଡିଏ: 626) । ଏହି ଯୋଜନାର ଅବଧି 2 ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଫେବୃଆରୀ 2013 ସୁଦ୍ଧା ବାକିଥିବା ମାମଲାଗୁଡ଼ିକ ଫଇସଲା ହୋଇପାରି ନାହିଁ ।

ଅଡିଟ୍ ଦେଖିଲେ ଯେ ନାମ ତାଲିକା(ପ୍ୟାନେଲ) ରେ ଥିବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ / ପୌରାଞ୍ଚଳ ଯନ୍ତ୍ରୀଙ୍କୁ ନେଇ କେବେ ଅନିୟତଭାବେ ନିର୍ମାଣସ୍ଥଳୀ ଯାଞ୍ଚ କରାଯାଇ ନଥିଲା । କର୍ତ୍ତୃପକ୍ଷ

କେବଳ ଆବେଦନକାରୀଙ୍କ ଆବେଦନ ପତ୍ର ସହ ସଂଲଗ୍ନ ସତ୍ୟପାଠ ଉପରେ ଭରସା କରିଥିଲେ ଏବଂ ଏହି ସ୍ୱେଚ୍ଛାକୃତ ପ୍ରକଟନକୁ ସଠିକ୍ ବୋଲି ଧରି ନିଆଯାଇଥିଲା ।

ଫେବୃଆରୀ-2013 ରେ ବିଭାଗ କହିଥିଲେ ଯେ ଏକ କମିଟି ଗଠନ କରାଯିବ ଏବଂ ଗୃହ ନିର୍ମାଣ ଯୋଜନା ନିୟମିତ କରାଯାଇଥିବା ମାମଲାରେ 10 ପ୍ରତିଶତ ଯାଞ୍ଚ୍ କରାଯିବ । ଗୃହ ନିର୍ମାଣ ଯୋଜନା ନିୟମିତ କରାଯିବା ପୂର୍ବରୁ ଯାଞ୍ଚ୍ କରାଯାଇ ନଥିବାରୁ ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ।

ଏହିପରି ନିୟନ୍ତ୍ରଣ ଅଭାବରୁ ଗୃହ ନିର୍ମାଣ ଯୋଜନାରେ ପଥଚ୍ୟୁତ/ ତ୍ରୁଟିବିଚ୍ୟୁତିକୁ ନିୟମିତ କରିବା ପାଇଁ ମିଥ୍ୟା ସତ୍ୟପାଠ ଦାଖଲର ସମ୍ଭାବନାକୁ ଏଡାଇଦିଆ ଯାଇ ନପାରେ ଏବଂ ଅନ୍ୟାନ୍ୟ ତୃଟିବିଚ୍ୟୁତିକୁ ଘୋଡାଇ ପକାଇବା ଉଦ୍ୟମର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଏହି ଯୋଜନା ଅଧିନରେ ଅଡିଟ୍ 624 ଟି ମାମଲା ଯାଞ୍ଚ୍ କରିଥିଲେ, (ବିଡିଏ-454, ସିଡିଏ-170) ଏବଂ ଅନିୟମିତତା ଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା :

- 2008-09 ମଧ୍ୟରେ ବିଡିଏ 7 ଟି କେବଳ ଆବେଦନକାରୀ ଓ ସ୍ଥପତିଙ୍କ ଦସ୍ତଖତ ଥିବା ଖାଲି ଆବେଦନପତ୍ରକୁ ପ୍ରାପ୍ତି ସ୍ୱୀକାର କରି ପରବର୍ତ୍ତୀ ସମୟରେ ପୂରଣ ହୋଇଥିବା ଆବେଦନପତ୍ରକୁ ନିୟମିତ ପ୍ରକ୍ରିୟା ସମୟରେ ଗ୍ରହଣ କରିଥିଲେ ଏବଂ ଏଥି ମଧ୍ୟରୁ 4 ଟି ନିର୍ମାଣ ମାମଲାକୁ ଫଇସଲା / ନିୟମିତ କରିଥିଲେ ମେ 2008 ଠାରୁ ଅଗଷ୍ଟ 2010 ମଧ୍ୟରେ ବିଡିଏ ଆଉ 7 ଟି ମାମଲାରେ ଖାଲିଥିବା ଢାଞ୍ଚା ସ୍ଥିରତା ପ୍ରମାଣପତ୍ର ରେ କେବଳ ସ୍ଥପତିଙ୍କର ସନ୍ତକ ଥିଲା ଏବଂ ଆଉ କେତେକ ଘଟଣାରେ ପୂରଣ ହୋଇଥିବା ଆବେଦନ ପତ୍ରରେ ସ୍ଥପତିଙ୍କ ଦସ୍ତଖତ / ସନ୍ତକ ନଥିଲା ଏବଂ ଏଗୁଡ଼ିକୁ ଅନୁମୋଦନ କରାଯାଇଥିଲା ।

  ଫେବୃଆରୀ 2013 ରେ ବିଭାଗ ମତ ଦେଇଥିଲେ ଯେ ଶେଷ ମୁହୂର୍ତ୍ତରେ ଆବେଦନ ପତ୍ର ବହୁ ସଂଖ୍ୟାରେ ହସ୍ତଗତ ହୋଇଥିବାରୁ ଆବେଦନପତ୍ରଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଯାଞ୍ଚ୍ କରାଯାଇପାରି ନଥିଲା । ଖାଲି ଥିବା ଫର୍ମର ଅନୁମୋଦନ ପ୍ରକ୍ରିୟା ଅଡିଟରେ ଗ୍ରହଣୀୟ ନଥିଲା ।

- 454 ଟି ନମୁନା ଯାଞ୍ଚ୍ କେସ୍ ମଧ୍ୟରୁ 89 ଟି କ୍ଷେତ୍ରରେ(20 ପ୍ରତିଶତ) 6 ମାସର ବିହିତ ସମୟ ସୀମା ମଧ୍ୟରେ ଅନୁମୋଦିତ ହୋଇଥିଲା । 287 ଟି ମାମଲାରେ ଫଇସଲା ସମୟ ଏକ ମାସରୁ 24 ମାସ ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା ଏବଂ ଜୁନ୍ 2012 ସୁଦ୍ଧା 78 ଟି କେସ୍ ଫଇସଲା ହୋଇ ନପାରି ପଡିରହିଛି । ବିଭାଗ ମତ ଦେଇଥିଲେ ଯେ (ଫେବୃଆରୀ 2013) ଅତିରିକ୍ତ ବୈଷୟିକ ମାନବ ସମ୍ବଳ ଅଭାବରୁ ଫଇସଲା ବିଳମ୍ବ ହୋଇଥିଲା ।

- ବିଡିଏ ଦ୍ୱାରା 4 ଟି କେସ୍‌ରେ ସର୍ବକ୍ଷମା ଯୋଜନା ବନ୍ଦ ହୋଇଯିବା ପରେ ମଧ୍ୟ ଅପ୍ରାଧିକୃତ / ବିଚ୍ୟୁତ ଗୃହ ନିର୍ମାଣ ଯୋଜନା ସମ୍ବନ୍ଧୀୟ ଆବେଦନ ପତ୍ର ଗ୍ରହଣ କରାଯାଇ ଅନୁମୋଦନ କରାଯାଇଥିଲା (ମେ-ସେପ୍ଟେମ୍ବର 2010) ।

- ଫେବୃଆରୀ 2008 ଠାରୁ ଡିସେମ୍ବର 2011 ମଧ୍ୟରେ ବିଡିଏ ଦ୍ୱାରା 7ଟି କ୍ଷେତ୍ରରେ ନିଜସ୍ୱ ଆକଳନ କମ୍ପାଉଣ୍ଡିଂ ଦେୟ ସଂଲଗ୍ନ ନଥାଇ ଆବେଦନ ପତ୍ର ଗ୍ରହଣ କରାଯାଇ ଅନୁମୋଦନ ପ୍ରଦାନ କରା ଯାଇଥିଲା ।

- ବିଡିଏ ଦ୍ୱାରା 9ଟି ଘଟଣାରେ ପ୍ରଥମ ଆବେଦନ ପତ୍ରରେ ଦର୍ଶାଯାଇଥିବା ଗୃହ ନିର୍ମାଣ ଯୋଜନାରେ ଥିବା ତୃଟିବିଚ୍ୟୁତିକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନକୁ ଅନୁମତି ଦିଆଯାଇଛି, ଏହିପରି ଆବେଦନ ପତ୍ର ଉପସ୍ଥାପନ ସମୟରେ ଥିବା ଗୃହ ନିର୍ମାଣ ଯୋଜନାରେ ପରିବର୍ତ୍ତନକୁ ସୁଯୋଗ ଦିଆଯାଇଛି ।

- 26 ଟି କେସ୍‌ରେ ଆବେଦନପତ୍ର ସହ ଆବଶ୍ୟକ କାଗଜପତ୍ର / ଅତିରିକ୍ତ କମ୍ପାଉଣ୍ଡିଂ ଦେୟ ସଂଲଗ୍ନ ନଥାଇ ବିଡିଏ ଦ୍ୱାରା ଅନୁମୋଦନ ଦିଆଯାଇଛି ।

- ଯଦିଓ ଆଗପଛ ତ୍ରୁଟି ବିଚ୍ୟୁତି ଏହି ଯୋଜନାରେ ନିଷିଦ୍ଧ ଥିଲେ ସୁଦ୍ଧା 454 ଟି ନମୁନା ଯାଞ୍ଚ ଘଟଣାରେ ବିଡିଏ ଦ୍ୱାରା 207 ଟି କେସ୍‌କୁ ଅନୁମୋଦନ ଦିଆଯାଇଛି ।.

- ଏହି ଯୋଜନାରେ ବ୍ୟବସାୟିକ / ମିଶ୍ରିତ ଦଖଲ ଥିଲେ କମ୍ ପାର୍କିଂ ସ୍ଥାନ ପାଇଁ ବର୍ଗଫୁଟ ପିଛା କମ୍ପାଉଣ୍ଡିଂ ଦେୟ 1000 ଟଙ୍କା ହୋଇଥିଲେ ସୁଦ୍ଧା ବିଡିଏ ଦ୍ୱାରା 3 ଟି ଘଟଣାରେ 1.04 କୋଟି ଟଙ୍କା ପାର୍କିଂ ଦେୟ ଆଦାୟ ନ କରି ମାମଲାକୁ ନିୟମିତ କରାଯାଇଥିଲା ।

  ଫେବୃଆରୀ 2013 ରେ ବିଭାଗ କହିଥିଲେ ଯେ ଗୋଟିଏ ଘଟଣାରେ ସୌଧଟି ବାସ ଗୃହ ରୂପେ ନିୟମିତ କରାଯିବା ପରେ ପାର୍କିଂ ଦେୟ ଦେବାର ଆବଶ୍ୟକତା ନାହିଁ, ଅନ୍ୟ 2ଟି କେସ୍‌ରେ ନିୟମିତକରଣକୁ ବିଖଣ୍ଡନ ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରୀ କରାଯାଇଛି । 4 ଟି ମହଲା ମଧ୍ୟରୁ 2ଟି ମହଲାରେ ମେଡିକେୟାର / ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବାରୁ ଏହା ଏକ ମିଶ୍ରିତ ଦଖଲ ସୌଧ ଭାବେ ବିବେଚିତ ହୋଉଥିବାରୁ ବିଭାଗର ମତକୁ ଗ୍ରହଣ କରାଯାଇ ପାରିବ ନାହିଁ ।

- 3122 ବର୍ଗ ଫୁଟ ବିଶିଷ୍ଟ ଏକ ପଥ ଚ୍ୟୁତ ଢାଞ୍ଚା ଯାହାକି ଏକ ସ୍ଟିଲଟ +5 ବହୁ ମହଲା ବିଶିଷ୍ଟ ସୌଧ[50] ଅଟେ । ଏହି ଯୋଜନା ଅଧିନରେ ବିଡିଏ ଏହାର 5ମ ମହଲାକୁ ବରଷାତୀ[51] ଭାବେ ବିଚାର କରିଛି । ଅଡିଟ୍ ଦେଖିଲେ ଯେ ପ୍ରକୃତରେ 5ମ ମହଲା (1681ବର୍ଗ ଫୁଟ) ଏବଂ 4ର୍ଥ ମହଲା (4116 ବର୍ଗ ଫୁଟ) ର କ୍ଷେତ୍ରଫଳର 41 ପ୍ରତିଶତ ହେଉଥିବାରୁ ଏହା ବରଷାତୀ ମହଲାର କ୍ଷେତ୍ରଫଳ 30 ପ୍ରତିଶତରେ ସୀମିତ ହୋଇଥିବାରୁ ଏହା ବରଷାତୀ ମହଲା ନୁହେଁ । ଏହାବାଦ୍ ନୀତି / ଯୋଜନାର ପ୍ରଦର୍ଶକ ପୁସ୍ତିକାରେ ମଧ୍ୟ ଏପରି ଛାଡ ଦେବା ପାଇଁ ବ୍ୟବସ୍ଥା ନାହିଁ । ଏହାବାଦ୍ ପିବି ଏସ୍ ଆର.2001 ର ପ୍ରକାଶନ ପରେ ଏହି ବହୁମହଲା ବିଶିଷ୍ଟ ସୌଧ ନିର୍ମିତ ହୋଇଥିବାରୁ ଏହାର ନିୟମିତିକରଣ ଅନିୟମିତ ଅଟେ ।

- ହୋଟେଲ ପାଲ୍ ରିଜେନ୍‌ସି ନାମକ ବହୁ ମହଲା ବିଶିଷ୍ଟ ହୋଟେଲ ସହ ବ୍ୟବସାୟିକ କମ୍ପ୍ଲେକ୍ସ ଯାହାର କି ପଥ ଚ୍ୟୁତ ନିର୍ମାଣ(4761 ବର୍ଗ ଫୁଟ) ଏବଂ ପାର୍କିଂ ପାଇଁ କମ୍ ସ୍ଥାନ(665 ବର୍ଗ ଫୁଟ) କୁ ମାର୍ଚ୍ଚ 2012 ରେ 11.41 ଲକ୍ଷ ଟଙ୍କା କମ୍ପାଉଣ୍ଡିଂ ଦେୟ ପଇଠ କରି ନିୟମିତ କରାଯାଇଥିଲା । ଏହା ଏକ ବହୁ ମହଲା ବିଶିଷ୍ଟ ସୌଧ ହୋଇଥିବାରୁ ଏବଂ 2008-09 ମଧ୍ୟରେ ଏବଂ ପିବିଏସଆର-2001 ପ୍ରକାଶନ ପରେ ନିର୍ମିତ ହୋଇଥିବାରୁ, ଏହା ଯୋଜନାର ପରିସର ମଧ୍ୟରେ ଆସୁ ନଥିବାରୁ ଏହାକୁ ନିୟମିତ କରାଯିବା ଉଚିତ୍ ନଥିଲା । ଗୋଟିଏ ଗୃହ ନିର୍ମାଣ ଯୋଜନାରେ(B+G+5) ଜାନୁଆରୀ 2008 ରେ ବିଡିଏ ଦ୍ୱାରା ଅନୁମୋଦନ ଦିଆଗଲା ଏବଂ ଏହା ମଧ୍ୟ ନିର୍ଦ୍ଧାରଣ କରାଗଲା ଯେ ଗାଡି ରଖିବା ଜାଗା ପାଇଁ ପୂର୍ବରୁ ବିଦ୍ୟମାନ G+1 ସୌଧକୁ ଭାଙ୍ଗି ସାରିଲା ପରେ ଚତୁର୍ଥ ଏବଂ ପଞ୍ଚମ ମହଲା ଗୃହ ନିର୍ମାଣ ଆରମ୍ଭ କରିବେ । ମାତ୍ର ଘର ମାଲିକ G+1 ଗୃହକୁ ନ ଭାଙ୍ଗି ଚତୁର୍ଥ ଓ ପଞ୍ଚମ ମହଲା (18062 ବର୍ଗ ଫୁଟ) ନିର୍ମାଣ କଲେ ଏବଂ ନିୟମିତକରଣ ପାଇଁ ଆବେଦନ କଲେ(ଜୁନ୍ -2009) ଯାହାକି ବିଡିଏ ଦ୍ୱାରା ଏହି ଅପ୍ରାଧିକୃତ ସୌଧ ନିର୍ମାଣକୁ ଯୋଜନା ଅଧିନରେ ନିୟମିତ କରାଗଲା ।

ଫେବୃଆରୀ 2013 ରେ ବିଭାଗ ଉତ୍ତର ଦେଇଥିଲେ ଯେ ଯୋଜନା ଅନୁମୋଦନରେ ଉଲ୍ଲଂଘନ ଦ୍ୱାରା ସଂପୂର୍ଣ୍ଣ ସୌଧକୁ ଅପ୍ରାଧିକୃତ ନିର୍ମାଣ ବୋଲି ଘୋଷଣା କରିବା ଓଡିଏ ଅଧିନିୟମ / ନିୟମ କିମ୍ବା ଯୋଜନାରେ କେଉଁଠି ମଧ୍ୟ ସେପରି ବ୍ୟବସ୍ଥା ନାହିଁ । ଯୋଜନା ଅନ୍ତର୍ଗତ କ୍ଲଜ୍-2(ii) ଏହା ବ୍ୟାଖ୍ୟା କରେ ଯେ ଅନୁମୋଦିତ ଯୋଜନା

---

50 ଆରକକ୍ସ ରିଅଲକନ୍ ପ୍ରାଇଭେଟ୍ ଲିଃ, ପ୍ଲଟ୍ ନମ୍ବର-N4/42, ଜୟଦେବ ବିହାର ।

51 କୋଠରୀ, ସର୍ବୋଚ୍ଚ ମହଲାରେ ଟଏଲଟ୍ ଏବଂ ରୋଷେଇଘର ସଂଲଗ୍ନ ହୋଇ ନିର୍ମିତ ପ୍ରକୋଷ୍ଠଟି ଯାହାକି 30 ପ୍ରତିଶତ ଏରିଆ ଠାରୁ କମ୍ ଅଟେ ।

ଉଲଂଘନରେ କିମ୍ବା ବିଡିଏ କର୍ତ୍ତୃପକ୍ଷଙ୍କ ବିନା ଯୋଜନା ଅନୁମୋଦନରେ ଗୃହ ନିର୍ମାଣ କଲେ ତାହା ଅପ୍ରାଧିକୃତ ନିର୍ମାଣ ବୋଲି ବିଚାର କରାଯିବ । ତେଣୁ ବିଭାଗର ଏହି ଉତ୍ତର ଗ୍ରହଣୀୟ ନୁହେଁ ।

### *2.2.9.10 ଗୃହ ନିର୍ମାଣ ଅନୁମୋଦନ ବିଧିମାନ୍ୟତା ଅବଧିର କାଳିକ ସମୀକ୍ଷାର ଅଭାବ*

ଓଡିଏ ଅଧିନିୟମ ଅନ୍ତର୍ଗତ ଉପବିଭାଗ-20 ଏବଂ ପି ବି ଏସ ଆର ଅନ୍ତର୍ଗତ ନିୟମ -11 ଅନୁଯାୟୀ ବିଡିଏ ଦ୍ୱାରା ଅନୁମୋଦିତ ଗୃହ ନିର୍ମାଣ ଯୋଜନାର ଅବଧି 3 ବର୍ଷ ପର୍ଯ୍ୟନ୍ତ ବୈଧ ରହିବ, ଅବଧି ପୂର୍ଣ୍ଣ ହେବା ପୂର୍ବରୁ ଗୃହନିର୍ମାଣ ସମାପ୍ତ ନ ହେଲେ ଏହାର ବୈଧତାକୁ ଆଉ ଏକ ବର୍ଷ ପର୍ଯ୍ୟନ୍ତ ପୁନଃ ବିଧି ମାନ୍ୟତା କରଣ କରାଯାଇପାରିବ ।

ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ କରାଯାଇଥିବା 433ଟି ଗୃହ ନିର୍ମାଣ ଯୋଜନା ଅନୁମୋଦନ ନଥି ମଧ୍ୟରୁ 208 ଟି ମାମଲାରେ ବିଧି ମାନ୍ୟତା ଅନୁମତିର ଅବଧି 2009-10 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ସଂପୃକ୍ତ କୋଠାଘରର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ ପ୍ରମାଣପତ୍ର ଗୁଡ଼ିକ ସ୍ଥପତି / ମାଲିକମାନଙ୍କଦ୍ୱାରା ଉପସ୍ଥାପନ କରାଯାଇ ନଥିଲା । ଏକ ବିଧି ମାନ୍ୟ ଗୃହ ନିର୍ମାଣ ଯୋଜନା / ଗୃହନିର୍ମାଣ ସଂପୂର୍ଣ୍ଣ କରଣ ପ୍ରମାଣପତ୍ର ନଥିଲେ ମାଲିକମାନେ ଗୃହନିର୍ମାଣ ଯୋଜନାର ପୁନଃ ବିଧିମାନ୍ୟ କରଣ କରାଇନେବା ଆବଶ୍ୟକ । ଏହି ନିର୍ମାଣ ଯୋଜନାର ବିଧି ମାନ୍ୟତାର ଅବଧି ଅତିକ୍ରାନ୍ତ ହୋଇଛିକି ନାହିଁ ଅନୁମୋଦିତ ଯୋଜନା ଅନୁସାରେ ନିର୍ମାଣ କରାଯାଇଛି କି ନାହିଁ – ବିଡିଏ କର୍ତ୍ତୃପକ୍ଷ ସମୀକ୍ଷା କରିନାହାଁନ୍ତି । ବିଡିଏ କର୍ତ୍ତୃପକ୍ଷଙ୍କ ଏହି ନିଷ୍କ୍ରିୟତା ଫଳରେ ବିଚ୍ୟୁତି ନିର୍ମାଣର ମାତ୍ରା, ବିଧିମାନ୍ୟ ଅନୁମୋଦନ ବିନା ନିର୍ମାଣ ସଂକ୍ରାନ୍ତୀୟ ତଥ୍ୟ ବିଡିଏ ନିକଟରେ ଲଭ୍ୟ ନଥିଲା କିମ୍ବା ଅଡିଟ୍ ଦ୍ୱାରା ସୁନିଶ୍ଚିତ କରାଯାଇ ପାରିଲା ନାହିଁ ।

ବିଭାଗ ମତ ଦେଇଥିଲେ(ଫେବୃଆରୀ 2013)ଓଡିଏ ଅଧିନିୟମ 1982 ରେ ଅନୁମୋଦିତ ଯୋଜନାର ବାଧ୍ୟତାମୂଳକ ପୁନଃ ବିଧିମାନ୍ୟକରଣ ବ୍ୟବସ୍ଥା ନାହିଁ ଏବଂ ଏହା ଆବେଦନକାରୀଙ୍କ ପସନ୍ଦ ଉପରେ ନିର୍ଭର କରେ । ଏକ ବିଧିମାନ୍ୟ ଗୃହ ନିର୍ମାଣ ଯୋଜନା ଅନୁମୋଦନ ନ ଥିବାରୁ ଏହି ଉତ୍ତରଟି ଗ୍ରହଣ ଯୋଗ୍ୟ ନୁହେଁ, ପିବିଏସଆର 2008 ଅନ୍ତର୍ଗତ ନିୟନ୍ତ୍ରଣ 12 ଅନୁସାରେ ଯୋଜନା ପୁନଃ ବିଧିମାନ୍ୟ କରଣ ନହେଲା ପର୍ଯ୍ୟନ୍ତ ଅଧିକ ନିର୍ମାଣକୁ ଅନୁମତି ନ ଦେବା ପାଇଁ ଉନ୍ନୟନ କର୍ତ୍ତୃପକ୍ଷ ମାନେ କ୍ଷମତାପନ୍ନ ଅଟନ୍ତି ।

### *2.2.9.11 ପ୍ରତିଭୂତି ଜମା ପରିଚାଳନା*

ପି.ବି.ଏସ୍.ଆର- 2008 ଅନ୍ତର୍ଗତ ନିୟମ -7 ଏହା ନିର୍ଦ୍ଧାରଣ କରେ ଯେ ଗ୍ରୁପ୍ ହାଉସିଂ / ଆପାର୍ଟମେଣ୍ଟ / ବ୍ୟବସାୟିକ ବିଲଡିଂ ନିର୍ମାଣ କରିବାକୁ ଅଙ୍ଗୀକାର କରିଥିବା ନିର୍ମାଣକାରୀ ମାନେ ଚଟାଣ ଏରିଆର ବର୍ଗ ମିଟରକୁ 100 ଟଙ୍କା ହିସାବରେ ବିଡିଏ କର୍ତ୍ତୃପକ୍ଷଙ୍କର ନିକଟରେ ପ୍ରତିଭୁତି ଜମା ରଖିବେ । ଯଦି ନିର୍ମାଣ / ବିକାଶ ଅନୁମୋଦିତ ଯୋଜନା ଅନୁସାରେ ନ ହୁଏ ତେବେ ଏହି ଜମା ବାଜ୍ୟାପ୍ତ ହୋଇଯିବ ।

ଅଡିଟ୍ ଦେଖିଲେ ଯେ ବ୍ୟାଙ୍କ୍ ଗ୍ୟାରେଣ୍ଟି ଭାବରେ ପ୍ରତିଭୂତି ଜମା ଗ୍ରହଣ କରୁଥିଲେ ସୁଦ୍ଧା ରେଜିଷ୍ଟର ନ ଖୋଲିବା କାରଣରୁ ତାହାର ବିଧିମାନ୍ୟ ଅବଧିକୁ ନଜର ରଖାଯାଇ ପାରିଲା ନାହିଁ । ଅଡିଟ୍ ଦ୍ୱାରା ଏହା ଦର୍ଶାଯିବା ପରେ 251 ଟି ଆପାର୍ଟମେଣ୍ଟ / ଅତି ଉଚ୍ଚ ଅଟ୍ଟାଳିକା ଯୋଜନା ନଥିରୁ ତଥ୍ୟ ଏକତ୍ର କରାଯାଇ ଏକ ରେଜିଷ୍ଟର ଖୋଲାଗଲା । ଯଦିଓ ପ୍ଲାନିଂ ଉପ ବିଭାଗ ନିର୍ମାଣକାରୀମାନଙ୍କୁ ନୂତନ ବ୍ୟାଙ୍କ୍ ଗ୍ୟାରେଣ୍ଟି କିମ୍ବା ଅବଧି ଅତିକ୍ରାନ୍ତ ହୋଇଥିବା ବ୍ୟାଙ୍କ୍ ଗ୍ୟାରେଣ୍ଟିର ପୁନଃ ବିଧିମାନ୍ୟକରଣ କରିବାକୁ ନିର୍ଦ୍ଦେଶ ଦେଇଥିବା ପରିପ୍ରେକ୍ଷୀରେ 3 ଜଣ ନିର୍ମାଣକାରୀ 7.46 ଲକ୍ଷ ଟଙ୍କାର ବିଧିର ପୁନଃ ବିଧିମାନ୍ୟକରଣ କରିଥିଲା ବେଳେ 30 ଜଣ ନିର୍ମାଣକାରୀ 98.76 ଲକ୍ଷ ଟଙ୍କା ବ୍ୟାଙ୍କ୍ ଗ୍ୟାରେଣ୍ଟିର ପୁନଃ ବିଧିମାନ୍ୟ କରଣ କରି ନଥିଲେ(ଜୁନ୍ 2012) ।

ଅଡିଟ୍ ପୁଣି ଦେଖିଥିଲେ ବେସମେ/ ଷ୍ଟିଲଟ୍ ଫ୍ଲୋର ଏରିଆକୁ ମୋଟ ଫ୍ଲୋର ଏରିଆରୁ ବାଦ୍ ଦେଇଥିବାରୁ 60 ଟି ମାମଲାରେ (***ପରିଶିଷ୍ଟ-2.2.2 ଦ୍ରଷ୍ଟବ୍ୟ***) 2.54 କୋଟି ଟଙ୍କାର ପ୍ରତିଭୂତି ଜମା କମ୍ ହୋଇଥିଲା, ଯଦିଓ ନିୟନ୍ତ୍ରଣ ଅଧିନରେ ଏପରି ଛାଡ ଦେବାର ବ୍ୟବସ୍ଥା ନାହିଁ ।

ଏହିପରି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ସଂକ୍ରିୟା ଅଭାବରୁ ଅନୁମୋଦିତ ଗୃହ ନିର୍ମାଣ ଯୋଜନା ଅନୁପାଳନକୁ ସୁନିଶ୍ଚିତ କରା ନଯିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରି ନଥିଲା । ଫଳତଃ ପଥଚ୍ୟୁତ/ ଅପ୍ରାଧିକୃତ ନିର୍ମାଣ ଯେଉଁଗୁଡ଼ିକୁ ବିଡିଏ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧରାଯାଇଥିଲେ ସୁଦ୍ଧା ପ୍ରତିଭୂତି ଜମାକୁ ବାଜ୍ୟାପ୍ତି କରିବା ଅବସ୍ଥାରେ ଏହି ସଂସ୍ଥା ନଥିଲା । ପ୍ରତିଭୂତି ଜମା ଥିଲେ ନିର୍ମାଣକାରୀମାନଙ୍କୁ ବିଚ୍ୟୁତି ଗୃହ ନିର୍ମାଣ ବିରୁଦ୍ଧରେ ଡରାଇ ନିବୃତ୍ତ କରିପାରିଥାନ୍ତା ।

ବିଭାଗ ଏହି କଥାକୁ ସ୍ୱୀକାର କରି (ଫେବୃଆରୀ 2013) କହିଥିଲେ ଯେ ବିଡିଏ ବ୍ୟାଙ୍କ୍ ଗ୍ୟାରେଣ୍ଟିକୁ ପର୍ଯ୍ୟାଲୋଚନା ପାଇଁ ଏକ କମ୍ପ୍ୟୁଟର ଭିତ୍ତିକ ପଦ୍ଧତି ବିକାଶ କରୁଛି ।

### ***2.2.9.12 ନିର୍ମାଣରେ ବିଚ୍ୟୁତିକୁ ଧରିବାକୁ ନିରୀକ୍ଷଣ***

ପିବିଏସଆର ନିୟମକୁ ଅନୁପାଳନ କରିବାକୁ ଅନୁମୋଦିତ ହୋଇଥିବା ଯୋଜନା ଅନୁଯାୟୀ ଗୃହ ନିର୍ମାଣକୁ ନିରୀକ୍ଷଣ କରିବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷେ ଶିରୋଧାର୍ଯ୍ୟ ଅଟେ । ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଞ୍ଚାଳନ କରାଯାଇଥିବା ନିରୀକ୍ଷଣ ନିମ୍ନଲିଖିତ ଭାବରେ ପ୍ରକଟ କରେ ।

- ଅନୁମୋଦିତ ଯୋଜନା ଅନୁଯାୟୀ ଗୃହ ନିର୍ମାଣକୁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିରୀକ୍ଷଣ କରିବା ପାଇଁ ପିବିଏସଆର ଅନ୍ତର୍ଗତ ନିୟମ 14 ବିଡିଏ ପାଇଁ ଏବଂ ପିବିଏସଆର ଅନ୍ତର୍ଗତ ନିୟମ 22 ସିଡିଏ ପାଇଁ ନିର୍ଦ୍ଦେଶ ଦିଏ । ମାତ୍ର ନିୟନ୍ତ୍ରଣ/ ନିର୍ଦ୍ଦେଶ ନିର୍ଦ୍ଦିଷ୍ଟ ଭାବେ ବିହିତ କରାଯାଇଥିଲେ ସୁଦ୍ଧା ଅଡିଟ୍ ଦେଖିଲେ ଯେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହିପରି ବିନିର୍ଦ୍ଦିଷ୍ଟ କାଳିକ ନିରୀକ୍ଷଣ ସଂଚାଳନ କରାଯାଇ ନାହିଁ । ଫଳତଃ ପର୍ଯ୍ୟାପ୍ତ ସଂଖ୍ୟାରେ ସମୟୋଚିତ ନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇ ପାରିନାହିଁ । ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକରେ ମାନବ ସମ୍ବଳ ଅଭାବ ଏହି ପରିସ୍ଥିତିକୁ ଗୁରୁତର କରି ଦେଇଛି । ପୁନଶ୍ଚ ଅନୁମୋଦିତ ଯୋଜନା ସଂଖ୍ୟା ତୁଳନାରେ ନିରୀକ୍ଷଣ ହୋଇନ ପାରିବାରୁ ଆନୁପାତିକ ହାରରେ ଗୃହ ନିର୍ମାଣ ବିଚ୍ୟୁତିକୁ ଧରାଯାଇ ପାରୁନାହିଁ । ପର୍ଯ୍ୟାପ୍ତ ଏବଂ ସମୟୋଚିତ ନିରୀକ୍ଷଣ ଅଭାବରୁ 2 ଟି ନଗରୀରେ ବିଚ୍ୟୁତି ଗୃହ ନିର୍ମାଣ ଅନୁପଶମିତ ହୋଇ ଚାଲିଛି, ଯାହାକି ପାରା 2.2.10.1 ଏବଂ 2.2.10.2 ରେ ବିଶଦ ଭାବେ ବର୍ଣ୍ଣିତ । ପୁନଶ୍ଚ ପ୍ରାଧିକୃତ ଓ ବିଚ୍ୟୁତି ଗୃହନିର୍ମାଣକୁ ନିର୍ମାଣ ସମୟରେ ଧରାଯିବାଠାରୁ ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ପାଇଁ ସଂପୃକ୍ତ ନିର୍ମାଣକୁ ଭାଙ୍ଗି ଦିଆଯିବା ଦରକାର, ଫଳରେ ସେହି ସ୍ତର ପର୍ଯ୍ୟନ୍ତ ଗୃହ ନିର୍ମାଣର ଅନୁମୋଦନ ସଂକ୍ରିୟା ପାଇଁଥିବା ନିୟନ୍ତ୍ରଣ ଅଦକ୍ଷ ଓ ଅପ୍ରଭାବୀ ଥିଲା ।
- ଗୃହ ନିର୍ମାଣ ସଂପୂର୍ଣ୍ଣ ହେବା ପରେ ବିକାଶକ/ ନିର୍ମାଣକାରୀମାନେ ଗୃହ ନିର୍ମାଣ ସଂପୂର୍ଣ୍ଣକରଣ ପ୍ରମାଣପତ୍ର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବା ଆବଶ୍ୟକ । ପିବିଏସଆର ଅନ୍ତର୍ଗତ ନିୟମ 15 ଅନୁଯାୟୀ ବିଡିଏ କର୍ତ୍ତୃପକ୍ଷ ଓ ପିବିଏସଆର ଅନ୍ତର୍ଗତ ନିୟମ 22 ଅନୁଯାୟୀ ସିଡିଏ କର୍ତ୍ତୃପକ୍ଷ ବିଭାଗ ଦଖଲ ପ୍ରମାଣପତ୍ର ପ୍ରଦାନ ପୂର୍ବରୁ କର୍ମକର୍ତ୍ତାଙ୍କ ସହ ନିର୍ମାଣସ୍ଥଳୀ ପରିଦର୍ଶନ କରି ସେଠାରେ ସବୁ ସାର୍ବଜନୀନ ସୁବିଧା / ସୁଯୋଗ ଥିବା ଏବଂ ଗୃହ ନିର୍ମାଣ ଅନୁମୋଦନ ଅନୁଯାୟୀ ନିର୍ମାଣ କାର୍ଯ୍ୟ ହୋଇଛି ବୋଲି ସୁନିଶ୍ଚିତ କରିବେ । ମାତ୍ର ଅଡିଟ୍ ଦେଖିଲେ ଯେ ବହୁ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଭୋଗଦଖଲ ପ୍ରମାଣପତ୍ର ବିନା ଗୃହ ଦଖଲକୁ ନିଆଯାଇଛି ଯାହାକି ପାରା 2.2.10.3ରେ ବର୍ଣ୍ଣିତ ।
- ପିବିଏସଆର ଅନ୍ତର୍ଗତ ନିୟମ 16 ଅନୁସାରେ ଗୃହ ନିର୍ମାଣ ସମାପ୍ତର 3 ରୁ 5 ବର୍ଷ ସମୟ ସୀମା ମଧ୍ୟରେ ବିଡିଏ ଦ୍ୱାରା ବିବିଧ ବିଭାଗରୁ ବୈଷୟିକ କର୍ମକର୍ତ୍ତାକୁ ନେଇ ପ୍ରାକୃତିକ ଆଲୋକ ଏବଂ ବାୟୁ ଚଳାଚଳ, ଢାଞ୍ଚାଗତ ଏବଂ ବୈଦ୍ୟୁତିକ ନିରାପତ୍ତା ଇତ୍ୟାଦିର ନୀତିଗତ ଅନୁପାଳନ ପାଇଁ ଏକ କାଳିକ

ନିରୀକ୍ଷଣ ପାଇଁ ନିର୍ଦ୍ଦେଶ ଦିଏ । ନିରୀକ୍ଷଣ ସମୟରେ ଉକ୍ତ ଅନୁପାଳନର ଉଲ୍ଲଂଘନ ଦୃଷ୍ଟି ଗୋଚର ହେଲେ 6 ମାସରେ ଦଖଲକାରୀଙ୍କ ଦ୍ୱାରା ତାହାର ନିରାକରଣ କରା ନଗଲେ ସେହି ଗୃହ ଗୁଡ଼ିକୁ ବିପଦପୂର୍ଣ୍ଣ ଭାବେ କର୍ତ୍ତୃପକ୍ଷ ଘୋଷଣା କରିବେ । ମାତ୍ର ବିଡିଏ ଦ୍ୱାରା ସେଭଳି ବହୁ ଶୃଙ୍ଖଳା ପ୍ରବର୍ତ୍ତନ ସମ୍ବନ୍ଧୀୟ ଦଳ ଗଠନ କରାଯାଇ ନଥିଲା । ସିଡିଏ ପିବିଏସଆର କ୍ଷେତ୍ରରେ ସଂପୂର୍ଣ୍ଣ ହୋଇଥିବା ଗୃହ ନିର୍ମାଣ ପାଇଁ ବହୁ ଶୃଙ୍ଖଳା ପ୍ରବର୍ତ୍ତନ ସମ୍ବନ୍ଧୀୟ ଦଳ ଗଠନର ବ୍ୟବସ୍ଥା ନାହିଁ । ଅଡିଟ୍ ମଧ୍ୟ ଦେଖିଥିଲେ ଯେ ଅତି ଉଚ୍ଚ ଅଟ୍ଟାଳିକାର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ  ଉନ୍ନୟନ କର୍ତ୍ତୃପକ୍ଷମାନେ ସରଜମିନ ତଦନ୍ତ କରିନାହାଁନ୍ତି ।

## 2.2.10 ବଳବତ୍ତକରଣ ସଂକ୍ରିୟା

ଓଡିଏ ଅଧିନିୟମ 1982 ଅନ୍ତର୍ଗତ ଉପବିଭାଗ 91 ଏବଂ 92 ଏହା ନିର୍ଦ୍ଧାରଣ କରେ ଯେ କୌଣସି ସ୍ଥାନରେ ବିକାଶମୂଳକ କାର୍ଯ୍ୟରେ ଯୋଜନାର ଉଲ୍ଲଂଘନ କିମ୍ବା ଅନୁମୋଦନ ବିନା କିମ୍ବା କୌଣସି ନିୟମର ଉଲ୍ଲଂଘନରେ କାର୍ଯ୍ୟାରମ୍ଭ ହୋଇଥାଏ, କର୍ତ୍ତୃପକ୍ଷଙ୍କ କ୍ଷମତାପନ୍ନ ଅଧିକାରୀ ମୋକଦ୍ଦମା ରୁଜୁ କରିବା ସହିତ ସଂପୃକ୍ତ ଉନ୍ନୟନ କାର୍ଯ୍ୟକୁ ବନ୍ଦ/ଉଚ୍ଛେଦ କରିବା ପାଇଁ ଆଦେଶ ଦେଇପାରିବେ । ତଦନୁସାରେ ବିଡିଏ କର୍ତ୍ତୃପକ୍ଷ ଓଡିଏ ଅଧିନିୟମ ଅନ୍ତର୍ଗତ ଉପବିଭାଗ 91 ଏବଂ 92 ଅଧିନରେ ଥିବା କ୍ଷମତାକୁ ଜଣେ ବିଶେଷ କର୍ତ୍ତବ୍ୟରତ ଅଧିକାରୀଙ୍କ ଉପରେ କ୍ଷମତା ନ୍ୟସ୍ତ କରିଥିଲେ ଯେକି ଅପ୍ରାଧିକୃତ ନିର୍ମାଣକୁ ବନ୍ଦ କିମ୍ବା ଉଚ୍ଛେଦ କରିବା ପାଇଁ ଆଦେଶ ଦେଇପାରିବେ ।

ଉଭୟ ଉନ୍ନୟନ କର୍ତ୍ତୃପକ୍ଷରେ ଗୋଟିଏ ଲେଖାଏ ବଳବତ୍‌କରଣ ଅଙ୍ଗ(1983) ଓଡିଏ ଅଧିନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ମାନବଚାଳିତ ଅଧିକାରୀମାନଙ୍କୁ ବଳବତ୍‌କରଣ କ୍ଷମତା ନ୍ୟସ୍ତ କରାଗଲା । ଭୁବନେଶ୍ୱର ଏବଂ କଟକ ମାଷ୍ଟରପ୍ଲାନ୍ ଏରିଆ ମଧ୍ୟରେ ଅପ୍ରାଧିକୃତ ନିର୍ମାଣକୁ ଚିହ୍ନଟ କରି ଅପ୍ରାଧିକୃତ କାର୍ଯ୍ୟପନ୍ଥା ମାମଲା ରୁଜୁ କରିବେ ଏବଂ ବିଶେଷ କର୍ତ୍ତବ୍ୟରତ ଅଧିକାରୀଙ୍କ କୋର୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଭୂମିସାତ୍ କରିବା ଆଦେଶକୁ କାର୍ଯ୍ୟକାରୀ କରିବେ । ଏହାବାଦ୍, ପର୍ଯ୍ୟବେକ୍ଷକ କ୍ଷେତ୍ର ନିରୀକ୍ଷକ, ଅମିନ ଓ ଚେନ୍ ମ୍ୟାନ୍ ପ୍ରଭୃତି ଏହି ଅଙ୍ଗରେ କ୍ଷେତ୍ର କର୍ମଚାରୀ ଭାବେ କାମ କରିବେ । ଅମିନମାନେ ପର୍ଯ୍ୟବେକ୍ଷକ ଓ କ୍ଷେତ୍ର ନିରୀକ୍ଷକଙ୍କ ପର୍ଯ୍ୟବେକ୍ଷଣରେ ନିଜ ନିଜ ଇଲାକା ମଧ୍ୟରେ ଥିବା ଅପ୍ରାଧିକୃତ / ବିଚ୍ୟୁତ ନିର୍ମାଣ ଉପରେ ନଜର ରଖିବେ । ଅଡିଟ୍ ନିମ୍ନଲିଖିତ ନ୍ୟୁନତା ଗୁଡ଼ିକ ଦେଖିଥିଲେ ।

### *2.2.10.1 ଯୋଜନା ଓ ବଳବତକରଣ ଅଂଗ ମଧ୍ୟରେ ସମନ୍ୱୟର ଅଭାବ*

ଗୃହ ନିର୍ମାଣ ଯୋଜନା ଅନୁମୋଦନର କପିଗୁଡ଼ିକ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା ବଳବତ୍‌କରଣ ବିଭାଗକୁ ପ୍ରଦାନ କରାଯାଇନାହିଁ , ଫଳରେ  ବଳବତ୍‌କରଣ ବିଭାଗ  ନିରୀକ୍ଷଣ ହେବାକୁ ଗୃହର ସମ୍ଭାବ୍ୟ ବିଚ୍ୟୁତି ଏବଂ ଅପ୍ରାଧିକୃତ ନିର୍ମାଣକୁ  ଚିହ୍ନଟ କରିବାକୁ ସମର୍ଥ ହୋଇପାରୁ ନାହିଁ ।

ମିଳିତ ନିରୀକ୍ଷଣରୁ ଏହା ଜଣାଗଲା ଯେ 14 ଟି ଘଟଣା  (ବିଡିଏ-୪, ସିଡିଏ-6 )ରେ ଅନୁମୋଦିତ  ଯୋଜନାରୁ ବିଚ୍ୟୁତି ହୋଇ ଗୃହନିର୍ମାଣ କରାଯାଇଛି । ବିଡିଏ ନିୟନ୍ତ୍ରଣ 58(4 C) ଅନୁଯାୟୀ ଜାତୀୟ ରାଜପଥ ସଂଲଗ୍ନରେ  ଗୃହନିର୍ମାଣ ନିଷିଦ୍ଧ ଥିଲେ ସୁଦ୍ଧା ଦୁଇଟି ବହୁ ମହଲା ଅଟ୍ଟାଳିକା ନିର୍ମାଣ କରାଯାଇଛି ।  ବିଡିଇ ଏରିଆ ମଧ୍ୟରେ ତିନୋଟି[52] ସରକାରୀ ସୌଧ ସହିତ  ମୋଟ 15 ଟି ଅଟ୍ଟାଳିକା  ଗୃହନିର୍ମାଣ ଯୋଜନା  ଅନୁମୋଦନ ବିନା ନିର୍ମାଣ କରାଯାଇଛି । ଏହିପରି  ପ୍ରଚଳିତ ବଳବତ୍‌କରଣ ସଂକ୍ରିୟା ଅପ୍ରାଧିକୃତ / ବିଚ୍ୟୁତି  ଗୃହନିର୍ମାଣକାରୀଙ୍କୁ ଡରାଇ ନିବୃତ୍ତ କରାଇବା କ୍ଷେତ୍ରରେ କୌଣସି ପ୍ରଭାବ ପକାଇ ପାରି ନଥିଲା ।

---

[52] (1) ନିର୍ମାଣ ସୌଧ ସହ ସଂଲଗ୍ନ କୋଠାଘର ନିର୍ମାଣ (2) ଇଡ୍‌କୋ ଅଧିନରେ ଥିବା ଫର୍ଚୁନ୍ ଟାୱାର ଏବଂ (3) ପୋଲିସ୍ କମିଶନରେଟ୍ ବିଲ୍ଡିଂ



ବିନା ଅନୁମୋଦିତ ଯୋଜନାରେ ଘାଟିକିଆରେ ଗୋଟିଏ S+6 କୋଠାଘର ନିର୍ମାଣ, S + 4 କୋଠାଘର




ବିନା ଅନୁମୋଦିତ ଯୋଜନାରେ ଭୁବନେଶ୍ୱରଠାରେ ପୋଲିସ୍ କମିଶନର ଅଫିସ ନିର୍ମାଣ

ବିଭାଗ କହିଥିଲେ ଯେ (ଫେବୃୟାରୀ 2013 ) ଯୋଜନା ବିଭାଗ ଅନୁମୋଦନ କପି / ଅଗ୍ରାହ୍ୟ ହୋଇଥିବା ଗୃହନିର୍ମାଣ ଯୋଜନାର କପି ଗୁଡ଼ିକ ମେ – 2012 ଠାରୁ ଯୋଗାଇ ଦିଆଯାଇଛି । ଏକ ଅପ୍ରାଧିକୃତ ଗୃହନିର୍ମାଣକୁ ଚିହ୍ନଟ / ଯାଞ୍ଚ କରିବା ପାଇଁ କ୍ଷେତ୍ର ଅଧିକାରୀମାନଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ।

### 2.2.10.2 ବିଚାରାର୍ଥ ପ୍ରେରଣ କେସ୍‌ଗୁଡ଼ିକର ଅପ୍ରର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ

ଅଡିଟ ଦେଖିଥିଲେ ଯେ 2007-12 ମଧ୍ୟରେ 2944 ଟି ମାମଲାରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଭିତ୍ତିରେ ବିଡିଏର ବଳବତ୍‌କରଣ ବିଭାଗକୁ ଅନୁସନ୍ଧାନ ପାଇଁ ପ୍ରେରଣ କରାଯାଇଥିଲେ ସୁଦ୍ଧା କ୍ଷେତ୍ରକର୍ମଚାରୀମାନଙ୍କ ଦ୍ୱାରା (ଅମିନ) 527 କ୍ଷେତ୍ରରେ (18 ପ୍ରତିଶତ ) ଉପସ୍ଥାପନ କରାଯାଇ ନଥିଲା । 527ଟି ମାମଲା ମଧ୍ୟରୁ 436 କ୍ଷେତ୍ରରେ(83 ପ୍ରତିଶତ) ଅଭିଯୋଗ ପାଇବାର ଅବଧି 4 ବର୍ଷ ଅତିକ୍ରାନ୍ତ ହୋଇଥିଲା, ଯାହାକି ନିମ୍ନ ସାରଣୀରେ ଦର୍ଶାଗଲା ।

***ସାରଣୀ 2.2.2: ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ ଅଭିଯୋଗର ସବିଶେଷ ବିବରଣୀ***

| ବର୍ଷ | ଅନୁସନ୍ଧାନ କରାଯାଇଥିବା ମାମଲାର ସଂଖ୍ୟା | ରିପୋର୍ଟ ଉପସ୍ଥାପନ କରାଯାଇଥିବା ମାମଲାର ସଂଖ୍ୟା | ଅନୁସନ୍ଧାନ କରାଯାଇଥିବା କ୍ଷେତ୍ରରେ ରିପୋର୍ଟ ଉପସ୍ଥାପନ କରା ନ ଯାଇଥିବା ମାମଲାର ସଂଖ୍ୟା |
|---|---|---|---|
| 2007-08 | 308 | 231 | 77 |
| 2008-09 | 797 | 648 | 149 |
| 2009-10 | 652 | 573 | 79 |
| 2010-11 | 646 | 515 | 131 |
| 2011-12 | 541 | 450 | 91 |
| **ମୋଟ** | **2944** | **2417** | **527** |

(ଉତ୍ସ- ବିଡିଏ ଦ୍ୱାରା ଦିଆଯାଇଥିବା ତଥ୍ୟାବଳୀ)

ଅନୁସନ୍ଧାନ ରିପୋର୍ଟ କୌଣସି କାର୍ଯ୍ୟାନୁଷ୍ଠାନ ସୁପାରିଶ କରି ନଥିଲେ କିମ୍ବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଯେପରି ଧୂଳିସାତ ପ୍ରଭୃତି ରିପୋର୍ଟ ପାଇଥିବା 2417 ଟି କ୍ଷେତ୍ରରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିବା କଥା ଅଡିଟ୍ ଦେଖିଥିଲେ । ମାତ୍ର 527ଟି ରିପୋର୍ଟ ନ ମିଳିବା କ୍ଷେତ୍ରରେ ଏକ ବର୍ଷରୁ 5 ବର୍ଷ ବିତିଯାଇଥିଲେ ସୁଦ୍ଧା ଅନୁସନ୍ଧାନ ରିର୍ପୋଟ ହାସଲ କରିବା ପାଇଁ କୌଣସି ଚେଷ୍ଟା କରାଯାଇନାହିଁ ।

ବିଭାଗ ଉପରୋକ୍ତ ବିଷୟକୁ ସ୍ୱୀକାର କରିଥିଲେ (ଫେବୃୟାରୀ 2013) ଏବଂ କହିଥିଲେ ଯେ ବିଡିଏର ବଳବତକରଣ ବିଭାଗ ଏହି ତ୍ରୁଟି ପାଇଁ ଦାୟୀ କର୍ମକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ବାକିଥିବା ଅଭିଯୋଗ / ଆବେଦନ ଭିତ୍ତିକ ରିପୋର୍ଟ ଗୁଡ଼ିକୁ ହାସଲ କରିବାକୁ ଚେଷ୍ଟା ଚାଲିଛି । ବିଭାଗ ଆହୁରି ମଧ୍ୟ ମତ ଦେଇଥିଲେ ଯେ ଅପ୍ରାଧିକୃତ ନିର୍ମାଣକୁ ଦମନ କରିବାକୁ ଆବଶ୍ୟକ ମାନବ ସମ୍ବଳ ଅଭାବ ସାଙ୍ଗକୁ ବହୁ ଅନ୍ତରାୟ ରହିଛି ଏବଂ ଏହା ଏକ ସୁଦୀର୍ଘ ବିଧିକ ପ୍ରକ୍ରିୟା ସହ ସଂଲଗ୍ନ ରହିଛି ।

ଉନ୍ନୟନ କର୍ତ୍ତୃପକ୍ଷମାନେ  ନିୟାମକ ଓ ପଦାଧାରୀ ହୋଇଥିବାରୁ ପିବିଏସଆରର ଉଲଂଘନରେ ସେମାନେ ସମୁଚିତ ଏବଂ ସମୟୋପଯୋଗୀ  କାର୍ଯ୍ୟାନୁଷ୍ଠାନ  ଗ୍ରହଣ କରିବା ଆବଶ୍ୟକ  ହେଉଥିବାରୁ ବିଭାଗର ଉତ୍ତରଟି ଗ୍ରହଣୀୟ ନ ଥିଲା ।

### 2.2.10.3 ଭୋଗ ଦଖଲ ପ୍ରମାଣପତ୍ର  ବିନା ଗୃହ ଦଖଲ

ପିବିଏସଆର  ଅନୁଯାୟୀ  ସଂପୃକ୍ତ ଗୃହନିର୍ମାଣ ସମାପ୍ତ ହେଲାପରେ ଗୃହଟି ସଂପୃକ୍ତ ଗୃହ ମାଲିକ / ସୂଚୀଭୁକ୍ତ ସ୍ଥପତି / ଢାଞ୍ଚାଗତ ଯନ୍ତ୍ରୀଙ୍କଦ୍ୱାରା ଅନୁମୋଦିତ ଯୋଜନା ଅନୁସାରେ ସବୁ ସ୍ତରରେ ସମ୍ପୂର୍ଣ୍ଣ  ହୋଇଛି ବୋଲି ସୂଚାଇ ଦେଇ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ବିହିତ ଦେୟ ସହିତ ଏକ ବିହିତ ଫର୍ମ ଉପସ୍ଥାପନ କରିବେ । ତାପରେ ଉନ୍ନୟନ କର୍ତ୍ତୃପକ୍ଷ  30 ଦିନ ମଧ୍ୟରେ ଗୃହନିର୍ମାଣ ନିରୀକ୍ଷଣ କରିବେ ଏବଂ ସେହି ନିରୀକ୍ଷଣର 30 ଦିନ ମଧ୍ୟରେ ଏକ ଭୋଗ ଦଖଲକାରୀ ପ୍ରମାଣପତ୍ର ଜାରି କରିବେ ଯେଉଁଥିରେ କି ସେହି ଘରଟି ମାନୋବଚିତ ବାସସ୍ଥାନ ପାଇଁ ଯୋଗ୍ୟ ବୋଲି  ପ୍ରମାଣ ନ କରିବେ  ।

ଅଡିଟ୍ ଆହୁରି ମଧ୍ୟ ଦେଖିଲେ ଯେ ବିଡିଏ /ସିଡିଏଙ୍କ ଦ୍ୱାରା ଯୋଜନା ଅନୁମୋଦନ ହୋଇଥିବା 840 ନମୁନା ଯାଞ୍ଚ  ମାମଲାରେ ଭୋଗ ଦଖଲ ପ୍ରମାଣପତ୍ର କେବଳ ବିଡିଏ ଦ୍ୱାରା 2ଟି କେସରେ ଜାରୀ କରାଯାଇଥିଲା (ଜୁନ୍-2013) ।

ମିଳିତ ନିରୀକ୍ଷଣରୁ ଏହା ଜଣାଗଲା ଯେ ବିଡିଏ/ ସିଡିଏ  ଅଧିନରେ 63ଟି  ନମୁନା ଯାଞ୍ଚ ମଧ୍ୟରୁ  28 ଟି ଘଟଣାରେ ସଂପୂର୍ଣ୍ଣ ହୋଇଥିବା ଗୃହନିର୍ମାଣ କ୍ଷେତ୍ରରେ  ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ଭୋଗ ଦଖଲ ପ୍ରମାଣପତ୍ର  ହାସଲ ବିନା ଗୃହ ଦଖଲ କରାଯାଇଛି । ଅଗ୍ନି ନିବାରକ ଅଧିକାରୀଙ୍କ ଠାରୁ  ଆପତ୍ତି ବିହୀନ ପ୍ରମାଣପତ୍ର ଉପସ୍ଥାପନ ପାଇଁ ଜିଦ୍ କରି ନ ଥିଲେ ଯଦିଓ ଭୁବନେଶ୍ୱରରେ ଥିବା 52ଟି ଅତି ଉଚ୍ଚ ଅଟ୍ଟାଳିକାକୁ  ଅଗ୍ନି ନିବାରକ ଅଧିକାରୀ  ଅସୁରକ୍ଷିତ ଘୋଷଣା କରିଥିଲେ  ।

ବିଭାଗ କହିଥିଲେ (ଫେବୃୟାରୀ 2013)  ଯେ  ପଦ୍ଧତି କୁ ଆହୁରି ପ୍ରଭାବୀ କରିବା ପାଇଁ ନିୟନ୍ତ୍ରଣରେ ଆବଶ୍ୟକୀୟ  ପରିବର୍ତ୍ତନ / ରୂପାନ୍ତରଣ ଅଣାଯିବ । ଆହୁରି ମଧ ବିଭାଗ କହିଥିଲେ ଯେ  ବିଡିଏ  କର୍ତ୍ତୃପକ୍ଷଙ୍କୁ ଠାରୁ  ଭୋଗ ଦଖଲ ପ୍ରମାଣ ପତ୍ର  ନ ପାଇ  ଗୃହ ଦଖଲ କ୍ଷେତ୍ରରେ  ବିଜୁଳି ଓ ଜଳ ଯୋଗାଣ ନ କରିବା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ  ନିର୍ଦ୍ଦେଶ ଜାରି କରାଯାଇଛି(ଜାନୁଆରୀ 2013) ।

### 2.2.10.4 ଭୂମିସାତ୍ ଆଦେଶ କାର୍ଯ୍ୟକାରୀ ନ କରିବା

ଓଡିଏ ଅଧିନିୟମ ଅନ୍ତର୍ଗତ ଉପବିଭାଗ 91 ଅନୁଯାୟୀ ଅପ୍ରାଧିକୃତ ଏବଂ ବିଚ୍ୟୁତ ଗୃହ ନିର୍ମାଣ କ୍ଷେତ୍ରରେ ଉନ୍ନୟନ କର୍ତ୍ତୃପକ୍ଷମାନେ 15 ଦିନ ମଧରେ ସେହି ନିର୍ମାଣକୁ ଉଚ୍ଛେଦ କରିବାକୁ ଗୃହ ମାଲିକମାନଙ୍କୁ ନିର୍ଦ୍ଦେଶ ଦେବେ । ଏଥିରେ ବିଫଳ ହେଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହମାଲିକଙ୍କ ନିଜ ଖର୍ଚ୍ଚରେ ନିର୍ମାଣଟିକୁ ଭୂମିସାତ୍ କରଣ କରାଯିବ ।

- ଅଡିଟ୍ ଦେଖିଲେ ଯେ ଅପ୍ରାଧୀକୃତ / ବିଚ୍ୟୁତ ଗୃହ ନିର୍ମାଣ କ୍ଷେତ୍ରରେ 437 ଟି ଅତି ଉଚ୍ଚ ଅଟ୍ଟାଳିକାକୁ ମିଶାଇ 19846 ଟି ମାମଲାରେ ରୁଜୁ କରାଯାଇଥିବା ଅପ୍ରାଧିକୃତ କାର୍ଯ୍ୟପନ୍ଥାରେ 1988-2012 ମଧରେ 5687 ଟି ଭୂମିସାତ୍ ଆଦେଶ କ୍ଷେତ୍ରରେ 4025 ମାମଲାରେ ଆଦେଶ



ତାରୋଲ ଠାରେ ଶତାବ୍ଦୀ ହସପିଟାଲ ଦ୍ୱାରା ସରକାରୀ ଜମିର ଜବରଦଖଲ

ଦିଆଯିବାର 5 ବର୍ଷ ପୂର୍ଣ୍ଣ ହୋଇଥଲେ ସୁଦ୍ଧା ଗୃହ ନିର୍ମାଣକୁ ଭୂମିସାତ୍ କରାଯାଇ ପାରିନାହିଁ । ରେକର୍ଡ ନମୁନା ଯାଞ୍ଚରୁ 2001-11 ମଧ୍ୟରେ 84 ଟି ଘଟଣାରେ ବଳବତ୍କରଣ ବିଭାଗର ନିଷ୍କ୍ରିୟତା ଫଳରେ ଅପ୍ରାଧିକୃତ ଆପାର୍ଟମେଣ୍ଟଗୁଡ଼ିକୁ ଭଙ୍ଗାଯାଇ ପାରିନାହିଁ । ସିଡିଏ କର୍ତ୍ତୃପକ୍ଷ ପରିପ୍ରେକ୍ଷୀରେ ମାର୍ଚ୍ଚ 2012 ସୁଦ୍ଧା 136 ଟି ଅପ୍ରାଧିକୃତ କାର୍ଯ୍ୟପନ୍ଥା ଘଟଣାରେ 73 ଟି ମାମଲାରେ ଆଦେଶ ମିଳିଥିଲେ ସୁଦ୍ଧା କାର୍ଯ୍ୟକାରୀ କରାଯାଇପାରିନାହିଁ ।

ଏହିପରି ପ୍ରଭାବୀବଳବତକରଣ ଅଭାବରୁ ଭୂମିସାତ୍ ମାମଲାରେ ନିର୍ମାଣକାରୀମାନେ ନିୟନ୍ତ୍ରଣକୁ ଉଲ୍ଲଂଘନ କରି ଧାରାବାହିକ ଭାବେ ସେମାନେ ଅପ୍ରାଧିକୃତ / ବିଚ୍ୟୁତ ଗୃହ ନିର୍ମାଣ ମାଧ୍ୟମରେ ଅନିୟମିତ ଗୃହ ନିର୍ମାଣକୁ ବିକ୍ରି କରିବାରେ ସଫଳ ହୋଇଥିଲେ ।

ବିଡିଏ ଉତ୍ତର ଦେଇଥିଲେ ଯେ(ନଭେମ୍ବର 2012) ଗୋଟିଏ ଏକ୍ସକ୍ୟାଭେଟର ଥିବାରୁ କଂକ୍ରିଟ୍ ମୂଳ ଥିବାରୁ, ପର୍ଯ୍ୟାପ୍ତ ପୋଲିସ୍ ଫୌଜ ଲଭ୍ୟ ନହେବାରୁ ଏବଂ ବିଭିନ୍ନ କୋର୍ଟ କଚେରୀରୁ ସ୍ଥଗିତ ଆଦେଶ ଆଣୁଥିବାରୁ ପର୍ଯ୍ୟାପ୍ତ ଭୂମିସାତ୍ କାର୍ଯ୍ୟକ୍ରମ ବହୁଳ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ ।

ବିଭାଗ ଭରସା ଦେଇଥିଲେ (ଫେବୃଆରୀ 2013) ଯେ ନିୟନ୍ତ୍ରିତ ଫଟାଇବା କୌଶଳ ସହ ବିସ୍ଫୋରଣ ପ୍ରକ୍ରିୟା ଦ୍ୱାରା ସମସ୍ତ ପ୍ରକାର ଅପ୍ରାଧିକୃତ / ବିଚ୍ୟୁତ ନିର୍ମାଣକୁ ନିରାପଦରେ ଭାଙ୍ଗି ଦିଆଯିବ ।

### *2.2.10.5 ବିଡିଏ ଓ ସିଡିଏ ଜମିରୁ ଜବର ଦଖଲ ଉଚ୍ଛେଦ ନହେବା*

ଓଡିଏ ନିୟମ 1983 ଅନ୍ତର୍ଗତ ନିୟମ-50 ଏବଂ 51 ଏହା ନିର୍ଦ୍ଧାରଣ କରେ ଯେ କର୍ତ୍ତୃପକ୍ଷ ନିଜର ସମସ୍ତ ଅସ୍ଥାବର ସମ୍ପତ୍ତିର ହିସାବ ସଠିକ୍ ଏବଂ ଅଧୁନାତନ ନଥିଭୁକ୍ତ କରି ରଖିବେ । କର୍ତ୍ତୃପକ୍ଷଙ୍କ ଏକ କ୍ଷମତାପନ୍ନ ଅଧିକାରୀ ଯେ କି ରେଜିଷ୍ଟରଗୁଡ଼ିକର ଭାର ପ୍ରାପ୍ତ ଅଟନ୍ତି ସମ୍ପତ୍ତିଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ନଥିଭୁକ୍ତ କରିବାକୁ ସୁନିଶ୍ଚିତ କରିବେ । ସେ ମଧ୍ୟ ପ୍ରତି 3 ମାସରେ ଥରେ ତାହାକୁ ପରୀକ୍ଷା କରି କର୍ତ୍ତୃପକ୍ଷଙ୍କ ସମ୍ପତ୍ତି ଦୁରୁପଯୋଗ, ଜବର ଦଖଲ ଓ ଅପ୍ରାଧିକାର ଦଖଲ ହୋଇନାହିଁ ବୋଲି ପ୍ରମାଣନ କରିବେ । ଓଡିଏ ଅଧିନିୟମ 1982 ଅନ୍ତର୍ଗତ ଉପବିଭାଗ 51 ଅନୁସାରେ ପ୍ରାଥମିକ ନଗର ଯୋଜନା ପରିକଳ୍ପନାରେ କୌଣସି ବ୍ୟକ୍ତି ଅଧିକାର କରିଥିବା ଜମିକୁ ଦଖଲ କରିବାକୁ ହକ୍ଦାର ନୁହେଁ, ତାହାକୁ କର୍ତ୍ତୃପକ୍ଷ ଅବିଳମ୍ବେ ଉଚ୍ଛେଦ କରାଯିବ ।

ଅଡିଟ୍ ଦେଖିଲେ ବିହିତ ଫର୍ମରେ ସମ୍ପତ୍ତି / ପରିସମ୍ପତ୍ତି ରେଜିଷ୍ଟର ଗୁଡ଼ିକରେ ସମସ୍ତ ଅସ୍ଥାବର ସମ୍ପତ୍ତି ନଥିଭୁକ୍ତ ହୋଇନାହିଁ । ତାଲିକାଭୁକ୍ତ ସମ୍ପତ୍ତିଗୁଡ଼ିକର ଅପବ୍ୟବହାର, ଜବରଦଖଲ କିମ୍ବା ଅପ୍ରାଧିକୃତ ଦଖଲ ହୋଇନାହିଁ ବୋଲି ସୁନିଶ୍ଚିତ କରିବାକୁ ରେଜିଷ୍ଟ୍ରାରଙ୍କ ଦ୍ୱାରା ତତ୍କାଳିକ ସମୀକ୍ଷା କରାଯାଇ ନାହିଁ । ବିଡିଏ ଓ ସିଡିଏର ନଥି ପରୀକ୍ଷଣରୁ ଏହା ଦେଖାଗଲା ଯେ 105.55 କୋଟି ଟଙ୍କାର 39.396 ଏକର ଜମି ବସ୍ତିବାସିନ୍ଦା ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଜବର ଦଖଲ ରେ ଅଛି ଯାହାକି ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 2.2.3: ବିଡିଏ ଓ ସିଡିଏ ଜମିର ଜବର ଦଖଲ***

| ପରିକଳ୍ପନାର ନାମ | ଜବର ଦଖଲକାରୀଙ୍କ ନାମ | ଜବର ଦଖଲ ଜାଗା(ଏକରରେ) | ଜବର ଦଖଲ ଜାଗାର ମୂଲ୍ୟ (କୋଟିରେ) |
|---|---|---|---|
| ଅନନ୍ତ ବିହାର ଗୃହ ନିର୍ମାଣ-II ପୋଖରୀପୁଟ(ବିଡିଏ) | ଖୋଲା ସ୍ଥାନ | 0.864 | 4.28 |
| ଲୁମ୍ବିନୀ ବିହାର ଗୃହ ନିର୍ମାଣ ପରିକଳ୍ପନା | ବସ୍ତି ବାସିନ୍ଦା | 1.722 | 7.75 |
| ସେକ୍ଟର-6-ସିଡିଏ | ବସ୍ତି ବାସିନ୍ଦା | 1.120 | 1.08 |
| ସେକ୍ଟର-9-ସିଡିଏ | ବସ୍ତି ବାସିନ୍ଦା | 28.670 | 57.34 |
| ସେକ୍ଟର-12-ସିଡିଏ | ବସ୍ତି ବାସିନ୍ଦା | 7.020 | 35.10 |
| ମୋଟ | | **39.396** | **105.55** |

*(ଉତ୍ସ: ବିଡିଏ ଓ ସିଡିଏ ରୁ ଅଡିଟ୍ ଦ୍ୱାରା ସଂଗୃହୀତ ତଥ୍ୟ)*

ବିଡିଏ ଜବର ଦଖଲକାରଙ୍କ ବିରୁଦ୍ଧରେ ୟୁଏପି କେସ୍ ରୁଜୁ କରାଯାଇଛି, ମାତ୍ର ଜବର ଦଖଲକାରୀମାନଙ୍କୁ ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇନାହିଁ । ଏହିପରି ଓଡିଏ ନିୟମ, 1983 ରେ ସମର୍ଥନକାରୀ ବ୍ୟବସ୍ଥା ଥିବା ସତ୍ତ୍ୱେ ଜବରଦଖଲକାରୀମାନଙ୍କୁ ଉଚ୍ଛେଦ କରିବା ଓ ବିଭିନ୍ନ ଉଦ୍ଦେଶ୍ୟରେ ଦିଆଯାଇଥିବା ସରକାରୀ ଜମିକୁ ସୁରକ୍ଷା ଦେବା ପାଇଁ କର୍ତ୍ତୃପକ୍ଷମାନେ କୌଣସି ପ୍ରଭାବୀ ପଦକ୍ଷେପ ନେଇନାହାନ୍ତି ।

ଏକ ମିଳିତ ନିରୀକ୍ଷଣରୁ ଆହୁରି ଜଣା ପଡିଥିଲା ଯେ 63 ଟି ଗୃହ ନିର୍ମାଣ ଯୋଜନା ମଧ୍ୟରୁ 4 ଜଣ ଆବେଦନକାରୀ/ ନିର୍ମାଣକାରୀ[53] ସେମାନଙ୍କ ପ୍ଲଟ୍ ଏବଂ ସର୍ବସାଧାରଣ ରାସ୍ତା ଜବର ଦଖଲ କରି କର୍ତ୍ତୃପକ୍ଷଙ୍କ ଅଗୋଚରରେ ପାଚେରୀ, ମୁଖ୍ୟଦ୍ୱାର, ନିରାପତ୍ତା ପ୍ରକୋଷ୍ଠ ଏକ ବ୍ୟବସାୟିକ ଉଦ୍ଦେଶ୍ୟରେ ଗାଡି ରଖିବା ସ୍ଥାନ ଇତ୍ୟାଦି ନିର୍ମାଣ କରିଥିଲେ ।

ପ୍ରମୁଖ ଶାସନ ସଚିବ (ଫେବୃୟାରୀ-2013) ଜବରଦଖଲକାରୀଙ୍କ ବିରୁଦ୍ଧରେ ସମୁଚିତ କାର୍ଯ୍ୟାନ୍ୱୟନ ଗ୍ରହଣ କରିବାକୁ ଭରସା ଦେଇଥିଲେ । ବିଭାଗ କହିଥିଲେ (ଜୁନ୍ 2013) ସିଡିଏ ଦ୍ୱାରା ଜବରଦଖଲରେ ଥିବା ଜମିରୁ କିଛି ଅଂଶ ଉଚ୍ଛେଦ କରାଯାଇଛି ଏବଂ ବାକିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ।

### 2.2.10.6 ବାସପୋଯୋଗୀ ଗୃହର ବ୍ୟବସାୟିକ ବ୍ୟବହାର

ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିଭିନ୍ନ ଗୃହ ନିର୍ମାଣ ପରିକଳ୍ପନା ଅଧିନରେ ଥିବା ବିବରଣୀକାର ନିବନ୍ଧନ ଓ ସର୍ତ୍ତ ଅନୁଯାୟୀ ଆବେଦନକାରୀମାନେ ବାସପୋଯୋଗୀ ଘର / ଜାଗା ଗୁଡ଼ିକୁ ଅଣନିବାସୀ ଉଦ୍ଦେଶ୍ୟରେ ବ୍ୟବହାର କରିବେ ନାହିଁ ବୋଲି ଘୋଷଣା କରୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ବିଡିଏରେ ସଂଚାଳନ କରାଯାଇଥିବା ଅଡିଟ୍ ରିପୋର୍ଟ ଅନୁଯାୟୀ (ଜୁଲାଇ-ଅଗଷ୍ଟ 2012) ମଧ୍ୟରେ 2001-02 ଏଚ.ଆଇ.ଜି ଯୋଜନା ଜୟଦେବ ବିହାରରେ ଆବଣ୍ଟିତ ହୋଇଥିବା 51 ଟି ଗୃହ ମଧ୍ୟରୁ 29ଟି କ୍ଷେତ୍ରରେ ସଂପୂର୍ଣ୍ଣ ଭାବରେ / ଆଂଶିକ ଭାବରେ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ଦେଖଯାଉଥିଲା ।

ପ୍ରାଚୀ ଏନ୍‌କ୍ଲେଭ ଅଧିନରେ 12ଟି ବାସପଯୋଗୀ ଗୃହରେ କରାଯାଇଥିବା ମିଳିତ ନିରୀକ୍ଷଣରୁ ଏହା ଦେଖାଗଲା ଯେ 2 ଟି କ୍ଷେତ୍ରରେ ଶିକ୍ଷାଦାନ ଓ ବୈଷୟିକ ଅନୁଷ୍ଠାନ[54] ଖୋଲାଯାଇଛି ।



ପ୍ରାଚୀ ଏନକ୍ଲେଭ (ପ୍ଲଟ ନଂ 55 ) ରେ ଏକ ଶିକ୍ଷାନୁଷ୍ଠାନ



ଜୟଦେବ ବିହାର ସ୍ଥିତ ଏଚଆଇଜି-1, 01-02 ହାଉସିଂ ସ୍କିମ୍‌ର ଏଚଆଇଜି ବାଣିଜ୍ୟକ ଉଦ୍ଦେଶ୍ୟରେ ବ୍ୟବହୃତ ।

୪ଟି କ୍ଷେତ୍ରରେ[55] ଅଡିଟ୍ ଦେଖିଲେ ଯେ ଗାଡି ରଖିବା ପାଇଁ ଅନୁମୋଦିତ ବେସମେଣ୍ଟ / ଷ୍ଟିଲଟ୍ ଫ୍ଲୋର ବାସୋପଯୋଗୀ ଏବଂ ସୋରୁମ ପରି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି । କାଳିକ ନିରୀକ୍ଷଣ

[53] (1) ମେଟ୍ରୋ ବିଲ୍ଡର୍ସ ପ୍ରା.ଲିଃ(2)ଶ୍ରୀମତୀ ପୁଷ୍ପଲତା ନାୟକ (3)ଶତାବ୍ଦୀ ହସ୍ପିଟାଲ ପ୍ରା.ଲିଃ,(4)ତୁଳସୀ ସ୍ପାଇସେସ ଆଣ୍ଡ ଫୁଡ୍ ପ୍ରା.ଲିଃ

[54] ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ , ମ୍ୟାନେଜମେଣ୍ଟ, ପ୍ରଗତି ପ୍ରଫୁଲ୍ଲ +2 ବିଜ୍ଞାନ ମହାବିଦ୍ୟାଳୟ

ଅଭାବରୁ ଏହିପରି ଦୁରୁପଯୋଗ ଘଟଣା ଚିହ୍ନଟ ହୋଇ ନପାରି ରହିଯାଉଛି । ଗାଡି ରଖିବା ଜାଗାର ଦୁରୁପଯୋଗ ଦେଖାଗଲେ ଉଭୟ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଭାଙ୍ଗିଦେବା / ଉଚ୍ଛେଦ କରିବାକୁ ପିବିଏସଆର ଗୁଡ଼ିକ କ୍ଷମତା ଦେଇଛନ୍ତି ।

ବିଭାଗ କହିଥିଲେ(ଫେବୃଆରୀ 2013) ଯେ ସଂପୃକ୍ତ ଆବଣ୍ଟନଗ୍ରାହୀମାନଙ୍କ କାରଣ ଦର୍ଶାଇବାକୁ ନୋଟିସ୍ ଦିଆଯିବ ଓ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### *2.2.10.7 ମିଥ୍ୟା ସତ୍ୟାପାଠ ବିରୁଦ୍ଧରେ ଅପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ*

ଅଲ ଓଡ଼ିଶା ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କୋ-ଅପରେଟିଭ୍ ସୋସାଇଟିର 11ଟି ବ୍ଲକ୍(S+G+14) ବହୁ ମହଲା ବିଶିଷ୍ଟ ଆବାସିକ ଗୃହ ନିର୍ମାଣ ପ୍ରକଳ୍ପକୁ କଳାରାହାଙ୍ଗ ମୌଜାରେ ନିର୍ମାଣ କରିବାକୁ (ଅଗଷ୍ଟ 2010) ବିଡିଏ କର୍ତ୍ତୃପକ୍ଷ ଅନୁମୋଦନ ଦେଇଥିଲେ । ଯୋଜନା ଅନୁମୋଦନ ସମୟରେ ଅଡିଟ୍ ଦେଖିଲେ ଯେ ଜମିର ମାଲିକାନା ଅନୁମୋଦନ ପୂର୍ବରୁ ଅର୍ଥାତ୍ ଡିସେମ୍ବର 2009 ରେ ସୋସାଇଟି ଜମିର ସ୍ୱତ୍ତ୍ୱାଧିକାର ମଣି ତିରୁମାଳା ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍(ଏମଟିପିପିଏଲ)ସପକ୍ଷରେ ପରିବର୍ତ୍ତନ କରାଯାଇଛି । ଏହି ଜମିର ମାଲିକ ବୋଲି ସୋସାଇଟି ସେକ୍ରେଟାରୀ 2 ଟି ସତ୍ୟପାଠ (ଜୁଲାଇ-2010 ଏବଂ ଅଗଷ୍ଟ-2010) ମାଧ୍ୟମରେ ଘୋଷଣା କରିଥିଲେ ସୁଦ୍ଧା ତାହା ଠିକ୍ ନ ଥିଲା । ଓଡିଏ ଅଧିନିୟମ 1982 ଅନ୍ତର୍ଗତ ଉପ ବିଭାଗ 17 ଅନୁଯାୟୀ ମିଥ୍ୟା ସତ୍ୟପାଠ ବଳରେ ଅନୁମୋଦିତ ଯୋଜନାକୁ ରଦ୍ଦ କରାଯିବ । ମାତ୍ର ଏମଟିପିପିଏଲ ସପକ୍ଷରେ ଅନୁମୋଦନ ନ ଥାଇ ଓ ବିଡିଏ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏହି ସଂସ୍ଥା 155.76 କୋଟି[56] ଟଙ୍କାର 72100 ବର୍ଗ ମିଟର(776103 ବର୍ଗ ଫୁଟ) ର ନିର୍ମାଣ କାର୍ଯ୍ୟ କରିବାକୁ ଅଗ୍ରସର ହୋଇପାରିଲେ ।

ଅଡିଟ୍ ଦ୍ୱାରା ଦର୍ଶାଇବା ପରେ ବିଡିଏ କର୍ତ୍ତୃପକ୍ଷ ଅଲ ଓଡ଼ିଶା ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ହାଉସିଂ କୋ-ଅପରେଟିଭ୍ ସୋସୋଇଟିକୁ ଦିଆଯାଇଥିବା ଅନୁମୋଦନକୁ ରଦ୍ କରା ନଯାଇ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ କରିଛନ୍ତି (ଜୁଲାଇ 2013) ଯେହେତୁ ସତ୍ୟ ପାଠ ମାଧ୍ୟମରେ ଭ୍ରମାତ୍ମକ ତଥ୍ୟ ଉପସ୍ଥାପନ କରାଯାଇଛି ।

### *2.2.10.8 ବଳବତ୍‌କରଣ ପାରଙ୍ଗମତାକୁ ଜୋରଦାର କରିବା ପାଇଁ ଓଡିଏ ଅଧିନିୟମ ସଂଶୋଧନରେ ବିଳମ୍ବ*

ଓଡିଏ ଅଧିନିୟମ ଅନ୍ତର୍ଗତ ଉପ ବିଭାଗ 91 ଏବଂ 92 ରେ 2ଟି ନୂତନ ଉପଧାରାକୁ ଅନ୍ତଃସ୍ଥାପିତ କରାଯାଇ ଏହାର ବତବତକରଣ ସଂକ୍ରିୟାକୁ ରୋଜଦାର୍ କରି ସରକାରୀ ଜମିରେ ଅପ୍ରାଧିକୃତ ନିର୍ମାଣ ବନ୍ଦ କରିବା ଏବଂ ପ୍ରାକୃତିକ ସଂକଟ ପ୍ରବଣ ଅଞ୍ଚଳରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ପୂର୍ବରୁ ପ୍ରତ୍ୟେକ ଦିନ ଉଲ୍ଲଂଘନ ପାଇଁ ଦୈନିକ ଜୋରିମାନା ଆଦାୟ ପାଇଁ ଆବଶ୍ୟକୀୟ ଆଦେଶ ପ୍ରଦାନ ପାଇଁ ବିଡିଏ(ଫେବୃଆରୀ 2008) ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ସଂଶୋଧନର ଅନୁମୋଦନ ପାଇଁ ସରକାରଙ୍କୁ ଆବେଦନ କରିଥିଲେ । ବିଭାଗ ଦ୍ୱାରା ଅନୁରୋଧ କରାଯିବାରୁ ଏହି ସଂଶୋଧନ ର ଯଥାର୍ଥତା ପ୍ରତିପାଦନ ପାଇଁ ବିଡିଏ କର୍ତ୍ତୃପକ୍ଷ ନିର୍ଭରଯୁକ୍ତ(ମାର୍ଚ୍ଚ-2008) ରେ ଉପସ୍ଥାପନ କରିଥିଲେ । ଯଦିଓ ବଳପଦକରଣ ବିଭାଗକୁ ଅବିଳମ୍ବେ ଶକ୍ତିଶାଳୀ କରାଯିବାର ଆବଶ୍ୟକତା ରହିଛି, ବିଡିଏ ଏହାକୁ ଆଉ ଅଧିକ ଅନୁସରଣରେ ଅଗ୍ରସର ହୋଇନାହିଁ ଏବଂ ଏହି ଦିଗରେ ସରକାରଙ୍କ ଠାରୁ କୌଣସି ସଂସୂଚନା ପ୍ରାପ୍ତ ହୋଇନାହିଁ ।

---

[55] ବିଡିଏ:4 ଟି କେସ୍ ( ପ୍ଲଟ୍ ନଂ 1218, ବି.ଏନ୍.ପଣ୍ଡା, ଗୋପବନ୍ଧୁ ନଗର:ପ୍ଲଟ୍ ନଂ 1153(ପ୍ରା), ରାଜାରାଣୀ, ରାଧିକା ଟାୱାର, ପ୍ଲଟ୍ ନଂ 113, ମେସର୍ସ କ୍ଲାରିଓନେଟ୍ ଟାରକନ୍ ପ୍ରା. ଲିଃ, ବିଜେବି ନଗର ଏବଂ ପ୍ଲଟ୍ ନଂ 1123 (ପ୍ରା), ରାଜାରାଣୀ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟ ଏବଂ ସିଡିଏ:4 ଟି କେସ(ପ୍ଲଟ୍ ନଂ 948(ପ୍ରା), ତ୍ରିଲୋଚନ ସିଂଦେଓ, ତୁଳସୀପୁର, ପ୍ଲଟ୍ ନଂ 2241, ଡକ୍ଟର ପି.କେ.ମହାନ୍ତି, ଜଗତପୁର, ପ୍ଲଟ୍ ନଂ 110(ପ୍ରା), ମେଟ୍ରୋ ବେଲଭିୟୁ, ପ୍ଲଟ ନଂ 805, ପି.ନାୟକ, ରାମଗଡ

[56] ଇନସ୍ପେକ୍ଟର ଜେନେରାଲ(ରେଜିଷ୍ଟ୍ରେସନ୍) ଓଡିଶା, ଭୁବନେଶ୍ୱରଙ୍କଠାରୁ ଭୁବନେଶ୍ୱର ନଗରୀର ହାରାହାରି ବିକ୍ରି ପରିସଂଖ୍ୟାନ(2009-11) ବର୍ଗ ଫୁଟ୍ ପିଛା 2007 ଟଙ୍କା ହିସାବରେ X 776103 ବର୍ଗ ଫୁଟ୍ = 155.76 କୋଟି ଟଙ୍କା

ଏହି ବିଭାଗ ଉପରବର୍ଣ୍ଣିତ ତଥ୍ୟକୁ ଦୃଢୋକ୍ତି କରିଥିଲେ (ଫେବୃଆରୀ-2013) ଯେ ଓଡିଏ ଅଧିନିୟମ ସଂଶୋଧନ ମାଧ୍ୟମରେ ବଳବତକରଣ ବିଭାଗକୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି ।

### *2.2.11 ଉପସଂହାର*

ବିସ୍ତୃତ ଉନ୍ନୟନ ଯୋଜନାର ପ୍ରସ୍ତୁତିରେ ଅହେତୁକ ବିଳମ୍ବ ଏବଂ କେନ୍ଦ୍ରୀୟ ଉନ୍ନୟନ ଯୋଜନାର ପ୍ରସ୍ତୁତି ନ ହେବା ଅଡିଟର ଦୃଷ୍ଟିଗୋଚର ହୋଇଥିଲା । ଏହା ଫଳରେ ମିଶ୍ରିତ ଜମିର ଉପଯୋଗ ଓ ନଗରୀଗୁଡ଼ିକର ଅଶୃଙ୍ଖଳିତ ବିକାଶ ହୋଇଥିଲା ।

ଭବନ ନକ୍ସାର ଅନୁମୋଦନରେ ବିଳମ୍ବ ହୋଇଥିଲା ଏବଂ ଭବନ ନିୟନ୍ତ୍ରଣର ମାନଦଣ୍ଡ ଓ ନୀତିର ଅନୁପାଳନ କରାଯାଇ ନଥିଲା । ଘର ମାଲିକମାନଙ୍କୁ ପରିକଳ୍ପନାରେ ଏକକାଳୀନ ରିହାତି ଦେଇ ଅନିୟମିତ / ଅନଧିକୃତ ନିର୍ମାଣଗୁଡ଼ିକର ନିୟମିତୀକରଣ ବାସ୍ତବରେ କାର୍ଯ୍ୟାନ୍ୱିତ ହୋଇ ପାରିନଥିଲା ।

*ନିମ୍ନଲିଖିତ କ୍ଷେତ୍ରରେ ପର୍ଯ୍ୟାଲୋଚନା ସଂକ୍ରିୟାରେ ଅଭାବ ପରିଲକ୍ଷିତ ହୋଇଥିଲା:*

*(i) ନିର୍ମାଣରେ ଥିବା ବ୍ୟତିକ୍ରମକୁ ଚିହ୍ନଟ କରିବାରେ*

*(ii) ଭବନର ଶେଷ ବ୍ୟବହାରକାରୀଙ୍କ ପରିବର୍ତ୍ତନ ସଂଧାନ କରିବା*

*(iii) ଜମି ଜବର ଦଖଲକାରୀଙ୍କୁ ଦଖଲଚ୍ୟୁତ କରିବାରେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାରେ ଏବଂ*

*(iv) ବ୍ୟତିକ୍ରମ ହୋଇଥିବା ନିର୍ମାଣଗୁଡ଼ିକୁ ହଟାଇବା ଓ ଅଣ ଉପଯୋଗ ପ୍ଲଟ୍ ଗୁଡ଼ିକର ଅଧିଗ୍ରହଣ*

### *2.2.12 ସୁପାରିଶ*

- ସରକାର ଭୁବନେଶ୍ୱର ଏବଂ କଟକ ଯୋଜନା ଅଞ୍ଚଳ ପାଇଁ କ୍ଷେତ୍ରୀୟ ବିକଶିତ ନକ୍ସାର ସମୟୋଚିତ ପ୍ରସ୍ତୁତି କରାଯିବା ଦରକାର ।
- ସମସ୍ତ ଭବନ ନକ୍ସା ଅନୁମୋଦନର ସମୀକ୍ଷା କରିବା ଏବଂ ଅନିୟମିତ ଓ ବ୍ୟତିକ୍ରମ ମାମଲାରେ ଆବଣ୍ଟନଗୁଡ଼ିକରେ ଦରକାରୀ ସଂଶୋଧନ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ।
- ଆବଣ୍ଟନ ପ୍ରମିଅମରେ ସ୍ୱଚ୍ଛତା ପାଇଁ ଏକ ଫଳପ୍ରଦ ପଦ୍ଧତି ଉଦ୍ଭାବନ କରିବା ଦରକାର ।
- ଜବରଦଖଲରୁ ସରକାରୀ ଜମିକୁ ଉଦ୍ଧାରକରି ଏବଂ ଜବରଦଖଲ ଜମିର ଦଖଲଚ୍ୟୁତ କରିବା ପାଇଁ ଯଥାଯୋଗ୍ୟ ପଦକ୍ଷେପ ନେବା ଦରକାର ।
- ନିର୍ମାଣର ନକ୍ସା ବ୍ୟତିକ୍ରମକୁ ପ୍ରତିହତ କରିବା ପାଇଁ ଏବଂ ନଗରଗୁଡ଼ିକର ଯୋଜନାଗୁଡ଼ିକର ବିକାଶ ପାଇଁ ପର୍ଯ୍ୟାଲୋଚନା ପଦ୍ଧତିକୁ ଦୃଢୀଭୂତ କରିବା ଦରକାର ।

ଭୁବନେଶ୍ୱର **(ଅମର ପଟ୍ଟନାୟକ)**

ତାରିଖ **ମହାଲେଖାକାର (ସାଧାରଣ ଏବଂ ସାମାଜିକ କ୍ଷେତ୍ର ଲେଖାପରୀକ୍ଷା)**

**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ **(ଶଶୀକାନ୍ତ ଶର୍ମା)**

ତାରିଖ **(ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ)**

# ପରିଶିଷ୍ଟ

## ପରିଶିଷ୍ଟ - 2.1.1

### (ଅନୁଚ୍ଛେଦ-2.1.7.2 ପୃଷ୍ଠା- 9 ଦ୍ରଷ୍ଟବ୍ୟ)

### ଜରୁରୀ କ୍ଷମତା ପ୍ରୟୋଗ କରି ଅଧିଗ୍ରହଣ ହୋଇଥିବା ଶିଳ୍ପ ଉଦ୍ୟୋଗୀ ଦ୍ୱାରୀ ଜମିର ବିବରଣୀ

(ଟଙ୍କା କୋଟିରେ)

| କ୍ର.ସଂ. | ଶିଳ୍ପ ଉଦ୍ୟୋଗୀ ମାନଙ୍କ ନାମ | ଜମି ଅଧିଗ୍ରହଣ ମାମଲାର ସଂଖ୍ୟା | ଜମିର ପରିମାଣ (ଏକରରେ) | ଅଧିସୂଚନା ମାସ | ଦଖଲ ମାସ | ଜମି ଅଧିଗ୍ରହଣ ମୂଲ୍ୟ | ବଜାର ଦରରେ ବର୍ତ୍ତମାନ ଜମିର ମୂଲ୍ୟ |
|---|---|---|---|---|---|---|---|
| 1 | ଆକ୍ସନ ଇସ୍ପାତ ଏଣ୍ଡ୍ ପାୱାର ପ୍ରାଇଭେଟ୍ ଲିମିଟେଡ଼, ଝାରସୁଗୁଡ଼ା | 1 | 119.1 | ଡିସେମ୍ବର 2004 | ସେପ୍ଟେମ୍ବର 2005 | 2.75 | 1.31 |
| 2 | ଆଧୁନିକ ମେଟାଲିକ୍ସ ଲିମିଟେଡ୍, ସୁନ୍ଦରଗଡ଼ | 1 | 26.89 | ଜୁନ୍ 2005 | ଅଗଷ୍ଟ 2007 | 0.86 | 0.81 |
| 3 | ଆଦିତ୍ୟ ଆଲୁମିନିୟମ୍ ଲିମିଟେଡ୍, ରାୟଗଡ଼ା ଏବଂ କୋରାପୁଟ | 8 | 1138.14 | ସେପ୍ଟେମ୍ବର 2005 ଠାରୁ ଅକ୍ଟୋବର 2005 | ନଭେମ୍ବର 2008 ଠାରୁ ମାର୍ଚ୍ଚ 2009 | 53.29 | 75.10 |
| 4. | ଆରତୀ ଷ୍ଟିଲ୍ସ୍ ଲିମିଟେଡ଼, କଟକ | 4 | 112.18 | ନଭେମ୍ବର 2003 ଠାରୁ ମାର୍ଚ୍ଚ 2004 | ଡିସେମ୍ବର 2004 ଠାରୁ ଜୁନ୍ 2005 | 2.43 | 11.29 |
| 5 | ବି ଆର୍ ଜି ଆଇରନ୍ ଏଣ୍ଡ ଷ୍ଟିଲ୍ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ଼ | 3 | 133.36 | ସେପ୍ଟେମ୍ବର 2005 | ନାହିଁ | 6.02 | 16.54 |
| 6 | ଭୂଷଣ ଷ୍ଟିଲ୍ ଏଣ୍ଡ୍ ଷ୍ଟ୍ରିପ୍ସ ଲିମିଟେଡ଼, ଢେଙ୍କାନାଳ | 14 | 140.24 | ମାର୍ଚ୍ଚ 2005 ଠାରୁ ନଭେମ୍ବର 2005 | ଜାନୁଆରୀ 2007 ଠାରୁ ଅକ୍ଟୋବର 2009 | 2.99 | 17.39 |
| 7 | ଇଷ୍ଟର୍ଣ୍ଣ ଷ୍ଟିଲ୍ ଏଣ୍ଡ୍ ପାୱାର ଲିମିଟେଡ଼, ଝାରସୁଗୁଡ଼ା | 1 | 13.87 | ଫେବୃଆରୀ 2006 | ନାହିଁ | 0.47 | 1.35 |
| 8 | ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ଼, ଯାଜପୁର | 2 | 135.93 | ଡିସେମ୍ବର 2005 | ମାର୍ଚ୍ଚ 2010 | 1.15 | 12.70 |
| 9 | ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର ଲିମିଟେଡ଼, ଅନୁଗୁଳ | 9 | 1054.04 | ସେପ୍ଟେମ୍ବର 2005 ଠାରୁ ଏପ୍ରିଲ୍ 2008 | ଏପ୍ରିଲ୍ 2008 ଠାରୁ ଫେବୃଆରୀ 2009 | 41.58 | 210.81 |
| 10 | ଏମ୍ ଏସ୍ ପି ମେଟାଲିକ୍ସ ଲିମିଟେଡ, ଝାରସୁଗୁଡା | 1 | 97.52 | ଫେବୃଆରୀ 2005 | ସେପ୍ଟେମ୍ବର 2006 | 2.16 | 3.90 |
| 11 | ଆର୍ ଏସ୍ ବି ଟ୍ରାନ୍ସମିଶନ ଲିମିଟେଡ, କଟକ | 1 | 42.580 | ମାର୍ଚ୍ଚ 2007 | ହସ୍ତାନ୍ତର ହୋଇ ନଥିଲା | 0.43 | 0.76 |
| 12 | ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ | 1 | 103.27 | ଜାନୁଆରୀ 2006 | ଜୁଲାଇ 2008 | 3.26 | 3.41 |
| 13 | ଷ୍ଟେର୍‌ଲାଇଟ୍ ଆଇରନ୍ ଏଣ୍ଡ୍ ଷ୍ଟିଲ୍ କମ୍ପାନୀ ଲିମିଟେଡ, କେନ୍ଦୁଝର | 1 | 123.67 | ମେ 2008 | ହସ୍ତାନ୍ତର ହୋଇ ନଥିଲା | 10.05 | 2.72 |
| 14 | ଏସ୍ ଏମ୍ ସି ପାୱାର୍ ଜେନେରେସନ୍ ଲିମିଟେଡ, ଝାରସୁଗୁଡା | 1 | 47.38 | ଅକ୍ଟୋବର 2003 | ଅଗଷ୍ଟ 2004 | 1.01 | 2.60 |

| କ୍ର.ସଂ. | ଶିଳ୍ପ ଉଦ୍ୟୋଗୀ ମାନଙ୍କ ନାମ | ଜମି ଅଧିଗ୍ରହଣ ମାମଲାର ସଂଖ୍ୟା | ଜମିର ପରିମାଣ (ଏକରରେ) | ଅଧିସୂଚନା ମାସ | ଦଖଲ ମାସ | ଜମି ଅଧିଗ୍ରହଣ ମୂଲ୍ୟ | ବଜାର ଦରରେ ବର୍ତ୍ତମାନ ଜମିର ମୂଲ୍ୟ |
|---|---|---|---|---|---|---|---|
| 15 | ଷ୍ଟେର୍‌ଲାଇଟ୍ ଏନର୍ଜି ଲିମିଟେଡ, ଝାରସୁଗୁଡା | 8 | 1070.33 | ମାର୍ଚ୍ଚ 2005 ଠାରୁ ଡିସେମ୍ବର 2005 | ନାହିଁ | 31.00 | 187.31 |
| 16 | ବେଦାନ୍ତ ଆଲୁମିନିୟମ୍ ଲିମିଟେଡ, ଝାରସୁଗୁଡା | 2 | 11.83 | ଡିସେମ୍ବର 2005 | ଏପ୍ରିଲ୍ 2008 ଠାରୁ ଜାନୁଆରୀ 2009 | 2.00 | 2.07 |
| 17 | ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର ଲିମିଟେଡ୍ (କୋଲ୍ ମାଇନିଂ), ଅନୁଗୁଳ | 2 | 154.250 | ଅକ୍ଟୋବର 2006 | ଅଗଷ୍ଟ 2009 | 8.25 | 12.34 |
| | | | 196.955 | ଅକ୍ଟୋବର 2006 | ଅଗଷ୍ଟ 2009 | 11.64 | 15.76 |
| 18 | କଳିଙ୍ଗ କୋଲ୍ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍, ଅନୁଗୁଳ | 2 | 175.620 | ଜାନୁଆରୀ 2005 | ମାର୍ଚ୍ଚ 2007 | 14.16 | 14.05 |
| | | | 148.330 | ଡିସେମ୍ବର 2004 | ମାର୍ଚ୍ଚ 2007 | 10.15 | 11.87 |
| 19 | ମନେଟ୍ ଇସ୍ପାତ ଏଣ୍ଡ ଏନର୍ଜି ଲିମିଟେଡ୍, ଅନୁଗୁଳ | 1 | 131.82 | ଜୁନ୍ 2003 | ଫେବୃଆରୀ 2010 | ନାହିଁ | 16.15 |
| | | 1 | 53.81 | ଜାନୁଆରୀ 2005 | ଅଗଷ୍ଟ 2012 | ନାହିଁ | |
| | | 1 | 16.21 | ଜାନୁଆରୀ 2005 | ଅକ୍ଟୋବର 2011 | ନାହିଁ | |
| 20 | ଉତ୍କଳ ଆଲୁମିନା, ରାୟଗଡ଼ା | 27 | 1778.21 | ମେ 1995 ଠାରୁ ଏପ୍ରିଲ୍ 1996 | ଏପ୍ରିଲ୍ 1998 ଠାରୁ ଏପ୍ରିଲ୍ 2000 | ନାହିଁ | 117.36 |
| | ମୋଟ | **92** | **7025.535** | | | **205.65** | **737.60** |

*(ଉତ୍ସ: ଆର୍ ଡି ଏମ୍ ଏବଂ ଇଡ୍କୋର ନଥିପତ୍ର)*

## ପରିଶିଷ୍ଟ -2.1.2
### (ଅନୁଚ୍ଛେଦ 2.1.7.12 ପୃଷ୍ଠା 17 ଦ୍ରଷ୍ଟବ୍ୟ)
### ଶିଳ୍ପ ଉଦ୍ୟୋଗୀ ଦ୍ୱାରା କମ୍ ନିର୍ଦ୍ଧାରଣ ହୋଇଥିବା କ୍ଷତିପୂରଣର ବିସ୍ତୃତ ବିବରଣୀ

(କୋଟି ଟଙ୍କାରେ)

| କ୍ର. ସଂ. | ଶିଳ୍ପର ନାମ | ଏମ୍ ଓ ୟୁ ସ୍ୱାକ୍ଷର ତାରିଖ | କମ୍ ନିର୍ଦ୍ଧାରଣ ପରିଲକ୍ଷିତ ହୋଇଥିବା ଏଲ୍ ଏ ମାମଲା | | | ବିକ୍ରି ପରିସଂଖ୍ୟାନ/ ବିଏମ୍‌ଭି/ପଟ୍ଟାର ସର୍ବୋଚ୍ଚ ମୂଲ୍ୟ ଆଧାରରେ ଜମିର ବଜାର ମୂଲ୍ୟ | କମ୍ ନିର୍ଦ୍ଧାରଣ ରାଶି |
|---|---|---|---|---|---|---|---|
| | | | ଏଲ୍ ଏ ମାମଲାର ସଂଖ୍ୟା | ଜମିର ପରିମାଣ (ଏକରରେ) | ଏଲ୍ ଏ ଓ ଙ୍କ ଦ୍ୱାରା ଧାର୍ଯ୍ୟ ଜମିର ବଜାର ମୂଲ୍ୟ | | |
| 1 | ଆଦିତ୍ୟ ଆଲୁମିନିୟମ୍ ଲିମିଟେଡ୍, କୋରାପୁଟ | 08.04.2005 | 4 | 431.34 | 14.82 | 18.37 | 3.55 |
| | ଆଦିତ୍ୟ ଆଲୁମିନିୟମ ଲିମିଟେଡ୍, ରାୟଗଡା | 08.04.2005 | 2 | 607.34 | 20.87 | 31.26 | 10.39 |
| 2 | କେ ଭି କେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ | 26 .09.2006 | 4 | 280.70 | 2.03 | 9.32 | 7.29 |
| 3 | ଆର୍ ଏସ୍ ବି ଟ୍ରାନ୍ସମିଶନ ପ୍ରାଇଭେଟ୍ ଲିମିଟେଡ୍ | 06.12.2006 | 8 | 166.78 | 1.31 | 4.79 | 3.48 |
| 4 | ସାହାରା ଇଣ୍ଡିଆ ପାୱାର କର୍ପୋରେସନ୍ ଲିମିଟେଡ୍ | 07.02.2009 | 6 | 622.44 | 4.37 | 26.11 | 21.74 |
| 5 | ଟାଟା ପାୱାର ଲିମିଟେଡ୍ | 26.09.2006 | 7 | 102.566 | 6.70 | 9.99 | 3.29 |
| 6 | ଭିସା ପାୱାର ଲିମାଟେଡ୍ | 26.09.2006 | 2 | 335.083 | 4.2 | 9.51 | 5.31 |
| | | | **33** | **2546.249** | **54.3** | **109.35** | **55.05** |

(ଉତ୍ସ: ସଂପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ / ଜିଲ୍ଲାପାଳ ଏବଂ ସଂପୃକ୍ତ ଉପ ରେଜିଷ୍ଟ୍ରାର୍ ଙ୍କ ନଥିପତ୍ର ଯାଞ୍ଚରୁ)

## ପରିଶିଷ୍ଟ -2.1.3

**(ଅନୁଚ୍ଛେଦ 2.1.8.6 ପୃଷ୍ଠା 23 ଦ୍ରଷ୍ଟବ୍ୟ)**

**ଜମି ଉପଲବ୍ଧ ନଥିବା କାରଣରୁ ରଦ୍ଦ କରାଯାଇଥିବା ଦରଖାସ୍ତ ଗୁଡ଼ିକର ବିବରଣୀ**

| କ୍ର.ସଂ. | ୟୁନିଟ୍ ର ନାମ | ଉଦ୍ଦେଶ୍ୟ | ଶିଳ୍ପାଞ୍ଚଳର ନାମ | ଆବେଦନ ହୋଇଥିବା କ୍ଷେତ୍ର (ଏକରରେ) | ଉଦ୍ୟୋଗକାରୀଙ୍କ ଦ୍ୱାରା ଦାବିର ପରିମାଣ (ଏକରରେ) | ଶିଳ୍ପାଞ୍ଚଳରେ ଉପଲବ୍ଧ ଥିବା ଜମିର ପରିମାଣ (ଏକରରେ) | ମୋଟ ଉପଲବ୍ଧ ଜମି ଯାହାକି ଆବଣ୍ଟିତ ହୋଇପାରି ଥାଆନ୍ତା (ଏକରରେ) |
|---|---|---|---|---|---|---|---|
| 1 | ଲକ୍ଷ୍ମୀ ନାରାୟଣ ସିପିସି | କାଲ୍‌ସାଇନ୍‌ଡ ପେଟ୍ରୋଲିୟମ କୋକ୍ | ଝାରସୁଗୁଡ଼ା | 5.000 | 5.000 | 3.336 | 3.336 |
| 2 | ଷ୍ଟାର ଲାଇଟ୍ ଇନ୍‌ଫ୍ରା | ପିଏସ୍‌ସି ପୋଲ୍ସ, କଂକ୍ରିଟ୍ ସ୍ଲିପର୍ସ | ଝାରସୁଗୁଡ଼ା ଜିସି | 5.000 | | | |
| 3 | ମହାବିନାୟକ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିମିଟେଡ୍ | ଅକ୍ସିଜେନ୍ ଗ୍ୟାସ୍ | ଝାରସୁଗୁଡ଼ା ଜିସି | 10.000 | | | |
| 4 | ଆରିୟାନ୍ ହୋଟେଲ୍ (ପ୍ରା) ଲିମିଟେଡ୍ | ଲଜିଙ୍ଗ୍ ଓ ବୋର୍ଡିଂ | ଝାରସୁଗୁଡ଼ା ଜିସି | 3.000 | 23.950 | 53.618 | 23.950 |
| 5 | ସିମ୍‌ଟେକ୍ ଇଣ୍ଡଷ୍ଟ୍ରିଜ୍ | ଇକୋଲୋଜିକାଲ୍ ସିମେଣ୍ଟ | ଝାରସୁଗୁଡ଼ା ଜିସି | 4.950 | | | |
| 6 | ମଙ୍ଗତୁରାମ ଗ୍ୟାସେସ୍ ପ୍ରା ଲିମିଟେଡ୍ | ଇଣ୍ଡଷ୍ଟ୍ରିଆଲ୍ ଗ୍ୟାସ୍ ଉତ୍ପାଦନ | ଝାରସୁଗୁଡ଼ା ଜିସି | 1.000 | | | |
| 7 | ତୃପ୍ତି ଏଣ୍ଟରପ୍ରାଇଜେସ୍ (ପ୍ରା) ଲିମିଟେଡ୍ | ଅଟୋମୋବାଇଲ୍ ମରାମତି ଓ ସର୍ଭିସିଙ୍ଗ୍ କର୍ମଶାଳା | ସମ୍ବଲପୁର | 0.230 | 0.230 | 3.858 | 0.230 |
| 8 | ତାରିଣୀ ସ୍ପାଇସେସ୍ | ମସଲା ପେଷଣ | ରସୁଲଗଡ଼ | 0.022 | | | |
| 9 | ଶାରଦା ଇଂଜିନିୟରିଂ ୱାର୍କ୍‌ସ | ଜେନେରାଲ ଫେବ୍ରିକେଶନ ଓ ଷ୍ଟିଲ୍ ଫର୍ଣ୍ଣିଚର | ରସୁଲଗଡ଼ | 0.068 | | | |
| 10 | ଏସ୍ ଏସ୍ ଏଣ୍ଟରପ୍ରାଇଜେସ୍ | ଆଲୁମିନିୟମ୍ ଓୟାର ରଡ୍ | ରସୁଲଗଡ଼ | 0.068 | 6.107 | 0.022 | 0.022 |
| 11 | ଅନ୍ନପୂର୍ଣ୍ଣା ଇଂଜିନିୟରିଂ ୱାର୍କ୍‌ସ | ଏମ୍ ଏସ୍ ଫେବ୍ରିକେସନ୍ | ଭୁବନେଶ୍ୱର | 0.183 | | | |
| 12 | ନ୍ୟାୟବତୀ | ଖବର କାଗଜ ମୁଦ୍ରଣ | ଭୁବନେଶ୍ୱର | 1.000 | | | |
| 13 | ବିକାଶ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ | ଜେନେରାଲ୍ ଫେବ୍ରିକେଶନ୍ | ଭୁବନେଶ୍ୱର | 0.027 | | | |

| କ୍ର.ସଂ. | ୟୁନିଟ୍ ର ନାମ | ଉଦ୍ଦେଶ୍ୟ | ଶିଳ୍ପାଞ୍ଚଳର ନାମ | ଆବେଦନ ହୋଇଥିବା କ୍ଷେତ୍ର (ଏକରରେ) | ଉଦ୍ୟୋଗକାରୀଙ୍କ ଦ୍ୱାରା ଦାବିର ପରିମାଣ (ଏକରରେ) | ଶିଳ୍ପାଞ୍ଚଳରେ ଉପଲବ୍ଧ ଥିବା ଜମିର ପରିମାଣ (ଏକରରେ) | ମୋଟ ଉପଲବ୍ଧ ଜମି ଯାହାକି ଆବଣ୍ଟିତ ହୋଇପାରି ଥାଆନ୍ତା (ଏକରରେ) |
|---|---|---|---|---|---|---|---|
| 14 | ମା ଶାରଳା ଗାରମେଣ୍ଟସ | ଗାରମେଣ୍ଟସ୍ | ଭୁବନେଶ୍ୱର | 0.091 | | | |
| 15 | ହୋଟେଲ୍ ରୟାଲ ଅର୍ଚ୍ଚିଡ଼ | ଲଜିଂ ଓ ବୋର୍ଡିଂ | ଭୁବନେଶ୍ୱର | 0.500 | | | |
| 16 | ଏମ୍ ଇଂଜିନିୟରିଂ ୱାର୍କସ | ଆଲୁମିନିୟମ୍ ପାଓ୍ୱାର କୋଟିଙ୍ଗ୍ | ଭୁବନେଶ୍ୱର | 0.230 | | | |
| 17 | ଲେକ୍ସସ୍ ପଏଣ୍ଟ ଉତ୍କଳ | ପେଣ୍ଟସ ଓ କେମିକାଲ୍ସ | ଭଗବାନପୁର | 0.229 | | | |
| 18 | ଉତ୍କଳ ବ୍ରିକ୍ସ ଏଣ୍ଡ୍ କୋକ୍ସ | ଫ୍ଲାଏ ଆସ୍ ବ୍ରିକ୍ସ | ଭଗବାନପୁର | 1.000 | | | |
| 19 | ଇଣ୍ଡିଆନ୍ ସ୍କୁଲ୍ ଅଫ୍ ଫାୟାର ଏଣ୍ଡ୍ ସେଫ୍‌ଟି ଇଂଜିନିୟରିଂ | ବୈଷୟିକ ଶିକ୍ଷା ପ୍ରତିଷ୍ଠାନ | ଭୁବନେଶ୍ୱର ଶିଳ୍ପାଞ୍ଚଳ | 2.000 | | | |
| 20 | ଆରୋଗ୍ୟ ହୋମିଓ ଫାର୍ମାସିଉଟିକାଲ୍ସ | ଡାଇଲୁସନ୍, ମଦରଟିଙ୍କଚର, ଟାବ୍‌ଲେଟ୍ସ, ଲିକ୍ୟୁଡି ଅଏଲ୍ ଓ ହର୍ବାଲ୍ କସ୍‌ମେଟିକ୍ସ | ଭୁବନେଶ୍ୱର | 0.180 | | | |
| 21 | ଅମିତ୍ ପ୍ୟାକେଜିଂ | ପେପର ବ୍ୟାଗ୍ ଉତ୍ପାଦନ | ଭୁବନେଶ୍ୱର | 0.300 | | | |
| 22 | ସୌଦାମିନୀ ପ୍ୟାକେଜିଂ ଇଣ୍ଡଷ୍ଟ୍ରିଜ୍ | ବଡ଼ି ଓ ପାମ୍ପଡ଼ ତିଆରି | ରସୁଲଗଡ | 0.025 | | | |
| 23 | ଅନ୍ନପୂର୍ଣ୍ଣା ଇଂଜିନିୟରିଂ ୱାର୍କସ | ଲୁହା ଗ୍ରୀଲ୍ ଗେଟ୍ ସ୍ଥାପନା | ଭୁବନେଶ୍ୱର ଶିଳ୍ପାଞ୍ଚଳ | 0.184 | | | |
| 24 | ସାୟାନ୍ କମ୍ୟୁନିକେସନ୍ (ପ୍ରା) ଲିମିଟେଡ୍ | ଅଫସେଟ୍ ପ୍ରିଣ୍ଟିଂ | ମଞ୍ଚେଶ୍ୱର | 0.183 | | | |
| 25 | ଓପେଲ୍‌ଫେଡ୍ ବୁଥ୍ | ଓପେଲ୍‌ଫେଡ୍ ବୁଥ୍ | ମଞ୍ଚେଶ୍ୱର | 0.003 | | | |
| 26 | ଲକ୍ଷ୍ମୀନୃସିଂହ ଇଲେକ୍ଟ୍ରୋନିକ୍ସ | ଟ୍ରାନ୍ସଫର୍ମର, କଏଲ୍ ଓ ଚୋକ୍ସ | ମଞ୍ଚେଶ୍ୱର | 0.115 | 0.432 | 27.459 | 0.432 |
| 27 | ହୋଟେଲ୍ ନୀଳଚକ୍ର | ବୋର୍ଡିଂ ଓ ଲଜିଂ | ମଞ୍ଚେଶ୍ୱର | 0.058 | | | |
| 28 | ବିଶ୍ୱନାଥ ଘଡ଼େଇ | ଓମ୍‌ଫେଡ୍ ବୁଥ୍ | ମଞ୍ଚେଶ୍ୱର | 0.009 | | | |
| 29 | ବିଶ୍ୱନାଥ ବେହେରା | ବାଣିଜ୍ୟିକ ବ୍ୟବହାର | ମଞ୍ଚେଶ୍ୱର | 0.023 | | | |

